# ଧରିତ୍ରୀ
DHARITRI

ଧରିତ୍ରୀ 50 Years

ପୃଷ୍ଠା–୮+୮

ଭୁବନେଶ୍ୱର, ବୁଧବାର, ନଭେମ୍ବର ୧୩/୨୦୨୪ (୮+୮=୧୬ ପୃଷ୍ଠା) Bhubaneswar, Wednesday, November 13/2024 Page 16 ₹ 7.00

୫୦ଶ ଭାଗ ୩୪୮ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 50 ISSUE 348 ମୂଲ୍ୟ ₹୭/-




## ‘ଧଡ଼କ ୨’ରେ ତୃପ୍ତି, ସିଦ୍ଧାନ୍ତଙ୍କ କେମେଷ୍ଟ୍ରି

‘ଧଡ଼କ ୨’ ଫିଲ୍ମର ଶୁଟିଂ ସେଟ୍‌ରୁ ଅଭିନେତ୍ରୀ ତୃପ୍ତି ଡିମ୍ରି ଓ ଅଭିନେତା ସିଦ୍ଧାନ୍ତ ଚତୁର୍ବେଦୀଙ୍କ କିଛି ଫଟୋ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି।

୦୨

୦୬

## ଦୀପିକାଙ୍କ ଗୋଲରେ ଭାରତ ବିଜୟୀ

ଦୀପିକାଙ୍କ ଡବଲ ଗୋଲ ବଳରେ ଭାରତ ମହିଳା ଏସିଆନ ଚାମ୍ପିୟନ୍ସ ଟ୍ରଫି ହକି ମ୍ୟାଚରେ ଦକ୍ଷିଣ କୋରିଆକୁ ୩-୨ ଗୋଲରେ ପରାସ୍ତ କରିଛି।



## ଆଜି କ୍ୟାବିନେଟ୍

**ଭୁବନେଶ୍ୱର, ୧୨।୧୧(ସୁନିତ୍ ମିଶ୍ର)**

ରାଜ୍ୟ ସରକାରଙ୍କ ଗୁରୁତ୍ୱପୂର୍ଣ୍ଣ କ୍ୟାବିନେଟ୍ ବୈଠକ ବୁଧବାର ଅପରାହ୍ଣ ୪ଟା ସମୟରେ ଲୋକସେବା ଭବନର ୩ୟ ମହଲା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହେବ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବାକୁ ଥିବା ଏହି କ୍ୟାବିନେଟ୍ ବୈଠକରେ ୬ଟି ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ଉପରେ ମୋହର ବାଜିପାରେ ବୋଲି ସୂତ୍ରରୁ ଜଣାପଡ଼ିଛି। ତେବେ ନିର୍ଦ୍ଦିଷ୍ଟ ଭାବେ କେଉଁ ପ୍ରସ୍ତାବ ଉପରେ ମୋହର ବାଜିବ ସେନେଇ କିଛି ସ୍ପଷ୍ଟ ଜଣାପଡ଼ି ନାହିଁ। ବିଧାନସଭା ଶୀତ ଅଧିବେଶନ ପୂର୍ବରୁ ବସିବାକୁ ଥିବା ଏହି କ୍ୟାବିନେଟ୍‌ରେ କେତେକ ପ୍ରସ୍ତାବ ପାରିତହୋଇ ତାହା ବିଧାନସଭାରେ ଆଗତ ହୋଇପାରେ।

### ଆଜିର ସମ୍ପାଦକୀୟ

**ମାର୍ ମାର୍ ନାଗରିକଙ୍କୁ**

### ଆଜିର ମନ୍ତବ୍ୟ

“ ଝାଡ଼ଖଣ୍ଡରେ ଭାଜପା କ୍ଷମତାକୁ ଆସିଲେ ସରକାରୀ ପାଣ୍ଠି ଲୁଟୁଥିବା ଦୁର୍ନୀତିଗ୍ରସ୍ତ ନେତାମାନଙ୍କୁ ଛଡ଼ାଯିବ ନାହିଁ। ସେମାନଙ୍କୁ ଓଲଟା ଝୁଲାଇ ଦିଆଯିବ।

**-ଅମିତ୍ ଶାହା, ସ୍ୱରାଷ୍ଟ୍ର ମନ୍ତ୍ରୀ**

# ଖୁଚୁରା ମୁଦ୍ରାସ୍ଫୀତି ୬.୨୧%

## ଆର୍‌ବିଆଇ ଆକଳନ ଭୁଲ୍ ହେଲା

**୨୦୨୪ ଅକ୍ଟୋବରରେ ଭାରତରେ ଖୁଚୁରା ମୁଦ୍ରାସ୍ଫୀତି ୧୪ ମାସର ରେକର୍ଡ ଭାଙ୍ଗି ୬.୨୧% ଛୁଇଁଥିଲା। ସେପ୍ଟେମ୍ବରରେ ରିଟେଲ୍ ଇନ୍‌ଫ୍ଲେଶନ୍ ୫.୪୯% ରହିଥିବାବେଳେ ଗତ ମାସରେ ଏହା ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ଧାର୍ଯ୍ୟ କରିଥିବା ସହନଶୀଳତାର ସର୍ବୋଚ୍ଚସ୍ତର ୬ ପ୍ରତିଶତ ଉପରକୁ ଉଠିଯାଇଥିଲା, ଯାହାକି ଏବେ ମଧ୍ୟ ବଳବତ୍ତର ରହିଛି। ଖାଦ୍ୟ ଓ ପନିପରିବା ଦର ବଢ଼ିଚାଲିଥିବାବେଳେ ଖାଉଟିଙ୍କୁ ନିଜ ରୋଷେଇଘର ବଜେଟକୁ ସଙ୍କୁଚିତ କରିବାକୁ ପଡୁଛି। ଟଙ୍କାର ଲଗାତର ଅବମୂଲ୍ୟାୟନ, ମୌସୁମୀଜନିତ ଲଗାଣ ବର୍ଷାରେ ଫସଲ ନଷ୍ଟ ଏବଂ ଅତ୍ୟାବଶ୍ୟକ ସାମଗ୍ରୀଗୁଡ଼ିକ ଉପରେ ସରକାରୀ ନିୟନ୍ତ୍ରଣ ନ ରହିବା ଏହାର ପ୍ରମୁଖ କାରଣ ବୋଲି କୁହାଯାଉଛି। ନଭେମ୍ବରରେ ମୁଦ୍ରାସ୍ଫୀତି ଆହୁରି ବଢ଼ିପାରେ ବୋଲି ଅର୍ଥନୀତିଜ୍ଞମାନେ ଆକଳନ କରିଛନ୍ତି। ଖାଦ୍ୟ ସାମଗ୍ରୀର ମୂଲ୍ୟ ବୃଦ୍ଧି ଯୋଗୁ ନିମ୍ନ ଓ ମଧ୍ୟମ ଆୟକାରୀ ବର୍ଗର କ୍ରୟଶକ୍ତି ହ୍ରାସ ପାଇବା ସହ ଏସିଆର ତୃତୀୟ ବୃହତ୍ ଅର୍ଥନୀତି ଭାରତ ପାଇଁ ଚିନ୍ତାର କାରଣ ହୋଇଛି।**



**ମୁମ୍ବାଇ/ନୂଆଦିଲ୍ଲୀ,୧୨।୧୧**

ଦେଶରେ କିଛିବର୍ଷ ହେଲା ଅତ୍ୟାବଶ୍ୟକ ସାମଗ୍ରୀଗୁଡ଼ିକର ଦରଦାମ ବଢ଼ିଚାଲିଥିବାବେଳେ ଏଥିରେ ଲଗାମ ଲଗାଇବା ପାଇଁ ମୁଦ୍ରାସ୍ଫୀତିକୁ ୨%ରୁ ୬% ମଧ୍ୟରେ ସୀମିତ ରଖିବା ଲାଗି ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ)କୁ ନିର୍ଦ୍ଦେଶ ଦିଆଯାଇଥିଲା। କିନ୍ତୁ କେନ୍ଦ୍ରୀୟ ବ୍ୟାଙ୍କର ଉଦ୍ୟମ ସତ୍ତ୍ୱେ ମୁଦ୍ରାସ୍ଫୀତି ବଢ଼ିଚାଲିଛି। ଗତ ସେପ୍ଟେମ୍ବରରେ ଖୁଚୁରା ମୁଦ୍ରାସ୍ଫୀତି ୯ ମାସର ସର୍ବୋଚ୍ଚ ସ୍ତର ୫.୪୯% ରହିଥିବାବେଳେ ଅକ୍ଟୋବରରେ ୫.୮୧% ରହିବା ଅନୁମାନ କରାଯାଇଥିଲା। ତେବେ ମୁଦ୍ରାସ୍ଫୀତି ଏହି ଅନୁମାନଠାରୁ ଆହୁରି ଉପରକୁ ଉଠି ୬.୨୧% ରହିଥିଲା। ସରକାରଙ୍କ ପକ୍ଷରୁ ମଙ୍ଗଳବାର ଜାରି ତଥ୍ୟ ଅନୁସାରେ ପରିବା ଦର ୫ ବର୍ଷର ରେକର୍ଡ ଭାଙ୍ଗି ୪୨.୪% ବୃଦ୍ଧି ପାଇଛି। ଅକ୍ଟୋବରରେ ଟମାଟୋ ଦର ୧୬୧.୩% ବଢ଼ିଥିଲା। ସେହିପରି ☞ପୃଷ୍ଠା–୨

## ୧ ଡଲାର = ୮୪.୪୧ ଟଙ୍କା

**ମୁମ୍ବାଇ,୧୨।୧୧**

ଆମେରିକୀୟ ଡଲାର ଶକ୍ତିଶାଳୀ ହେବାରେ ଲାଗିଥିବାବେଳେ ଭାରତୀୟ ଟଙ୍କା ଚାପଗ୍ରସ୍ତ ହୋଇ ସବୁଠୁ ଦୟନୀୟ ସ୍ଥିତି ଦେଇ ଗତି କରୁଛି। ଲଗାତର ୫ ଦିନ ଧରି ଟଙ୍କାର ଅବମୂଲ୍ୟାୟନ ଘଟିଥିବାବେଳେ ମଙ୍ଗଳବାର ଏହା ସର୍ବକାଳୀନ ରେକର୍ଡ ଭାଙ୍ଗି ନିମ୍ନସ୍ତରରେ ପହଞ୍ଚିଛି। କାରବାର ଡଲାର ତୁଳନାରେ ଟଙ୍କାର ବିନିମୟ ମୂଲ୍ୟ ୮୪.୪୧୨୫ ରହିଥିଲା। ଅନ୍ୟପକ୍ଷେ ଆମେରିକାର ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ପୁନର୍ବାର ରାଷ୍ଟ୍ରପତି ନିର୍ବାଚିତ ହେବା ପରେ ଡଲାର ମଜଭୁତ ହେବାରେ ଲାଗିଛି। କେବଳ ନଭେମ୍ବରରେ ଡଲାର ଇଣ୍ଡେକ୍ସ ୧.୮% ଉପରକୁ ଉଠିଛି। ମଙ୍ଗଳବାର ଡଲାର ଇଣ୍ଡେକ୍ସ ୦.୩% ଉପରମୁହାଁ ହୋଇ ୧୦୫.୮୭ ପଏଣ୍ଟ ଛୁଇଁଛି, ଯାହାକି ଗତ ଜୁଲାଇ ପରଠୁ ସର୍ବୋଚ୍ଚ ସ୍ତର। ବିଦେଶୀ ସଂସ୍ଥାଗତ ନିବେଶକ (ଏଫ୍‌ଆଇଆଇ) ଭାରତୀୟ ପୁଞ୍ଜି ବଜାରରୁ ମୁହଁ ଫେରାଇନେବା ଏହାର ଅନ୍ୟତମ କାରଣ ବୋଲି କୁହାଯାଉଛି। ଭାରତୀୟ ଷ୍ଟକ୍ସରୁ ଏଫ୍‌ଆଇଆଇ ଅକ୍ଟୋବରରେ ୧୧ ବିଲିୟନ୍ ଡଲାର ପ୍ରତ୍ୟାହାର କରିଥିବାବେଳେ ଚଳିତ ମାସରେ ୩ ବିଲିୟନ୍ ଡଲାର ଉଠାଇ ସାରିଲେଣି।



## ଭାରତୀୟ ହଳଦୀରେ ସୀସା ସ୍ତର ୧୦୦ ଗୁଣା ଅଧିକ



**ନୂଆଦିଲ୍ଲୀ, ୧୨।୧୧**

ଭାରତ, ପାକିସ୍ତାନ, ନେପାଳ ପରି ଏସୀୟ ଦେଶଗୁଡ଼ିକରେ ବିକ୍ରି ହେଉଥିବା ହଳଦୀରେ ସୀସାର ବିଷାକ୍ତ ମାତ୍ରା ମିଳିଛି। ଉକ୍ତ ଦେଶଗୁଡ଼ିକରେ ମିଳୁଥିବା ହଳଦୀରେ ସୀସାର ମାତ୍ରା ୧୦୦୦ ମାଇକ୍ରୋଗ୍ରାମ୍/ଗ୍ରାମ୍‌ରୁ ଅଧିକ ରହିଥିବା ନେଇ ମଙ୍ଗଳବାର ଏକ ଅଧ୍ୟୟନ ପ୍ରକାଶ କରିଛି, ଯାହା ଭାରତୀୟ ଖାଦ୍ୟ ସୁରକ୍ଷା ଏବଂ ମାନକ ପ୍ରାଧିକରଣ(ଏଫ୍‌ଏସ୍‌ଏସ୍‌ଏଆଇ) ଦ୍ୱାରା ନିର୍ଦ୍ଧାରିତ ସୀମାଠାରୁ ୧୦୦ ଗୁଣା ଅଧିକ ରହିଛି। ଆମେରିକାର ଷ୍ଟାନଫୋର୍ଡ ବିଶ୍ୱ ବିଦ୍ୟାଳୟ, ଭାରତର ‘ଫ୍ରିଡମ ଏମ୍ପ୍ଲୟବିଲିଟି ଏକାଡେମୀ’ ସଙ୍ଗଠନ ଏବଂ ପରିବେଶ ଏବଂ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସଙ୍ଗଠନ ‘ପିୟୋର ଆର୍ଥ’ ମିଳିତ ଭାବେ ଏହି ଅଧ୍ୟୟନ କରିଛନ୍ତି, ଯାହାର ରିପୋର୍ଟ ‘ସାଇନ୍ସ ଅଫ୍ ଟୋଟାଲ ଏନ୍‌ଭାଇରନ୍‌ମେଣ୍ଟ’ ନାମରେ ଏକ ପରିବେଶ ବିଜ୍ଞାନ ସମ୍ବନ୍ଧୀୟ ସାପ୍ତାହିକ ପତ୍ରିକାରେ ପ୍ରକାଶିତ ହୋଇଛି। ଏହି ଅଧ୍ୟୟନରେ ଭାରତ, ପାକିସ୍ତାନ, ଶ୍ରୀଲଙ୍କା ଓ ନେପାଳର ୨୩ଟି ସହରରେ ବିକ୍ରି ହେଉଥିବା ହଳଦୀକୁ ବିଶ୍ଳେଷଣ କରାଯାଇଛି। ଅଧ୍ୟୟନ ଅନୁଯାୟୀ, ଭାରତର ପାଟଣା, ଗୁଆହାଟୀ ଓ ଚେନ୍ନାଇ, ପାକସ୍ତାନର କରାଚୀ, ଇସ୍‌ଲାମାବାଦ ଓ ☞ପୃଷ୍ଠା–୨







## ବାଂଲାଦେଶୀ ଅନୁପ୍ରବେଶ ମାମଲା

# ଝାଡ଼ଖଣ୍ଡ, ପଶ୍ଚିମବଙ୍ଗରେ ଇଡି ଚଢ଼ାଉ

ରାଞ୍ଚି,୧୨।୧୧(ପି.ଟି.)

ଝାଡ଼ଖଣ୍ଡରେ ପ୍ରଥମ ପର୍ଯ୍ୟାୟ ନିର୍ବାଚନର ଦିନକ ପୂର୍ବରୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଏହି ରାଜ୍ୟ ସମେତ ପଶ୍ଚିମବଙ୍ଗର ୧୭ଟି ସ୍ଥାନରେ ମଙ୍ଗଳବାର ଚଢ଼ାଉ କରିଛି। ବେଆଇନ ଅନୁପ୍ରବେଶ କରିଥିବା ବାଂଲାଦେଶୀ ମନିଲଣ୍ଡରିଂରେ ସମ୍ପୃକ୍ତ ଥିବା ନେଇ ଏହି ଚଢ଼ାଉ କରାଯାଇଛି। ତଦନ୍ତକାରୀ ଅଧିକାରୀମାନେ ବିଭିନ୍ନ କାଗଜାତ, ଲେଜର ଏଣ୍ଟ୍ରି ଏବଂ ଆର୍ଥିକ କାରବାର ରେକର୍ଡ ସଂଗ୍ରହ କରିଛନ୍ତି। ଚଢ଼ାଉ ବେଳେ କେତେକ ଜାଲ୍ ଆଧାର କାର୍ଡ, ନକଲି ପାସ୍‌ପୋର୍ଟ, ବେଆଇନ ଅସ୍ତ୍ରଶସ୍ତ୍ର, ସ୍ଥାବର ସମ୍ପତ୍ତିର କାଗଜପତ୍ର, ନଗଦ ଟଙ୍କା, ଅଳଙ୍କାର, ପ୍ରିଣ୍ଟିଂ ପେପର ଓ ମେଶିନ୍ ଆଦି ଜବତ ହୋଇଛି।



ଝାଡ଼ଖଣ୍ଡ ବିଧାନସଭା ପ୍ରଥମ ପର୍ଯ୍ୟାୟ ନିର୍ବାଚନ ପୂର୍ବଦିନ ପୋଲିଂ ସାମଗ୍ରୀ ସହ ଜଣେ ଅଫିସର ନିଜ ଭୋଟଗ୍ରହଣ କେନ୍ଦ୍ରକୁ ଯିବା ପୂର୍ବରୁ ରାଞ୍ଚିଠାରେ ଆଦିବାସୀ ମହିଳାମାନେ ପାରମ୍ପରିକ ସ୍ୱାଗତ ଜଣାଉଛନ୍ତି।

# ମାମଲାର ଜରୁରୀ ଶୁଣାଣି ପାଇଁ ମୌଖିକ ଉପସ୍ଥାପନାକୁ ସିଜେଆଇଙ୍କ ନା

ନୂଆଦିଲ୍ଲୀ,୧୨।୧୧



ଜଷ୍ଟିସ୍ ସଞ୍ଜୀବ ଖାନ୍ନା

କୌଣସି ମାମଲାର ଜରୁରୀ ଶୁଣାଣି କିମ୍ବା ତାଲିକାଭୁକ୍ତ କରିବା ପାଇଁ ମୌଖିକ ଉପସ୍ଥାପନାକୁ ଅନୁମତି ଦିଆଯିବ ନାହିଁ ବୋଲି ଭାରତର ପ୍ରଧାନ ବିଚାରପତି (ସିଜେଆଇ) ସଞ୍ଜୀବ ଖାନ୍ନା ମଙ୍ଗଳବାର ଘୋଷଣା କରିଛନ୍ତି। ଏଭଳି ମାମଲାରେ ଆଇନଜୀବୀମାନଙ୍କୁ ଏଣିକି ଇମେଲ୍ ଯୋଗେ କିମ୍ବା ଲିଖିତ ପତ୍ର ଦ୍ୱାରା ଆବେଦନ ଦାଖଲ କରିବାକୁ ହେବ। ପାରମ୍ପରିକ ଭାବେ ଆଇନଜୀବୀମାନେ ସିଜେଆଇଙ୍କ ନେତୃତ୍ୱାଧୀନ ଖଣ୍ଡପୀଠ ଆଗରେ ଦୈନିକ ଶୁଣାଣି ଆରମ୍ଭ ପୂର୍ବରୁ ଜରୁରୀ ଦର୍ଶାଇ କେତେକ ମାମଲାକୁ ତାଲିକାଭୁକ୍ତ କରିବା ଏବଂ ଶୁଣାଣି କରିବା ପାଇଁ ଉପସ୍ଥାପନ କରୁଥିଲେ। ତେବେ ଲିଖିତ କିମ୍ବା ମୌଖିକ ଭାବେ ଏଭଳି ଅନୁରୋଧ କରାଯାଇପାରିବ ନାହିଁ। କେବଳ ଇମେଲ୍ କିମ୍ବା ଲିଖିତ ସ୍ଲିପ୍ ବା ପତ୍ରକୁ ଗ୍ରହଣ କରାଯିବ। କେବଳ ଜରୁରୀର କାରଣ ଦର୍ଶାଇବାକୁ ହେବ ବୋଲି ସିଜେଆଇ କହିଛନ୍ତି।

# ମାର୍କୋ ରୁବିଓ ହେବେ ଆମେରିକା ପରରାଷ୍ଟ୍ର ସଚିବ

ୱାଶିଂଟନ, ୧୨।୧୧ (ପି.ଟି.)

ଆମେରିକାର ନିର୍ବାଚିତ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ମଙ୍ଗଳବାର ଫ୍ଲୋରିଡା ସିନେଟର ଥିବା ମାର୍କୋ ରୁବିଓ(୫୩)ଙ୍କୁ ଦେଶର ପରରାଷ୍ଟ୍ର ସଚିବ ପଦ ପାଇଁ ମନୋନୀତ କରିଛନ୍ତି। ମାର୍କୋ ଚାଇନା, ଇରାନ, କ୍ୟୁବା ଭଳି ଦେଶ ପ୍ରତି କଡ଼ା ଆଭିମୁଖ୍ୟ ଗ୍ରହଣ କରିଆସିଛନ୍ତି। ଭାରତର ବନ୍ଧୁ ଭାବରେ ରୁବିଓଙ୍କର ଭଲ ଛବି ରହିଛି। ସେ ଭାରତ-ଆମେରିକା ମଜଭୁତ ଦ୍ୱିପାକ୍ଷିକ ସମ୍ପର୍କ ସପକ୍ଷରେ ସର୍ବଦା ରହିଆସିଛନ୍ତି। ସେହିପରି ଟ୍ରମ୍ପ ତାଙ୍କର ନୂତନ ପ୍ରଶାସନ ପାଇଁ ରିପବ୍ଲିକାନ ନେତା ମାଇକ୍ ୱାଲ୍ଟଜ୍(୫୦)ଙ୍କୁ ରାଷ୍ଟ୍ରୀୟ ସୁରକ୍ଷା ପରାମର୍ଶଦାତାପଦ ପାଇଁ ମନୋନୀତ କରିଛନ୍ତି।



# ଭାରତ, ପାକ୍ ଆକାଶରେ ବିଷାକ୍ତ କୁହୁଡ଼ି

## ସାଟେଲାଇଟ୍ ଚିତ୍ରରୁ ସ୍ପଷ୍ଟ

ନୂଆଦିଲ୍ଲୀ,୧୨।୧୧




ବାୟୁ ପ୍ରଦୂଷଣ ବିପଜ୍ଜନକ ସ୍ତରକୁ ଖସିଚାଲିଥିବାବେଳେ ବିଷାକ୍ତ ଧୂମକୁହୁଡ଼ିର ଘନ ଆସ୍ତରଣ ଭାରତ ଏବଂ ପାକିସ୍ତାନର ବିସ୍ତୀର୍ଣ୍ଣ ଅଞ୍ଚଳକୁ ଘୋଡ଼ାଇ ରଖିଛି। ଆମେରିକାର ମହାକାଶ ଗବେଷଣା ସଂସ୍ଥା ନାସା ପକ୍ଷରୁ ନିକଟରେ ପ୍ରସାରିତ ସାଟେଲାଇଟ୍ ଫଟୋରୁ ଉଭୟ ଦେଶର ଜନାକୀର୍ଣ୍ଣ ସିନ୍ଧୁ- ଗାଙ୍ଗେୟ ସମତଳ ଅଞ୍ଚଳ ଅତ୍ୟଧିକ ପ୍ରଦୂଷିତ ହୋଇଥିବା ସ୍ପଷ୍ଟ ହୋଇଛି। କୃଷିକ୍ଷେତ୍ରରେ ନଡ଼ା ଓ ଅନ୍ୟାନ୍ୟ ବର୍ଜ୍ୟ ସାମଗ୍ରୀ ପୋଡ଼ି, ଗାଡ଼ିମୋଟରର ଧୂଆଁ ଓ ଧୂଳି ଏବଂ ଶିଳ୍ପଜନିତ ପ୍ରଦୂଷଣ ଯୋଗୁ ବାୟୁ ପ୍ରଦୂଷଣ ଉତ୍କଟ ରୂପ ଧାରଣ କରିଛି।

ପଞ୍ଜାବରେ ନଡ଼ାପୋଡ଼ି ଘଟଣା ଚଳିତ ବର୍ଷ ୭,୦୦୦ ଅତିକ୍ରମ କରିଛି। କେବଳ ସୋମବାର ୪୧୮ଟି ନଡ଼ାପୋଡ଼ି ଘଟିଛି, ଯାହା ବିସ୍ତୀର୍ଣ୍ଣ ଅଞ୍ଚଳର ବାୟୁକୁ ପ୍ରଦୂଷିତ କରୁଛି। ଇତିମଧ୍ୟରେ ଚଣ୍ଡିଗଡ଼ର ବାୟୁ ଗୁଣବତ୍ତା ସୂଚକାଙ୍କ (ଏକ୍ୟୁଆଇ) ଅତ୍ୟନ୍ତ ନିକୃଷ୍ଟ ସ୍ତରରେ ପହଞ୍ଚିଛି। ମଙ୍ଗଳବାର ଦିଲ୍ଲୀର ଏକ୍ୟୁଆଇ ୪୦୦ ପାଖାପାଖି ରହିଛି। ପାକିସ୍ତାନର ପଞ୍ଜାବ ପ୍ରଦେଶରେ ମଧ୍ୟ ଅନୁରୂପ ସ୍ଥିତି ରହିଥିବା ବେଳେ ସରକାରଙ୍କ ପକ୍ଷରୁ ବିଭିନ୍ନ ବାହ୍ୟ କାର୍ଯ୍ୟକୁ ନିଷେଧ କରାଯାଇଛି। ପ୍ରଦୂଷଣ ରୋକିବାକୁ ଦୋକାନ ବଜାର ଏବଂ ମଲ୍‌ଗୁଡ଼ିକୁ ଶୀଘ୍ର ବନ୍ଦ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଲାହୋରରେ ବାୟୁ ପ୍ରଦୂଷଣ ସର୍ବାଧିକ ସ୍ତରରେ ପହଞ୍ଚିଛି। ଏହାର ପ୍ରତିକାର ପାଇଁ ପାକ୍ କର୍ତ୍ତୃପକ୍ଷ କେତେକ ଜରୁରୀ ପଦକ୍ଷେପ ନେଇଛନ୍ତି। ସ୍କୁଲ୍‌ଗୁଡ଼ିକୁ ବନ୍ଦ କରାଯିବା ସହ ଆଂଶିକ ଲକ୍‌ଡାଉନ୍ କାର୍ଯ୍ୟକାରୀ ହୋଇଛି। ସେହିପରି ନିର୍ମାଣ କାର୍ଯ୍ୟକୁ ଅସ୍ଥାୟୀ ଭାବେ ବନ୍ଦ ରଖାଯାଇଛି। ନାସା ବୈଜ୍ଞାନିକ ପୱନ ଗୁପ୍ତାଙ୍କ କହିବା ଅନୁଯାୟୀ କେବଳ ନଡ଼ା ପୋଡ଼ି ଯୋଗୁ ଉକ୍ତ ସିନ୍ଧୁ-ଗାଙ୍ଗେୟ ଅଞ୍ଚଳର ବାୟୁ ଗୁଣବତ୍ତା ଅତ୍ୟଧିକ ଖରାପ ହେଉଛି, ତାହା ନୁହେଁ; ଏଥିପାଇଁ ଅନ୍ୟ କାରକଗୁଡ଼ିକ ମଧ୍ୟ ଦାୟୀ। ଥର୍ ମରୁଭୂମିର ଧୂଳି, ଗାଡ଼ିମୋଟରର ନିର୍ଗତ ଧୂଆଁ ଓ ଧୂଳି ତଥା ଶିଳ୍ପାଞ୍ଚଳର ଉତ୍ସର୍ଜନ ମଧ୍ୟ ବାୟୁ ପ୍ରଦୂଷଣର ଅନ୍ୟତମ କାରଣ। ଶୀତଦିନେ ତାପମାତ୍ରା ହ୍ରାସ ଯୋଗୁ ପ୍ରଦୂଷିତ କଣିକାଗୁଡ଼ିକ ବାୟୁମଣ୍ଡଳର ନିମ୍ନ ସ୍ତରରେ ରହୁଛି। ଉତ୍ତରରେ ହିମାଳୟ ଏବଂ ଦକ୍ଷିଣରେ ବିନ୍ଧ୍ୟ ପର୍ବତମାଳା ଏହାକୁ ଘେରି ରହୁଥିବାରୁ ଉକ୍ତ ଅଞ୍ଚଳ ଉପରେ ଧୂମକୁହୁଡ଼ିର ଘନ ଆସ୍ତରଣ ସୃଷ୍ଟି ହେଉଛି।

# ଧର୍ମ ଆଧାରିତ ହ୍ୱାଟ୍ସଆପ୍ ଗ୍ରୁପ୍ ପାଇଁ ୨ ଆଇଏଏସ୍ ଅଫିସର ନିଲମ୍ବିତ

ନୂଆଦିଲ୍ଲୀ,୧୨।୧୧

ଧର୍ମ ଆଧାରିତ ହ୍ୱାଟ୍ସଆପ୍ ଗ୍ରୁପ୍ କରିଥିବା ଆଇଏଏସ୍ ଅଫିସର କେ. ଗୋପାଳକ୍ରିଷ୍ଣନଙ୍କୁ କେରଳ ସରକାର ସୋମବାର ନିଲମ୍ବନ କରିଛନ୍ତି। ସେହିପରି ବରିଷ୍ଠ ଆଇଏଏସ୍ ଅଫିସର ଏନ୍ ପ୍ରଶାନ୍ତ ଜଣେ ବରିଷ୍ଠ ଅଧିକାରୀଙ୍କୁ ସମାଲୋଚନା କରି ନିଲମ୍ବିତ ହୋଇଛନ୍ତି। ୨୦୧୩ ବ୍ୟାଚ୍‌ର ଆଇଏଏସ୍ ଅଫିସର ଗୋପାଳକ୍ରିଷ୍ଣନ 'ମାଲୁ ହିନ୍ଦୁ ଅଫିସର୍ସ' ନାମରେ ଏକ ନୂଆ ହ୍ୱାଟ୍ସଆପ୍ ଗ୍ରୁପ୍ ସୃଷ୍ଟି କରିଥିଲେ। କେବଳ ହିନ୍ଦୁ ଅଫିସରମାନଙ୍କୁ ସାମିଲ କରିବା ପାଇଁ ଏହି ଗ୍ରୁପ୍ କରାଯାଇଥିଲା, ଯେଉଁଥିରେ ବହୁସଂଖ୍ୟାରେ କେରଳ କ୍ୟାଡରର ଆଇଏଏସ୍ ଅଫିସରଙ୍କୁ ଅବାଞ୍ଛିତ ଭାବେ ଆଡ୍ କରାଯାଇଥିଲା। ଏହାକୁ ନେଇ ଗତ ଅକ୍ଟୋବର ୩୧ରୁ ବିବାଦ ଆରମ୍ଭ ହୋଇଥିଲା। ସରକାରୀ କର୍ମଚାରୀମାନେ ଧର୍ମନିରପେକ୍ଷ ମୂଲ୍ୟବୋଧ ଅନୁସରଣ କରିବା ଆଶା କରାଯାଉଥିଲାବେଳେ ଏହି ଗ୍ରୁପ୍ ତାହାର ଉଲ୍ଲଂଘନ କରୁଥିଲା। ବିବାଦ ପରେ ଉକ୍ତ ଗ୍ରୁପ୍‌କୁ ହଟାଇ ଦିଆଯାଇଥିଲା। ବିବାଦ ସୃଷ୍ଟି ହେବା ପରେ ତାଙ୍କ ଫୋନ୍‌କୁ ହ୍ୟାକ୍ କରି କେହି ଏଭଳି ହ୍ୱାଟ୍ସଆପ୍ ଗ୍ରୁପ୍ କରିଥିବା ଗୋପାଳକ୍ରିଷ୍ଣନ ସଫେଇ ଦେଇଥିଲେ। ଏହି ବିବାଦୀୟ ଗ୍ରୁପ୍ ସୃଷ୍ଟି କରିବାରେ ସେ ସମ୍ପୃକ୍ତ ନ ଥିବା କହି ପୋଲିସରେ ଅଭିଯୋଗ କରିଥିଲେ। ସେହିପରି ୨୦୦୭ ବ୍ୟାଚ୍‌ର ଅଫିସର ପ୍ରଶାନ୍ତ ସୋସିଆଲ୍ ମିଡିଆରେ ଅନ୍ୟତମ ଆଇଏଏସ୍ ଅଫିସର ତଥା ଅତିରିକ୍ତ ମୁଖ୍ୟ ସଚିବ ଏ. ଜୟନ୍ତିଲତାଙ୍କ ବିରୋଧରେ ଅନେକ ପୋଷ୍ଟ କରିଥିଲେ। ମୁଖ୍ୟ ଶାସନ ସଚିବ ସାରଦା ମୁରଲୀଧରନଙ୍କ ରିପୋର୍ଟ ଆଧାରରେ ମୁଖ୍ୟମନ୍ତ୍ରୀ ପିନାରାୟୀ ବିଜୟନ ୨ ଆଇଏଏସ୍ ଅଫିସରଙ୍କୁ ନିଲମ୍ବନ କରିଛନ୍ତି।



କେ. ଗୋପାଳକ୍ରିଷ୍ଣନ | ଏନ୍ ପ୍ରଶାନ୍ତ

# ଉଦ୍ଧବଙ୍କ ବ୍ୟାଗ୍ ଯାଞ୍ଚକୁ ନେଇ ବିବାଦ

ନୂଆଦିଲ୍ଲୀ,୧୨।୧୧

## ଏସ୍‌ଓପି କଡ଼ାକଡ଼ି ଅନୁପାଳନ କରାଯାଇଥିବା କହିଲା ଇସି



ଉଦ୍ଧବ ଠାକ୍‌ରେ

ମହାରାଷ୍ଟ୍ରର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଶିବସେନା (ୟୁବିଟି) ଅଧ୍ୟକ୍ଷ ଉଦ୍ଧବ ଠାକ୍‌ରେ ସୋମବାର ଅପରାହ୍ନରେ ୟାଭାତ୍‌ମାଲରେ ପହଞ୍ଚିବା ପରେ ତାଙ୍କ ଲଗେଜ୍ ଯାଞ୍ଚ କରାଯାଇଥିଲା। ନଭେମ୍ବର ୨୦ରେ ହେବାକୁ ଥିବା ବିଧାନସଭା ନିର୍ବାଚନ ପାଇଁ ଉଦ୍ଧବ ପ୍ରଚାର ନିମନ୍ତେ ସେଠାରେ ପହଞ୍ଚିବା ମାତ୍ରେ ଲଗେଜ୍ ଯାଞ୍ଚ କରାଯିବାକୁ ନେଇ ବିବାଦ ସୃଷ୍ଟି ହୋଇଛି। ଏହାକୁ ନେଇ ଉଦ୍ଧବଙ୍କ ଶିବସେନା ଏବଂ ମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେଙ୍କ ନେତୃତ୍ୱାଧୀନ ଶିବସେନା ଗୋଷ୍ଠୀ ମୁହାଁମୁହିଁ ହୋଇଛନ୍ତି। ଶାସକ ଦଳର ଶୀର୍ଷ ନେତା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା, ମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେ ଏବଂ ଉପମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼୍‌ନବିସ୍ ପ୍ରଚାରରେ ଆସିଲେ ସେମାନଙ୍କ ବ୍ୟାଗ୍ ଯାଞ୍ଚ ହୋଇଥାନ୍ତା କି ବୋଲି ଶିବସେନା(ୟୁବିଟି) ନେତା ସଞ୍ଜୟ ରାଉତ୍ ପ୍ରଶ୍ନ କରିଛନ୍ତି। ଅନ୍ୟପକ୍ଷରେ ଶିନ୍ଦେ ସେନା ମୁଖପାତ୍ର କ୍ରିଷ୍ଣା ହେଗ୍‌ଡେ ଏହାର ଜବାବରେ କହିଛନ୍ତି, ସବୁବେଳେ ଅଭିଯୋଗ ଆଣିବା ଅଭ୍ୟାସ ରାଉତଙ୍କର ରହିଛି। ଗତ ସାଧାରଣ ନିର୍ବାଚନ ବେଳେ ନାସିକ୍‌ରେ ଶିନ୍ଦେଙ୍କ ବ୍ୟାଗ୍ ଯାଞ୍ଚ କରାଯାଇଥିଲା। ଏନେଇ ଶିନ୍ଦେ କୌଣସି ଅଭିଯୋଗ କରି ନ ଥିଲେ କିମ୍ବା ଉଦ୍ଧବଙ୍କ ଗୋଷ୍ଠୀ ଭଳି ହୋହଲ୍ଲା କରି ନ ଥିଲେ ବୋଲି ହେଗ୍‌ଡେ କହିଛନ୍ତି। ନିର୍ବାଚନ କମିଶନ ମଙ୍ଗଳବାର କହିଛନ୍ତି, ସବୁ ରାଜନୈତିକ ଦଳ ପାଇଁ ନିରପେକ୍ଷତା ସୁନିଶ୍ଚିତ କରିବା ଲାଗି ପ୍ରବର୍ତ୍ତନକାରୀ ସଂସ୍ଥାଗୁଡ଼ିକ ଏସ୍‌ଓପି (ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଜିଓ) କଡ଼ାକଡ଼ି ପାଳନ କରୁଛନ୍ତି। ଦଳମତ ନିର୍ବିଶେଷରେ ଶୀର୍ଷ ନେତାମାନଙ୍କ ବିମାନ ଏବଂ ହେଲିକପ୍ଟରକୁ ଯାଞ୍ଚ କରାଯାଉଛି। ଲୋକ ସଭା ନିର୍ବାଚନ ବେଳେ ଏପ୍ରିଲ ୨୪ରେ ଭାଗଲପୁରରେ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡାଙ୍କ ହେଲିକପ୍ଟର ଏବଂ ଏପ୍ରିଲ ୨୧ରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହାଙ୍କ ବିମାନକୁ କଟିହାର ଜିଲାରେ ଯାଞ୍ଚ କରାଯାଇଥିଲା ବୋଲି ଇସି ସୂତ୍ରରୁ କୁହାଯାଇଛି।

# ଜନ୍ମ ହାର ବଢ଼ାଇବାକୁ ରୁଷିଆର ଯୋଜନା

ମସ୍କୋ, ୧୨।୧୧

## ଗଠନ ହେବ ସେକ୍ସ ମନ୍ତ୍ରଣାଳୟ

ରୁଷିଆରେ ଗତ କିଛି ବର୍ଷ ହେବ ଜନ୍ମ ହାର କମିବାରେ ଲାଗିଛି। ଏହି ସମସ୍ୟାର ସମାଧାନ ଦିଗରେ ଏକ ସେକ୍ସ ମନ୍ତ୍ରଣାଳୟ ଗଠନ କରିବାକୁ ରୁଷିଆ ଯୋଜନା ପ୍ରସ୍ତୁତ କରୁଛି। ବିଭିନ୍ନ ରୁଷୀୟ ଗଣମାଧ୍ୟମର ରିପୋର୍ଟ ଅନୁଯାୟୀ, ରାଷ୍ଟ୍ରପତି ଭ୍ଲାଡିମିର ପୁଟିନଙ୍କ ବିଶ୍ୱସ୍ତ ତଥା ରୁଷୀୟ ସଂସଦର 'ପରିବାର ସୁରକ୍ଷା, ପିତୃତ୍ୱ, ମାତୃତ୍ୱ ଏବଂ ଶିଶୁ କମିଟି'ର ଅଧ୍ୟକ୍ଷ ନିନା ଓସ୍ତାନିନା ଏ ସମ୍ବନ୍ଧୀୟ ଏକ ପ୍ରସ୍ତାବକୁ ସମୀକ୍ଷା କରୁଛନ୍ତି। ଗ୍ଲାଭ୍‌ପିଆର୍ ନାମକ ଏକ ଏଜେନ୍ସି ପକ୍ଷରୁ ଦେଶର ଜନ୍ମ ହାରକୁ ବଢ଼ାଇବା ନିମନ୍ତେ ସେକ୍ସ ମନ୍ତ୍ରଣାଳୟ ଗଠନ ପାଇଁ ପ୍ରସ୍ତାବ ଦିଆଯାଇଛି। ୨୦୨୨ ଫେବୃଆରୀରୁ ରୁଷିଆ ଓ ୟୁକ୍ରେନ୍ ମଧ୍ୟରେ ଯୁଦ୍ଧ ଆରମ୍ଭ ହେବା ପରଠାରୁ ବହୁ ଧନଜୀବନହାନି ଘଟିଛି। ଫଳରେ ରୁଷିଆର ଜନସଂଖ୍ୟା ହ୍ରାସ ଦେଖାଦେଇଥିବାବେଳେ ଏହି ସମସ୍ୟାକୁ ଦୂର କରିବା ପାଇଁ ଯୋଜନା ପ୍ରସ୍ତୁତ କରିବାକୁ ପୁଟିନ୍ ଦେଶର ଅଧିକାରୀମାନଙ୍କୁ ଆହ୍ୱାନ କରିଛନ୍ତି। ଫଳରେ ଜନସଂଖ୍ୟା ବୃଦ୍ଧି ନେଇ ବିଭିନ୍ନ ସଙ୍ଗଠନ ପକ୍ଷରୁ ଦିଆଯାଉଥିବା ପ୍ରସ୍ତାବଗୁଡ଼ିକ ଉପରେ ରୁଷୀୟ ଅଧିକାରୀମାନେ ବିଚାର ବିମର୍ଶ କରୁଛନ୍ତି। ସେକ୍ସ ମନ୍ତ୍ରଣାଳୟ ଗଠନ ସହ ଅନେକ ଅଜବ ପ୍ରସ୍ତାବ ମଧ୍ୟ ରୁଷୀୟ ଅଧିକାରୀମାନଙ୍କୁ ମିଳିଛି। ଦମ୍ପତିଙ୍କ ମଧ୍ୟରେ ଅନ୍ତରଙ୍ଗ ମୁହୂର୍ତ୍ତକୁ ବଢ଼ାଇବା ପାଇଁ ରାତି ୧୦ଟାରୁ ୨ଟା ମଧ୍ୟରେ ଇଣ୍ଟରନେଟ ଏବଂ ବିଜୁଳି ସେବା ବନ୍ଦ କରିବା, ଘରେ ରହି ପିଲାଙ୍କ ଲାଳନ ପାଳନ କରୁଥିବା ମା'ମାନଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିବା, ଯୁବପିଢ଼ି ଓ ପ୍ରେମୀ ଯୁଗଳଙ୍କ ପ୍ରଥମ ଡେଟ୍ ପାଇଁ ସରକାରଙ୍କ ତରଫରୁ ପ୍ରୋତ୍ସାହନ ରାଶି ଦିଆଯିବା, ବିବାହକୁ ଆଡ଼ମ୍ବର ସହକାରେ ହୋଟେଲ ଏବଂ ସର୍ବସାଧାରଣ ସ୍ଥାନରେ ଆୟୋଜନ କରିବା ପାଇଁ ପ୍ରୋତ୍ସାହନ ରାଶି ଯୋଗାଇ ଦେବା ଆଦି ବିଭିନ୍ନ ଅଜବ ପ୍ରସ୍ତାବ ରୁଷୀୟ ଅଧିକାରୀଙ୍କ ହସ୍ତଗତ ହୋଇଛି। ଅନ୍ୟପକ୍ଷରେ, ଦେଶର ଜନ୍ମ ହାରକୁ ବଢ଼ାଇବା ପାଇଁ ଯୋଜନା ପ୍ରସ୍ତୁତ କରିବା ଲକ୍ଷ୍ୟରେ ଯୌନ ସମ୍ପର୍କ ଏବଂ ଋତୁସ୍ରାବ ସମ୍ବନ୍ଧୀୟ ଅନ୍ତରଙ୍ଗ ପ୍ରସଙ୍ଗକୁ ନେଇ ରୁଷିଆର ରାଜଧାନୀ ମସ୍କୋରେ ଥିବା ସରକାରୀ ପ୍ରତିଷ୍ଠାନଗୁଡ଼ିକରେ କାର୍ଯ୍ୟରତ ମହିଳା କର୍ମଚାରୀମାନଙ୍କର ସର୍ଭେ କରାଯାଉଛି।



## ଫୁର୍‌ସତ୍

# ସହୃଦୟତା ଶିଖାଇବା

## ବିଶ୍ୱ ଦୟା ଦିବସ



ଦୟା ଏକ ମହାନ୍ ଗୁଣ। ଏହାଦ୍ୱାରା ଶାନ୍ତି ଏବଂ ବନ୍ଧୁତ୍ୱ ବାର୍ତ୍ତା ପ୍ରସାରିତ ହୋଇଥାଏ। ସେଥିପାଇଁ ନଭେମ୍ବର ୧୩କୁ ବିଶ୍ୱ ଦୟା ଦିବସ ଭାବରେ ପାଳନ କରାଯାଏ। ୧୯୮୮ରୁ ଏହି ଦିବସ ପାଳନ କରାଯାଉଛି। ଏହାକୁ ବିଶ୍ୱ ଦୟା କିମ୍ବା ସହୃଦୟତା ଆନ୍ଦୋଳନର ଏକ ଅଂଶ ବୋଲି କୁହାଯାଏ। ତେବେ ଏହି ବର୍ଷର ଥିମ୍ ରହିଛି ସହୃଦୟତା ଶିଖାଇବା। ପିଲାଠାରୁ ବୁଢ଼ାଯାଏ ସଭିଙ୍କୁ ଦୟାଶୀଳ ଓ ସହୃଦୟତା ଦେଖାଇବା ଏହି ଦିବସର ମୂଳ ଲକ୍ଷ୍ୟ।

ବିଶ୍ୱ ଦୟା ଦିବସକୁ ଆନୁଷ୍ଠାନିକ ଭାବେ ମାନ୍ୟତା ଦେବା ପାଇଁ ମିଳିତ ଜାତିସଂଘର ସଦସ୍ୟ ରାଷ୍ଟ୍ରମାନେ ସର୍ବସମ୍ମତି କ୍ରମେ ସମର୍ଥନ ଘୋଷଣାନାମା ସ୍ୱାକ୍ଷର କରିଥିଲେ। ୧୯୯୮ରେ ଏନଜିଓଗୁଡିକର ମିଳିତ ମଞ୍ଚ ବିଶ୍ୱ ଦୟା ଅଭିଯାନ ପାଇଁ ନିଷ୍ପତ୍ତି ଗ୍ରହଣ କରିଥିଲେ। ପ୍ରଥମେ କାନାଡା, ଅଷ୍ଟ୍ରେଲିଆ, ନାଇଜେରିଆ ଏବଂ ସଂଯୁକ୍ତ ଆରବ ଏମିରେଟ୍ସ ସମେତ ଅନେକ ଦେଶରେ ଏହା ପାଳନ କରାଯାଇଥିଲା। ସେବେଠାରୁ ଦୟା ସମ୍ପର୍କରେ ସଚେତନତା ସୃଷ୍ଟି ଲାଗି ପ୍ରତିବର୍ଷ ନଭେମ୍ବର ୧୩ରେ ବିଶ୍ୱ ଦୟା ଦିବସ ପାଳନ କରାଯାଏ।

ଏବେ ଭାରତ ସହିତ ଏହା ଆମେରିକା, କାନାଡା, ଜାପାନ, ଅଷ୍ଟ୍ରେଲିଆ, ୟୁଏଇ ଇତ୍ୟାଦି ଅନ୍ୟାନ୍ୟ ଦେଶରେ ମଧ୍ୟ ପାଳନ କରାଯାଉଛି।

# ୨୦ ମିଟର ଲମ୍ବା କୁର୍ତ୍ତା

ବାଗ୍‌ଦାଦ

ଲୋକମାନେ ସେମାନଙ୍କର ନାମ ଗିନିଜ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡ୍ସ(ଜିଡବ୍ଲ୍ୟୁଆର୍)ରେ ପଞ୍ଜୀକୃତ କରିବା ପାଇଁ ବହୁ ପରିଶ୍ରମ କରିଥାନ୍ତି। କିଛି ଲୋକ କ୍ରୀଡ଼ାରେ ନୂତନ ରେକର୍ଡ ସ୍ଥାପନ କରି ତ ଆଉ କିଛି ଲୋକ ସେମାନଙ୍କର ଦକ୍ଷତା ସହ ଏହି ରେକର୍ଡରେ ସ୍ଥାନ ପାଇବାକୁ ସକ୍ଷମ ହୋଇଥାନ୍ତି। ସେହିପରି କିଛି ଲୋକ କେତେକ ଆଶ୍ଚର୍ଯ୍ୟଜନକ ଜିନିଷ ସୃଷ୍ଟି କରି ମଧ୍ୟ ଏହି ରେକର୍ଡର ଅଧିକାରୀ ହୋଇ ପାରିଥାନ୍ତି। ଜିଡବ୍ଲ୍ୟୁଆର୍‌ରେ ସ୍ଥାନିତ ହେବାକୁ ବିଭିନ୍ନ ପ୍ରକାରର ଶ୍ରେଣୀ ରହିଥାଏ। ନିକଟରେ ଇରାକର ଏକ କମ୍ପାନୀ ୨୦.୩ ମିଟର ଲମ୍ବର ଏକ କୁର୍ତ୍ତା ନିର୍ମାଣ କରି ଜିଡବ୍ଲ୍ୟୁଆର୍‌ର ଅଧିକାରୀ ହୋଇପାରିଛି।

ଜିଡବ୍ଲ୍ୟୁଆର୍‌ରେ ସ୍ଥାନ ପାଇଥିବା ଏହି କୁର୍ତ୍ତା ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଜିଡବ୍ଲ୍ୟୁଆର୍ ପକ୍ଷରୁ ଏହାର ଅଫିସିଆଲ୍ ଇନ୍‌ଷ୍ଟାଗ୍ରାମ ହ୍ୟାଣ୍ଡେଲରେ ୨୦.୩ ମିଟର(୬୬ ଫୁଟ୍ ୭ ଇଞ୍ଚ) ଲମ୍ବ ବିଶିଷ୍ଟ ଏହି କୁର୍ତ୍ତାର ଭିଡିଓକୁ ଶେୟାର କରାଯାଇଛି। ଏହାର ମୋଟେଇ ୮.୪ ମିଟର (୨୭ ଫୁଟ ୬ ଇଞ୍ଚ) ରହିଛି। ଏହି ଦୀର୍ଘତମ କୁର୍ତ୍ତାକୁ ଇରାକର ରାଜଧାନୀ ବାଗ୍‌ଦାଦର 'ବୟାତି ରିଏଲ୍ ଇଷ୍ଟେଟ୍ ଇନ୍‌ଭେଷ୍ଟମେଣ୍ଟ' ନାମରେ ଏକ କମ୍ପାନୀ ପ୍ରସ୍ତୁତ କରିଛି।

ସାଧାରଣତଃ ଭାରତରେ ପର୍ବପର୍ବାଣି ସମୟରେ ଲୋକମାନେ କୁର୍ତ୍ତା ପିନ୍ଧିବାକୁ ପସନ୍ଦ କରିଥାନ୍ତି। ତେବେ ଏହି କୁର୍ତ୍ତାକୁ ଇରାକରେ ଥୋବେ କୁହାଯାଏ। ଥୋବେ କୁର୍ତ୍ତାଠାରୁ ସାମାନ୍ୟ ଭିନ୍ନ ରହିଥାଏ। ଥୋବେରେ ବେକ ନିକଟରେ ୩ରୁ ୪ଟି ବଟନ୍ ରହିଥାଏ, ଯାହାକୁ ଖୋଲାଯିବା ପରେ ହିଁ ଥୋବେକୁ ପିନ୍ଧାଯାଇପାରିବ। ରେକର୍ଡ ପାଇଁ ପ୍ରସ୍ତୁତ ଏହି ବିଶାଳ ଥୋବେ ଧୂସର ରଙ୍ଗର ହୋଇଥିବା ନେଇ ଦେଖିବାକୁ ମିଳିଛି।



# କୁକୁଡ଼ା ଆକୃତିର ସବୁଠୁ ବଡ଼ ହୋଟେଲ

ମାନିଲା

ଫିଲିପାଇନ୍ସର ନେଗ୍ରୋସ୍ ଅକ୍ସିଡେଣ୍ଟାଲ୍ ଶିଳ୍ପାଞ୍ଚଳରେ କୁକୁଡ଼ା ଆକାରରେ ଏକ ବିଶାଳ ହୋଟେଲ ରହିଛି। ନିଜର ବିଶେଷ ଡିଜାଇନ୍ ହେତୁ ଏହି ହୋଟେଲର ନାମ ଗିନିଜ୍ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡ୍ସ(ଜିଡବ୍ଲ୍ୟୁଆର୍)ରେ ନାମ ସ୍ଥାନିତ ହୋଇଛି, ଯାହା ସାରା ବିଶ୍ୱର ଦୃଷ୍ଟି ଆକର୍ଷଣ କରିପାରିଛି।

ଫିଲିପାଇନ୍ସର ଏହି କୁକୁଡ଼ା ଆକୃତି ହୋଟେଲର ଉଚ୍ଚତା ୧୧୫ ଫୁଟ ହୋଇଥିବାବେଳେ ଏହାର ଚଉଡ଼ା ୧୨.୨୭ ମିଟର (୪୦ ଫୁଟ) ରହିଛି। ଏହି ହୋଟେଲରେ ଶୀତତାପ ନିୟନ୍ତ୍ରିତ ୧୫ଟି କୋଠରି ରହିଛି। ଏଥିରେ ବଡ଼ ଆକାରରେ ରାଜକୀୟ ଶଯ୍ୟା, ଟିଭି ଏବଂ ରାଜକୀୟ ସାୱାର ମଧ୍ୟ ରହିଛି। ଗତବର୍ଷ ଜୁନ୍ ୧୦ରେ ଏହି ହୋଟେଲର ନିର୍ମାଣ କାର୍ଯ୍ୟ ଶେଷ ହୋଇଥିଲା। ତେବେ ଏହି କୁକୁଡ଼ା ଆକୃତିର ହୋଟେଲକୁ ଅତି ଯତ୍ନର ସହ ନିର୍ମାଣ କରାଯାଇଥିବା ନେଇ ହୋଟେଲର ମାଲିକ ତଥା ସ୍ଥାନୀୟ ଶିଳ୍ପପତି ରିକାର୍ଡୋ କାନୋ ଗେଓ୍ୱପୋ ତେନ୍ କହିଛନ୍ତି। ନିର୍ମାଣ ସମୟରେ ଝଡ଼ ଏବଂ ପ୍ରାକୃତିକ ବିପର୍ଯ୍ୟୟ ଆଦିକୁ ଧ୍ୟାନରେ ରଖାଯାଇଥିବା ନେଇ ସେ କହିଛନ୍ତି।





ଆଜେରବୈଜାନର ବାକୁରେ ମଙ୍ଗଳବାର ଜାତିସଂଘର ଜଳବାୟୁ ପରିବର୍ତ୍ତନ ସମ୍ମିଳନୀ କପ୍ ୨୯ ଉଦ୍‌ଘାଟନୀ ଅବସରରେ ନୃତ୍ୟ ପରିବେଷଣ କରାଯାଉଛି।

# ମୃତ ୩୦ ଚାଷୀଙ୍କ ନାମରେ କୃଷି ଋଣ

**କୃଷି ଓ କୃଷକଙ୍କ ଉନ୍ନତି ପାଇଁ ରାଜ୍ୟ ସରକାର ଏକାଧିକ ଯୋଜନାର ସଫଳ ରୂପାୟନ ପାଇଁ ଆହ୍ୱାନ ଦେଉଛନ୍ତି। କିନ୍ତୁ ଗତ ୨ବର୍ଷ ମଧ୍ୟରେ ମୃତ ୩୦ ଚାଷୀଙ୍କ ନାମରେ କୃଷି ଋଣ ଉଠାଇବା ଅଭିଯୋଗ ଯାଜପୁର ଜିଲାର କେତେକ ପ୍ରାଥମିକ ସେବା ସମବାୟ ସମିତି(ପାକ୍ସ) କର୍ତ୍ତୃପକ୍ଷଙ୍କ ସ୍ୱଚ୍ଛତା ଓ ନିରପେକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହି ଅଭିଯୋଗ ଉପରେ ଓଡ଼ିଶା ନିବନ୍ଧକ ସମବାୟ ସମିତି(ଆର୍‌ସିଏସ୍)ଙ୍କ କାର୍ଯ୍ୟାଳୟରୁ ୧୧।୧୧।୨୦୨୪ରେ ଯାଜପୁର ଜିଲା ଉପନିବନ୍ଧକ ସମବାୟ ସମିତି ସମୂହ(ଡିଆର୍‌ସିଏସ୍)ଙ୍କୁ ପୁଙ୍ଖାନୁପୁଙ୍ଖ ତଦନ୍ତ କରି ସମବାୟ ଆଇନ ଅନୁଯାୟୀ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଜାରି ହୋଇଛି।**

## ତଦନ୍ତ ନିର୍ଦ୍ଦେଶ ଦେଲେ ଆର୍‌ସିଏସ୍



ନିବନ୍ଧକ ସମବାୟ ସମିତି ସମୂହ, ଓଡିଶା, ଭୁବନେଶ୍ୱର

ପତ୍ର ସଂଖ୍ୟା: RCSO-BANK3-MISC-0076-2024 18389 ବ୍ୟାଙ୍କ-୧୦/ତା 11.11.24

ପ୍ରାପ୍ତେଷୁ,

ଉପ-ନିବନ୍ଧକ ସମବାୟ ସମିତି ସମୂହ, ଯାଜପୁର ଡ଼ିଭିଜନ, ଯାଜପୁର।

ବିଷୟ: ଶ୍ରୀମତୀ ଉର୍ମିଳା ବାରିକ ଉପସଭାପତି ପାଲଟପୁର ପ୍ରାଥମିକ କୃଷି ସମବାୟ ସମିତି, ଦଶରଥପୁର ବ୍ଲକ, ଯାଜପୁର ଓ ପରିଚାଳନା ପରିଷଦର ଅନ୍ୟ ସଭ୍ୟ ମାନେ ପାଲଟପୁର ପ୍ରାଥମିକ କୃଷି ସମବାୟ ସମିତିର ସଭାପତି ଅଶ୍ୱିନୀ କୁମାର ନାୟକ ଏବଂ ସମ୍ପାଦକ ବିଶ୍ୱଜିତ ଧଳଙ୍କ ଦ୍ୱାରା ହୋଇଥିବା ଦୁର୍ନୀତି ସମ୍ବନ୍ଧରେ।

ମହାଶୟ,

ଶ୍ରୀମତୀ ଉର୍ମିଳା ବାରିକ ଉପସଭାପତି ପାଲଟପୁର ପ୍ରାଥମିକ କୃଷି ସମବାୟ ସମିତି, ଦଶରଥପୁର ବ୍ଲକ, ଯାଜପୁର ଓ ପରିଚାଳନା ପରିଷଦର ଅନ୍ୟ ସଭ୍ୟ ମାନେ ପାଲଟପୁର ପ୍ରାଥମିକ କୃଷି ସମବାୟ ସମିତିର ସଭାପତି ଅଶ୍ୱିନୀ କୁମାର ନାୟକ ଏବଂ ସମ୍ପାଦକ ବିଶ୍ୱଜିତ ଧଳଙ୍କ ଦ୍ୱାରା ହୋଇଥିବା ଦୁର୍ନୀତି ସମ୍ବନ୍ଧରେ କରିଥିବା ଅଭିଯୋଗ ପତ୍ର ସଂଲଗ୍ନ ପୂର୍ବକ ମୁଁ ନିର୍ଦ୍ଦେଶକ୍ରମେ ଆପଣଙ୍କୁ ଅନୁରୋଧ କରୁଅଛି ଯେ, ଉପରୋକ୍ତ ବିଷୟରେ ପୁଙ୍ଖାନୁପୁଙ୍ଖ ତଦନ୍ତ କରିବା ସହିତ ସମବାୟ ଆଇନ ଅନୁଯାଇ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ତାହାର ଏକ ବିସ୍ତୃତ ବିବରଣୀ ଏହି ନିର୍ଦ୍ଦେଶାଳୟକୁ ପ୍ରେରଣ କରିବା ହେବେ।

ଆପଣଙ୍କ ବିଶ୍ୱସ୍ତ,

ଯୁଗ୍ମ-ନିବନ୍ଧକ ସମବାୟ ସମିତି ସମୂହ (ଋଣ)

ସ୍ମାରକ ନମ୍ବର 18390 ତା 11.11.24

ଏହାର ଏକ ନକଲ ସଲଗ୍ନ ସହିତ ସହକାରୀ ନିବନ୍ଧକ ସମବାୟ ସମିତି ସମୂହ, ଯାଜପୁରଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା।

ଯୁଗ୍ମ-ନିବନ୍ଧକ ସମବାୟ ସମିତି ସମୂହ (ଋଣ)

ସ୍ମାରକ ନମ୍ବର 18391 ତା 11.11.24

ଏହାର ଏକ ନକଲ ମାନ୍ୟବର ରାଷ୍ଟ୍ରମନ୍ତ୍ରୀ (ସ୍ୱାଧୀନ) ସମବାୟ, ହସ୍ତତନ୍ତ, ବୟନଶିଳ୍ପ ଓ ହସ୍ତଶିଳ୍ପ, ଓଡିଶାଙ୍କ ଅବଗତି ନିମନ୍ତେ ମାନ୍ୟବର ରାଷ୍ଟ୍ରମନ୍ତ୍ରୀ (ସ୍ୱାଧୀନ) ଙ୍କ ବ୍ୟକ୍ତିଗତ ସଚିବଙ୍କୁ ପ୍ରେରଣ କରାଗଲା।

ଯୁଗ୍ମ-ନିବନ୍ଧକ ସମବାୟ ସମିତି ସମୂହ (ଋଣ)

**ଯାଜପୁର,୧୨।୧୧**
**(ହର୍ଷବର୍ଦ୍ଧନ ବେହେରା)**

ରାଜ୍ୟର ନିରୀହ ଗରିବ କୃଷକଙ୍କ କୃଷି ଋଣ ଆକାଉଣ୍ଟକୁ ଜାଲିଆତି କରି ସେମାନଙ୍କୁ ହଇରାଣ କରାଯାଉଥିବା ପୂର୍ବରୁ ଅନେକ ଅଭିଯୋଗ ରହିଛି। ଏହି କ୍ରମରେ ୨୦୨୨ ପାକ୍ସ ସମ୍ପାଦକ କିମ୍ବା ପରିଚାଳନା ନିର୍ଦ୍ଦେଶକ ଋଣ ପାସ୍ ବହି କିମ୍ବା କେସିସି ଚେକ୍ ବୁକ୍ ନିଜ ପାଖରେ ରଖିବେ ନାହିଁ କିମ୍ବା ଏହାର ବ୍ୟବହାର କରି ପାରିବେ ନାହିଁ ବୋଲି ବିଭାଗୀୟ ନିର୍ଦ୍ଦେଶନାମା ଜାରି ହୋଇଥିଲା। ଏହାବାଦ୍ ନିୟମିତ ବ୍ୟବଧାନରେ ଋଣ ପାସ୍ ବୁକ୍‌ର ତଦନ୍ତ, ବ୍ୟକ୍ତିଗତ ଭାବେ ଋଣୀଙ୍କୁ ଯୋଗାଯୋଗ, ଋଣ ପରିମାଣ ମଞ୍ଜୁର ସଂକ୍ରାନ୍ତରେ ମୋବାଇଲକୁ ଏସ୍‌ଏମ୍‌ଏସ୍ ଜରିଆରେ ସୂଚନା ଆଦି କାର୍ଯ୍ୟ କରିବାକୁ ନିର୍ଦ୍ଦେଶନାମାରେ ଦର୍ଶାଯାଇଥିଲା। ତେବେ ଏହି ନିର୍ଦ୍ଦେଶ ଉପଯୁକ୍ତ ଭାବେ କାର୍ଯ୍ୟକାରୀ ହେଉ ନ ଥିବାରୁ ଯାଜପୁର ଜିଲା ଦଶରଥପୁର ବ୍ଲକ ପାଲଟପୁର ପାକ୍ସରେ ଋଣ କାରବାରରେ ବ୍ୟାପକ ଦୁର୍ନୀତି ହୋଇଛି।

ଅଭିଯୋଗ ଅନୁଯାୟୀ, ବଡକୁଆଁଳ ଗ୍ରାମର ଚାଷୀ ପଞ୍ଚାନନ ମଲିକଙ୍କ ପରଲୋକର ୧୦୮ ଦିନ ପରେ ସେ ବ୍ୟାଙ୍କରୁ ଋଣ ଟଙ୍କା ଉଠାଇଥିବା ଭଳି କୌତୂହଳପୂର୍ଣ୍ଣ ଘଟଣା ସାମ୍‌ନାକୁ ଆସିଛି। ଏହି ସମିତିର ଉପସଭାପତି ଉର୍ମିଳା ବାରିକ, ସରପଞ୍ଚ ଲିପିକା ମଲିକ, ବୋର୍ଡ ସଭ୍ୟ ସରୋଜ ବିଶ୍ୱାଳ, ପ୍ରଫୁଲ୍ଲ କର, ହେମନ୍ତ ମଲିକ, ନରେନ୍ଦ୍ର କୁମାର ସେଠୀ, ତ୍ରିଲୋଚନ ମଲିକ ପ୍ରମୁଖ ଶତାଧିକ ଚାଷୀ ମୁଖ୍ୟମନ୍ତ୍ରୀଙ୍କୁ ଦେଇଥିବା ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି, ପାକ୍ସର ସଭାପତି ଅଶ୍ୱିନୀ କୁମାର ନାୟକ ଓ ସମ୍ପାଦକ ବିଶ୍ୱଜିତ ଧଳ ୨୩ ଲକ୍ଷ ୪୨ ହଜାର ଟଙ୍କା ଆତ୍ମସାତ୍ କରିଛନ୍ତି। ୨୦୨୩-୨୪ ଆର୍ଥିକ ବର୍ଷରେ ୮୫୦ ଜଣ ଚାଷୀ ଏବଂ ୨୦୨୪-୨୫ ବର୍ଷରେ ☞ପୃଷ୍ଠା-୨

# ‘ଏଲ୍‌ଆର୍‌ଏଲ୍‌ଏସିଏମ୍’ର ପରୀକ୍ଷା ସଫଳ

**ବାଲେଶ୍ୱର,୧୨।୧୧(ବାଞ୍ଛାନିଧି ଦେ)**

ପ୍ରତିରକ୍ଷା ଅନୁସନ୍ଧାନ ଏବଂ ବିକାଶ ସଂଗଠନ (ଡିଆରଡିଓ) ପକ୍ଷରୁ ‘ଲଙ୍ଗ ରେଞ୍ଜ ଲ୍ୟାଣ୍ଡ ଆଟାକ୍ କ୍ରୁଜ୍ ମିଶାଇଲ୍ (ଏଲଆରଏଲଏସିଏମ)’ର ପରୀକ୍ଷଣ ସଫଳ ହୋଇଛି। ବାଲେଶ୍ୱର ଚାନ୍ଦିପୁରସ୍ଥିତ ଆଇଟିଆରରୁ ଏକ ମୋବାଇଲ ଆର୍ଟିକୁଲେଟ୍ ଲଞ୍ଚର୍ ମାଧ୍ୟମରେ ମଙ୍ଗଳବାର ଏହି କ୍ଷେପଣାସ୍ତ୍ର(ଏଲଆରଏଲଏସିଏମ)ର ପରୀକ୍ଷଣ ହୋଇଥିଲା। ଏହି ସମୟରେ ପରୀକ୍ଷଣର ପ୍ରାଥମିକ ଲକ୍ଷ୍ୟ ପୂରଣ ଦିଗରେ ସମସ୍ତ ଉପପ୍ରଣାଳୀ ଆଶା ଅନୁଯାୟୀ କାର୍ଯ୍ୟ କରିଥିଲା। ତେବେ ଏହି କ୍ଷେପଣାସ୍ତ୍ରର କାର୍ଯ୍ୟଦକ୍ଷତା ସହ ସମ୍ପୂର୍ଣ୍ଣ ଉଡ଼ାଣ ବେଗ ଓ ପଥକୁ ଆଇଟିଆର ଦ୍ୱାରା ବିଭିନ୍ନ ସ୍ଥାନରେ ନିୟୋଜିତ ରାଡାର, ଇଲେକ୍ଟ୍ରୋଅପ୍ଟିକାଲ୍ ☞ପୃଷ୍ଠା-୨

# ପ୍ରବାସୀ ଭାରତୀୟ ସମ୍ମିଳନୀ ୱେବ୍‌ସାଇଟ୍ ଉନ୍ମୋଚିତ

**ଭୁବନେଶ୍ୱର,୧୨।୧୧(ଅନିଲ ଦାସ)**

ଅଷ୍ଟାଦଶ ପ୍ରବାସୀ ଭାରତୀୟ ଦିବସ ଆସନ୍ତା ଜାନୁଆରୀ ୮ ତାରିଖରୁ ରାଜଧାନୀର ଜନତା ମଇଦାନରେ ଅନୁଷ୍ଠିତ ହେବ। ପ୍ରବାସୀ ଭାରତୀୟ ଦିବସ ପାଇଁ ମଙ୍ଗଳବାର ନୂଆଦିଲ୍ଲୀର ଜବାହରଲାଲ ନେହେରୁ ଭବନସ୍ଥିତ ସିବି ମୁଥାମା ହଲରେ ୱେବ୍‌ସାଇଟ୍ pbdin-dia.gov.in ଉନ୍ମୋଚିତ ହୋଇଛି। ଏହାକୁ ମିଳିତ ଭାବେ ବହିର୍ବ୍ୟାପାର ମନ୍ତ୍ରୀ ସୁବ୍ରମଣ୍ୟମ୍ ଜୟଶଙ୍କର ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉନ୍ମୋଚନ କରିଛନ୍ତି। ଏହି ତିନିଦିନିଆ ସମାରୋହ ଜାନୁଆରୀ ୮ରୁ ୧୦ ☞ପୃଷ୍ଠା-୨



# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଅନ୍ତର୍ଜାତୀୟ ଶ୍ରୀଜଗନ୍ନାଥ ମହୋତ୍ସବ, ସ୍ଥାନ: କସ୍ତୁରବା ପଡ଼ିଆ, ନୟାପଲ୍ଲୀ, ସମୟ: ପ୍ରାତଃ ୫ଟା ୩୦ ।
- ସିପିଆଇ, ସିପିଆଇ(ଏମ୍), ସିପିଆଇ(ଏମ୍-ଏଲ୍) ଲିବରେସନ୍ ଓ ଅଲ୍ ଇଣ୍ଡିଆ ଫରୱାର୍ଡ ବ୍ଲକ ପକ୍ଷରୁ ଧାରଣା, ସ୍ଥାନ: ଲୋୟର ପିଏମ୍‌ଜି, ସମୟ: ପୂର୍ବାହ୍ନ ୧୧ଟା ୩୦ ।
- ମଧୁ ସ୍ମୃତି ପରିଷଦ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ବୁଦ୍ଧ ମନ୍ଦିର, ୟୁନିଟ୍-୯, ସମୟ: ପରାହ୍ନ ୪ଟା ୩୦ ।
- ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଆନୁକୂଲ୍ୟରେ ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ ସୁରଭି ୨୦୨୪, ସ୍ଥାନ: କ୍ୟାପିଟାଲ ହାଇସ୍କୁଲ, ୟୁନିଟ୍-୩, ସମୟ: ସନ୍ଧ୍ୟା ୬ଟା ।
- ଆଲିଶା ଫାଉଣ୍ଡେଶନ ପକ୍ଷରୁ 'ମନେପଡ଼େ ପିଲାଦିନ' କାର୍ଯ୍ୟକ୍ରମ, ସ୍ଥାନ: ବୁଦ୍ଧ ମନ୍ଦିର, ୟୁନିଟ୍-୯, ସମୟ: ସନ୍ଧ୍ୟା ୬ଟା ।
- ସଂଭାବନାର ବୋଇତ ବନ୍ଦାଣ ଉତ୍ସବ ଓ ପ୍ରତିଯୋଗିତା, ସ୍ଥାନ: ହୋଟେଲ ପତ୍ରପୋଡ଼ା, ଏକାମ୍ର ହାଟ, ସମୟ: ସନ୍ଧ୍ୟା ୬ଟା ।

## କଟକ

- ଡାଏବେଟିସ୍ ଆଣ୍ଡ ୱେଲବିଂ ପକ୍ଷରୁ ବିଶ୍ୱ ମଧୁମେହ ଦିବସରେ ପଦଯାତ୍ରା, ସ୍ଥାନ: କଟକ ବିଜୁ ପଟ୍ଟନାୟକ ଛକ, ସମୟ: ପ୍ରାତଃ ୫ଟା ।
- ଯୁବ ସୁରକ୍ଷା ମଞ୍ଚ ପକ୍ଷରୁ ପୋଲିସର ମାତ୍ରାଧିକ କାର୍ଯ୍ୟାନୁଷ୍ଠାନ ବିରୋଧରେ ଡିଜିପିଙ୍କୁ ଦାବିପତ୍ର ପ୍ରଦାନ, ସ୍ଥାନ: ପୋଲିସ ମୁଖ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା ୩୦ ।
- କଟକ ଗଙ୍ଗାମନ୍ଦିର ସାହି ପୂଜା କମିଟି ପକ୍ଷରୁ ଶ୍ରୀମଦ୍ ଭାଗବତ କଥାମୃତ ପ୍ରବଚନ, ସ୍ଥାନ: ଶ୍ରୀଶ୍ରୀଗଙ୍ଗାମନ୍ଦିର, ସମୟ: ସନ୍ଧ୍ୟା ୭ଟା ।
- କାର୍ତ୍ତିକ ପୂର୍ଣ୍ଣମା ଉପଲକ୍ଷେ ସାମାଜିକ ନାଟକ 'ଆଖିର ଜନମ କାନ୍ଦିବା ପାଇଁ', ସ୍ଥାନ: ବିନ୍ଧାଣିମା ହାଟ ସାହି, ତିଗିରିଆ, ସମୟ: ରାତି ୧୦ଟା ।

## ଖୋର୍ଦ୍ଧା

- ଖୋର୍ଦ୍ଧା ଜିଲା ସିନିୟର ଇଣ୍ଟ୍ରା କ୍ଲବ କ୍ରିକେଟ ଟୁର୍ଣ୍ଣାମେଣ୍ଟ, ସ୍ଥାନ: ବିଜେବି ହାଇସ୍କୁଲ ଖେଳପଡ଼ିଆ, ଖୋର୍ଦ୍ଧା, ସମୟ: ସକାଳ ୮ଟା ।
- ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୩୯ତମ ବାର୍ଷିକ ଖେଳକୁଦ ସମାରୋହ, ସ୍ଥାନ: ବିଦ୍ୟାଳୟ ପରିସର, ଜଟଣୀ, ସମୟ: ଅପରାହ୍ନ ୨ଟା ୩୦ ।

## ବାଲେଶ୍ୱର

- ଜଗଦ୍ଧାତ୍ରୀ ପୂଜା ଉପଲକ୍ଷେ ଶ୍ରୀ ଚୈତନ୍ୟଦେବଙ୍କୁ ଆରାଧନା, ନାମ ସଂକୀର୍ତ୍ତନ, ପ୍ରସାଦ ସେବନ, ସ୍ଥାନ: ମହେଶପୁର ପଞ୍ଚାୟତ ପାଖ, ଭୋଗରାଇ, ସମୟ: ପୂର୍ବାହ୍ନ ୧୧ଟା ।

## ଭଦ୍ରକ

- ଦୋଳଗୋବିନ୍ଦ ମଲ୍ଲିକଙ୍କ ସ୍ମୃତିଚାରଣ ସଭା, ସ୍ଥାନ: ବାରିକପୁର ମହାବିଦ୍ୟାଳୟ, ଭଣ୍ଡାରିପୋଖରୀ, ସମୟ: ମଧ୍ୟାହ୍ନ ୧୨ଟା ।
- କିୟୋର ଏନ୍ କେୟାର ହସ୍ପିଟାଲର ଉଦ୍‌ଘାଟନ, ସ୍ଥାନ: ବାସୁଦେବପୁର ମୁଖ୍ୟ ବଜାର ପେଟ୍ରୋଲ ପମ୍ପ ନିକଟ, ସମୟ: ଅପରାହ୍ନ ୧ଟା ।

## କେନ୍ଦୁଝର

- ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ନୂତନ ସଭାପତି ଚୟନ ନେଇ ବୈଠକ, ସ୍ଥାନ: ଜଳସୁଆଁ ବିଦ୍ୟାଳୟ ପରିସର, ଆନନ୍ଦପୁର, ସମୟ: ପୂର୍ବାହ୍ନ ୧୦ ଟା ।
- ମହାବୀର ସେବା ସଂଗଠନ ପକ୍ଷରୁ ବୈଠକ, ସ୍ଥାନ: ସାଇଁକୁଳ ଦୁର୍ଗା ପଡ଼ିଆ, ଘଷିପୁରା, ସମୟ: ଅପରାହ୍ନ ୪ ଟା ।
- ମା' ମଙ୍ଗଳା ସେବା ସଂଘଠନ ପକ୍ଷରୁ ବୈଠକ, ସ୍ଥାନ: ମଙ୍ଗଳପୁର, ଆନନ୍ଦପୁର, ଶନି ମନ୍ଦିର ପ୍ରାଙ୍ଗଣ, ସମୟ: ଅପରାହ୍ନ ୪ ଟା ।
- ରାହାସ ପୂଜା ଉପଲକ୍ଷେ ପାଟଣାରେ ସସ୍ମିତା ରାଉତଙ୍କ ପାଲା ପରିବେଷଣ, ସ୍ଥାନ: ସ୍ୱାମ ସୋମେଶ୍ୱର ମହାଦେବ ମନ୍ଦିର ପ୍ରାଙ୍ଗଣ, ପାଟଣା, ସମୟ: ସନ୍ଧ୍ୟା ୭ ଟା ।
- ରାଧାକୃଷ୍ଣ ପୂଜା କମିଟି ପକ୍ଷରୁ ପୂଜା ମଣ୍ଡପରେ ରାଧାକୃଷ୍ଣ ପୂଜା, ସ୍ଥାନ: କାନପୁର, ଘଷିପୁରା, ସମୟ: ସନ୍ଧ୍ୟା ୭ ଟା ।

## ମୟୂରଭଞ୍ଜ

- ଜଗନ୍ନାଥ ଓ ଶିରିଡ଼ିସାଇ ମନ୍ଦିର ପ୍ରତିଷ୍ଠା, ସ୍ଥାନ:ଭୈରଙ୍ଗୀ ରାଘବପୁର, ବୈଶିଙ୍ଗା,ସମୟ:ସକାଳ ୮ଟା ।
- ଜଗଦ୍ଧାତ୍ରୀ ମେଳାର ଶୁଭାରମ୍ଭ, ସ୍ଥାନ:ଭଞ୍ଜପୁର,ବାରିପଦା,ସମୟ:ପୂର୍ବାହ୍ନ ୧୧ଟା ।
- ସ୍ୱାସ୍ଥ୍ୟ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗଙ୍କ ଜିଲା ମୁଖ୍ୟ ଚିକିତ୍ସାଳୟ ପରିଦର୍ଶନ, ସ୍ଥାନ:ବାରିପଦା,ସମୟ:ଅପରାହ୍ନ ୩ଟା ।
- ପିଆର୍‌ଏମ୍ ମେଡିକାଲ କଲେଜର ବାର୍ଷିକୋତ୍ସବ, ସ୍ଥାନ: ବାରିପଦା, ସମୟ: ଅପରାହ୍ନ ୪ଟା ।

## ବ୍ରହ୍ମପୁର

- ବେଦ ପ୍ରବଚନ, ସ୍ଥାନ: ଗିରିରୋଡସ୍ଥିତ ପାଢ଼ୀ ସେଲିବ୍ରେଶନ, ସମୟ: ସନ୍ଧ୍ୟା ୬ଟା ୩୦ ।

## ଗଞ୍ଜାମ

- ବିଜ୍ଞାନ ପ୍ରଦର୍ଶନୀ, ସ୍ଥାନ: ବୁଗୁଡା ବୁଦ୍ଧଗିରି ବିଦ୍ୟାପୀଠ, ସମୟ: ପୂର୍ବାହ୍ନ ୧୦ଟା ।

## ଗଜପତି

- ଜିଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ, ସ୍ଥାନ: ପାରଳାଖେମୁଣ୍ଡିସ୍ଥିତ ଜିଲା ପରିଷଦ ସମ୍ମିଳନୀ କକ୍ଷ, ସମୟ: ଅପରାହ୍ନ ୪ଟା ।

## ଅନୁଗୋଳ

- ୩୯ତମ ବୋଇତ ବନ୍ଦାଣ ମହୋତ୍ସବ ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଅନୁଗୋଳ ସଭାଘର, ସମୟ: ସକାଳ ୮ଟା ।
- ଭୀମଭୋଇ ଦିବ୍ୟାଙ୍ଗ ସାମର୍ଥ୍ୟ ଶିବିର, ସ୍ଥାନ: ଆଠମଲ୍ଲିକ ମହେନ୍ଦ୍ର ଉଚ୍ଚ ବିଦ୍ୟାଳୟ, ସମୟ: ସକାଳ ୯ଟା ୩୦ ।
- ଶ୍ରୀ ଶ୍ରୀ ନର୍ମଦେଶ୍ୱରଙ୍କ ବାର୍ଷିକ ଉତ୍ସବ ଓ ଯଜ୍ଞ, ସ୍ଥାନ: କଣିହାଁ ବ୍ଲକସ୍ଥିତ ଅର୍କୀଳ ଗ୍ରାମ, ସମୟ: ପୂର୍ବାହ୍ନ ୧୦ ଟା ।

## ଜଗତ୍‌ସିଂହପୁର

- ରାଧାକୃଷ୍ଣ ସମିତି ପକ୍ଷରୁ ରାହାସ କାର୍ଯ୍ୟକ୍ରମ, ସ୍ଥାନ: ଷଣ୍ଢକୁଦ, ପାରାଦୀପ, ସମୟ: ପ୍ରାତଃ ୫ଟା ।
- ତିର୍ତ୍ତୋଲ ବ୍ଲକସ୍ତରୀୟ ବିଜ୍ଞାନମେଳା, ସ୍ଥାନ: ମଣିଜଙ୍ଗା ସରକାରୀ ଉଚ୍ଚ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା ।
- ମଣିଜଙ୍ଗା ଜଳ ସମ୍ପଦ କାର୍ଯ୍ୟାଳୟ ପରିସରରେ ବିଶ୍ରାମ ଗୃହର ଶିଳାନ୍ୟାସ, ସ୍ଥାନ : ମଣିଜଙ୍ଗା, ସମୟ: ମଧ୍ୟାହ୍ନ ୧୨ଟା ।
- ନେତାଜୀ ମେମୋରିଆଲ ଟ୍ରଷ୍ଟର ବାର୍ଷିକ ଅଧିବେଶନ ଓ କର୍ମକର୍ତ୍ତା ଚୟନ, ସ୍ଥାନ: ଆମ୍ବେଡ୍‌କର ଭବନ, ମଧୁବନ, ପାରାଦୀପ, ସମୟ: ଅପରାହ୍ନ ୪ଟା ।

## କେନ୍ଦ୍ରାପଡ଼ା

- ଗରାପୁରସ୍ଥ ଦିବ୍ୟ ଜୀବନ ସଂଘ ପକ୍ଷରୁ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ, ସ୍ଥାନ: ଇଚ୍ଛାପୁର ରଥଦାଣ୍ଡ, କେନ୍ଦ୍ରାପଡ଼ା ସହର, ସମୟ: ସକାଳ ୬ଟା ।
- ଶ୍ରୀନୀଳକଣ୍ଠେଶ୍ୱର ରାହାସ ଉତ୍ସବ, ସ୍ଥାନ: ତାଳସଙ୍ଗା, ମାର୍ଶାଘାଇ, ସମୟ: ସନ୍ଧ୍ୟା ୬ଟା ।
- ମଧୁଦୈତ୍ୟ ପୋଡ଼ି, ସ୍ଥାନ: ସଖୀବଟ, ମାର୍ଶାଘାଇ, ସମୟ: ସନ୍ଧ୍ୟା ୭ଟା ।

## ଯାଜପୁର

- ଯାଜପୁର ରୋଡ ଶ୍ରୀଶ୍ରୀ ଜଗନ୍ନାଥ ସଂସ୍କୃତି ପରିଷଦ ପକ୍ଷରୁ ଭାଗବତ ସପ୍ତାହ, ସ୍ଥାନ : ଶ୍ରୀ ଦେବେଶ୍ୱର ମନ୍ଦିର ପରିସର,ସମୟ : ସକାଳ ୬ଟା ।
- ଯାଜପୁର ସିଭିଲ ସୋସାଇଟି ଫୋରମ ପକ୍ଷରୁ ଆନ୍ଦୋଳନ, ସ୍ଥାନ: କଳିଙ୍ଗନଗର ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ, ସମୟ : ପୂର୍ବାହ୍ନ ୧୦ଟା ।

## ନୟାଗଡ଼

- ବାବା ବାଲୁଙ୍କେଶ୍ୱର ଦେବଙ୍କ ବାର୍ଷିକୋତ୍ସବର ପ୍ରଥମ ଦିବସ, ସ୍ଥାନ: ଖଣ୍ଡପଡ଼ା ବ୍ଲକ ବଡବାଣପୁର ମହାଦେବ ସାହି, ସମୟ ; ସକାଳ ୬ଟା ।
- ଖଣ୍ଡପଡା ମହୋତ୍ସବର ପ୍ରସ୍ତୁତି ବୈଠକ, ସ୍ଥାନ: ଶୁଭ କଲ୍ୟାଣ ମଣ୍ଡପ ଖଣ୍ଡପଡ଼ା, ସମୟ: ପୂର୍ବାହ୍ନ ୧୦ଟା ।
- ପଞ୍ଚୁକ ଅବସରରେ ମାଗଣା ପ୍ରସାଦ ବଣ୍ଟନ, ସ୍ଥାନ: ନୟାଗଡ଼ ସହର ୧୬ନଂ. ୱାର୍ଡ ମଧୁସୂଦନ ବିହାରର ଶ୍ୟାମାକାଳୀ ଠାକୁରାଣୀ ମନ୍ଦିର , ସମୟ:ଅପରାହ୍ନ ୧ଟା ।
- କାର୍ତ୍ତିକେଶ୍ୱର ଉତ୍ସବର ୨ୟ ଦିବସ, ସ୍ଥାନ:ଖଣ୍ଡପଡ଼ା ରଥଗଡ଼ା ଛକ, ସମୟ:ଅପରାହ୍ନ ୪ଟା ।
- ମନ୍ଦିର ପ୍ରତିଷ୍ଠା ଉତ୍ସବର ପୂର୍ଣ୍ଣାହୁତି, ସ୍ଥାନ:ଓଡ଼ଗାଁ ବ୍ଲକ୍ ନନ୍ଦିଘୋର ମହାଦେବ ମନ୍ଦିର, ସମୟ: ଅପରାହ୍ନ ୪ଟା ।
- ବୋଇତ ବନ୍ଦାଣ ଉତ୍ସବର ୩ୟ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକମ, ସ୍ଥାନ:ନୟାଗଡ଼ ସହର ମା'ଦକ୍ଷିଣ କାଳୀଙ୍କ ଯାତ୍ରା ପଡ଼ିଆ, ସମୟ:ଅପରାହ୍ନ ୫ଟା୧୫ ।
- ଲଡୁବାବାଙ୍କର ପାର୍ଶ୍ୱ ଦେବତା ଜଗନ୍ନାଥଙ୍କ ଗିରି ଗୋବର୍ଦ୍ଧନ ବେଶ, ସ୍ଥାନ: ଶରଣକୁଳ ଲଡୁବାବାଙ୍କ ପୀଠ, ସମୟ:ସନ୍ଧ୍ୟା ୬ଟା ।
- ଜଗନ୍ନାଥ ମହାପ୍ରଭୁଙ୍କର ବାଙ୍କଚୁଡ଼ ବେଶ, ସ୍ଥାନ: ନୟାଗଡ଼ ପୁରୁଣା ସହର ଜଗନ୍ନାଥ ମନ୍ଦିର, ସମୟ: ସନ୍ଧ୍ୟା ୬ଟା ।
- କାର୍ତ୍ତିକ ମହୋତ୍ସବ, ସ୍ଥାନ: ଖଣ୍ଡପଡ଼ା ବ୍ଲକ୍ ବଡବାଣପୁର, ସମୟ: ସନ୍ଧ୍ୟା ୭ଟା ।
- ପଞ୍ଚକ ଅବସରରେ ଜୟ ଜଗନ୍ନାଥ ଭଜନ ମଣ୍ଡଳୀ ପକ୍ଷରୁ ପ୍ରବଚନ, ସ୍ଥାନ: ନୟାଗଡ଼ ପୁରୁଣା ସହର ଜଗନ୍ନାଥ ମନ୍ଦିର, ସମୟ:ସନ୍ଧ୍ୟା ୭ଟା ।
- ଭାଗବତ ସପ୍ତାହରେ ପ୍ରାବଚନିକ କାର୍ଯ୍ୟକ୍ରମରେ ବାଲ୍ୟଲୀଳା, ରାସ, ରୁକ୍ମଣୀ ବିବାହ, ସ୍ଥାନ:ଲଡୁକେଶ ମହେଶ ମନ୍ଦିର ସମ୍ମୁଖ ଶରଣକୁଳ, ସମୟ:ସନ୍ଧ୍ୟା ୭ଟା ।
- କାର୍ତ୍ତିକ ମହୋତ୍ସବର ୨ୟ ଦିବସ, ସ୍ଥାନ:ଖଣ୍ଡପଡ଼ା ବ୍ଲକ୍ ମର୍ଦ୍ଦରାଜପୁରର ମୁଣ୍ଡିଆ ହନୁମାନ ପୀଠ ସମୟ:ସନ୍ଧ୍ୟା ୭ଟା ।
- ଭାଗବତ ସପ୍ତାଙ୍ଗର ୩ୟ ଦିବସ, ସ୍ଥାନ:ଭାପୁର ବ୍ଲକ୍ ନାରାୟଣୀ ପୀଠ ପଥର ଚକଡା, ସମୟ:ସନ୍ଧ୍ୟା ୭ଟା ।
- ଗରୁଡ ଗୋବିନ୍ଦ ବେଶ, ସ୍ଥାନ:କଣ୍ଟିଲୋ ନୀଳମାଧବ ମନ୍ଦିର, ଖଣ୍ଡପଡ଼ା ଗୋପୀନାଥ ମନ୍ଦିର, ସମୟ:ସନ୍ଧ୍ୟା ୭ଟା ।
- ରାସୋତ୍ସବର ୪ର୍ଥ ଦିବସରେ ବୃନ୍ଦାଙ୍କ ଗର୍ବ ଗଞ୍ଜନ ଓ ଗୋପୀଙ୍କର ବିଳାପ, ସ୍ଥାନ:ଦଶପଲ୍ଲା ସହର ଶ୍ରୀଶ୍ରୀ ଗୋପୀନାଥ ଜୀଉ ସାତପାଟଣା ମନ୍ଦିର, ସମୟ:ରାତି ୮ଟା ।

## ରାୟଗଡ଼ା

- ବାଲୁଙ୍କେଶ୍ୱର ନବ ନିର୍ମିତ ମନ୍ଦିରର ରତ୍ନମୁଦ କାର୍ଯ୍ୟକ୍ରମ, ପୂର୍ଣ୍ଣାହୂତି, ସ୍ଥାନ: ପିଏଚଡି କଲୋନୀସ୍ଥିତ ବାଲୁଙ୍କେଶ୍ୱର ମନ୍ଦିର, ରାୟଗଡା, ସମୟ: ମଧ୍ୟାହ୍ନ ୧୨.୪୫ ରୁ ୧, ଅପରାହ୍ନ ୫ଟା ୩୦ ରୁ ସନ୍ଧ୍ୟା ୬ ଟା ।

## କୋରାପୁଟ

- କୋରାପୁଟ ମଣ୍ଡଳସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀ, ସ୍ଥାନ: ମାଲୁ ସାଉନ୍ତା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ମାଥାଲପୁଟ, ଦାମନଯୋଡି, ସମୟ : ପୂର୍ବାହ୍ନ ୧୦ଟା ।
- ଜିଲା ରାଜସ୍ୱ ସମୀକ୍ଷା ବୈଠକ, ସ୍ଥାନ : ଦକ୍ଷତା ବୃଦ୍ଧି ତାଲିମ କେନ୍ଦ୍ର ସଭାଗୃହ, କୋରାପୁଟ ସମୟ : ପୂର୍ବାହ୍ନ ୧୦ ଟା ।
- ଜିଲା କୃଷି ସମୀକ୍ଷା ବୈଠକ, ସ୍ଥାନ : ଜିଲାପାଳଙ୍କ କାର୍ଯ୍ୟାଳୟ ସଭାଗୃହ, କୋରାପୁଟ,ସମୟ : ଅପରାହ୍ନ ୪ ଟା ।

## ସମ୍ବଲପୁର

- ସମ୍ବଲପୁର ଫଟୋଗ୍ରାଫର ଆସୋସିଏଶନ ପକ୍ଷରୁ ବାର୍ଷିକ ମିଟ, ସ୍ଥାନ : ଓଡିଶା ସାଂସ୍କୃତିକ ସମାଜ ଭବନ, ସମୟ: ସକାଳ ୯ଟା ।
- କାର୍ତ୍ତିକେଶ୍ୱର ମହୋତ୍ସବ ଉପଲକ୍ଷେ ମ୍ୟୁଜିକ ଚେୟାର ଓ ନୃତ୍ୟ ପ୍ରତିଯୋଗୀତା, ହୀରାକୁଦ ସ୍ଥିତ ଜିଗ ଜାଗ କ୍ଲବ, ପୂର୍ବାହ୍ନ : ପୂର୍ବାହ୍ନ ୧୦ଟା ।
- ସ୍ୱାଧୀନତା ସଂଗ୍ରାମୀ ପାର୍ବତୀ ଗିରିଙ୍କ ଶ୍ରାଦ୍ଧ ଦିବସ, ସ୍ଥାନ : ଛଚାନପାଲି ସ୍ଥିତ ରକ୍ଷୁଣୀ ଲାଠ ବାଳନିକେତନ, ସମୟ : ପୂର୍ବାହ୍ନ ୧୦ଟା ୩୦ ।
- ଫାଇନ ଆର୍ଟ ଏକକ ପ୍ରଦର୍ଶନୀ , ସ୍ଥାନ : ଗୌରୀଶଙ୍କର ପାର୍କ ସ୍ଥିତ ଆଞ୍ଚଳିକ ଆର୍ଟ ଗ୍ୟାଲେରି, ସମୟ : ପୂର୍ବାହ୍ନ ୧୧ଟାରୁ ରାତି ୭ଟା ୩୦ ।
- ଓଡ଼ିଶା ସାଂସ୍କୃତିକ ସମାଜ ପକ୍ଷରୁ ପଦ୍ମଶ୍ରୀ ମାୟାଧର ମାନସିଂଙ୍କ ଜୟନ୍ତୀ, ସ୍ଥାନ : ନେତାଜୀ ସୁଭାଷ ଚନ୍ଦ୍ର ବୋଷ ମହାବିଦ୍ୟାଳୟ ସଭାକକ୍ଷ, ସମୟ : ପୂର୍ବାହ୍ନ ୧୧ଟା ।
- ରକ୍ତଦାନ ଶିବିର ସ୍ଥାନ : ରୋଟାରୀ କ୍ଲବ ସଭାକକ୍ଷ, ସମୟ : ପୂର୍ବାହ୍ନ ୧୧ଟା ।
- କୃଷ୍ଣଲିନ କମଳଲୋଚନ ପଣ୍ଡାଙ୍କ ସମ୍ବଲପୁରୀ ଚଉତିଶା ମାଳା ଲୋକାର୍ପଣ, ସ୍ଥାନ : ସାମ୍ବାଦିକ ଭବନ, ସମୟ : ସନ୍ଧ୍ୟା ୫ଟା ୩୦ ।
- ରାତ୍ରକାଳୀନ ପ୍ରବଚନ, ରାମଜୀ ମନ୍ଦିର ନିକଟସ୍ଥ ଗୀତା ଗୁଡି, ସମୟ : ସନ୍ଧ୍ୟା ୬ଟା ୩୦ ।

## ସୁବର୍ଣ୍ଣପୁର

- କାର୍ତ୍ତିକ ପଞ୍ଚକ, ସ୍ଥାନ: ଅମରପାଲି, ବୀରମହାରାଜପୁର, ସମୟ: ସକାଳ ୬ଟା ।
- ଶ୍ରୀମଦ୍ ଭାଗବତ ସପ୍ତାହ ପାରାୟଣ ପଞ୍ଚମ ଦିବସରେ ପ୍ରବଚନ, ସ୍ଥାନ: ସୋନପୁର ଭଗବତୀ ପ୍ଲଟ ସ୍ଥିତ ଅଗ୍ରସେନ ଭବନ, ସମୟ: ସକାଳ ୭ଟା ୩୦ ।
- ୯୨ତମ ଚବିଶ ପ୍ରହର ନାମଯଜ୍ଞ ଦ୍ୱିତୀୟ ଦିବସ, ସ୍ଥାନ: ସୋନପୁର ଗଙ୍ଗାଧର ମେହେର ଛକ, ସମୟ: ସକାଳ ୮ଟା ।
- ଅଖଣ୍ଡ ନାମଯଜ୍ଞର ୨୭ତମ ଦିବସ, ସ୍ଥାନ: ଖୁଣ୍ଟୁଲାପାଲି,ଉଲୁଣ୍ଡା ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା ।
- ପାତାଳି ଶ୍ରୀକ୍ଷେତ୍ରରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବାଙ୍କଚୂଡା ବେଶ, ସ୍ଥାନ: କୋଟସମଲାଇ ପାତାଳି ଶ୍ରୀକ୍ଷେତ୍ର, ସମୟ: ପୂର୍ବାହ୍ନ ୧୦ଟା ୩୦ ।
- ସାର୍ବଜନୀନ କାଳୀପୂଜା ମହୋତ୍ସବ ଉପଲକ୍ଷେ ଉମାକାନ୍ତ ବାରିକ୍ ଓ ସାଥୀଙ୍କ ସମ୍ବଲପୁରୀ ମେଲୋଡି କାର୍ଯ୍ୟକ୍ରମ, ସ୍ଥାନ: ସୋନପୁର ସହର ମଝିପଡା, ସମୟ: ସନ୍ଧ୍ୟା ୫ଟା ୩୦ ।
- ଭାଗବତ ପାରାୟଣ, ସ୍ଥାନ: ଲୁତୁରପଙ୍କ ଜଗନ୍ନାଥ ମନ୍ଦିର,ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୭ଟା ।
- ନୃସିଂହ ପୁରାଣ ପଠନ, ସ୍ଥାନ: ଭାଲୁଡୁଙ୍ଗୁରୀ ଭାଗବତ ମନ୍ଦିର, ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୭ଟା ।

## ବରଗଡ଼

- କୁଚ୍ ବିହାର ଟ୍ରଫି, ସ୍ଥାନ: ବିକାଶ ଗ୍ରାଉଣ୍ଡ, ବରଗଡ଼, ସମୟ: ସକାଳ ୯ଟା ।
- ବାବା ବାଲୁଙ୍କେଶ୍ୱର ଫୁଟବଲ ପ୍ରତିଯୋଗିତା, ସ୍ଥାନ: ଖୁଣ୍ଟପାଲି ଖେଳ ପଡିଆ, ସମୟ: ସକାଳ ୯ଟା ।
- ବିଜ୍ଞାନ ଆଲୋଚନାଚକ୍ର, ସ୍ଥାନ: ସରକାରୀ ହାଇସ୍କୁଲ, ଲହଣ୍ଡା, ଅତାବିରା, ସମୟ: ସକାଳ ୯ଟା ।

## ଝାରସୁଗୁଡ଼ା

- ଶୀବାନି ଦିଦିଙ୍କ ପ୍ରେରଣା ଦାୟକ ବାର୍ତ୍ତା, ସ୍ଥାନ: ମନମୋହନ ପଡ଼ିଆ, ସମୟ: ସକାଳ ୭ଟା ।
- ବୈଠକ କୀର୍ତ୍ତନ, ସ୍ଥାନ: ବୃନ୍ଦାମାଲ ଶିବମନ୍ଦିର, ସମୟ: ସକାଳ ୮ଟା ।
- ନାମ ସଂର୍କୀର୍ତ୍ତନ, ସ୍ଥାନ: ଶ୍ରୀପୁର ଗୌରାଙ୍ଗ ମଠ, ସମୟ: ସକାଳ ୯ଟା ।
- ଭାଗବତ ପରାୟଣ (ରୁକ୍ମିଣୀ ବିବାହ), ସ୍ଥାନ: କୁକୁରଜଙ୍ଗା ମନ୍ଦିର, ସମୟ: ପୂର୍ବାହ୍ନ ୧୧ଟା ।

## ରାଉରକେଲା

- ରାଉରକେଲା ଇସ୍କନ ମନ୍ଦିରରେ ତୁଳସୀ ବିବାହ, ସ୍ଥାନ: ଛେଣ୍ଡ ଇସ୍କନ ମନ୍ଦିର, ସମୟ: ସକାଳ ୫ଟା ୩୦ ।
- ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ସେକ୍ଟର-୭ ପଡିଆ, ସମୟ: ସକାଳ ୭ଟା ।
- ୟୁନିଭର୍ସିଟି ମହିଳା ହକି ମ୍ୟାଚ୍, ସ୍ଥାନ: ସ୍ପୋର୍ଟସ ହଷ୍ଟେଲ, ପାନପୋଷ, ସମୟ: ସକାଳ ୯ଟା ୩୦ ।
- ବୋଇତ ବନ୍ଦାଣ ମହୋତ୍ସବ, ସ୍ଥାନ: ସେକ୍ଟର-୨ ପଡିଆ, ସମୟ: ରାତି ୮ଟା ।

## ଦେବଗଡ଼

- କାର୍ତ୍ତିକ ମାସ ଅବସରରେ ନଗର କୀର୍ତ୍ତନ ପରିକ୍ରମା, ସ୍ଥାନ: ମଠ ସାହି ଛକ, ସମୟ: ପ୍ରାତଃ ୫ଟା ।
- ଆନ୍ତଃ କ୍ଲବ କ୍ରିକେଟ ପ୍ରତିଯୋଗିତା, ସ୍ଥାନ: ଇନ୍ଦିରା ଗାନ୍ଧୀ ଷ୍ଟାଡିୟମ୍ ଦେବଗଡ଼, ସମୟ: ସକାଳ ୯ଟା ।
- ବ୍ରଦର୍ସ ଆସୋସିଏଶନ ଦୁଇ ଦିନିଆ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ, ସ୍ଥାନ: ଭେରୁବେଣୀ ଖେଳ ପଡ଼ିଆ ଜାମୁନାଲି କଲୋନୀ, ବ୍ଲକ ତିଲେଇବଣି, ସମୟ: ସକାଳ ୯ଟା ୩୦ ।
- କୃଷକ ଉତ୍ପାଦକ ସଂଘ ସଦସ୍ୟଙ୍କୁ ନେଇ ପରିଯୋଜନା ଶୁଭାରମ୍ଭ ସମ୍ପର୍କିତ କର୍ମଶାଳା, ସ୍ଥାନ: କୃଷି ବିଜ୍ଞାନ କେନ୍ଦ୍ର କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୧ଟା ।
- କଣ୍ଢଳ ପ୍ରାଥମିକ କୃଷି ସମବାୟ ସମିତି ଲିଃ ନୂତନ କାର୍ଯ୍ୟାଳୟ ଉଦ୍‌ଘାଟନ, ସ୍ଥାନ: ରାମ ଚନ୍ଦ୍ର ଉଦ୍ୟାନ ବ୍ଲକ ବାରକୋଟ, ସମୟ: ପୂର୍ବାହ୍ନ ୧୧ଟା ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିବା ସଙ୍ଗକୁ ଲକ୍ଷ୍ୟ ହାସଲ ଦିଗରେ ଅଗ୍ରସର ହେବେ । କର୍ମକ୍ଷେତ୍ରରେ ଅବୁଝା ବନ୍ଧୁଙ୍କୁ ମନ ବୁଝିଲା ଭଳି କଥା କହି ପରିସ୍ଥିତିକୁ ସୁଧାରି ନେବେ । ଯାତ୍ରା, ବାଣିଜ୍ୟ, କ୍ରୟ ବିକ୍ରୟ କ୍ଷେତ୍ରରେ ସମସ୍ୟାର ସମ୍ମୁଖୀନ ହେବ । ସାହିତ୍ୟ, ସାମ୍ବାଦିକତା, କଳା, ସଙ୍ଗୀତ, ଚଳଚ୍ଚିତ୍ର ଓ ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିବ ।

**ବୃଷ** ବାସସ୍ଥାନ ନିକଟସ୍ଥ ପାରିପାର୍ଶ୍ୱିକ ପରିସ୍ଥିତି ଭଲ ଦିଗକୁ ଗତି କରୁଥିବାରୁ ମାନସିକ ବ୍ୟସ୍ତତା ଦୂରେଇ ଯାଇପାରେ । ବନ୍ଧୁଙ୍କଠାରୁ ଉତ୍ସାହ ଓ ପ୍ରେରଣା ପାଇ ଦୁଃସାଧ୍ୟ ସାଧନ କରିପାରନ୍ତି । ସଭାସମିତି, ରାଜନୀତି, ଆଲୋଚନା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇପାରନ୍ତି । ଘରୋଇ କଳହକୁ ନେଇ ଅଶାନ୍ତି ଲାଗିରହିପାରେ ।

**ମିଥୁନ** ପ୍ରତିବନ୍ଧକ କାରଣରୁ ଚେଷ୍ଟା କରୁଥିବା କାମରେ ସଫଳତା ବିଳମ୍ବରେ ପାଇବେ । ପୁନର୍ବସୁ ନକ୍ଷତ୍ର ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ କରିବା ଭଲ । ସହକର୍ମୀ କୌଶଳରେ କାର୍ଯ୍ୟ ହାସଲ କରିବାରେ ପଛାଇବେ ନାହିଁ । ଜମିଜମା କାରବାର, ଗୁରୁତ୍ୱପୂର୍ଣ୍ଣ ସିଦ୍ଧାନ୍ତ ତଥା ବିବାଦୀୟ ଘଟଣା ସମସ୍ୟା ବହୁଳ ହୋଇପାରେ ।

**କର୍କଟ** ସାମାଜିକ ସ୍ତରରେ ନିଷ୍କପଟ ଭାବନା ସମ୍ବଳିତ କର୍ମ ପାଇଁ ଉଚ୍ଚବର୍ଗଙ୍କ ସାହାଯ୍ୟ ପାଇବେ । ସାମାନ୍ୟ ଅସୁବିଧାକୁ କୌଣସି ବନ୍ଧୁ ଗୁରୁତର ଭାବେ ଗ୍ରହଣ କରି ଦୂରେଇ ରହିପାରନ୍ତି । ସଭାସମିତିର ଆଲୋଚନା ତଥା ଚୁକ୍ତିପତ୍ର ସମ୍ପାଦନାରେ ସଫଳତା ହାସଲ କରିବେ । ଯାତ୍ରା, ବାଣିଜ୍ୟ ଓ ଅର୍ଥ ସମ୍ପର୍କ ମାନସିକ ଶାନ୍ତିର ପାଥେୟ ହୋଇପାରେ ।

**ସିଂହ** ପରୋକ୍ଷ ଶତ୍ରୁତା କାରଣରୁ କର୍ମକ୍ଷେତ୍ରରେ ସମସ୍ୟା ଆସିଲେ ମଧ୍ୟ କୌଣସି କ୍ଷତି ହେବନାହିଁ । ଉତ୍ତରାଫାଲ୍‌ଗୁନୀ ନକ୍ଷତ୍ର ବହୁତ ଦିନରୁ ଖୋଜୁଥିବା ଜିନିଷ ହଠାତ୍ ପାଇଯିବେ । ମକଦ୍ଦମାରେ ବିଚାର ବିଳମ୍ବ ହେବାରୁ ମନସ୍ତାପ ବଢ଼ିଯିବ । ବନ୍ଧୁଙ୍କ ସହଯୋଗରେ ଅସମ୍ପୂର୍ଣ୍ଣ କାମକୁ ସମ୍ପୂର୍ଣ୍ଣ କରିବାରେ ଆଜି ଅଧିକାଂଶ ସମୟ ବିତିବ ।

**କନ୍ୟା** ପରିବାରର ଆର୍ଥିକ ସମସ୍ୟା ବଢ଼ିବାରୁ କୌଣସି କାମ ଉତ୍ସାହପ୍ରଦ ହେବ ନାହିଁ । ପରିସ୍ଥିତିବଶତଃ ସାମାଜିକ କ୍ଷେତ୍ରରେ ଯେସାକୁ ତେସା ନୀତିରେ କାମ କରିପାରନ୍ତି । ହସ୍ତା ନକ୍ଷତ୍ର ପରକଥାରେ ପଡ଼ି ଭୁଲ୍ ମାର୍ଗର ଅନୁସରଣ କରି ଅନୁତାପ କରିବାକୁ ପଡ଼ିପାରେ । ସତର୍କତା ଓ ଅନ୍ୟମନସ୍କତା କାରଣରୁ ଦରକାରୀ କାଗଜପତ୍ର ହଜିଯିବାର ସୂଚନା ରହିଛି ।

**ତୁଳା** ସ୍ୱାତୀ ନକ୍ଷତ୍ର କଳେବଳେକୌଶଳେ କାର୍ଯ୍ୟ ସାଧନରେ ସମର୍ଥ ହେବେ । ମାନସିକ ଦ୍ୱନ୍ଦ୍ୱ ମଧ୍ୟରେ ବନ୍ଧୁଙ୍କ ସମ୍ମୁଖରେ ମନର ଭାବ ପ୍ରକାଶ କରିବାକୁ ପଛେଇ ଯିବେ । ପାରିବାରିକ ଅଶାନ୍ତି ହେତୁକ କୌଣସି କାମ ଉତ୍ସାହପ୍ରଦ ହେବ ନାହିଁ । ଶିଳ୍ପ, ବ୍ୟବସାୟ ଓ ପରିବହନରେ ସମସ୍ୟାର ସମାଧାନ କରିପାରିବେ ।

**ବିଛା** ବନ୍ଧୁଙ୍କ ସାହାଯ୍ୟ କାରଣରୁ ଆଶା ଓ ଅଭିଳାଷ ପୂରଣ ହେବାରୁ ସାମୟିକ ଆଶ୍ୱସ୍ତି ମିଳିପାରେ । ବିବାଦୀୟ ପରିସରରୁ ଦୂରେଇ ରହିବା ଭଲ, ଅନ୍ୟଥା କଳହର ସମ୍ଭାବନାକୁ ଏଡି ହେବ ନାହିଁ । ଆବଶ୍ୟକତା ପୂରଣ ସକାଶେ ବନ୍ଧୁଙ୍କୁ ଅନୁନୟ ବିନୟ କରି ଧାର କରଜ କରିବେ । କଳା, ସାହିତ୍ୟ, କ୍ରୀଡ଼ା, ଚଳଚ୍ଚିତ୍ର କ୍ଷେତ୍ରରେ ସଫଳତା ମିଳିବ ।

**ଧନୁ** ପାରିବାରିକ ସ୍ଥିତି ପୂର୍ଣ୍ଣତଃ ଭଲ ନ ହେଲେ ମଧ୍ୟ ଉତ୍ତରାଷାଢା ନକ୍ଷତ୍ରର ଏକ ପ୍ରକାର ଭଲ ରହିବ । ପ୍ରକାଶନ, ଯାନବାହନ, ନିର୍ମାଣ ଓ ଯାତ୍ରାକୁ ସମସ୍ୟା ବହୁଳ କରିପାରନ୍ତି । କଠୋର କଥା କହିବା କାରଣରୁ ପରିବାରରେ କଳହ ଦେଖାଦେବ । ଗୁରୁତ୍ୱପୂର୍ଣ୍ଣ ବିଷୟ ଆଲୋଚନା କ୍ରମରେ ଅଫିସ୍ କାମରେ ବିତର୍କର ସମ୍ଭାବନା ରହିଛି ।

**ମକର** ଯାହା ଭାବୁଥିଲେ ତାହା ପୂର୍ଣ୍ଣତା ଲାଭ କରିବାର ଅଶା ମନକୁ ଭାବବିଭୋର କରାଇପାରେ । ଆଜିର ଯାତ୍ରା ଫଳପ୍ରଦ ହେବ ଏବଂ ବନ୍ଧୁମିଳନଜନିତ ସାମୟିକ ଆନନ୍ଦ ଅନୁଭବ କରିବେ । ଅନ୍ୟମାନଙ୍କର ତାଗିଦ୍ ଓ ବୃଥା ସନ୍ଦେହଜନକ ବାକ୍ୟାଳାପ ମନକୁ ଭାରାକ୍ରାନ୍ତ କରିପାରେ । ସ୍ୱାସ୍ଥ୍ୟ ପ୍ରତି ଅବହେଳା କରି ଅନୁତାପ କରିପାରନ୍ତି ।

**କୁମ୍ଭ** ହାତକୁ ନେଇଥିବା କାମଗୁଡ଼ିକ ସମ୍ପନ୍ନ ହେବାରେ ବହୁତ ବାଧା, ବିଘ୍ନର ସମ୍ମୁଖୀନ ହେବାକୁ ପଡ଼ିପାରେ । ଶିଳ୍ପ, ବାଣିଜ୍ୟ ଓ ପରିବହନ ପାଇଁ ଅସୁବିଧା ହେବ ନାହିଁ । ଦୀର୍ଘ ଦିନରୁ ଲାଗି ରହିଥିବା ରୋଗ ଓ ଋଣ ଦୁଶ୍ଚିନ୍ତାର କାରଣ ହେବ । ଶତଭିଷା ନକ୍ଷତ୍ର କର୍ମକ୍ଷେତ୍ରରେ ସହକର୍ମୀଙ୍କ ବ୍ୟବହାରରେ ଅପମାନିତ ବୋଧ କରିପାରନ୍ତି ।

**ମୀନ** ଉତ୍ତରଭାଦ୍ର ନକ୍ଷତ୍ର ଅର୍ଥ ସମ୍ପର୍କକୁ ନେଇ ବିବାଦଗ୍ରସ୍ତ ହୋଇପାରନ୍ତି । ନିଜର ଲୋକ ମାନଙ୍କ କଦର୍ଯ୍ୟ ବ୍ୟବହାରରେ ଅସନ୍ତୁଷ୍ଟ ହେବାର ଆଶଙ୍କା ରହିଛି । ଶିଳ୍ପ, ବାଣିଜ୍ୟ, ବ୍ୟବସାୟରେ ସଫଳତା ହାସଲ କରିବେ । ପରିବାରରେ କାହା କଥା ସହ ଅନ୍ୟ କାହାର କଥା ନ ମିଶିବା କାରଣରୁ ମନର ସରସତା ମଉଳି ଯାଇପାରେ ।

ଆଜି ନଭେମ୍ବର ୧୩ ତାରିଖ, କାର୍ତ୍ତିକ ଶୁକ୍ଳପକ୍ଷର ଗରୁଡ ଉତ୍ଥାପନୀ ଦ୍ୱାଦଶୀ ଯୁକ୍ତ ତ୍ରୟୋଦଶୀ ବୁଧବାର, ଶ୍ରୀଜୀଉଙ୍କର ବାଙ୍କଚୂଡ଼ା ବେଶ, ତୁଳସୀ ବିବାହ, ରାଶିନକ୍ଷତ୍ର-ରେବତୀ/ମୀନ, ଦ୍ୱାଦଶୀ ଏବଂ ତ୍ରୟୋଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । ଅଦ୍ୟ ଗୃହାରମ୍ଭ ଓ ଗୃହପ୍ରବେଶ ପାଇଁ ଶୁଭଦିନ । ସକାଳ ଘ.୦୫.୫୭ମି. ଗତେ ଘ.୦୮.୧୧ମି. ମଧ୍ୟେ, ଘ.୧୦.୨୪ମି. ଗତେ ଘ.୧୧.୩୦ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା । ଦିବା ଘ.୧୧.୩୦ମି. ଗତେ ଘ.୧୨.୫୪ମି. ମଧ୍ୟେ ରାହୁ କାଳ ।

**ପ୍ରଥମ ପୃଷ୍ଠାରୁ...**

## ଭାରତୀୟ ହଳଦୀରେ ...

ପେଶାୱର ଏବଂ ନେପାଳର କାଠମାଣ୍ଡୁ ସହରରେ ବିକ୍ରି ହେଉଥିବା ହଳଦୀରେ ସୀସାର ମାତ୍ରା ୧୦ ମାଇକ୍ରୋଗ୍ରାମ୍/ଗ୍ରାମ୍‌ରୁ ଅଧିକ ରହିଛି, ଯାହା ମଣିଷର ସ୍ୱାସ୍ଥ୍ୟ ପାଇଁ ହାନିକାରକ ହୋଇଥିବା ଦର୍ଶାଯାଇଛି । ପାଟଣାରେ ବିକ୍ରି ହେଉଥିବା ହଳଦୀରେ ସୀସାର ମାତ୍ରା ସର୍ବାଧିକ ୨୨୭୪ ମାଇକ୍ରୋଗ୍ରାମ୍/ଗ୍ରାମ୍ ରହିଥିବାବେଳେ ଗୁଆହାଟୀରେ ଦ୍ୱିତୀୟ ସର୍ବାଧିକ ୧୨୭ ମାଇକ୍ରୋଗ୍ରାମ୍/ଗ୍ରାମ୍ ରହିଛି । ତେବେ ବିନା ପ୍ୟାକିଂରେ ବିକ୍ରି ହେଉଥିବା ହଳଦୀରେ ସୀସାର ମାତ୍ରା ପ୍ୟାକେଟ ଏବଂ ବ୍ରାଣ୍ଡେଡ୍ ହଳଦୀଗୁଡ଼ିକ ତୁଳନାରେ ଯଥେଷ୍ଟ ଅଧିକ ରହିଥାଏ ବୋଲି ଏହି ଅଧ୍ୟୟନ କହିଛି । ଭାରତୀୟ ଗ୍ରାହକମାନଙ୍କୁ ଏଫ୍‌ଏସ୍‌ଏସ୍‌ଏଆଇର ମାନକ ଅନୁଯାୟୀ, ପ୍ୟାକେଟ୍ ଏବଂ ବ୍ରାଣ୍ଡେଡ୍ ହଳଦୀଗୁଡ଼ିକ ଉପରେ ଭରସା କରିବାକୁ ଏହି ଅଧ୍ୟୟନରେ ପରାମର୍ଶ ଦିଆଯାଇଛି ।

ତେବେ ହଳଦୀର ନମୁନାଗୁଡ଼ିକରୁ ସୀସାର ମୁଖ୍ୟ ଉତ୍ସ ସୀସା କ୍ରୋମେଟ ମିଳିଥିବା ନେଇ ଏହି ଅଧ୍ୟୟନ କହିଛି । ଏହା ଏକ ପ୍ରକାରର ରସାୟନିକ ପଦାର୍ଥ, ଯାହା ହଳଦୀକୁ ଅଧିକ ଚମକାଇବା ପାଇଁ ବ୍ୟବହୃତ ହୋଇଥାଏ । ବଜାରରେ ବିକ୍ରି ହେଉଥିବା ହଳଦୀରେ ସୀସା କ୍ରୋମେଟର ବ୍ୟବହାର ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଉକ୍ତ ଅଧ୍ୟୟନରେ ଗବେଷକମାନେ ସ୍ୱାସ୍ଥ୍ୟ ଅଧିକାରୀମାନଙ୍କୁ ଅନୁରୋଧ କରିଛନ୍ତି । ସ୍ୱାସ୍ଥ୍ୟର ସୁରକ୍ଷା ପାଇଁ ହଳଦୀରେ ସୀସାର ମାତ୍ରାକୁ କମାଇବା ଆବଶ୍ୟକ । ତେଣୁ ବିକ୍ରି ହେବାକୁଥିବା ହଳଦୀ ପାଇଁ କଠୋର ପରୀକ୍ଷା ପ୍ରଣାଳୀକୁ କାର୍ଯ୍ୟକାରୀ କରାଯିବାର ଆବଶ୍ୟକତା ରହିଛି ବୋଲି ଏହି ଅଧ୍ୟୟନ ପ୍ରକାଶ କରିଛି ।

ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ଅନୁଯାୟୀ, ସୀସା ଯୁକ୍ତ ହଳଦୀ ଖାଇବା ଶିଶୁମାନଙ୍କ ପାଇଁ ବିଶେଷ ହାନିକାରକ ହୋଇଥାଏ । ହଳଦୀରେ ସୀସାର ମାତ୍ରା ଅଧିକ ରହିଲେ ପିଲାଙ୍କ ମାନସିକ କ୍ଷମତା ଉପରେ ପ୍ରତିକୂଳ ପ୍ରଭାବ ପକାଇବା ସହ ସେମାନଙ୍କ ଆଇକ୍ୟୁ ସ୍ତର ହ୍ରାସ ପାଇଥାଏ । ସେହିପରି ଲମ୍ବା ସମୟ ଧରି ସୀସା ଯୁକ୍ତ ହଳଦୀର ସେବନ ଦ୍ୱାରା ବୟସ୍କଙ୍କ ମଧ୍ୟରେ ହୃଦ୍‌ରୋଗ, ଷ୍ଟ୍ରୋକ୍, ଏବଂ ବିଭିନ୍ନ ସ୍ନାୟୁଗତ ରୋଗ ଦେଖାଦେଇପାରେ । ସୀସା ଯୁକ୍ତ ହଳଦୀ ସେବନ ଦ୍ୱାରା ପେଟ ଯନ୍ତ୍ରଣା, ବାନ୍ତି, କୋଷ୍ଠକାଠିନ୍ୟ ଭଳି ସମସ୍ୟା ଉପୁଜିପାରେ । ଏହା ମଣିଷ ଶରୀରରେ ଯକୃତର କାର୍ଯ୍ୟକ୍ଷମତାକୁ ପ୍ରଭାବିତ କରିଥାଏ । ସେହିପରି ଲଗାତର ସୀସା ଯୁକ୍ତ ହଳଦୀ ସେବନ ଦ୍ୱାରା ଗାଷ୍ଟ୍ରାଇଟିସ୍, ପେପ୍ଟିକ ଅଲ୍‌ସର ପରି ପେଟ ଏବଂ ଅନ୍ତଃନଳୀ ସମସ୍ୟା ଭିତ୍ତିକ ରୋଗ ଦେଖାଦେଇପାରେ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞ କହିଛନ୍ତି ।

## ଖୁଚୁରା ମୁଦ୍ରାସ୍ଫୀତି ....

ରସୁଣ ୮୨.୫%, ଆଳୁ ୬୪.୯% ଓ ପିଆଜ ୫୧.୮% ମହଙ୍ଗା ହୋଇଥିଲା । ଖାଇବା ତେଲ ଉପରେ ସରକାର ସୀମା ଶୁଳ୍କ ଲାଗୁ କରିବା ମଧ୍ୟ ମୁଦ୍ରାସ୍ଫୀତି ବଢ଼ିବାର ଅନ୍ୟତମ କାରଣ ବୋଲି କୁହାଯାଉଛି । ଖାଦ୍ୟ ସାମଗ୍ରୀର ମୂଲ୍ୟ ବୃଦ୍ଧି କେବଳ ଯେ ମଧ୍ୟମ ଆୟକାରୀ ପରିବାରଗୁଡ଼ିକର କ୍ରୟଶକ୍ତିକୁ ଦୁର୍ବଳ କରିଦେଇଛି ତାହା ନୁହେଁ, ଏହା ଏସିଆର ତୃତୀୟ ବୃହତ୍ ଅର୍ଥନୀତି ଭାରତ ପାଇଁ ଚିନ୍ତାର କାରଣ ପାଲଟିଛି । କାରଣ ମୁଦ୍ରାସ୍ଫୀତି ବଢ଼ିବା ଯୋଗୁ ଦେଶର ମୋଟ ଘରୋଇ ଉତ୍ପାଦ (ଜିଡିପି) ମଧ୍ୟ ପ୍ରଭାବିତ ହେବ । ୨୦୨୪-୨୫ରେ ଜିଡିପି ୭.୨% ରହିବା ନେଇ ଆର୍‌ବିଆଇ ପୂର୍ବରୁ ଭବିଷ୍ୟବାଣୀ କରିଥିଲା । ମୁଦ୍ରାସ୍ଫୀତିର ମାତ୍ରାଧିକ ବୃଦ୍ଧିକୁ ଦେଖି ବିଶେଷଜ୍ଞମାନେ ଜିଡିପି ହାର ଖସିବା ନେଇ ଅନୁମାନ କରିଛନ୍ତି । ଏଚ୍‌ଡିଏଫ୍‌ସି ବ୍ୟାଙ୍କ ପ୍ରିନ୍ସିପାଲ ଇକୋନୋମିଷ୍ଟ ଶକ୍ତିଗୁପ୍ତା କହିଛନ୍ତି, ଡିସେମ୍ବରରେ ହେବାକୁ ଥିବା ମୁଦ୍ରାନୀତି କମିଟି (ଏମ୍‌ପିସି) ବୈଠକରେ ରେପୋ ରେଟ୍ ହ୍ରାସ ପାଇଁ ଆର୍‌ବିଆଇ ବିଚାର କରୁଥିବା ଆଜିର ମୁଦ୍ରାସ୍ଫୀତିକୁ ଦେଖିଲେ ଏଥିଲାଗି କବାଟ ବନ୍ଦ ହୋଇଯାଇଥିବା ମନେହେଉଛି । ଏଲାରା ସିକ୍ୟୁରିଟିଜ୍‌ର ଅର୍ଥନୀତିଜ୍ଞ ଗାରିମା କପୁର ମଧ୍ୟ ଆଗାମୀ ଏମ୍‌ପିସି ବୈଠକରେ ସୁଧହାର ହ୍ରାସ ପାଇ ନ ପାରେ ବୋଲି ମତ ଦେଇଛନ୍ତି ।

## ମୃତ ୩୦ ଚାଷୀଙ୍କ...

୪୫୦ ଜଣ ଚାଷୀଙ୍କ ପେପର ଟ୍ରାଞ୍ଜାକ୍ସନ(ପିଟି) କରିବା ପାଇଁ ପ୍ରତି ଚାଷୀଙ୍କଠାରୁ ୧୫୦୦ ଟଙ୍କା ଲେଖାଏ ଉତ୍କୋଚ ନେଇଛନ୍ତି । ନୂଆ ଋଣ କରିବା ପାଇଁ ୨ରୁ ୩ ହଜାର ଟଙ୍କା ଲାଞ୍ଚ ନେଉଥିବା ଅଭିଯୋଗ ରହିଛି । ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ବିଭିନ୍ନ ଆଳ ଦେଖାଇ ଚାଷୀମାନଙ୍କଠାରୁ ପାସ୍‌ବୁକ୍ ଓ ବ୍ୟାଙ୍କ ଚେକ୍ ନିଆଯାଇ ସଭାପତି ଓ ସମ୍ପାଦକ ନିଜ ପାଖରେ ରଖୁଛନ୍ତି । ପରବର୍ତ୍ତୀ ସମୟରେ ଏହାକୁ ବ୍ୟବହାର କରି ଚାଷୀଙ୍କ ଅଗୋଚରରେ ସେମାନଙ୍କ ନାମରେ ଋଣ ଟଙ୍କା ଉଠାଣ କରି ଆତ୍ମସାତ୍ କରାଯାଉଛି ବୋଲି ଅଭିଯୋଗ ପତ୍ରରେ ଦର୍ଶାଯାଇଛି । ସେଥିରେ ଆହୁରି ଉଲ୍ଲେଖ ରହିଛି, ୨ ବର୍ଷ ମଧ୍ୟରେ ୩୦ରୁ ଊର୍ଦ୍ଧ୍ୱ ମୃତ ଚାଷୀଙ୍କ ନାମରେ ଋଣ କରି ସଭାପତି ଓ ସମ୍ପାଦକ ସେହି ଅର୍ଥ ଆତ୍ମସାତ କରିଛନ୍ତି । ବିରିପଟା ପଞ୍ଚାୟତ ବଡକୁଆଁଲ ଗ୍ରାମର ପଞ୍ଚାନନ ମଲିକ ଏହାର ଏକ ଉଦାହରଣ । ପଞ୍ଚାନନଙ୍କ ୨୦୨୩ ଜୁନ୍ ୧୨ରେ ପରଲୋକ ହୋଇଥିଲା । ହେଲେ ତାଙ୍କ ନାମରେ ସେଲ୍‌ଫ୍ ଚେକ୍ ବ୍ୟବହାର କରାଯାଇ ଟିପ ଚିହ୍ନ ଜରିଆରେ ୨୦୨୩ ସେପ୍ଟେମ୍ବର ୨୭ରେ ୧୧,୫୦୦ ଟଙ୍କା ଋଣ ଉଠାଣ କରିଥିବା କଟକ କେନ୍ଦ୍ରୀୟ କୃଷି ସମବାୟ ସମିତି ଦଶରଥପୁର ଶାଖାରେ ପ୍ରମାଣ ରହିଛି । ଉଭୟ ସଭାପତି ଓ ସମ୍ପାଦକଙ୍କ ବ୍ୟକ୍ତିଗତ ଆକାଉଣ୍ଟକୁ ଯାଞ୍ଚ କଲେ ସମ୍ପୂର୍ଣ୍ଣ ସତ୍ୟାସତ୍ୟ ପଦାକୁ ଆସିପାରିବ । ଏହାସହ ବହୁ ଅଣଚାଷୀଙ୍କୁ ଋଣ ଦିଆଯାଉଥିବାବେଳେ ପ୍ରକୃତ ଚାଷୀ ଏଥିରୁ ବାଦ୍ ପଡୁଛନ୍ତି ବୋଲି ମୁଖ୍ୟମନ୍ତ୍ରୀଙ୍କୁ ଦେଇଥିବା ଅଭିଯୋଗପତ୍ରରେ ଚାଷୀମାନେ ଦର୍ଶାଇଛନ୍ତି । ଏ ସଂକ୍ରାନ୍ତରେ ଯାଜପୁର ଡିଆର୍‌ସିଏସ୍ ଅମୂଲ୍ୟ କୁମାର ସେଠୀଙ୍କୁ ପଚାରିବାରୁ ସେ କହିଛନ୍ତି ମୃତ ଚାଷୀଙ୍କ ନାମରେ ଋଣ ଉଠାଣ ସଂକ୍ରାନ୍ତରେ ଏକ ସ୍ୱତନ୍ତ୍ର ଟିମ୍ ତଦନ୍ତ କରି ରିପୋର୍ଟ ଦାଖଲ କରି ସାରିଛି । ଆର୍‌ସିଏସ୍‌ଙ୍କ ନିର୍ଦ୍ଦେଶ ଅନୁସାରେ ଉକ୍ତ ରିପୋର୍ଟ ଖୁବ୍‌ଶୀଘ୍ର ଦାଖଲ କରାଯିବ ବୋଲି ସେଠୀ କହିଛନ୍ତି ।

## 'ଏଲଆରଏଲଏସିଏମ୍'ର ...

ଟ୍ରାକିଂ ସିଷ୍ଟମ୍ ଏବଂ ଟେଲିମେଟ୍ରି ଆଦି ରେଞ୍ଜ୍ ସେନ୍ସର ଦ୍ୱାରା ନିରୀକ୍ଷଣ କରାଯାଇଥିଲା । ବିଭିନ୍ନ ଉଚ୍ଚତା ଏବଂ ବେଗରେ ଗତିମାନ ଅବସ୍ଥାରେ ଏହି କ୍ଷେପଣାସ୍ତ୍ର ନିଜର ଦକ୍ଷତାକୁ ନେଇ ବିଭିନ୍ନ କୌଶଳ ପ୍ରଦର୍ଶନ ସହ ପୂର୍ବ ନିର୍ଦ୍ଧାରିତ ଗତିପଥକୁ ଅନୁସରଣ କରିଥିଲା । ଉନ୍ନତ ତଥା ନିର୍ଭରଯୋଗ୍ୟ କାର୍ଯ୍ୟଦକ୍ଷତା ସମ୍ପାଦନ ପାଇଁ ଅତ୍ୟାଧୁନିକ ବିମାନ ଜ୍ଞାନକୌଶଳ ଓ ସଫ୍ଟୱେୟାର୍ ଏହି କ୍ଷେପଣାସ୍ତ୍ରରେ ସଂଯୋଜିତ କରାଯାଇଛି । ତେବେ ଏହି ସଫଳ ପରୀକ୍ଷଣ ପାଇଁ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଡିଆରଡିଓ, ଭାରତୀୟ ସେନା ସମେତ ଏଥିରେ ଜଡିତ ଅନ୍ୟାନ୍ୟ ସଂସ୍ଥାଙ୍କ ଅବଦାନକୁ ପ୍ରଶଂସା କରିଛନ୍ତି । ସେନାବାହିନୀର ଦକ୍ଷତାକୁ ଆହୁରି ବୃଦ୍ଧି ସହ ସ୍ୱଦେଶୀ କ୍ରୁଜ ମିଶାଇଲ ବିକାଶ ପାଇଁ ଏହା ପଥ ପରିଷ୍କାର କରିଛି ବୋଲି ପ୍ରତିରକ୍ଷା ମନ୍ତ୍ରୀ ସିଂ କହିଛନ୍ତି । ପ୍ରତିରକ୍ଷା ବିଭାଗ ସଚିବ (ଅନୁସନ୍ଧାନ ଏବଂ ବିକାଶ) ତଥା ଡିଆରଡିଓର ଅଧ୍ୟକ୍ଷ ଡ. ସମୀର ଭି କାମାତ ଏହି କ୍ଷେପଣାସ୍ତ୍ରର ସଫଳ ପରୀକ୍ଷଣ ପାଇଁ ବୈଜ୍ଞାନିକ ଟିମ୍‌କୁ ଅଭିନନ୍ଦନ ଜଣାଇଛନ୍ତି ।

## ପ୍ରବାସୀ ଭାରତୀୟ ...

ତାରିଖଯାଏ ଚାଲିବ । ସମାରୋହ ପାଇଁ ବୈଦେଶିକ ମନ୍ତ୍ରଣାଳୟ ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀ ଅନୁମୋଦନ ଦେଇଛନ୍ତି । କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତ ସହଯୋଗରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ବିଭିନ୍ନ ଦିବସରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ କେନ୍ଦ୍ରମନ୍ତ୍ରୀମାନେ ଯୋଗ ଦେବେ । ଦେଶର ଯୁବପିଢ଼ିଙ୍କୁ ପ୍ରବାସୀ ଭାରତୀୟଙ୍କ ସହ ସଂଯୋଗ କରିବା ଏହାର ମୂଳ ଲକ୍ଷ୍ୟ ରଖାଯାଇଛି । ପ୍ରବାସୀ ଭାରତୀୟ ଦିବସକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉଦ୍‌ଘାଟନ କରିବା କାର୍ଯ୍ୟକ୍ରମ ରହିଛି । କେନ୍ଦ୍ର ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ ସହଯୋଗରେ ଏକ ୟୁଥ୍ ଏଡିଶନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ରାଷ୍ଟ୍ରପତି ପ୍ରବାସୀ ଭାରତୀୟ ଦିବସ ଉଦ୍‌ଯାପନୀ ସମାରୋହରେ ଯୋଗ ଦେବା ସହ ପ୍ରବାସୀ ଭାରତୀୟ ସମ୍ମାନ ପ୍ରଦାନ କରିବେ ।

ଏହି ସମ୍ମିଳନୀରେ ପ୍ରାୟ ୫୦୦୦ରୁ ଊର୍ଦ୍ଧ୍ୱ ଅତିଥି ଏବଂ ପ୍ରତିନିଧି ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଭାରତ ସରକାର କ୍ରମାଗତ ଭାବରେ ବିଦେଶରେ ଥିବା ଭାରତୀୟ ବିଦେଶୀମାନଙ୍କ କଲ୍ୟାଣକୁ ପ୍ରାଥମିକତା ଦେଇଛନ୍ତି । ଏହି ସମ୍ମାନଜନକ ସମାରୋହ ଆମ ରାଜ୍ୟ ପାଇଁ ସ୍ମରଣୀୟ ରହିବ । ଓଡ଼ିଶାର ସଂସ୍କୃତିକୁ ପ୍ରଦର୍ଶନ କରିବା ଲାଗି ଏକ ସୁଯୋଗ ମିଳିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

## 'ଧଡ଼କ ୨'ରେ ତୃପ୍ତି-ସିଦ୍ଧାନ୍ତଙ୍କ କେମେଷ୍ଟ୍ରି


ତୃପ୍ତି ଡିମ୍ରି

ମୁମ୍ବାଇ : ସମ୍ପ୍ରତି ବଲିଉଡ୍ ଅଭିନେତ୍ରୀ ତୃପ୍ତି ଡିମ୍ରି ନିଜର ଆଗାମୀ ରୋମାଣ୍ଟିକ-ଡ୍ରାମା ଫିଲ୍ମ 'ଧଡ଼କ ୨'ର ଶୁଟିଂରେ ବ୍ୟସ୍ତ ଅଛନ୍ତି । ଫିଲ୍ମରେ ତାଙ୍କ ବିପକ୍ଷରେ ଅଭିନେତା ସିଦ୍ଧାନ୍ତ ଚତୁର୍ବେଦୀ ନଜରକୁ ଆସିବେ । ୨୦୧୮ରେ ଫିଲ୍ମ ନିର୍ମାତା କରନ୍ ଜୋହରଙ୍କ ଧର୍ମା ପ୍ରଡକ୍ସନ୍ସ ଦ୍ୱାରା ନିର୍ମିତ 'ଧଡ଼କ' ଫିଲ୍ମର ସିକ୍ୱେଲ ହେଉଛି 'ଧଡ଼କ ୨' । 'ଧଡ଼କ' ଫିଲ୍ମରେ ଅଭିନେତ୍ରୀ ଜାହ୍ନବୀ କପୁର ଡେବ୍ୟୁ କରିଥିବା ବେଳେ ତାଙ୍କ ବିପକ୍ଷରେ ଅଭିନେତା ଇଶାନ ଖଟ୍ଟରଙ୍କୁ ଦେଖିବାକୁ ମିଳିଥିଲା । 'ଧଡ଼କ' ମରାଠୀ ଚଳଚ୍ଚିତ୍ର 'ସେରାଟ'ର ରିମେକ୍ ଥିଲା । ସେହିପରି 'ଧଡ଼କ ୨' ହେଉଛି ତାମିଲ ଚଳଚ୍ଚିତ୍ର 'ପରିୟେରମ ପେରୁମଲ'ର ରିମେକ୍ । ସମାଜରେ ପ୍ରଚଳିତ ଜାତି ଭିତ୍ତିକ ଭେଦଭାବର ବିଷୟବସ୍ତୁକୁ ନେଇ 'ଧଡ଼କ ୨' ଚଳଚ୍ଚିତ୍ର ଆଧାରିତ । ଫିଲ୍ମରେ ସିଦ୍ଧାନ୍ତଙ୍କ ସହ ତୃପ୍ତିଙ୍କ କେମେଷ୍ଟ୍ରିକୁ ଦେଖିବା ପାଇଁ ପ୍ରଶଂସକମାନେ ଉତ୍ସାହର ସହ ଅପେକ୍ଷା କରି ରହିଛନ୍ତି । ସମ୍ପ୍ରତି ଏହି ଫିଲ୍ମର ଶୁଟିଂ ଜାରି ରହିଥିବା ବେଳେ ତୃପ୍ତି ଶୁଟିଂ ସେଟ୍‌ର ଏକ ଝଲକକୁ ସୋସିଆଲ ମିଡିଆରେ ଶେୟାର କରିଛନ୍ତି । ମହାରାଷ୍ଟ୍ରର ସୋମେୟା ବିଦ୍ୟାବିହାର ବିଶ୍ୱବିଦ୍ୟାଳୟରେ ଶୁଟିଂ ଚାଲିଥିବା ସମୟର କିଛି ଫଟୋକୁ ସେ ଶେୟାର କରିଛନ୍ତି ।

# ଓଡ଼ିଶାର ସବୁଜ ସ୍ୱର



ଆମ୍ନା ଏରିନା ଆର୍ଯ୍ୟମୟୀ, ଅଭିନେତ୍ରୀ



ଭାଲିନା ଭାଲେଣ୍ଟିନା, କରାଟେକା



ଓମ୍‌କାର ଆଚାର୍ଯ୍ୟ, ଅଭିନେତା



ଅସ୍ମିତା ଧୀର, ଅଭିନେତ୍ରୀ

ସବୁଜ ଓଡ଼ିଶା ଲାଗି ନିରନ୍ତର ପ୍ରଚେଷ୍ଟାରେ ଧରିତ୍ରୀ ଓ ରାଜ୍ୟ ଯୁବଶକ୍ତି ସହ ମୁଁ ବି ସାମିଲ...

# ସବୁଜ ଓଡ଼ିଶା ପାଇଁ ଯୁବଶକ୍ତି



ଡିପିଏସ୍ କଳିଙ୍ଗା, କଟକ



ସରକାରୀ ଆୟୁର୍ବେଦିକ କଲେଜ ଆଣ୍ଡ ହସ୍ପିଟାଲ୍, ବଲାଙ୍ଗୀର



ଆଦର୍ଶ ସ୍ନାତକ ମହାବିଦ୍ୟାଳୟ, ଦେବଗଡ଼



ରାଉରକେଲା ମ୍ୟୁନିସିପାଲ୍ କଲେଜ

ସବୁଜ ଓଡ଼ିଶା ପାଇଁ ପ୍ରତିଶ୍ରୁତିବଦ୍ଧ ଧରିତ୍ରୀ ସହ ଆମେ...

ଭୁବନେଶ୍ୱର, ବୁଧବାର, ୧୩ ନଭେମ୍ବର, ୨୦୨୪

## ଅନ୍ୟାନ୍ୟ ଖବର

## ୧୬ ପରେ ବଢ଼ିପାରେ ଶୀତ

ଭୁବନେଶ୍ୱର,୧୨।୧୧
(ଅନୁରାଧା ମହାରଣା)

ରାଜ୍ୟରେ ବର୍ତ୍ତମାନ କୌଣସି ନିର୍ଦ୍ଦିଷ୍ଟ ପାଣିପାଗ ନିୟାମକ ସକ୍ରିୟ ନ ଥିବାବେଳେ ଅଧିକାଂଶ ସ୍ଥାନରେ ପାଗ ଶୁଖିଲା ରହୁଛି। ଉତ୍ତର ଆଭ୍ୟନ୍ତରୀଣ ଓଡ଼ିଶାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ସର୍ବନିମ୍ନ ତାପମାତ୍ରା କିଛି ପରିମାଣରେ ହ୍ରାସ ପାଇଥିବାବେଳେ ଅନ୍ୟାନ୍ୟ ସ୍ଥାନରେ ତାପମାତ୍ରାରେ ବିଶେଷ ପରିବର୍ତ୍ତନ ହୋଇନାହିଁ। ଆଭ୍ୟନ୍ତରୀଣ ଓଡ଼ିଶାର ଅଧିକାଂଶ ସ୍ଥାନରେ ତାପମାତ୍ରା ସ୍ୱାଭାବିକ ଠାରୁ ଅଧିକ ରେକର୍ଡ କରାଯାଉଥିବାବେଳେ ଗୋଟିଏ ଦୁଇଟି ସ୍ଥାନରେ ସ୍ୱାଭାବିକଠାରୁ କମ୍ ରହୁଛି। ଆସନ୍ତା ୧୬ ତାରିଖ ପରେ ରାଜ୍ୟରେ ଶୀତ ବଢ଼ିପାରେ। ବୁଧବାର କୋରାପୁଟ, ମାଲକାନଗିରି, ରାୟଗଡ଼ା, ଗଜପତି ଓ ଗଞ୍ଜାମ ଜିଲାର ଗୋଟିଏ ଦୁଇଟି ସ୍ଥାନକୁ ବାଦ୍ ଦେଲେ ଅନ୍ୟାନ୍ୟ ସ୍ଥାନରେ ପାଗ ପ୍ରାୟ ଶୁଖିଲା ରହିବ। ଆସନ୍ତା ୩ଦିନ ପର୍ଯ୍ୟନ୍ତ ପାଣିପାଗରେ ବିଶେଷ ପରିବର୍ତ୍ତନ ପରିଲକ୍ଷିତ ହେବ ନାହିଁ। ମାତ୍ର ପରବର୍ତ୍ତୀ ୪ଦିନ ମଧ୍ୟରେ ରାଜ୍ୟରେ ତାପମାତ୍ରା ୨ରୁ ୪ ଡିଗ୍ରୀ ସେଲସିୟସ୍ ହ୍ରାସ ପାଇପାରେ।

## ଭାସ୍କର ରାଓଙ୍କ ନାଁରେ ଏନ୍‌ବିଡବ୍ଲ୍ୟୁ

### ଭାଗୀରଥି ମାଣ୍ଡାଙ୍ଗି ହତ୍ୟା ମାମଲା

ରାୟଗଡ଼ା,୧୨।୧୧
(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଏସ୍‌ଡିଜେଏମ୍ ବର୍ଷା ଦାଶ ମଙ୍ଗଳବାର ଆଦିବାସୀ ନେତା ଭାଗୀରଥି ମାଣ୍ଡାଙ୍ଗି ହତ୍ୟା ମାମଲାର ଶୁଣାଣିକରି ବିଜେଡି ନେତା ଏନ୍.ଭାସ୍କର ରାଓଙ୍କ ନାଁରେ ଜାମିନ ବିହୀନ ଗିରଫ ପରୱାନା (ଏନ୍‌ବିଡବ୍ଲ୍ୟୁ) ଜାରି କରିଛନ୍ତି। ଭାସ୍କର ରାଓଙ୍କ ସମେତ ଅନ୍ୟ ୬ ଜଣ ଯାଲା ଭେଙ୍କଟେଶ୍ୱର ରାଓ ଓରଫ୍ କୋଣ୍ଡାବାବୁ, କେ.କ୍ରିଷ୍ଣା ରାଓ, ଇପିଲି ସନ୍ନ୍ୟାସୀ ରାଜୁ, ଏନ୍. ଆଦି ନାରାୟଣା ଓ ପି.ଦିଲୀପ କୁମାରଙ୍କ ନାଁରେ ଗିରଫ ପରୱାନା ଜାରି ହୋଇଥିବା ପ୍ରତିପକ୍ଷ ଓକିଲ ସାମୁଏଲ ତାଣ୍ଡି ସୂଚନା ଦେଇଛନ୍ତି। ଭାଗୀରଥୀଙ୍କ ହତ୍ୟା ମାମଲାକୁ ନେଇ ତାଙ୍କ ଭାଇ ଜଗନ୍ନାଥ ମାଣ୍ଡାଙ୍ଗି ଗତ ଏପ୍ରିଲରେ ରାୟଗଡ଼ା ଏସ୍‌ଡିଜେଏମ୍ କୋର୍ଟରେ ୧ସି.ସି. କେସ୍ ନଂ. ୬/୨୪ରେ ମାମଲା ରୁଜୁ କରିଥିଲେ।

ସୂଚନାଯୋଗ୍ୟ, ୨୦୧୦ ଡିସେମ୍ବର ୧୫ରେ ଯୁବ ଆଦିବାସୀ ନେତା ଭାଗୀରଥି ମାଣ୍ଡାଙ୍ଗିଙ୍କୁ ହତ୍ୟା କରାଯାଇଥିବା ପରିବାରବର୍ଗ ଅଭିଯୋଗ କରିଥିଲେ। ଅଭିଯୋଗର ୪ ଦିନ ପରେ ଆନ୍ଧ୍ରପ୍ରଦେଶ ତୋଟାପିଲି ଡ୍ୟାମ ନିକଟରୁ ତାଙ୍କ ଗଳିତ ମୃତଦେହ ଜବତ ହୋଇଥିଲା। ତେବେ ପରିବାରବର୍ଗ ମୃତଦେହ ଚିହ୍ନଟ କରିପାରି ନ ଥିଲେ। ଘଟଣାର ସପ୍ତାହ ପରେ ମୃତଦେହର ଫଟୋ ଜାରି କରିବା ପରେ ଭାଗୀରଥିଙ୍କ ମୃତଦେହ ବୋଲି ପରିବାରବର୍ଗ ଚିହ୍ନଟ କରିଥିଲେ। ରାୟଗଡ଼ା ପୋଲିସ ହତ୍ୟା ମାମଲା ରୁଜୁକରି ଏହି ଘଟଣାରେ ତଦନ୍ତ ଆରମ୍ଭ କରିଥିଲା। ଅନ୍ୟପକ୍ଷେ ହତ୍ୟାକାଣ୍ଡରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ ଦାବିରେ ପରିବାରବର୍ଗ ଓ ଆଦିବାସୀ ମହାସଂଘ ରାୟଗଡ଼ା ବନ୍ଦ ପାଳନ କରିଥିଲା। ରାୟଗଡ଼ା ପୋଲିସ ଏହାର ତଦନ୍ତ କରୁଥିବା ବେଳେ ରାଜ୍ୟ ସରକାର ୨୦୧୧ ଫେବୃଆରୀରେ କ୍ରାଇମବ୍ରାଞ୍ଚକୁ ତଦନ୍ତ ଭାର ଦେଇଥିଲେ। କ୍ରାଇମବ୍ରାଞ୍ଚ ଦୀର୍ଘ ବର୍ଷ ଧରି ତଦନ୍ତ କରୁଥିଲେ ମଧ୍ୟ ଅଭିଯୁକ୍ତଙ୍କୁ ଧରିବାରେ ସଫଳ ହୋଇନାହିଁ। କିନ୍ତୁ କ୍ରାଇମବ୍ରାଞ୍ଚ ଏହି ଘଟଣାର ସମ୍ପୂର୍ଣ୍ଣ ରିପୋର୍ଟ ତତ୍କାଳୀନ ରାଜ୍ୟ ସରକାରଙ୍କୁ ପ୍ରଦାନ କରିଥିଲା। କ୍ରାଇମବ୍ରାଞ୍ଚର ତଦନ୍ତରେ ପରିବାରବର୍ଗ ଓ ଆଦିବାସୀ ମହାସଂଘ ସନ୍ତୁଷ୍ଟ ନ ହୋଇ ବିଭିନ୍ନ ସମୟରେ ସିବିଆଇ ତଦନ୍ତ ଦାବି କରିବା ସହ ଆନ୍ଦୋଳନ କରୁଥିଲେ। ୬ ଜଣଙ୍କ ନାଁରେ ୱାରେଣ୍ଟ ଜାରି ପରେ ଆଦିବାସୀ ସଂଘ ନ୍ୟାୟ ପାଇଁ ଲଢ଼େଇରେ ବିଜୟୀ ହୋଇଥିବା ଆଦିବାସୀ ନେତା ବସନ୍ତ ଉଲାକା ଓ ଜଗନ୍ନାଥ ମାଣ୍ଡାଙ୍ଗି ପ୍ରକାଶ କରିଛନ୍ତି।

## ରେଳଧାରଣାରେ ହାତୀମୃତ୍ୟୁର ତଦନ୍ତ ନିର୍ଦ୍ଦେଶ

### ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଇ ୧୫ଦିନ ମଧ୍ୟରେ ଜଣାଅ: ଜଙ୍ଗଲ ମନ୍ତ୍ରୀ

ଭୁବନେଶ୍ୱର,୧୨।୧୧ (ବନ୍ଦନା ସେଠୀ)

ରାଜ୍ୟରେ ହାତୀ ମୃତ୍ୟୁ ଥମିବାର ନାଁ ଧରୁନି। କେତେବେଳେ ହାତୀ-ମଣିଷ ସଂଘର୍ଷ ତ ଆଉ କେତେବେଳେ ରାସ୍ତା ଓ ରେଳ ଦୁର୍ଘଟଣା ସେମାନଙ୍କ ପାଇଁ କାଳ ସାଜୁଛି। ଗତ ଅକ୍ଟୋବରରେ ଦୁଇ ଥର ଟ୍ରେନ୍ ଦୁର୍ଘଟଣାରେ ୨ଟି ହାତୀଙ୍କ ଜୀବନ ଯାଇଛି। ତେଣୁ ରାଜ୍ୟରେ ବଢୁଥିବା ହାତୀମୃତ୍ୟୁକୁ ନେଇ ଉଦ୍‌ବେଗ ପ୍ରକାଶ କରିବା ସହ ଏହାର ତଦନ୍ତ ପାଇଁ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ ମଙ୍ଗଳବାର ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ଦୋଷୀ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ୧୫ଦିନ ମଧ୍ୟରେ ଜଣାଇବା ପାଇଁ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

ରାଉରକେଲା ଓ ଢେଙ୍କାନାଳର ମେରାମୁଣ୍ଡଳିଠାରେ ଟ୍ରେନ୍ ଦୁର୍ଘଟଣାରେ ଦୁଇଟି ହାତୀଙ୍କ ମୃତ୍ୟୁ ଘଟିଥିଲା। ଏ ନେଇ ଅକ୍ଟୋବର ୩ ଓ ୧୫ରେ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶିତ ଓ ପ୍ରସାରିତ ହୋଇଥିଲା। ଘଞ୍ଚ ଜଙ୍ଗଲ ଓ ହାତୀ ଚଳପ୍ରଚଳ ପଥ ଦେଇ ଯାଉଥିବା ଟ୍ରେନ୍‌ଗୁଡ଼ିକର ବେଗସୀମା ନିୟନ୍ତ୍ରଣ ନେଇ ବିଭିନ୍ନ ପରାମର୍ଶ ସହ ଏସ୍‌ଓପି ଜାରି ସତ୍ତ୍ୱେ ରେଲୱେ ଏବଂ ବନ ବିଭାଗ ମଧ୍ୟରେ ଭୁଲ ବୁଝାମଣା ଯୋଗୁ ଏହି ଦୁଇଟି ହାତୀଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଥିଲା। ଯାହାକୁ ନେଇ ମନ୍ତ୍ରୀ କ୍ଷୋଭ ପ୍ରକାଶ କରିଛନ୍ତି। ସେହିପରି ରେଳଧାରଣାରେ ହାତୀମୃତ୍ୟୁକୁ ରୋକିବା ନିମନ୍ତେ ବିଭିନ୍ନ ପଦକ୍ଷେପ ନିଆଯାଉଛି ବୋଲି ଉଭୟ ବିଭାଗ ପକ୍ଷରୁ କୁହାଯାଉଥିଲେ ହେଁ ଏଭଳି ଅଭାବନୀୟ ଘଟଣା ବାରମ୍ବାର ଘଟୁଛି। ତେଣୁ ଘଟଣା ଦୁଇଟିର ସମୁଚିତ ତଦନ୍ତ କରାଯାଇ ଦୋଷୀ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କୁହାଯାଇଛି। ସେହିପରି ଚଳିତବର୍ଷ ଆରମ୍ଭରୁ ରାଜ୍ୟରେ ପ୍ରାୟ ୫୦ଟି ହାତୀମୃତ୍ୟୁ ଘଟଣା ସାମ୍ନାକୁ ଆସିବା ପରେ ଏନେଇ ମଧ୍ୟ ତଦନ୍ତ କରିବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ୨୦୨୪ ଆରମ୍ଭରୁ ଏ ପର୍ଯ୍ୟନ୍ତ ଘଟିଥିବା ଅସ୍ୱାଭାବିକ ହାତୀମୃତ୍ୟୁର ତଦନ୍ତ କରି ଦୋଷୀମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କୁହାଯାଇଥିଲା। ଏପରିକି ଦୋଷୀ ଓ ଅବହେଳା ପ୍ରଦର୍ଶନ କରିଥିବା ବନ ବିଭାଗ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ସେ ବାବଦରେ ତାଙ୍କୁ ଏକମାସ ମଧ୍ୟରେ ଜଣାଇବା ପାଇଁ ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଏଥିସହ କୌଣସିମତେ ଅବହେଳାକୁ ବରଦାସ୍ତ କରାଯିବ ନାହିଁ ବୋଲି ଜଙ୍ଗଲ ମନ୍ତ୍ରୀ ସତର୍କ କରାଇଥିଲେ।

## ସେନା ଅଧିକାରୀଙ୍କୁ ଥାନାରେ ମିଳିବ ସୌଜନ୍ୟତା

### ହାଇକୋର୍ଟରେ ଭରତପୁର ଥାନା ବିବାଦ ମାମଲା

- ଏସ୍‌ଓପି ଦାଖଲ କଲେ ରାଜ୍ୟ ସରକାର
- କେନ୍ଦ୍ର ସରକାରଙ୍କ ବିନା ଅନୁମତିରେ କରିପାରିବେନି ଗିରଫ
- ମାର୍ଚ୍ଚ ୩୧ ସୁଦ୍ଧା ସବୁ ଥାନାରେ ସିସିଟିଭି ଲଗାଅ

କଟକ,୧୨।୧୧ (କାର୍ତ୍ତିକ ସାହୁ)

ଭରତପୁର ଥାନା ବିବାଦ ମାମଲାକୁ ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ହାଇକୋର୍ଟରେ ଷ୍ଟାଣ୍ଡାର୍ଡ ଅପରେଟିଙ୍ଗ ପ୍ରୋସିଜିଓର(ଏସ୍‌ଓପି) ଦାଖଲ କରାଯାଇଛି। ସେନା ଅଧିକାରୀ ଓ କର୍ମଚାରୀଙ୍କୁ ଥାନାରେ ପୋଲିସ କିଭଳି ବ୍ୟବହାର ଦେଖାଇବ ସେନେଇ ଉକ୍ତ ଏସ୍‌ଓପିରେ ସ୍ପଷ୍ଟ କରାଯାଇଛି। ଆଡ୍‌ଭୋକେଟ୍ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ ହାଇକୋର୍ଟଙ୍କୁ ଏ ବାବଦରେ ଅବଗତ କରାଇଛନ୍ତି। ରାଜ୍ୟ ସରକାର ଏହାର ଏକ ନକଲ ଆମିକସ୍‌କ୍ୟୁରୀଙ୍କୁ ପ୍ରଦାନ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ୨୦୨୫ ମାର୍ଚ୍ଚ୩୧ ତାରିଖ ସୁଦ୍ଧା ରାଜ୍ୟର ସବୁ ଥାନାରେ ସିସିଟିଭି ସ୍ଥାପନା ସମ୍ପୂର୍ଣ୍ଣ କରାଇବାକୁ ହାଇକୋର୍ଟ ଆଦେଶ ଦେଇଛନ୍ତି। ସେହିପରି ଭରତପୁର ଥାନା ଘଟଣାରେ ହୋଇଥିବା ସମସ୍ତ ମାମଲାର ତଦନ୍ତ ଜାରି ରହିଥିବା ଆଡ୍‌ଭୋକେଟ ଜେନେରାଲ ହାଇକୋର୍ଟଙ୍କୁ ଜଣାଇଛନ୍ତି। ପରବର୍ତ୍ତୀ ଶୁଣାଣି ନିମନ୍ତେ ଆସନ୍ତା ମଙ୍ଗଳବାରକୁ ଧାର୍ଯ୍ୟ ହୋଇଛି।

ଏସ୍‌ଓପିରେ ଦାଖଲ ତଥ୍ୟ ଅନୁଯାୟୀ, ଡ୍ୟୁଟିରେ ଥାଇ ଅଥବା ନ ଥାଇ କୌଣସି ସେନା ଅଧିକାରୀ ବା କର୍ମଚାରୀ ଥାନାରେ ପୋଲିସ ଅଧିକାରୀଙ୍କୁ ମାମଲା ରୁଜୁ କରିବା ପାଇଁ ଅନୁରୋଧ କଲେ ପୋଲିସ ତାଙ୍କୁ ସୌଜନ୍ୟତା ସହ ସମ୍ମାନ ଜଣାଇ ବ୍ୟବହାର କରିବେ। ସେନା ଅଧିକାରୀଙ୍କ ସମସ୍ୟାକୁ ଦ୍ରୁତ ଶୁଣିବେ। ତାଙ୍କୁ ଥାନା ପକ୍ଷରୁ ଯଥାଶୀଘ୍ର ସମସ୍ତ ପ୍ରକାର ସହଯୋଗ କରାଯିବ। କୌଣସି ସେନା ଅଧିକାରୀ ବା କର୍ମଚାରୀ ଥାନାରେ ଲିଖିତ ଅଭିଯୋଗ କଲେ ଏହାକୁ ମଧ୍ୟ ଦ୍ରୁତ ଗ୍ରହଣ କରାଯାଇ ଆଇନ ଅନୁସାରେ ପଦକ୍ଷେପ ନିଆଯିବ। ସେହିପରି ସେନା ଅଧିକାରୀ ଓ କର୍ମଚାରୀ ମୌଖିକ ଅଭିଯୋଗ କଲେ ମଧ୍ୟ ଦାୟିତ୍ୱରେ ଥିବା ପୋଲିସ ଅଧିକାରୀ ଏହାକୁ ଲିଖିତ ଭାବେ ଗ୍ରହଣ କରି ଦ୍ରୁତ ପଦକ୍ଷେପ ନେବେ। ଅନ୍ୟପକ୍ଷରେ କୌଣସି ସେନା ଅଧିକାରୀ ଓ କର୍ମଚାରୀଙ୍କ ଗିରଫଦାରି କ୍ଷେତ୍ରରେ ମଧ୍ୟ ଏସ୍‌ଓପି ରହିଛି। କେନ୍ଦ୍ର ସରକାରଙ୍କ ଅନୁମତି ବିନା ଆପରାଧିକ ମାମଲାରେ କୌଣସି ସେନା ଅଧିକାରୀଙ୍କୁ ଗିରଫ କରାଯିବ ନାହିଁ। ଏଥିପାଇଁ ନିକଟତମ ଷ୍ଟେଶନ୍ କମାଣ୍ଡର୍ (ମେଜର୍ ର୍ୟାଙ୍କ)ଙ୍କ ଅନୁମତି ନେବାକୁ ପଡ଼ିବ। ଗିରଫ ପାଇଁ ଅନୁମତି ନ ମିଳିଲେ ପୋଲିସ ଅଧିକାରୀ ସମ୍ପୃକ୍ତ ସେନା ଅଧିକାରୀଙ୍କୁ ମିଲିଟାରୀ ପୋଲିସକୁ ହସ୍ତାନ୍ତର କରିବେ। ତେବେ ବଳାତ୍କାର, ହତ୍ୟା, ଅପହରଣ ଭଳି ଘଟଣାରେ ପୋଲିସ ତାଙ୍କୁ ଗିରଫ କରିପାରିବ।

ଉଲ୍ଲେଖଯୋଗ୍ୟ, ଭରତପୁର ଥାନାରେ ସେନା ଅଧିକାରୀ ଓ ପୋଲିସ ବିବାଦ ଘଟଣାକୁ କେନ୍ଦ୍ରକରି ହାଇକୋର୍ଟ ନିଜ ଆଡୁ ଏହି ମାମଲା ରୁଜୁ କରିଥିଲେ। ହାଇକୋର୍ଟଙ୍କ ନିର୍ଦ୍ଦେଶ ମୁତାବକ ପୂର୍ବତନ ଏଡିଜି (ଆଧୁନିକୀକରଣ) ଦୟାଲ ଗାଙ୍ଗୁଆର୍ ହାଇକୋର୍ଟରେ ହାଜର ହୋଇ ସବୁ ଥାନାରେ ସିସିଟିଭି କ୍ୟାମେରା ଲଗାଇବା ଉପରେ ସତ୍ୟପାଠ ଦାଖଲ କରିସାରିଛନ୍ତି। ରାଜ୍ୟ ପୋଲିସ ବିଭାଗ ଦ୍ୱାରା ଭିଡିଓ ମ୍ୟାନେଜମେଣ୍ଟ ସିଷ୍ଟମ ଆରମ୍ଭ କରାଯାଉଛି। ଡିଜିପିଙ୍କ କାର୍ଯ୍ୟାଳୟରେ ଅତ୍ୟାଧୁନିକ ଜ୍ଞାନକୌଶଳରେ ଏକ କେନ୍ଦ୍ରୀୟ ନିୟନ୍ତ୍ରଣ ରୁମ୍ ମନିଟରିଂ ସିଷ୍ଟମ କରାଯାଉଛି। ଏହାଦ୍ୱାରା ରାଜ୍ୟରେ କେଉଁ ଥାନାରେ ସିସିଟିଭି କାମ କରୁନାହିଁ ତାହା ଡିଜିପି ଜାଣିପାରିବେ। ଅନ୍ୟପକ୍ଷରେ ସୁପ୍ରିମକୋର୍ଟ ବିଚାରପତି ପରମଜିତ୍ ସିଂହଙ୍କ ପ୍ରଦତ୍ତ ରାୟ ଅନୁସାରେ ୨୦୨୭ ସୁଦ୍ଧା ସମସ୍ତ ଥାନାରେ ଶିଶୁ ଓ ମହିଳା ଡେସ୍କ କରାଯିବ। ପୁନଶ୍ଚ ଏକ ଅତ୍ୟାଧୁନିକ ବ୍ୟବସ୍ଥା ଅନୁଯାୟୀ ପ୍ରତି ଥାନାରେ ପୋଲିସ ବିଭାଗ ନେଟ୍‌ୱର୍କ ଭିଡିଓ ରେକର୍ଡିଂ(ଏନ୍‌ଭିଆର୍) ସିଷ୍ଟମ କରାଯାଇଛି। ଏହାଦ୍ୱାରା ଥାନାରେ ଘଟୁଥିବା କାର୍ଯ୍ୟକଳାପର ସିସିଟିଭି ରେକର୍ଡିଂ ବର୍ଷେ ପର୍ଯ୍ୟନ୍ତ ସଂରକ୍ଷିତ ହୋଇରହିବ। ହାଇକୋର୍ଟ ଏହି ରେକର୍ଡିଂକୁ ଡିଜିପିଙ୍କ କାର୍ଯ୍ୟାଳୟକୁ ହସ୍ତାନ୍ତର କରିବାକୁ ପରାମର୍ଶ ଦେଇଥିଲେ।

ଆମେ ଯାହାକୁ ହିନ୍ଦୁ ଧର୍ମ କହୁ– ତାହା ହେଉଛି ପ୍ରକୃତରେ ଶାଶ୍ୱତ ବା ସନାତନ ଧର୍ମ। କାରଣ– ଏହା ହେଉଛି ବିଶ୍ୱଜନୀନ ଧର୍ମ, ଯାହାକି ଅନ୍ୟ ସମସ୍ତ ଧର୍ମକୁ ଆଲିଙ୍ଗନ କରେ। କୌଣସି ଧର୍ମ ଯଦି ବିଶ୍ୱଜନୀନ ନୁହେଁ– ତେବେ ତାହା ସନାତନ ହୋଇ ପାରେନା। –ଶ୍ରୀଅରବିନ୍ଦ

-ଗରୁଡ଼ ଦ୍ୱାଦଶୀ
ଓ ତୁଳସୀ ବିବାହ



# ମାର୍ ମାର୍ ନାଗରିକଙ୍କୁ

ସୁଇଜରଲାଣ୍ଡସ୍ଥିତ ବାୟୁମାନ ତଦାରଖ ସଂସ୍ଥା 'ଆଇକ୍ୟୁଏୟାର' ମାର୍ଚ୍ଚ ୨୦୨୪ରେ ଏକ ରିପୋର୍ଟ ପ୍ରକାଶ କରିଥିଲା, ଯେଉଁଥିରେ ଦିଲ୍ଲୀ ୨୦୨୩ରେ ବିଶ୍ୱର ସର୍ବାଧିକ ପ୍ରଦୂଷିତ ରାଜଧାନୀ ବୋଲି ବିବେଚିତ ହୋଇଥିଲା। ଏହି ରିପୋର୍ଟର ସତ୍ୟତା ଉପରେ ସନ୍ଦେହ ଏଇଥିପାଇଁ ରହୁନାହିଁ ଯେ ଦିଲ୍ଲୀରେ ଦେଖାଦେଇଥିବା ପ୍ରଦୂଷଣ ସବୁ ସୀମା ଟପି ସାରିଲାଣି। ଏବେ ସୁପ୍ରିମକୋର୍ଟ କଡ଼ା ନିର୍ଦ୍ଦେଶ ଦେଇ କହିଛନ୍ତି ଯେ ସବୁଦିନ ବାଣ ବନ୍ଦ କରିବା ନେଇ ଦିଲ୍ଲୀ ସରକାର ତୁରନ୍ତ ନିଷ୍ପତ୍ତି ନିଅନ୍ତୁ। ଏଥିସହିତ ପ୍ରଦୂଷଣକୁ ବଢ଼ାଇବା ଭଳି କୌଣସି କାର୍ଯ୍ୟକୁ ଧର୍ମ ପ୍ରୋତ୍ସାହିତ କରେ ନାହିଁ ବୋଲି ସର୍ବୋଚ୍ଚ ନ୍ୟାୟାଳୟ କହିଛନ୍ତି। ୨୦୨୪ ଦୀପାବଳି ପୂର୍ବରୁ ସୁପ୍ରିମକୋର୍ଟ ବାଣ ଉତ୍ପାଦନ ଓ ବିକ୍ରି ଉପରେ କଟକଣା ଲାଗୁ କରିଥିଲେ ମଧ୍ୟ ସେ ଦିଗରେ ସେଭଳି ସଫଳତା ନ ମିଳିବାରୁ କୋର୍ଟ ବର୍ତ୍ତମାନ ପୋଲିସ କାର୍ଯ୍ୟ କେବଳ ଲୋକଦେଖାଣିଆ ବୋଲି କହି ଭର୍ତ୍ସନା କରିଛନ୍ତି।

ପ୍ରଦୂଷଣ ନିୟନ୍ତ୍ରଣ ଦିଗରେ ସୁପ୍ରିମକୋର୍ଟଙ୍କ ରାୟ ଉତ୍ସାହଜନକ। କିନ୍ତୁ ସର୍ବଦା ନାଗରିକଙ୍କ ତ୍ରୁଟିକୁ ଲକ୍ଷ୍ୟ କରାଯାଇ ଦିଆଯାଉଥିବା ନିର୍ଦ୍ଦେଶ ସାଧାରଣରେ ଗ୍ରହଣୀୟ ହୋଇପାରୁ ନାହିଁ। ଦୀପାବଳିରେ ବାଣଫୁଟା ହେଉ ବା ବିବାହ ବ୍ରତ ଭଳି କୌଣସି ସାମାଜିକ କାର୍ଯ୍ୟରେ ଆତସବାଜି କାର୍ଯ୍ୟକ୍ରମ ଯେତିକି ବାୟୁ ପ୍ରଦୂଷଣ କରିଥାଏ, ତାହାଠାରୁ କାହିଁ କେତେ ଗୁଣରେ କଳକାରଖାନା, ଯାନବାହନ, ନିର୍ମାଣ କାର୍ଯ୍ୟ, ବର୍ଜ୍ୟଠୁଳ ଓ ପୋଡ଼ିରୁ ନିର୍ଗତ ଧୂଆଁଧୂଳି ଏବଂ ବିଷାକ୍ତ ଗ୍ୟାସ ଯୋଗୁ ପରିବେଶ ପ୍ରଦୂଷିତ ହେବାରେ ଲାଗିଛି। ଏପରିକି ବିମାନ ଚଳାଚଳରେ ମଧ୍ୟ ପ୍ରଦୂଷଣ ଘଟୁଥିବା ଅନ୍ତର୍ଜାତୀୟ ସ୍ତରରେ ପ୍ରମାଣ ରହିଛି। ପୂର୍ବରୁ ଦିଲ୍ଲୀ ଓ ଏହାର ଆଖପାଖ ରାଜ୍ୟରେ ଖୁଣ୍ଟା ପୋଡ଼ି ଯୋଗୁ ପ୍ରଦୂଷଣ ବଢୁଛି ବୋଲି ଯେଉଁ ଦୋଷ ଦିଆଯାଇ ଆସୁଥିଲା, ତାହା ଏଥର କମିଯାଇଥିଲେ ମଧ୍ୟ ବାୟୁ ପ୍ରଦୂଷଣ ସୁଧୁରି ନାହିଁ। ଅକ୍ଟୋବର ୨୦୨୪ରେ କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ସିପିସିବି)ର ତଥ୍ୟରୁ ଜଣାପଡ଼ିଛି ଯେ, ଦିଲ୍ଲୀ ବାୟୁ ପ୍ରଦୂଷଣର ୧%ରୁ ସାମାନ୍ୟ ଅଧିକ ଖୁଣ୍ଟା ପୋଡ଼ି ଯୋଗୁ ଘଟୁଛି। ଏହି ପରିସଂଖ୍ୟାନକୁ ଦେଖିଲେ ଦିଲ୍ଲୀ ପ୍ରଦୂଷଣ ପଛରେ ଶିଳ୍ପ, ନିର୍ମାଣ କ୍ଷେତ୍ର ଏବଂ ଜୀବାଶ୍ମ ଇନ୍ଧନ ଚାଳିତ ଯାନର ବଡ଼ ଭୂମିକା ରହୁଛି। ପ୍ରଦୂଷଣକାରୀ ଶିଳ୍ପ ମଧ୍ୟରେ ରହୁଛି ଦିଲ୍ଲୀ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଚାଲୁଥିବା ବଦରପୁର ଭଳି ୧୧ଟି କୋଇଲାଚାଳିତ ବିଦ୍ୟୁତ୍ ଉତ୍ପାଦନ କେନ୍ଦ୍ର ଓ ଅନ୍ୟାନ୍ୟ କଳକାରଖାନା। ଏହାବ୍ୟତୀତ ମାର୍ଚ୍ଚ ୨୦୨୩ ସୁଦ୍ଧା ଦିଲ୍ଲୀରେ ପଞ୍ଜୀକୃତ ଯାନ ସଂଖ୍ୟା ପାଖାପାଖି ୧.୨ କୋଟିରୁ ଅଧିକ ଥିବାବେଳେ ବିଦ୍ୟୁତ୍ ଚାଳିତ ଯାନ ସଂଖ୍ୟା ଥିଲା ୧.୨୪ ଲକ୍ଷ। ଅର୍ଥାତ୍ ଜୀବାଶ୍ମ ଇନ୍ଧନଚାଳିତ ଗାଡ଼ି ସର୍ବାଧିକ ପ୍ରଦୂଷଣ କରୁଛି। ଦିଲ୍ଲୀର ସେଣ୍ଟର ଅଫ୍ ସାଇନ୍ସ ଆଣ୍ଡ୍ ଏନ୍‌ଭାଇରନ୍‌ମେଣ୍ଟର ରିପୋର୍ଟରୁ ଜଣାପଡ଼ିଛି ଯେ, କଳକାରଖାନା, ଗାଡ଼ିମୋଟର ଓ ନିର୍ମାଣ ଆଦି କ୍ଷେତ୍ରରୁ ୭୦ ପ୍ରତିଶତ ବାୟୁ ପ୍ରଦୂଷଣ ଘଟୁଛି। ଆଇଆଇଟି କାନପୁର ଓ ଦିଲ୍ଲୀ ସରକାରଙ୍କ ଏକ ମିଳିତ ଅନୁଧ୍ୟାନ କହେ ଯାନବାହନ ଓ କଳକାରଖାନାରୁ ନିର୍ଗତ ଦୂଷିତ ବର୍ଜ୍ୟ ଯୋଗୁ ଏଠାକାର ପ୍ରଦୂଷଣ ବଢ଼ିଯାଇଛି। ଏହି ରିପୋର୍ଟରେ କୁହାଯାଇଛି, ଦିଲ୍ଲୀ ବାୟୁ ପ୍ରଦୂଷଣର ୪୧ପ୍ରତିଶତ ଯାନବାହନ ଯୋଗୁ ହେଉଥିବାବେଳେ ଶିଳ୍ପରୁ ୧୮% ଓ ଧୂଳିର ୨୨% ଭୂମିକା ରହୁଛି। ବିଭିନ୍ନ ରିପୋର୍ଟର ପରିସଂଖ୍ୟାନଗତ ତଥ୍ୟ ଅଲଗା ରହୁଥିଲେ ମଧ୍ୟ ବାଣ ଫୁଟା ଓ ଖୁଣ୍ଟା ପୋଡ଼ି ଅପେକ୍ଷା ଉପରଲିଖିତ ପ୍ରଦୂଷଣକାରୀ ଉତ୍ସର ଯୋଗଦାନ ଯଥେଷ୍ଟ ଅଧିକ। ତେଣୁ ସୁପ୍ରିମକୋର୍ଟ ପ୍ରଦୂଷଣ ପାଇଁ କେବଳ ନାଗରିକଙ୍କ ଦୋଷତ୍ରୁଟିକୁ ଦେଖିଲା ଭଳି ମନେହେଉଛି। ଚଳିତ ବର୍ଷ ଯମୁନା ନଦୀରେ ଛଟ୍‌ପୂଜା ନ କରିବା ଲାଗି ଅଦାଲତ ଲୋକଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଛଟ୍‌ପୂଜାରୁ କେତେ ପରିମାଣ ଓ କେଉଁ ପ୍ରକାରର ପ୍ରଦୂଷଣ ଘଟିଥାଏ ତାହାର ତଥ୍ୟ କାହା ପାଖରେ ନାହିଁ। ମନେରଖିବାକୁ ହେବ ଯେ, ଯମୁନା ନଦୀରେ ଭାସୁଥିବା ଫେଣ ଛଟ୍‌ପୂଜା ଯୋଗୁ ଘଟି ନ ଥାଏ। ଆଗ୍ରା, ପାନିପଥ, ସୋନିପଥ, ଫରିଦାବାଦ, ଗୁରୁଗ୍ରାମ ଆଦି ସ୍ଥାନରେ ଥିବା ପ୍ରାୟ ୪୦୦ରୁ ଊର୍ଦ୍ଧ୍ୱ କଳକାରଖାନାରୁ ନିର୍ଗତ ବିଷାକ୍ତ ରାସାୟନିକ ପଦାର୍ଥ ଓ ଅଣବିଶୋଧିତ ମଇଳା ପାଣି ଯୋଗୁ ଯମୁନା ପ୍ରଦୂଷିତ ହେବାରେ ଲାଗିଛି। ଏହି ମୂଳ କାରଣକୁ ନ ଖୋଜି ନାଗରିକଙ୍କ ଉପରେ ଦୋଷ ଲଦି ଦେବାର ଗୋଟେ ରୀତିମତ ପ୍ରୟାସ ଚାଲିଛି।

ଓଡ଼ିଶାକୁ ଫେରିଲେ ଏଠାରେ ଦିଲ୍ଲୀର ଭୟ ୨୦୨୪ ଜାନୁଆରୀ ପ୍ରଥମ ସପ୍ତାହରେ ସୃଷ୍ଟି ହୋଇଥିଲା। ଭାରତର ସବୁଠୁ ପ୍ରଦୂଷିତ ୧୬ଟି ସହର ମଧ୍ୟରେ ଓଡ଼ିଶାର ୬ଟି ଥିଲା ବୋଲି ଭାରତୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଦର୍ଶାଇଥିଲା। ଉଦ୍‌ବେଗଜନକ ବିଷୟ ହେଉଛି ଅନୁଗୋଳ ସହରର ବାୟୁ ଗୁଣମାନ ସୂଚକାଙ୍କ(ଏକ୍ୟୁଆଇ) ୩୫୭ ଥିଲାବେଳେ ଦିଲ୍ଲୀରେ ସେତେବେଳେ ଏହା ଥିଲା ୩୪୬। ଏହାବାଦ୍ ତାଳଚେର, କଟକ, ଭୁବନେଶ୍ୱର, ବାଲେଶ୍ୱର, ଓ କେନ୍ଦୁଝରର ଏକ୍ୟୁଆଇ ବିପଜ୍ଜନକ ରହିବା ପଛରେ କଳକାରଖାନା, ଖଣିଖାଦାନ ଓ ଗଦାଗଦା ବର୍ଜ୍ୟ ଦାୟୀ ବୋଲି କୁହାଯାଇପାରେ।

ଦିଲ୍ଲୀଠାରୁ ଅନୁଗୋଳ ପର୍ଯ୍ୟନ୍ତ ପ୍ରଦୂଷଣକୁ ଦେଖିଲେ ସବୁଥିରେ ନାଗରିକଙ୍କୁ ଦାୟୀ କରା ନ ଯାଇ ପ୍ରଦୂଷଣକାରୀ କମ୍ପାନୀ, ନିର୍ମାଣ ସଂସ୍ଥା ଓ ବର୍ଜ୍ୟବସ୍ତୁ ପରିଚାଳନାରେ ଦେଖାଦେଉଥିବା ଅବ୍ୟବସ୍ଥାକୁ ସୁଧାରିବା ଦିଗରେ ଗୁରୁତ୍ୱ ଦେବାର ସମୟ ଆସିଲାଣି। ନାଗରିକଙ୍କୁ ଆଧାର ସହ ପାନ୍ କାର୍ଡ ଓ ବ୍ୟାଙ୍କ ଆକାଉଣ୍ଟ ସଂଯୋଗ ଲାଗି ବାରମ୍ବାର ଦୌଡ଼ା ଯିବାଠାରୁ ଆରମ୍ଭ କରି ସ୍ୱଚ୍ଛତା ଟିକସ, ଶିକ୍ଷା ସେସ୍, ଜିଏସ୍‌ଟି ଭଳି ଟିକସ ବସାଇ ସରକାର ଆମ୍ଭମାନଙ୍କୁ ଘାଣ୍ଟିବାରେ ଲାଗିଛନ୍ତି। ସେମିତି କଚେରି ଚତୁରତାର ସହିତ ସବୁ ବୋଝ ନାଗରିକଙ୍କ ଉପରେ ପ୍ରଥମେ ଅଜାଡ଼ି ଦେଇ ଝାଡ଼ିଝୁଡ଼ି ବସି ପୋଲିସକୁ ଲଗାଇ ଦେଉଛି। ଅନ୍ୟପଟେ କର୍ପୋରେଟ୍ ସଂସ୍ଥା ଯେତେ ବେଆଇନ କାର୍ଯ୍ୟ କଲେ ମଧ୍ୟ ତାହା ପ୍ରତି ସରକାରଙ୍କଠାରୁ ଆରମ୍ଭ କରି ଅଦାଲତ ପର୍ଯ୍ୟନ୍ତ ନରମଭାବ ପ୍ରଦର୍ଶନ କରିବା ହୋଇଯାଇଛି ଯେମିତି ନୂଆ ନିୟମ।

# ମନ୍ଦଦୃଷ୍ଟି ଓ ମନବୋଧ



ଉପେନ୍ଦ୍ର ବିଶ୍ୱାଳ

ଦିନେ ଜଣେ ବନ୍ଧୁଙ୍କୁ ସଙ୍ଗୋଳିନେବାକୁ ବସ୍‌ଷ୍ଟାଣ୍ଡରେ ଅପେକ୍ଷା କରିଥାଏ। ଏହି ସମୟରେ ଝିଅଟିଏ ଅଟୋ ଚଳାଇ ଆସି ପହଁଚିଲା ଯାତ୍ରୀଭଡ଼ା ଉଦ୍ଦେଶ୍ୟରେ। ଅକସ୍ମାତ୍ ଆଖି ପଡ଼ିଲା ଅଟୋଟିର ପଛପଟେ ଲିଖିତ ଧାଡ଼ି ଲେଖା ଉପରେ, ''ଦେଖୋ, ମଗର ବୁରି ନଜର ମେଁ ମତ୍ ଦେଖୋ।'' ଧାଡ଼ି ଲେଖା କିନ୍ତୁ କହୁଥିଲା ଗାଡ଼ିଏ (ଗାଡ଼ିଆ ପରିମିତ) କଥା। ''ଚାହଁ, କିନ୍ତୁ ଖରାପ ଦୃଷ୍ଟିରେ ଦେଖନାହିଁ।'' ସତରେ, କି ସୁନ୍ଦର ଦାର୍ଶନିକ ଦୃଷ୍ଟିଭଙ୍ଗୀର କଥାଟିଏ! ମଣିଷ ମନକୁ ପ୍ରଭାବିତ କରିଥାଏ ଆଖିର ନଜର। କାରଣ ମନ ହେଉଛି ଇନ୍ଦ୍ରିୟର ବଶମ୍ବଦ। ଭଲ ଦୃଷ୍ଟିରେ ଦେଖିଲେ ମନ କଳୁଷିତ ହୁଏନାହିଁ। ଅର୍ଥାତ୍ ଦୃଷ୍ଟିକୋଣର ପବିତ୍ରତା ରହିଲେ ମନ କୁପ୍ରବୃତ୍ତିଯୁକ୍ତ ହେବନାହିଁ। ଅନ୍ୟଥା ଦେଖିବାର ଦୃଷ୍ଟିଭଙ୍ଗୀ ଖରାପ ରହିଲେ ମନ କୁଭାବନାର ବଶବର୍ତ୍ତୀ ହେବ, ଅନର୍ଥର କାରଣ ସାଜିବ। ମନେପଡ଼େ ଜୀବନ ଗଢ଼ଣର ଗାଢ଼ ତତ୍ତ୍ୱଭରା ସୁନ୍ଦର ଗୀତଟିଏ– ବୁରା ମତ୍ ସୁନୋ ବୁରା ମତ୍ ଦେଖୋ ବୁରା ମତ୍ କହୋ ... ବୁରି ହୈ ବୁରାଇ (ଚଳଚ୍ଚିତ୍ର– ଆୟା ସାୱାନ ଝୁମକେ)। ''ମନ୍ଦ କଥା ଶୁଣନାହିଁ, ମନ୍ଦ ଜିନିଷ ଦେଖନି, ମନ୍ଦ କଥା କୁହନାହିଁ .... ମନ୍ଦ ହିଁ ଅମଙ୍ଗଳ।'' ଏହି ପ୍ରସଙ୍ଗରେ ମନେପଡ଼େ ଦାର୍ଶନିକ ସକ୍ରେଟିସ୍‌ଙ୍କ ଜୀବନର ଏକ ଘଟଣା। ଏକଦା ଜଣେ ବ୍ୟକ୍ତି ଦୌଡ଼ି ଦୌଡ଼ି ଆସି ସକ୍ରେଟିସ୍‌ଙ୍କ କାନ ପାଖରେ ଫୁସ୍‌ଫୁସ୍ କରି କ'ଣ କହିବାକୁ ଯାଉଥିଲା ବେଳେ ଟିକିଏ ଦୂରକୁ ଘୁଞ୍ଚିଯାଇ ସକ୍ରେଟିସ୍ କହିଲେ– ରୁହ ରୁହ। ଆଗେ କୁହ, ତୁମେ ମୋତେ ଯେଉଁ କଥା କହିବାକୁ ଯାଉଛ ତାହା ସତ୍ୟ ଘଟଣା ତ? ଯଦି ସତ, ତେବେ ତାହା ହିତକର ତ? ଯଦି ହଁ, ତେବେ ମୋତେ କହିପାର। ଅନ୍ୟଥା ମୋତେ ତାହା ଶୁଣାଅ ନାହିଁ। ତାଙ୍କ ଦୃଷ୍ଟିଭଙ୍ଗୀରେ ଏହିଭଳି ଦିବ୍ୟତ୍ୱ ଥିବାରୁ ସେ ମନ୍ଦଠାରୁ ମାଇଲ ମାଇଲ ଦୂରରେ ରହୁଥିଲେ। ଯେଉଁଥିପାଇଁ କି ସେ ପରିଗଣିତ ହେଲେ ବିଶ୍ୱବିଖ୍ୟାତ ଦାର୍ଶନିକ ଭାବେ। ସକ୍ରେଟିସ୍‌ଙ୍କ ପରି ମନୁଷ୍ୟ ଯଦି ଅହଂଠାରୁ ଦୂରେଇ ରୁହେ, ସତପଥୀ, ସତ୍ୟାନୁରାଗୀ, ସତ୍ୟଦର୍ଶୀ ହୁଏ, ତେବେ ସେ ନିଶ୍ଚିତଭାବେ ସତ୍ ଜୀବନଯାପନ କରିପାରିବ। ଏହି ସତ୍ ଜୀବନଯାପନ ହିଁ ତ ବାସ୍ତବ ଆଧ୍ୟାତ୍ମିକତା, ଈଶ୍ୱରାଭିମୁଖୀ ହେବାର ପ୍ରକୃଷ୍ଟ ପଥ। ରୁଗ୍ଣତା ଯେମିତି ଦେହର ଦୁର୍ବଳତା, ଖରାପ ବା ମନ୍ଦର ବଶବର୍ତ୍ତୀ ହେବା ବି ସେମିତି ଏକପ୍ରକାର ମନର ରୁଗ୍ଣତା, ମନର ମଳି। ସେଥିପାଇଁ ଖରାପ ପୁସ୍ତକ ପଢ଼ିବାକୁ ବାରଣ କରାଯାଇଥାଏ। କାରଣ ଖରାପ ପୁସ୍ତକ ପଢ଼ିବା ଅର୍ଥ ବିଷ ଖାଇବା ସଙ୍ଗେ



ସମାନ। ପ୍ରସଂଗକ୍ରମେ ଆଉ ଏକ ଦିବ୍ୟ ଦୃଷ୍ଟାନ୍ତଟିଏ ଏଠାରେ ଉଲ୍ଲେଖ କରିବା ସମୀଚୀନ ମନେହୁଏ। ଭିନ୍ନ ଏକ ଜଗତର ସନ୍ଧାନରେ ବାହାରିଥିବା ପୁତ୍ର ଶୁକଦେବଙ୍କୁ 'ହେ ଶୁକଦେବ, ହେ ଶୁକଦେବ' ବୋଲି ଡାକି ଡାକି ଅନୁଧାବନ କରୁଥା'ନ୍ତି ମହର୍ଷି ବ୍ୟାସଦେବ। ପଥପାର୍ଶ୍ୱସ୍ଥ ଏକ ପୁଷ୍କରିଣୀର ସ୍ୱଚ୍ଛ ଜଳରାଶିରେ ହର୍ଷ, ଉଲ୍ଲାସର ସହିତ ନିର୍ଦ୍ୱନ୍ଦ୍ୱ ଜଳକ୍ରୀଡ଼ାରେ ମଗ୍ନ ଥାଆନ୍ତି କେତେକ ତରୁଣୀ। ଶୁକଦେବଙ୍କ ପରେ ପରେ ସେହି ପୁଷ୍କରିଣୀ ପାର୍ଶ୍ୱ ଦେଇ ବ୍ୟାସଦେବ ଆସୁଥିବା ବେଳେ, ତାଙ୍କୁ ଦେଖି ସ୍ନାନରତା ଯୁବତୀମାନେ ତରବରରେ ଉପରକୁ ଉଠିଆସି ଶରୀରକୁ ଆବୃତ କରିଦେଲେ ବସ୍ତ୍ର ଦ୍ୱାରା। ଏହି ଘଟଣାରେ କ୍ଷିପ୍ରବେଗୀ ସ୍ଥବିରଙ୍କ ପାଦ ଯୁଗଳ ହଠାତ୍ ସେଠାରେ ସ୍ଥିର ହୋଇ ଅଟକିଗଲା। ଅତ୍ୟନ୍ତ ଆଚମ୍ବିତ ହୋଇ ଯୁବତୀଗଣଙ୍କୁ ପୃଚ୍ଛା କଲେ ମହର୍ଷି, ''ଏଇମାତ୍ର କ୍ଷଣିକ ଆଗରୁ ସାମାନ୍ୟ ବସ୍ତ୍ର (କୌପୀନ) ପରିହିତ ଯୌବନୋଦ୍ଦୀପ୍ତ ତରୁଣ ଶୁକଦେବ ଏହି ପଥ ଦେଇ ଯାଉଥିବା ବେଳେ ତୁମ୍ଭମାନଙ୍କର ତ କାହିଁ ନ ଥିଲା ତିଳେ ମାତ୍ର ପ୍ରତିକ୍ରିୟା। ନିର୍ଭୟ, ନିର୍ବିଘ୍ନ ଓ ନିର୍ବିକାର ଭାବେ ତୁମେ ସେମିତି ଜଳକ୍ରୀଡ଼ାର ଆନନ୍ଦ ଉପଭୋଗ କରୁଥିଲ। ମାତ୍ର ଏହି ବୃଦ୍ଧ ବ୍ୟାସକୁ ଦେଖି ତୁମ୍ଭମାନଙ୍କର ଏତେ ସଙ୍କୋଚବୋଧ କାହିଁକି ଭଦ୍ରା:?'' ସେଇଠୁ ଅତ୍ୟନ୍ତ ନମ୍ରତାର ସହିତ ଜଣେ ଯୁବତୀ କହିଲେ, ''ହେ ମହର୍ଷି! ଆମ୍ଭଙ୍କ, ବ୍ରହ୍ମଜ୍ଞାନୀ ଶୁକଦେବଙ୍କ ଆଖିରେ ସମସ୍ତ ଆତ୍ମା ସମାନ– ଏକ ବ୍ରହ୍ମ, ଏକ ଆତ୍ମାଭାବ। ତାଙ୍କ ଦୃଷ୍ଟିରେ ଭରିରହିଛି ପବିତ୍ର ଦୃଷ୍ଟିକୋଣ। ତାଙ୍କ ନଜରରେ ନ ଥାଏ ନାରୀ ଓ ପୁରୁଷଙ୍କ ଭିତରେ କିଛି ପାର୍ଥକ୍ୟ। ନ ଥାଏ ସାମାନ୍ୟମାତ୍ର ବିକାରଭାବ। ତରୁଣ ହେଲେ ବି ଏଭଳି ବିକାରଶୂନ୍ୟ ଦିବ୍ୟଭାବର ପୁରୁଷଙ୍କ ପ୍ରତି ଆମର ଲଜ୍ଜାଭାବ ଆସିବ ବା କାହିଁକି?

ମନୋବିଜ୍ଞାନ ଅନୁଯାୟୀ ଆମ ମନ ଯେମିତି ଚିନ୍ତା କରିବ, କ୍ରିୟାକଳାପ ମଧ୍ୟ ତଦନୁଯାୟୀ ହେବ। ଫଳ ମଧ୍ୟ ତଦ୍ରୂପ। ସେଥିପାଇଁ କୁହାଯାଇଥାଏ ''ଯଦି ଭାବମ ତଦ ଭବତି।'' ଅର୍ଥାତ୍ ଯେମିତି ଭାବନା, ସେମିତି ଫଳ, ସେମିତି ଭବିଷ୍ୟତ। ଆମ ଶାସ୍ତ୍ର ସେଥିପାଇଁ କହିଛନ୍ତି – ମନର ମୂଳେ ଏ ଜଗତ। ମଣିଷର ଶରୀର ଏକ ଜୈବିକ ଯନ୍ତ୍ର। ମନ ହେଉଛି ଏହି ଯନ୍ତ୍ରର ଗୁରୁତ୍ୱପୂର୍ଣ୍ଣ ଅଂଶ। ଯାହାକି ଚିନ୍ତା କରିପାରେ, ଅନୁଭବ କରିପାରେ, କଳ୍ପନା କରିପାରେ, ମନେ ରଖିପାରେ, ଇଚ୍ଛା କରିପାରେ। କିନ୍ତୁ ଏହି ମନଟି ଇନ୍ଦ୍ରିୟ ଅଧୀନ। ଅର୍ଥାତ୍ ଇନ୍ଦ୍ରିୟର ବଶ ହେବାକୁ ସେ ସଦା ବ୍ୟାକୁଳ। ଅନ୍ୟପକ୍ଷରେ, ଆଧ୍ୟାତ୍ମିକ ଦୃଷ୍ଟିକୋଣରୁ ମଣିଷର ମନ ସର୍ବଶକ୍ତିମାନ ଈଶ୍ୱର ଚେତନାର ଏକ ସ୍ଫୁଲିଙ୍ଗ। ପରମାଣୁ ଦେହରେ ଯେମିତି ଅସୀମ ଶକ୍ତି ଥାଏ, ସେମିତି ମନ ମଧ୍ୟ ଅଜସ୍ର ଶକ୍ତିର ଉତ୍ସ। ଯେମିତି ପରମାଣୁ ଶକ୍ତିର ସୁବିନିଯୋଗ ଦ୍ୱାରା ମାନବ ସମାଜର ଅଶେଷ କଲ୍ୟାଣ ସାଧିତ ହୋଇଥାଏ, ଅନ୍ୟପକ୍ଷରେ ଅସ୍ତ୍ର ବିନିଯୋଗ ଦ୍ୱାରା ଅକଳ୍ପନୀୟ କ୍ଷତିସାଧନ ହୁଏ। ଠିକ ସେମିତି ଅସୀମ ସାମର୍ଥ୍ୟ ଥିବା ମନର ସଦୁପଯୋଗ ବଳରେ ଆମର ପ୍ରଭୂତ ଉନ୍ନତି ସାଧିତ ହୋଇଥାଏ। ମାତ୍ର ମନକୁ ଭୁଲ୍ ବାଟରେ ପରିଚାଳିତ କଲେ ତାହା ଆମର ଅଜସ୍ର ଅମଙ୍ଗଳର କାରଣ ସାଜିଥାଏ। ସକାରାତ୍ମକ ଦୃଷ୍ଟିକୋଣ ନେଇ ଦୃଢ଼ ମନୋବଳ ବା ପ୍ରବଳ ଇଚ୍ଛାଶକ୍ତି ବଳରେ ଜଣେ ଅସମ୍ଭବକୁ ବି ସମ୍ଭବ କରିପାରେ। ମନରେ ଯାହା ଆଶା ବାନ୍ଧେ, ତାହା ଫଳବତୀ ହୁଏ। ଗୋଟେ ଗୋଡ଼ ହରେଇ ବି ଅରୁଣୀମା ସିହ୍ନାଙ୍କ ପରି ଝିଅମାନେ କେତେବେଳେ ହିମାଳୟ ଚୂଡ଼ା ଲଘି ପାରନ୍ତି ତ ଆଉ କେବେ ସାମାନ୍ୟ ଶରୀରଧାରୀ ଶ୍ୟାମାକାନ୍ତ ବନ୍ଦୋପାଧ୍ୟାୟ (ବ୍ୟାଘ୍ରସ୍ୱାମୀ)ଙ୍କ ପରି ମାମୁଲି ମଣିଷମାନେ ଗୋଟେ ଗୋଟେ ଶକ୍ତ ମୁଥରେ ହିଂସ୍ର ମହାବଳ ବାଘକୁ ବି ଧରାଶାୟୀ କରିଦେଇପାରନ୍ତି। କାରଣ, ମାଂସପେଶୀମାନଙ୍କର ଚାଳକ ହେଉଛି ମନ। ମନ ଶକ୍ତିଶାଳୀ ହେଲେ, ମନରେ ଦୃଢ଼ ଆତ୍ମବିଶ୍ୱାସ ରହିଲେ ସାମର୍ଥ୍ୟ ବହୁଗୁଣିତ ହୋଇଯାଏ। ବିଜୟର ଭାବନା ହେଉ କି ସଫଳତା ପାଇବାର ଇଚ୍ଛା ହେଉ, ମନରେ ସକାରାତ୍ମକ ଭାବନା ସୃଷ୍ଟି ହେଲେ ତାହା ଅବଶ୍ୟ ଘଟିବ। ସେଇଥିପାଇଁ ତ ଶ୍ରୀମଦ୍ ଭାଗବତରେ କୁହାଯାଇଛି, ''ଏ ମନ ଖୋଜୁଥାଏ ଯାହା/ କାଳେ ପ୍ରାପତ ହୁଏ ତାହା।'' ଗୀତାରେ ବି କୁହାଯାଇଛି, ''ମନଃ ଏବ ମନୁଷ୍ୟାଣାମ୍ କାରଣମ୍ ବନ୍ଧ–ମୋକ୍ଷୟୋଃ।'' ଅର୍ଥାତ୍ ମନର ଭାବନା ଆମ ପାଇଁ ଯେମିତି ବନ୍ଧନ ବା ଦୁଃଖର କାରଣ, ସେମିତିବି ମୋକ୍ଷ ବା ଆନନ୍ଦର କାରଣ। ଯେମିତି ଫୁଲର ମହତ୍ତ୍ୱ ବଢ଼ାଏ ତା'ର ସୁଗନ୍ଧ, ସେମିତି ବି ମନର ମହତ୍ତ୍ୱ ବଢ଼ାଏ ଆଶାଭରା ଭାବନା, ସ୍ୱ ଚିନ୍ତନ, ସରସତା ବା ମଧୁର ସ୍ୱଭାବ। ସେଥିପାଇଁ ବେଦମାତା ଆମକୁ କହିଛନ୍ତିସ୍– ଆ ନୋ ଭଦ୍ରା: କ୍ରତବୋ ଯନ୍ତୁ ବିଶ୍ୱତଃ। ଅର୍ଥାତ୍ ବିଶ୍ୱର ପ୍ରତିଟି କୋଣରୁ ମହତ ଭାବନା ଉଦ୍ରେକ ହେଉ

ମୋ: ୯୪୩୭୪୩୬୦୭୩

# ନିଉଟନ୍‌ଙ୍କ କଣିକା ଓ ଆଲୋକର ରୂପ



ଡ. ଗୌରୀଶଙ୍କର ସାହୁ

ସକାଳ ପାହିଲେ ସୁନେଲି କିରଣ ବିଛେଇ ହୋଇପଡ଼େ। ସୁନା କାନଫୁଲ ରଙ୍ଗର ଏଇ ଆଲୋକ ଗଛ, ପଶୁପକ୍ଷୀ, ପାହାଡ଼ର ଛାଇ ସୃଷ୍ଟିକରେ। ସେ ସୁନା ରଙ୍ଗର ହେଉ କି ରୁପା ରଙ୍ଗର ଆଲୋକ, ଯେତେବେଳେ ସାଧାରଣ ମାଧ୍ୟମ ଦେଇ ଗତିକରେ, ଆମେ ତା' ରାସ୍ତାରେ ବସ୍ତୁଟିଏ ରଖିଲେ ଏଇ ବସ୍ତୁର ତୀକ୍ଷ୍ଣ ଛାଇ ଆଲୋକ ଗତି କରୁଥିବା ଦିଗରେ ଭୂଇଁ ଉପରେ ପଡ଼ିଥାଏ। ଏହାକୁ ଆଲୋକର ସରଳରୈଖିକ ଗତିର କାରଣ ବୋଲି କହିହେବ, ଯେଉଁ ଆଲୋକକୁ କଣିକା ରଶ୍ମି(ଷ୍ଟ୍ରିମ୍ ଅଫ୍ କର୍ପସ୍କୁଲ)ମାନଙ୍କ ଚଳଚଞ୍ଚଳ ସ୍ୱରୂପ ବୋଲି ଧରିନେଇ ସାର୍ ଆଇଜାକ୍ ନିଉଟନ୍ ପ୍ରତିଫଳନ(ରିଫ୍ଲେକ୍ସନ) ପ୍ରକ୍ରିୟାକୁ ବୁଝାଇ ପାରିଲେ, ହେଲେ ପ୍ରତିସରଣ(ରିଫ୍ରାକ୍ସନ)କୁ ବୁଝାଇବା ପାଇଁ ବାୟୁମଣ୍ଡଳ ଓ ଜଳଭଣ୍ଡାର ଏହିପରି ଦୁଇଟି ମାଧ୍ୟମ ମଧ୍ୟରେ ଥିବା ପତଳା ସୀମାରେଖାଠାରେ ଏକ ବିକର୍ଷଣ ବଳ ଆଲୋକରଶ୍ମି ଉପରେ ପଡୁଛି ବୋଲି ଧରିନେବାକୁ ହେଲା। ଏଇ ବଳର ଉପସ୍ଥିତି ପାଇଁ ଆଲୋକକୁ ଘନମାଧ୍ୟମ(ଯେପରି ଜଳଭଣ୍ଡାର)ରେ ଲଘୁମାଧ୍ୟମ(ଯେପରି ବାୟୁମଣ୍ଡଳ)ଠାରୁ ଅଧିକ ବେଗରେ ଗତି କରିବାକୁ ହେବ। ଜେ.ଏମ୍. ସ୍କାଏବର୍ଲଙ୍କ ଭାଷାରେ, ବାୟୁମଣ୍ଡଳରେ ଉଦ୍‌ଜାନ, ଯବକ୍ଷାରଜାନ, ଅମ୍ଳଜାନ ପ୍ରଭୃତି ଅଣୁଗୁଡ଼ିକ ପରସ୍ପରଠାରୁ ଅପେକ୍ଷାକୃତ ଅଧିକ ଦୂରତାରେ ଥିବାବେଳେ, ଜଳଭଣ୍ଡାରସ୍ଥିତ ଜଳ ଅଣୁଗୁଡ଼ିକ ପାଖାପାଖି ଥା'ନ୍ତି। ସୁତରାଂ ଜଳଭଣ୍ଡାରରେ ଆଲୋକର ପ୍ରକୃତ ପଥ ଓ ବାୟୁମଣ୍ଡଳରେ ସେଇ ଆଲୋକର ପ୍ରକୃତ ପଥର ଅନୁପାତ, ଜଳରେ ଆଲୋକର ପରିବେଗ ଓ ବାୟୁରେ ଆଲୋକର ପରିବେଗଠାରୁ ଯଥେଷ୍ଟ ଅଧିକ ସମୟ ହୋଇଥାଏ। ଫଳତଃ ଆଲୋକର ରଶ୍ମି ଜଳପଥରେ ଗତି ବେଳେ ଅଧିକ ହୋଇଥାଏ। ଫଳତଃ ଆଲୋକ ରଶ୍ମିକୁ ଜଳପଥରେ ଗତିକଲାବେଳେ ଅଧିକ ସମୟ ଲାଗିଥାଏ। ଫରାସୀ ଗବେଷକ ଜିନ୍ ବର୍ଣ୍ଣାଡ୍ ଲିଅନ୍ ଫକଲ୍ଟ, ସାର୍ ଆଇଜାକ୍ ନିଉଟନ୍‌ଙ୍କ ଦେହାନ୍ତର ଶହେବର୍ଷ ପରେ ୧୮୫୦ ସାଲ୍‌ରେ 'ଘୂର୍ଣ୍ଣାୟମାନ ଦର୍ପଣ ପରୀକ୍ଷଣ'ରୁ ପାଇଲେ ଯେ ବାସ୍ତବରେ ଆଲୋକ ବାୟୁଠାରୁ ଜଳରେ ଅପେକ୍ଷାକୃତ କମ୍ ବେଗରେ ଗତିକରେ!

ହେଲେ ନିଉଟନ୍‌ଙ୍କୁ ଯେତେବେଳେ ପ୍ରାୟ ୧୯ ବର୍ଷ ବୟସ ଓ ବିଦ୍ୟାର୍ଥୀ ଥା'ନ୍ତି, ସେତେବେଳେ ତାଙ୍କ ପଡ଼ୋଶୀ ଦେଶ ଫ୍ରାନ୍ସର ୫୫ ବର୍ଷ ବୟସ୍କ ଫରାସୀ ଗଣିତଜ୍ଞ 'ସର୍ବନିମ୍ନ ସମୟ ନିୟମ'(ପ୍ରିନ୍ସିପ୍ଲ ଅଫ୍ ଲିଷ୍ଟ ଟାଇମ୍) ରୂପେ ଏକ ମହତ୍ତ୍ୱପୂର୍ଣ୍ଣ ତତ୍ତ୍ୱ ଦେଇଥା'ନ୍ତି। ଏହାକୁ 'ସର୍ବନିମ୍ନ ଆଲୋକୀୟ ଦୂରତା ନିୟମ'(ପ୍ରିନ୍ସିପ୍ଲ ଅଫ୍ ଲିଷ୍ଟ ଅପଟିକାଲ୍ ପାଥ୍)ରେ ବ୍ୟବହାର କରିହେବ। ଆମେ ଯେମିତି ସହଜ ବାଟରେ ଲକ୍ଷ୍ୟ ହାସଲ ପାଇଁ ଚେଷ୍ଟାକରନ୍ତି, ଆଲୋକ ମଧ୍ୟ ସେମିତି ସେଇପଥରେ ଯାଏ, ଯାହା ତାକୁ ଅଳ୍ପ ସମୟରେ ଲକ୍ଷ୍ୟସ୍ଥଳରେ ପହଞ୍ଚାଇପାରିବ। ସରଳ ଭାଷାରେ କହିଲେ 'ଫର୍ମାଟ୍‌ଙ୍କ ନିୟମ' ହିଁ ପ୍ରକୃତି ସହଜ ଓ ସର୍ବନିମ୍ନ ବାଟରେ ଯିବାପାଇଁ ପ୍ରେରିତ କରେ ବୋଲି ପ୍ରତିପାଦିତ କରେ। ଏଇ ପ୍ରାକୃତିକ ନିୟମ ଆମ ଆଖପାଖରେ ସବୁଠାରେ ଦେଖିବାକୁ ମିଳେ।

ଯଦି ଫର୍ମାଟ୍‌ଙ୍କ ନିୟମ ବ୍ୟବହାର କରାଯିବ,



ତେବେ ନିଉଟନ୍‌ଙ୍କ କର୍ପସ୍କୁଲ(କଣିକା) ଘନ ମାଧ୍ୟମରେ ଲଘୁମାଧ୍ୟମଠାରୁ ଅଧିକ ବେଗରେ ଗତି ନ କରି ମଧ୍ୟ ପ୍ରତିଫଳନ ଓ ପ୍ରତିସରଣ ଉଭୟ ପ୍ରକ୍ରିୟାକୁ ବୁଝାଇବାରେ ସମର୍ଥ ହେବ। ନିଉଟନ୍‌ଙ୍କ ଲିଖିତ ଯୁଗାନ୍ତକାରୀ ପୁସ୍ତକ 'ଅପ୍ଟିକ୍ସ'ରେ ଆଲୋକର ଗୁଣାବଳୀ ବୁଝିବା ପାଇଁ ଉଭୟ କଣିକା(କର୍ପସ୍କୁଲ) ଓ ତରଙ୍ଗ(ୱେଭ୍) ତତ୍ତ୍ୱକୁ ବିଚାରକୁ ନିଆଯାଇଛି।

ନିଉଟନ୍‌ଙ୍କ କଣିକା ଫର୍ମାଟଙ୍କ ନିୟମ ମାନି ଗତିକରେ, ହେଲେ ଆଲୋକର ବ୍ୟତିକରଣ (ଇଣ୍ଟରଫେରେନ୍ସ) ଓ ବିକୀର୍ଣ୍ଣନ(ଡିଫ୍ରାକ୍ସନ)କୁ ବୁଝାଇବା ପାଇଁ ଏଇ କଣିକା ତତ୍ତ୍ୱ ସଫଳ ହୋଇପାରି ନ ଥିଲା। ଥୋମାସ ୟଙ୍ଗ ପାଖାପାଖି ଥିବା ଦୁଇଟି ସରୁକଣାଦେଇ ଆଲୋକ ରଶ୍ମି ଗତି କଲାବେଳେ ଆରପାଖ ପରଦାରେ ପାଖାପାଖି ହୋଇ ସଜାହୋଇ ରହିଥିବା ଉଜ୍ଜ୍ୱଳ ଓ କଳା ବ୍ୟତିକରଣ ପଟି ଦେଖିବାକୁ ପାଇଲେ। ୧୮୦୧ରେ ରୟାଲ୍ ସୋସାଇଟିରେ ପ୍ରଦର୍ଶିତ କରିଥିବା ତାଙ୍କ ଯୁଗାନ୍ତକାରୀ ଗବେଷଣାତ୍ମକ ନିବନ୍ଧ 'ଆଲୋକ ଓ ରଙ୍ଗର ତାତ୍ତ୍ୱିକ ପରିପ୍ରକାଶରେ ସେ ବିଭିନ୍ନ ବ୍ୟତିକରଣ ନମୁନା ଦେଖାଇଥିଲେ। ଏପଟେ ଫରାସୀ ଗବେଷକ ଅଗଷ୍ଟିନ୍– ଜିନ୍ ଫ୍ରେଜନେଲ, ୧୫ ଅକ୍ଟୋବର ୧୮୧୫ ପାଖାପାଖି ତୀକ୍ଷ୍ଣ ଧାରଯୁକ୍ତ କଣାଦେଇ ନିର୍ଦ୍ଦିଷ୍ଟ ରଙ୍ଗର ଆଲୋକ ରଶ୍ମି ଗତି କରାଇ ଦେଖିଲେ ବିକୀର୍ଣ୍ଣନ(ଡିଫ୍ରାକ୍ସନ)ପଟି। ସେ ବିନ୍ଦୁଏ ମହୁ ମଧ୍ୟଦେଇ ସୌରରଶ୍ମିକୁ ଗତି କରିବାକୁ ଦେଇ ନିଜେ ତିଆରି କରିଥିବା ଯନ୍ତ୍ରାଂଶ ଦ୍ୱାରା ପରୀକ୍ଷଣ ସମ୍ପାଦିତ କରି ଏହି ଯୁଗାନ୍ତକାରୀ ଫଳାଫଳ ପାଇଥିଲେ। ୟଙ୍ଗଙ୍କ ବ୍ୟତିକରଣ ପରୀକ୍ଷଣ, ଫ୍ରେଜନେଲ୍‌ଙ୍କ ବିକୀର୍ଣ୍ଣନ ପରୀକ୍ଷଣ ଓ ନିଉଟନ୍‌ଙ୍କ ବର୍ଣ୍ଣାଳୀ ପରୀକ୍ଷଣ ଆଲୋକର ତରଙ୍ଗ ସ୍ୱରୂପ ଅନାବରଣ କରିଥିଲା।

ଡଚ୍ ଗବେଷକ ଖ୍ରୀଷ୍ଟିଆନ୍ ହଏଜେନ୍ ୧୬୭୮ରେ ଦର୍ଶାଇ ଥିଲେ କିପରି ତରଙ୍ଗ ସମ୍ମୁଖ(ୱେଭ ଫ୍ରଣ୍ଟ)ର ପ୍ରତ୍ୟେକଟି ବିନ୍ଦୁ ଦ୍ୱିତୀୟକ ତରଙ୍ଗର ଉତ୍ସ ସାଜିଥାଏ। ହଏଜେନ୍ ଆଲୋକକୁ ତରଙ୍ଗଟିଏ ବୋଲି ଦର୍ଶାଇ ଯେଉଁ ତତ୍ତ୍ୱଦେଲେ, ତାହା ହଏଜନ୍‌ଙ୍କ ଆଲୋକ ତରଙ୍ଗତତ୍ତ୍ୱ ଭାବେ ବିଦିତ।

ଫଳ ପଡ଼ିବା, ପଶୁ ଦୌଡ଼ିବା, ଗତିଶୀଳ ପଥରଠାରୁ ପୃଥିବୀ ପର୍ଯ୍ୟନ୍ତ ପଦାର୍ଥମାନଙ୍କ ଗତିର କାରଣ ଓ ପରିଣାମ ଠିକ୍‌ଭାବେ ବୁଝାଇବାରେ ସମର୍ଥ ହୋଇଥିଲେ ନିଉଟନ୍। ଏଇସବୁ ପଦାର୍ଥ ଓ ପଦାର୍ଥର କ୍ଷୁଦ୍ରାତିକ୍ଷୁଦ୍ର କଣିକାର ଗତି ନିଉଟନ୍‌ଙ୍କ ପାରମ୍ପରିକ ଗତିବିଜ୍ଞାନ(କ୍ଲାସିକାଲ୍ ମେକାନିକ୍) ଦ୍ୱାରା ଠିକ୍ ନିରୂପଣ କରାଯାଇ ପାରିଥିଲା। ହେଲେ ଆଲୋକ, ପାରମ୍ପରିକ ଅବଧାରଣାକୁ ବାରମ୍ବାର ପ୍ରଶ୍ନର ପରିସୀମା ଭିତରେ ଆଣି ଠିଆ କରିଥିଲା। ଆଲୋକ କଣିକାଟିଏ ନା ତରଙ୍ଗଟିଏ ଏ ପ୍ରଶ୍ନ ମଣିଷ ଜାତିକୁ ବର୍ଷ ବର୍ଷ ଧରି ଆନ୍ଦୋଳିତ କରିରଖିଲା, ନିଉଟନ୍, ହଏଜେନ୍‌ଙ୍କ ଦେହାବସାନ ପରେ। ନିଉଟନ୍ କହୁଥିଲେ ଆଲୋକ ମୁଖ୍ୟତଃ କଣିକା(କର୍ପସ୍କୁଲ)ଟିଏ, ହଏଜେନ୍ ମଧ୍ୟ ଦେଖାଇଲେ ଆଲୋକ କେମିତି ତରଙ୍ଗର ଗୁଣାବଳୀ ଦେଖାଉଛି ଓ କହିଲେ ଆଲୋକ ତରଙ୍ଗ ସ୍ୱରୂପରେ ରୂପାୟିତ। ହେଲେ କେବଳ ଆଲୋକ ହିଁ ସେତେବେଳେ ଜାଣିଥିଲା କ'ଣ ତା'ର ବାସ୍ତବ ସ୍ୱରୂପ। ଆଧୁନିକ ସମୟର ଅନ୍ୟତମ ଶ୍ରେଷ୍ଠତମ ବୈଜ୍ଞାନିକ ନିଉଟନ୍ ଓ ତାଙ୍କ ସମସାମୟିକ ଗବେଷକମାନେ ଆଲୋକର ସ୍ୱରୂପ ଯେ ବୁଝିପାରି ନ ଥିଲେ ଏହା ପରବର୍ତ୍ତୀ କାଳଖଣ୍ଡ ପ୍ରମାଣିତ କରିଛି। ମାକ୍ସୱେଲ୍‌ଙ୍କ ତରଙ୍ଗ ଦେଇ ପ୍ରଜ୍ଞାର ଏଇଯାତ୍ରା ଆଇନ୍‌ଷ୍ଟାଇନ୍‌ଙ୍କ କ୍ୱାଣ୍ଟା ପାଖରେ ପହଞ୍ଚିଥିଲା। ନିଉଟନ୍,ମାକ୍ସୱେଲ ଓ ଆଇନ୍‌ଷ୍ଟାଇନ୍ ଥିଲେ ତିନୋଟି ପିଢ଼ିର ପ୍ରତିନିଧି, ଯେଉଁ ପ୍ରଜ୍ଞାଦୀପ୍ତ ପିଢ଼ି ପରସ୍ପରକୁ ଅତିକ୍ରମଣ କରି ଜ୍ଞାନର ଗଙ୍ଗୋତ୍ରୀକୁ ଆଗକୁ ବାଟ କଢ଼ାଇ ନେଇଥିଲା। ଜ୍ଞାନ ହିଁ ଶକ୍ତି। ଏଇ ଯାତ୍ରାରେ ଶକ୍ତି ହିଁ ଦେଖାଇଥିଲା ଜ୍ଞାନକୁ ପଥ ଓ ବନାଇଥିଲା ତାକୁ ଐତିହାସିକ ପଥିକ।

**ପ୍ରାଧ୍ୟାପକ ଓ ଗବେଷକ**
**ମୋ: ୭୯୭୮୪୨୧୮୩୫**

## ଏଇ ଭାରତରେ

ଶ୍ରମିକମାନଙ୍କୁ ସ୍ଲିପର ଯୋଗାଉଛନ୍ତି ଉତ୍ତରପ୍ରଦେଶ ବନାରସର ଦିବ୍ୟାଂଶୁ ଉପାଧ୍ୟାୟ। କେବଳ ଏତିକି ନୁହେଁ, ସେ ମହିଳାମାନଙ୍କୁ ମଧ୍ୟ ରୋଜଗାର ଦେଉଛନ୍ତି। ଦିବ୍ୟାଂଶୁ ଆଇନରେ ଡିଗ୍ରୀ କରିଛନ୍ତି। ସେ ତାଙ୍କ ସାଥୀ ରବି ମିଶ୍ରଙ୍କ ସହ ମିଶି ୨୦୧୫ରେ 'ହୋପ୍ ୱେଲ୍‌ଫେୟାର ଟ୍ରଷ୍ଟ' ଗଠନ କରିଥିଲେ। ଏବେ ତା'ସାହାଯ୍ୟରେ ଏହି କାର୍ଯ୍ୟ କରୁଛନ୍ତି। ସେ ତିଆରି କରୁଥିବା ଚପଲର ଦାମ ରଖିଛନ୍ତି ୧୦୦ ଟଙ୍କା। କେବଳ ଶ୍ରମିକମାନଙ୍କୁ ଦେବା ଲାଗି ସେ ଏହା ତିଆରି କରୁଛନ୍ତି, ଅନ୍ୟମାନଙ୍କ ପାଇଁ ନୁହେଁ। ଯେଉଁମାନେ ଦାନ କରିବାକୁ ଚାହୁଁଛନ୍ତି ସେମାନେ ଦିବ୍ୟାଂଶୁଙ୍କଠାରୁ ୧୦୦ଟଙ୍କା ଦେଇ ଚପଲ କିଣିଛନ୍ତୁ। ସେହି ଟଙ୍କା ଦିବ୍ୟାଂଶୁ ଚପଲ ତିଆରିରେ ଲଗାଉଛନ୍ତି। ବଡ଼ କଥା ହେଉଛି, ଚପଲ ତିଆରି କରିବା ଲାଗି ଦିବ୍ୟାଂଶୁ 'ଗ୍ରୀନ୍ ଆର୍ମି' ଗଠନ କରିଛନ୍ତି। ଏଥିରେ ସେ କେବଳ ମହିଳାମାନଙ୍କୁ ସାମିଲ କରି ଚପଲ ତିଆରି କାର୍ଯ୍ୟରେ ନିୟୋଜିତ କରିଛନ୍ତି। ଗୋଟିଏ ପଟେ ମହିଳାମାନେ ଜିବୀକା ପାଉଛନ୍ତି ଓ ଅନ୍ୟପକ୍ଷେ ଶ୍ରମିକମାନେ ମାଗଣାରେ ଚପଲ ବି ପାଇପାରୁଛନ୍ତି। ପ୍ରଥମେ ୨୫ ଜଣ ମହିଳାଙ୍କୁ ନେଇ ଗ୍ରୀନ ଆର୍ମି ଗଠନ କରାଯାଇଥିଲା। ଏବେ ଉତ୍ତରପ୍ରଦେଶର ୨୫୦ଟି ଗାଁର ୨୨୦୦ ମହିଳା ଏଥିରେ ସାମିଲ ହୋଇ ଚପଲ ତିଆରି ଓ ବିକ୍ରି କାର୍ଯ୍ୟରେ ନିୟୋଜିତ ହୋଇଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

**୧୩ ନଭେମ୍ବର ୧୯୭୫**

- ଭାରତ ସୋଭିଏତ ମୈତ୍ରୀ ଏବଂ ବିଶ୍ୱଶାନ୍ତି ପାଇଁ ଗୁରୁତ୍ୱପୂର୍ଣ୍ଣ ଅବଦାନ ଦେଇଥିବା ୨୨ ଜଣ ଭାରତୀୟଙ୍କୁ ସୋଭିଏ ଦେଶ ନେହରୁ ପୁରସ୍କାର ପ୍ରଦାନ।
- ନାଗା ସମସ୍ୟାବଳିର ସମାଧାନ କଳ୍ପେ ମୌଳିକ ପ୍ରଶ୍ନଗୁଡ଼ିକ ସମ୍ପର୍କରେ ଏକ ଐତିହାସିକ ରାଜିନାମା ସମ୍ପନ୍ନ ହୋଇଛି।
- ସୋଭିଏତ୍ ରୁଷ୍ ଉଗାଣ୍ଡା ସହ କୂଟନୈତିକ ସମ୍ପର୍କ ଛିନ୍ନ କରିବା ସହ ଲୁଆଣ୍ଡାର ବାମପନ୍ଥୀ ସରକାରକୁ ଆଙ୍ଗୋଲାର ସକାର ରୂପେ ସ୍ୱୀକୃତି ପ୍ରଦାନ କରିଛନ୍ତି।

## ଚିରନ୍ତନୀ

ଝିଙ୍କାରୀ ଗୁଞ୍ଜନ ବୀଣା
ବନପଥେ ରଟେ,
ତୃଷିତ କାତର ଶ୍ୱାନ
ଶୁଏ ଜଳତଟେ।
–(ଚିରନ୍ତନ କୁହୁ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 1 | | | 2 | 4 | | |
| | | | | | | 5 | 8 | 9 |
| 5 | 9 | | | | | | 1 | |
| | | 4 | | | 5 | 2 | | |
| | | | | | | 9 | | 7 |
| 7 | | | 9 | | | | | |
| 2 | | 3 | | 8 | | | | |
| | | | 7 | 4 | | | | |
| | | 8 | | | 1 | | | 4 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 8 | 9 | 2 | 4 | 3 | 7 | 5 | 6 |
| 6 | 2 | 4 | 7 | 5 | 9 | 1 | 8 | 3 |
| 5 | 3 | 7 | 8 | 1 | 6 | 4 | 2 | 9 |
| 7 | 1 | 2 | 9 | 8 | 5 | 6 | 3 | 4 |
| 9 | 5 | 3 | 6 | 7 | 4 | 8 | 1 | 2 |
| 4 | 6 | 8 | 3 | 2 | 1 | 9 | 7 | 5 |
| 3 | 7 | 5 | 4 | 6 | 8 | 2 | 9 | 1 |
| 8 | 4 | 1 | 5 | 9 | 2 | 3 | 6 | 7 |
| 2 | 9 | 6 | 1 | 3 | 7 | 5 | 4 | 8 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ତର୍ଜମା ହେଉ

ମହାଶୟ,
ଗତ ଅକ୍ଟୋବର ୨୯ରେ ପ୍ରଧାନମନ୍ତ୍ରୀ ଦେଶରେ ୪୦ଟି ସ୍ଥାନରେ ଅନୁଷ୍ଠିତ ରୋଜଗାର ମେଳାରେ ୫୧,୨୩୬ ଜଣଙ୍କୁ କେନ୍ଦ୍ର ସରକାରଙ୍କ ଅଧୀନରେ ମୋଟ ୫୧,୨୩୬ ଜଣଙ୍କୁ ନିଯୁକ୍ତିପତ୍ର ବଣ୍ଟନକଲେ। ଠିକ୍ ସେହିଦିନ ଓଡ଼ିଶାର ରାଜଧାନୀରେ ଏକମାତ୍ର ନିଯୁକ୍ତିମେଳା ଅନୁଷ୍ଠିତ ହୋଇଥିଲା। ସେଠାରେ ମାତ୍ର ୩୩୦ ଜଣଙ୍କୁ ନିଯୁକ୍ତିପତ୍ର ମିଳିଲା। ଓଡ଼ିଶାର ଜନସଂଖ୍ୟା ଦେଶର ଜନସଂଖ୍ୟାର ୩.୪୭% ଓ କ୍ଷେତ୍ରଫଳ ୪.୮୭ % ପ୍ରତିଶତ। ଲୋକସଂଖ୍ୟା ଅନୁପାତରେ ଓଡ଼ିଶାରେ ପାଖାପାଖି ୧୭୦୦ ନିଯୁକ୍ତିପତ୍ର ବଣ୍ଟନ ହେବା କଥା। ମାତ୍ର ଦେଖାଗଲା ଲୋକସଂଖ୍ୟାର ୩.୪୭% ସ୍ଥାନରେ ମାତ୍ର ୦.୬% ଲୋକଙ୍କ ନିଯୁକ୍ତିପତ୍ର କାହିଁକି ବଣ୍ଟନ ହେଲା ଏହା ରାଜ୍ୟବାସୀ ଜାଣିବା ଦରକାର। ଏଣୁ ଏହାର ପ୍ରକୃତ କାରଣ ସମ୍ପର୍କରେ ରାଜ୍ୟ ସରକାର ତର୍ଜମା କରିବା ଆବଶ୍ୟକ।

**–ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡ଼ି, ଜଗତ୍‌ସିଂହପୁର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................

ବୟସ:..................................

ଜନ୍ମ ତାରିଖ: ..............................



ସୋମନାଥ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ନିବେଶକ ହରାଇଲେ ୬ ଲକ୍ଷ କୋଟି

**ମୁମ୍ବାଇ,୧୨।୧୧**

ଅନ୍ତଃରାଷ୍ଟ୍ରୀୟ ସମସ୍ୟା ଓ ଭୂ-ରାଜନୈତିକ ଘଟଣାବଳୀର ପ୍ରଭାବ ସିଧା ଭାରତୀୟ ଷ୍ଟକ୍ ବଜାର କାରବାର ଉପରେ ପଡ଼ିଛି। ଫଳରେ ମଙ୍ଗଳବାର ଘରୋଇ ଶେୟାର ବଜାରର କାରବାର ଶେଷ ସୁଦ୍ଧା ନିବେଶକ ବଡ଼ ଧରଣର କ୍ଷତି ସହିଛନ୍ତି। ଏପରିକି ନିବେଶକ ଦିନକରେ ପ୍ରାୟ ୬ ଲକ୍ଷ କୋଟି ଟଙ୍କାର ନିବେଶ ହରାଇଛନ୍ତି। ପୂର୍ବ କାର୍ଯ୍ୟଦିବସର ଫଳାଫଳ ଅନୁଯାୟୀ ସୋମବାର ପୁଞ୍ଜିବଜାରର ବଜାର ପୁଞ୍ଜି ପ୍ରାୟ ୪୪୮ ଲକ୍ଷ କୋଟି ଥିଲା। ଅପରପକ୍ଷରେ ମଙ୍ଗଳବାର ଉଭୟ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍ଇ) ଏବଂ ନ୍ୟାଶନାଲ



ଷ୍ଟକ୍ ଏକ୍ସଚେଞ୍ଜ (ଏନ୍ଏସ୍ଇ)ର ବଜାର କାରବାର ଶେଷ ସୁଦ୍ଧା ନିବେଶକ ପ୍ରାୟ ୬ (୫.୭୬) ଲକ୍ଷ କୋଟି ଟଙ୍କାର ନିବେଶ ହରାଇବାରୁ ପୁଞ୍ଜି ବଜାରର ବଜାର ପୁଞ୍ଜି ପ୍ରାୟ ୪୪୨ ଲକ୍ଷ କୋଟିରେ ପହଞ୍ଚିଛି।

ଉଲ୍ଲେଖଯୋଗ୍ୟ, ୩୦ ଶେୟାର ବିଏସ୍ଇ ସେନ୍ସେକ୍ସ ୮୨୧ ପଏଣ୍ଟ କମି ୭୮,୬୭୫ ଅଙ୍କରେ କାରବାର ବନ୍ଦ କରିଥିଲାବେଳେ ନିଫ୍ଟି-୫୦ରେ ପ୍ରାୟ ୨୬୦ ପଏଣ୍ଟ ହ୍ରାସ ଘଟି ୨୩,୮୮୩ ଅଙ୍କରେ କାରବାର ଶେଷ କରିଥିଲା। ଏପରିକି ବିଏସ୍ଇ ମିଡ୍କ୍ୟାପ୍‌ର କାରବାର ୧.୩୧% ହ୍ରାସ ଘଟିଥିଲାବେଳେ ସ୍ମଲକ୍ୟାପ୍‌ର କାରବାର ୧.୬୫% କମିଥିଲା। ନିଫ୍ଟି ମିଡ୍କ୍ୟାପ୍‌ର କାରବାର ୫୯୬.୨୫ ପଏଣ୍ଟ କମି ୫୫,୨୫୬.୫୦ ଅଙ୍କରେ ଥିଲାବେଳେ ସ୍ମଲକ୍ୟାପ୍‌ର କାରବାର ୧.୫୪% ହ୍ରାସ ଘଟି ୮୬୭୪.୮୫ ଅଙ୍କରେ ଶେଷ କରିଥିଲା। ଅପରପକ୍ଷରେ ନିଫ୍ଟି ବ୍ୟାଙ୍କର କାରବାର ୧.୩୧% କମି ୫୧,୧୫୬.୮୦ ଅଙ୍କରେ କାରବାର ବନ୍ଦ କରିଥିଲା। ସେକ୍ଟରାଲ କ୍ଷେତ୍ରରେ ତୈଳ ଏବଂ ଗ୍ୟାସ୍, ଘରୋଇ ବ୍ୟାଙ୍କ, ଅଟୋ, ସିମେଣ୍ଟ, ଏଫ୍ଏମ୍ସିଜି, ହେଲ୍‌ଥ କେୟାର ଓ ଫାର୍ମା ଭଳି ନିବେଶକ ସଂସ୍ଥାର ନିବେଶ ପ୍ରାୟ ୧ରୁ୨% ହ୍ରାସ ଘଟିଛି।

## ଶେୟାର ବଜାର କାରବାରରେ ହ୍ରାସ

ଦିନକ ପରେ ପୁଣି ଥରେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟିଛି। ଚଳିତ ସପ୍ତାହର ଦ୍ୱିତୀୟ କାର୍ଯ୍ୟ ଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ମଙ୍ଗଳବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍ଇ)ର ସେନ୍ସେକ୍ସ ପ୍ରାୟ ୮୨୦.୯୭ ପଏଣ୍ଟ କମି ୭୮,୬୭୫.୧୮ ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍ଏସ୍ଇ)ର ନିଫ୍ଟି-୫୦ରେ ମଧ୍ୟ ୨୫୭.୮୫ ପଏଣ୍ଟ ହ୍ରାସ ଘଟି ୨୩,୮୮୩.୪୫ ଅଙ୍କରେ କାରବାର ଶେଷ ହୋଇଥିଲା।

# କମ୍‌ଭିଭା ସହ ଏଡବ୍ଲ୍ୟୁଏସ୍‌ର ବୁଝାମଣା

**ନୂଆଦିଲ୍ଲୀ,୧୨।୧୧**

ଦେଶର ପ୍ରମୁଖ ଘରୋଇ ସଂସ୍ଥା କମ୍‌ଭିଭା ଏବଂ ଆମାଜନ ୱେବ୍ ସର୍ଭିସେସ୍ (ଏଡବ୍ଲ୍ୟୁଏସ୍) ମଧ୍ୟରେ ଏକ ଦ୍ୱିପାକ୍ଷିକ ବୁଝାମଣା ନିକଟରେ ହୋଇଯାଇଛି। ଏ ସମ୍ପର୍କରେ କମ୍‌ଭିଭାର ସିଇଓ ରାଜେଶ ଚାନ୍ଦିରାମନି କହିଛନ୍ତି, କ୍ଲାଉଡ୍ ସମାଧାନଗୁଡିକ ଟେଲିକମ୍ ଅପରେଟରଙ୍କୁ ନୂଆ ରଣନୀତି ଓ ବିଜ୍‌ନେସ୍ ମଡେଲଗୁଡ଼ିକୁ ଆପଣାଇବା କ୍ଷେତ୍ରରେ ଏକ ସ୍ୱତନ୍ତ୍ର ସୁବିଧା ପ୍ରଦାନ କରୁଛି, ଯାହା ସେମାନଙ୍କୁ ବ୍ୟବସାୟ ମୂଲ୍ୟ ପ୍ରଦାନ କରିବା ପାଇଁ ସର୍ବୋତ୍ତମ ମାର୍ଗ ନିର୍ଦ୍ଧାରଣ କରିବାରେ ସାହାଯ୍ୟ କରିପାରିବ।

ଏଡବ୍ଲ୍ୟୁଏସ୍ ଇଣ୍ଡିଆ ଓ ସାଉଥ୍ ଏସିଆର ବିଜ୍‌ନେସ୍ ଡେଭ୍‌ଲପମେଣ୍ଟ ବିଭାଗର ମୁଖ୍ୟ ଭି.ଜି.ସୁନ୍ଦର ରାମ କହିଛନ୍ତି, କମ୍‌ଭିଭା ବାସ୍ତବରେ ଏକ ସାସ୍ ସଂସ୍ଥାରେ ପରିଣତ ହେବା ପାଇଁ ନିଜର ଯାତ୍ରା ଆରମ୍ଭ କରିଥିବାରୁ ଏଡବ୍ଲ୍ୟୁଏସ୍ ଏହାର ପସନ୍ଦର କ୍ଲାଉଡ୍ ଭାବେ କମ୍ପାନୀ ସହ ସହଭାଗିତା କରିବା ପାଇଁ ଉତ୍ସାହିତ ରହିଛି। ଏହି ସହଭାଗିତା ବିସ୍ତୃତ, ସୁରକ୍ଷିତ ଓ ଅଭିନବ ଟେକ୍ନୋଲୋଜି ସମାଧାନ ପ୍ରଦାନକରି ସଂସ୍ଥାଗୁଡିକୁ ସେମାନଙ୍କର ଡିଜିଟାଲ ରୂପାନ୍ତରଣ ଯାତ୍ରାକୁ ତ୍ୱରାନ୍ୱିତ କରିବାରେ ସାହାଯ୍ୟ କରିବା ପାଇଁ ଆମର ପ୍ରତିବଦ୍ଧତା ସହ ଜଡିତ ରହିଛି।

# ଆଇଟିସିର ନୂତନ ଅଭିଯାନ

**ନୂଆଦିଲ୍ଲୀ,୧୨।୧୧**

ଆଇଟିସିର ନୂତନ ଅଭିଯାନ 'ଫିଲ୍ ଗୁଡ୍ ୱିଥ୍ ଫିଆମା'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏପରିକି ଦ ମାଇଣ୍ଡ୍ସ ଫାଉଣ୍ଡେଶନ ସହଭାଗିତାରେ ଆଇଟିସି ଫିଆମା ଯୋଗ୍ୟ ବିଶେଷଜ୍ଞଙ୍କ ସହ ସବ୍‌ସିଡିଯୁକ୍ତ ଭର୍ଚୁଆଲ୍ ଥେରାପି ପ୍ରଦାନ ସହିତ ଥେରାପିକୁ ପ୍ରତି ବ୍ୟକ୍ତି ପିଛା କେବଳ ୩୦୦ ଟଙ୍କାରେ ଅଧିକ ପହଞ୍ଚଯୋଗ୍ୟ ଓ ସୁଲଭ କରିଛି। ଭାରତରେ ୮୧% ଲୋକ ଥେରାପି ନେବା ସମ୍ପର୍କରେ ଅନ୍ୟମାନଙ୍କୁ ଜଣାଇବାକୁ ଲଜ୍ଜିତ ଅନୁଭବ କରୁଛନ୍ତି। ତେବେ ଆଜିର ସୂଚନା ଏବଂ ପ୍ରଯୁକ୍ତିବିଦ୍ୟା ଯୁଗରେ ଏତେ ସଂଖ୍ୟକ ଲୋକ ଥେରାପି ଗ୍ରହଣ କରିବାକୁ କୁଣ୍ଠାବୋଧ ପ୍ରକାଶ କରିବା ଚିନ୍ତାର ବିଷୟ ପାଲଟିଛି। ଏହି ପ୍ରସଙ୍ଗରେ ଆଇଟିସିର 'ଫିଲ୍ ଗୁଡ୍ ୱିଥ୍ ଫିଆମା ମେଣ୍ଟାଲ ୱେଲ୍‌ବିଙ୍ଗ୍ ସର୍ଭେ-୨୦୨୪'ରେ ଅନେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଜଣାପଡ଼ିଛି। ଏ ସମ୍ପର୍କରେ ଆଇଟିସି ଲିମିଟେଡ୍‌ର ପର୍ସନାଲ କେୟାର ପ୍ରଡକ୍ଟସ ବିଜ୍‌ନେସ୍‌ର ବିଭାଗୀୟ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସମୀର ଶତପଥୀ କହିଛନ୍ତି, ଫିଲ୍ ଗୁଡ୍ ୱିଥ୍ ଫିଆମା ଅଭିଯାନ ଗଭୀର ଭାବେ ଆମର ବ୍ରାଣ୍ଡ୍ ଉଦ୍ଦେଶ୍ୟର ପ୍ରତିଧ୍ୱନିତ୍ୱ କରୁଛି। ଏପରିକି ଚଳିତ ବର୍ଷର ସର୍ଭେ ଥେରାପିରେ ଅଧିକ ଖର୍ଚ୍ଚ, ଅପବାଦ ଓ ଠିକ୍ ଥେରାପିଷ୍ଟଙ୍କୁ ସନ୍ଧାନ କରିବାର ଜଟିଳତା ଭଳି ପ୍ରତିବନ୍ଧକଗୁଡିକୁ ଉନ୍ମୋଚନ କରିଛି।

# ହୋଣ୍ଡା ଆମେଜ୍‌ର ପ୍ରତିକୃତି ଅନାବରଣ

**ନୂଆଦିଲ୍ଲୀ,୧୨।୧୧(ଅଭୟ ଦାଶ)**

ହୋଣ୍ଡା କାର୍‌ସ ଇଣ୍ଡିଆ ଲିମିଟେଡ୍ (ଏଚ୍‌ସିଆଇଏଲ୍) ର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ହୋଣ୍ଡା ଆମେଜର ଉଭୟ ବାହ୍ୟ ଓ ଅନ୍ତଃ ଭାଗର ପ୍ରତିକୃତି (ଏକ୍ସଟେରିଅର ଆଣ୍ଡ ଇଣ୍ଟେରିଅର ସ୍କେଚ୍)କୁ ଆନୁଷ୍ଠାନିକ ଭାବେ ଅନାବରଣ କରାଯାଇଛି। ଏପରିକି ହୋଣ୍ଡାର ଅଲ୍ ନ୍ୟୁ ଥାର୍ଡ ଜେନେରେଶନ ଆମେଜ୍ (୩ୟ ପିଢ଼ିର ଯାନ ଆମେଜ୍)କୁ ଆକର୍ଷଣୀୟ ଭାବେ ଡିଜାଇନ ସହ ସମସ୍ତ ପ୍ରକାର ଅତ୍ୟାଧୁନିକ ଫିଚରକୁ ଉକ୍ତ ମଡେଲରେ ସାମିଲ କରାଇଛି। ସେହିଭଳି ଅଟୋଶିଳ୍ପରେ ନୂଆ ମାଇଲଖୁଣ୍ଟ ହାସଲ କରିବା ପାଇଁ ବ୍ରାଣ୍ଡ୍ ଉଭୟ ଟେକ୍ନୋଲୋଜି ଓ ଡିଜାଇନକୁ ସର୍ବାଧିକ ଗୁରୁତ୍ୱ ଦେଉଛି। ଏପରିକି ଏହି ନୂତନ ମଡେଲ ବ୍ରାଣ୍ଡ୍‌ର ସେଡାନ୍ ମଡେଲ ଭଳି




ଦେଖାଦେଉଥିବାବେଳେ ଉଭୟ ସାଇଜ ଓ ପରିଦୃଶ୍ୟ ଏକ ଉଚ୍ଚାଭିଳାଷୀ କାର୍ ଭଳି ଅନୁଭବ କରାଉଛି। ସେହିପରି ଅଲ୍ ନ୍ୟୁ ଆମେଜ୍‌ର ଶକ୍ତି, କ୍ଷମତା ଓ ଡିଜାଇନ ସବୁ ବର୍ଗର ଗ୍ରାହକଙ୍କୁ ଆକୃଷ୍ଟକରିବ ବୋଲି ଆଶା କରାଯାଉଛି। ଏପରିକି ଏହି ମଡେଲକୁ ଥାଇଲାଣ୍ଡସ୍ଥିତ ହୋଣ୍ଡାର ଆର୍ ଆଣ୍ଡ ଡି ଏସିଆ ପ୍ୟାସିଫିକ୍ ସେଣ୍ଟର ପକ୍ଷରୁ ଡିଜାଇନ କରାଯାଉଥିବାବେଳେ ଭାରତୀୟ ରାସ୍ତା ଓ ବଜାରର ଆବଶ୍ୟକତାକୁ ଭଲ ଭାବେ ନିରୀକ୍ଷଣ କଲା ପରେ ବ୍ରାଣ୍ଡ୍ ଏହାକୁ ଡିଜାଇନ ସହ ନିର୍ମାଣ କରୁଛି ବୋଲି କମ୍ପାନୀ ପକ୍ଷରୁ ବିସ୍ତୃତ ଭାବେ ସୂଚନା ଦିଆଯାଇଛି।


On the occasion of the
Eleventh day (Ekadash) Remembrance



✓Upendra Nath Dash
Advocate
16.04.1945 - 03.11.2024

"Forever in our hearts, your love guides us. May Lord Jagannath grant you eternal peace."

Anshu Tripathy, Managing Director
& Family

Courtesy by:
P&A advertising agency pvt. ltd. | PIXCELADS | hp Minerals | MO Fashion | WEALTHVITA IMF PRIVATE LIMITED



# Classified Everyday
0674-2580101, 2549949




## BRIDE WANTED

"Brahmin groom working at Indore in an Automobile Company seeking fair, Educated and working bride from any higher caste. Early marriage preferred. Phone- 9437560347". D-1861

Kayastha Groom, 30Yrs./5'8", B.Tech (IIT) and M.Tech (IIT), Software Engineer, Father is Retd. Govt. Officer, Well settled at BBSR, Prefer for Kayastha, Khandayat, Kshatriya, suitable Bengali Bride. Contact details- 9438479926, 9439189200. D-1865

Wanted Fair Educated Bride for Baishya Karan Boy 31/6'0" of Puri District Amazon Software Professional in USA. Contact: 7992753867. D-1898

## GROOM WANTED

Beautiful Brahmin Girl 1992, 5'3", MBBS MD. (Paediatrics) DM (Neorology) Serving Bhubaneswar- SUNASANSAR. 9937512659, 8249969649. D-76210




## SALE

କଟକ-ଭୁବନେଶ୍ୱର ମଧ୍ୟଭାଗରେ **Sum Hospital-2** ନିକଟସ୍ଥ **Grandbazar (NH-16)** ସମ୍ମୁଖରେ ଅଳ୍ପ ଦୂରତାରେ **30ft.** ରାସ୍ତା ଥାଇ ଘରବାରି ପ୍ଲଟ୍ କିଣନ୍ତୁ। **8249310759.** D-76209

ନଖରା ଗ୍ରାଣ୍ଡବଜାର ବିଶ୍ୱାଳପଡ଼ାରେ ଘରବାଡ଼ି ଜମି ପାଚେରି ସହିତ ମିଳୁଛି। ଯୋଗାଯୋଗ- 8847830306, 8984999772. D-71077

Triplex in gated society, 3000sqft. Carpet area at Bomikhal for resale. Call- 8917520527. D-1932

ଭୁବନେଶ୍ୱର, ଜଟଣୀଗେଟ୍ ପାଖରେ sqft.-350/- ପ୍ଲଟ୍ ବିକ୍ରିହେବ। (1200sqft.-4,20,000/-). 9776974912. D-76209

**1BHK Ready to move in flats available in Hi-Tech Brundaban Project near Batamangala Temple, Puri Town. 9937787418, 9348871895.** D-1931

ଭୁବନେଶ୍ୱର ଟଙ୍କପାଣି ସାଇମନ୍ଦିର ନିକଟରେ ଘରବାଡ଼ି ପାଚେରି ପ୍ଲଟ୍ ପିତୁରାସ୍ତାକୁ ଲାଗି ବିକ୍ରିହେବ। Ph.- 9437754190. D-1867

**Gharabari Converted Plots Available Near Hitech Square Sundarpada Bhubaneswar. For More Details Contact- 9853035888, 9437054765.** D-1929




Kerala Ayurveda Massage therapy gents/ Ladies pain relief Bhubaneswar. 9337672475. D-1852

Newly open Jyoti SPA positively health benefits (Expert therapist). 8458067955. D-76166

Newly open health benefits SPA special offer @ 799 Bapujinagar. 8018429809. D-76168

## AFFIDAVIT

I, Sangeeta Dandia, W/o- Sri Ratnakar Dandia, C-Block, B-202, Shree Jagannath Plaza, Press Square, Gajapati Nagar, Bhubaneswar, Dist.- Khorda, State-Odisha, Pin- 751013 declared by this affidavit No.-12, dt 21.10.24 that now onwards I shall be known as Sangeeta Dandia for all future purposes. D-1939

By virtue of an affidavit sworn before **Notary Public, Bhubaneswar** on date 06th November, 2024, I, Lipsa Mohanty, Address Plot No.-1098, Satyabhama Building, Nayapalli, Bhubneswar, Odisha, PIN-751012, India, declare that I have changed my daughter's name from **Kavya Krishnatmika Nayak to Krishnaatmika Nayak.** Henceforth, she shall be known as **KRISHNAATMIKA NAYAK** for all purposes.
Lipsa Mohanty
D-1940

By virtue of an affidavit executed before the Executive Magistrate, Bhubaneswar, **I SMT. SOUMYA PANDA @ MOHAPATRA** aged about 54 years, D/o- Late Dhaneswar Panda and W/o Sri Sudeep Mohapatra, Permanent Address At: House No.-MIG-46, Kapilaprasad Phase-II, H.B.Colony, P.O.- Old Town, P.S.- Airfield, Bhubaneswar, Dist.- Khordha, (Odisha) Pin Code- 751002, At present At- Unit-III, Kharvela Nagar, P.O.- Bhubaneswar, P.S.- Kharvela Nagar, Bhubaneswar, Dist.- Khordha, (Odisha) Pin Code- 751001, declare that before marriage I was Known as Soumya Panda after marriage to Sudeep Mohapatra I am Known as Smt. Soumya Mohapatra @ Panda as per my husband's title. Smt. Soumya Mohapatra @ Panda and Soumya Panda is one and same person. Henceforth, I shall be known as Smt. Soumya Mohapatra @ Panda for all purpose.
Soumya Mohapatra@ Panda
Deponent
D-1938

I, ABHISEKHA KUMAR BAL, S/o- BIRENDRA KUMAR BAL, resident of ward No.-16 Haldharbindha, Post- Dolsahi, Dist.-Bhadrak, Pin-756127, Odisha declare by this affidavit No.- 1143. Dtd.6.11.2014 that now onwards I shall be known as ABHISHEK BAL for all future purposes. D-1942

By virtue of an affidavit sworn before Notary Public, dated 11.11.2024, I, **SMT. PRATIMA MOHANTY,** W/o- Late Nrusingh Charan Mohanty, resident of Flat No.- 313, Third Floor, Jagannath Avenue, Canal Road, Jharpada, P.O.- Budheswari, P.S.- Laxmisagar, Bhubaneswar, District.- Khordha, Odisha, PIN- 751006 declare that I have changed my name from Pratima Kumari Mohanty to **PRATIMA MOHANTY.** Henceforth, I shall be known as **PRATIMA MOHANTY** for all purposes.
**PRATIMA MOHANTY**
D-1930

I, Diptimayee Sahu (old name), W/o- Ditikrishna Bhoi, resident at Vill/P.O.- Kandhakelgaon, P.S.- Saintala, Dist.- Balangir, PIN- 767029, Odisha have declared that I have change my name from Diptimayee Sahu (old name) to Diptimayee Bhoi (new name) vide affidavit (Sl No.- 1019 of Notary Public, Titilagarh on 01.11.24. My Aadhaar Card No.- xxxx xxxx 9627.
D- 1937

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ମନେ ପଡ଼ନ୍ତି

### ଏକାଦଶ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ



**ସ୍ୱର୍ଗତା ଆଶା ପଟ୍ଟନାୟକ**

ଦାଣ୍ଡିମାଳ ସାହି, ବଡ଼ଦାଣ୍ଡ, ପୁରୀ

ତିରୋଧାନ: କାର୍ତ୍ତିକ ଶୁକ୍ଳପକ୍ଷ ଦ୍ୱାଦଶୀ

ଚାହୁଁ ଚାହୁଁ ଏଗାର ବର୍ଷ ବିତିଗଲା । ତୁମର ଅନାବିଳ ନିଷ୍କପଟ ସ୍ନେହ, ଶ୍ରଦ୍ଧା, ପ୍ରେରଣା ଆମର ପାଥେୟ ହୋଇ ରହିଛି । ଅମର ଆତ୍ମାର ସଦ୍‌ଗତି ପାଇଁ ଶ୍ରୀଜଗନ୍ନାଥଙ୍କ ଚରଣରେ ବିନମ୍ର ପ୍ରାର୍ଥନା ।

ଶୋକସନ୍ତପ୍ତ ପରିବାରବର୍ଗ

ଧ-୧୯୩୩

### ଦଶମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି (ଏକାଦଶୀ)



**୰ଭୁବନେଶ୍ୱର ହୋତା**
ଶିକ୍ଷକ

କେତେ ସ୍ନେହ ଢାଳୁଥିଲ ଆପଣା ଶିରରେ
ସେଥିପାଇଁ ଲୁହଝରେ ସବୁରି ଆଖିରେ ।

ଶୋକସନ୍ତପ୍ତ- ପୁଅ: ଗଦାଧର, ବିଦ୍ୟାଧର, ବାପିନା, ଝିଅ: କୁନି, ନାତି: ଅଶୋକ, ପୂଜା, ରାଜା, ବୁବୁଲ୍, ସୋମି, ଭାଇ: ରବିନାରାୟଣ, ବନ୍ଧୁ ପରିବାରବର୍ଗ ।

ଧ-୭୫୬୧୨

### ଏକାଦଶାହ ଉପଲକ୍ଷେ



**ସ୍ୱର୍ଗତ କୈଳାଶ ଚନ୍ଦ୍ର ନାୟକ**

ବମ୍ଫୁ, କାଏମା ଧର୍ମଶାଳା, ଯାଜପୁର

ଆବିର୍ଭାବ: ୨୫।୦୬।୧୯୫୮
ତିରୋଧାନ: ୦୩।୧୧।୨୦୨୪

ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ ।
ନ ଚୈନଂ କ୍ଲେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ ।

ଆପଣଙ୍କ ଅମର ଆତ୍ମା ଶାନ୍ତି ସଦ୍‌ଗତି ଲାଭ କରୁ ଏହାହିଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମ୍ଭମାନଙ୍କର ପ୍ରାର୍ଥନା ।

ନାୟକ ପରିବାରବର୍ଗ, ବନ୍ଧୁ ଓ ଆତ୍ମୀୟସ୍ୱଜନ ।

ଧ-୧୯୩୫

### ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ ସୁନୀତା ସାଇଁ

**ଆବିର୍ଭାବ- 20.06.1965**
**ତିରୋଧାନ- 24.11.2023 (କାର୍ତ୍ତିକ ଶୁକ୍ଳ ଦ୍ୱାଦଶୀ)**

ସମୟ ଚକ୍ରରେ ଏକବର୍ଷ ବିତିଯାଇଥିଲେ ମଧ୍ୟ ତୁମର ମଧୁର ସ୍ମୃତି, ସ୍ନେହ, ଶ୍ରଦ୍ଧା ତଥା ପ୍ରତିଟି କାର୍ଯ୍ୟରେ ପ୍ରତି ମୁହୂର୍ତ୍ତରେ ନିଃସ୍ୱାର୍ଥପର ତଥା ଉତ୍ସର୍ଗୀକୃତ ସଚ୍ଚୋଟ ସାଥୀର ଅନୁପସ୍ଥିତି ସଦା ଅନୁଭୂତ ଏବଂ ଅପୂରଣୀୟ। ତୁମର ପବିତ୍ର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ବିନମ୍ର ପ୍ରାର୍ଥନା ।

ଶୋକସନ୍ତପ୍ତ ପରିବାର: ଦେବରାଜ ସ୍ୱାଇଁ (ସ୍ୱାମୀ), ଶୁଭ୍ରାଂଶୁ (ଜ୍ୟେଷ୍ଠ ପୁତ୍ର), ପୁନମ୍ (ପୁତ୍ରୀ), ସମ୍ବିତ୍ (କନିଷ୍ଠ ପୁତ୍ର), ସୀତାଂଶୁ (ଜାମାତା), ଆକସ୍ମିକା (ଜ୍ୟେଷ୍ଠ ପୁତ୍ରବଧୂ), ସୌମ୍ୟା (କନିଷ୍ଠ ପୁତ୍ରବଧୂ), ସ୍ୱୟଂସିଦ୍ଧି ଓ ସୁଦୀକ୍ଷା (ନାତୁଣୀ ଦ୍ୱୟ) ତଥା ସମ୍ପୂର୍ଣ୍ଣ ସ୍ୱାଇଁ ପରିବାର, ରାମଚନ୍ଦ୍ରପୁର, ପିତଳ, ଗଞ୍ଜାମ ।



# ଗେଣ୍ଡୁଫୁଲ ଲଗାଉଥିଲେ...

ବର୍ଷା ଯୋଗୁ ଗେଣ୍ଡୁଫୁଲ ଗଛ ଲଗାଇ ନ ଥିଲେ ବର୍ତ୍ତମାନ ଲଗାନ୍ତୁ । ସିରାକୋଲ୍, ଆଫ୍ରିକାନ୍ ଡବ୍ଲ୍ୟୁ ଜ୍ୟାଣ୍ଟ୍ ଅରେଞ୍ଜ୍, ଆଫ୍ରିକାନ୍ ଡବ୍ଲ୍ୟୁ ଜ୍ୟାଣ୍ଟ୍ ୟେଲୋ, ପୁଷା ବାସନ୍ତୀ ଆଦି ଉନ୍ନତ କିସମ ବ୍ୟବହାର କରନ୍ତୁ । ଗ୍ଲାଡିଓଲି କନ୍ଦାକୁ ଓଦା ବାଲିରେ ଗଜା କରି ଲଗାନ୍ତୁ । କନ୍ଦା ଲଗାଇବା ପୂର୍ବରୁ ବିଶୋଧନ କରନ୍ତୁ । ଫ୍ରେଣ୍ଡଶିପ୍, ଫ୍ରେଣ୍ଡଶିପ୍ ହ୍ୱାଇଟ୍, ପିଟର ପିୟର୍ସ, ରେଡ୍ ବିଉଟି, ନୋଭାଲକ୍ସ, ହରମାଜେଷ୍ଟି, ବ୍ଲାକ୍ ଜ୍ୟାକ୍, ଚେରିବ୍ଲସମ୍, ଅର୍ଚ୍ଚନା, ବିନ୍ଦିଆ, ଧନ୍ୱନ୍ତରୀ, ଦର୍ଶନ ଆଦି ଉନ୍ନତ ଅଧିକ ଅମଳକ୍ଷମ ଗ୍ଲାଡିଓଲି ବିହନ ସଂଗ୍ରହ କରନ୍ତୁ । ଗୋଲାପ ଫୁଲଗଛର ପୁରୁଣା ଡାଳସବୁ କାଟି ଦିଅନ୍ତୁ । କଟା ଅଗରେ ବୋର୍ଡୋପେଷ୍ଟ ଲଗାନ୍ତୁ । ୧୦୦ ଗ୍ରାମ୍ ତୁତିଆ ଓ ୧୦୦ ଗ୍ରାମ୍ ଶିପ ଚୂନକୁ ୧ ଲିଟର ପାଣିରେ ମଣ୍ଡ ପ୍ରସ୍ତୁତକରି ଲଗାନ୍ତୁ । ଗଛରେ ନୂଆପତ୍ର ବାହାରିଲେ ଗଛ ପ୍ରତି ୧୦ ଗ୍ରାମ୍ ଯବକ୍ଷାରଜାନ, ୧୦ ଗ୍ରାମ୍ ଫସ୍‌ଫରସ୍ ଓ ୧୫ ଗ୍ରାମ୍ ପଟାସ୍ ସାର ପ୍ରୟୋଗ କରନ୍ତୁ ।

# ଲଙ୍କା ଫସଲରେ ଉକୁଣିଆ ପୋକ ଦମନ

ଲଙ୍କା ଫସଲରେ ଉକୁଣିଆ ପୋକ ଲାଗିଥିଲେ ୫ ଗ୍ରାମ୍ ଏସିଟାମିପ୍ରିଡ୍ ୨୦ ଏସ୍.ପି.କୁ କିମ୍ବା ୧୫ ମି.ଲି. ଆବାମେକ୍ଟିନ୍ ୧୫ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ସହଜ କିସମ ଫୁଲକୋବିରେ ଶୁଁବାଳୁଆ ଲାଗିଲେ ୪ ମି.ଲି. ନିମତେଲ ୦.୧୫%କୁ ୧ ଲିଟର ପାଣିରେ ମିଶାଇ ସପ୍ତାହେ ଅନ୍ତରରେ ୨ଥର ସିଞ୍ଚନ କରନ୍ତୁ । ଅତ୍ୟଧିକ ବର୍ଷା କିମ୍ବା ବନ୍ୟା ଦ୍ୱାରା କ୍ଷତିଗ୍ରସ୍ତ ଡିପ ତଥା ମଝିଆଳି ଜମିରେ ବିଭିନ୍ନ ପ୍ରକାର ପନିପରିବା ଯଥା– ଶାଗ, ଧନିଆପତ୍ର, ବାଇଗଣ, ଲଙ୍କା, ଟମାଟୋ ଆଦି ଲଗାଇବାର ବନ୍ଦୋବସ୍ତ କରନ୍ତୁ । ପାଳଙ୍ଗ, ଧନିଆ, କୋଶଳା ଆଦି ଶାଗ ଚାଷକଲେ ଅଧିକ ଲାଭ ମିଳିପାରିବ । ପିଆଜ ତଳି ପ୍ରସ୍ତୁତି ପାଇଁ ଉଦ୍ୟମ ଆରମ୍ଭ କରନ୍ତୁ । ଏକର ପ୍ରତି ୪ କେ.ଜି. ହିସାବରେ ଏଗ୍ରିଫାଉଣ୍ଡ ଲାଇଟ୍ ରେଡ୍, ଆର୍କ ନିକେତନ ଏଗ୍ରିଫାଉଣ୍ଡ ଡାର୍କରେଡ୍, ଭୀମା ସୁପର ଓ ଭୀମା ଶକ୍ତି ବିହନ କିସମ ସଂଗ୍ରହକରି ତଳି ପକାନ୍ତୁ । ଆଳୁ ପାଇଁ ହେକ୍ଟର ପ୍ରତି ୨୦ ରୁ ୨୫ କୁଇଣ୍ଟାଲ ବିହନ ଦରକାର ହୁଏ । ଓଡ଼ିଶା ଜଳବାୟୁ ପାଇଁ ନଭେମ୍ବର ଦ୍ୱିତୀୟ ସପ୍ତାହ ପୂର୍ବରୁ ୨–୩ ଟି ଆଖି ଥିବା ୨୫ ଗ୍ରାମ୍‌ରୁ ୩୦ ଗ୍ରାମ୍ ଓଜନ କଟାଆଳୁ ବିହନ ଶତକଡ଼ା ୩ ଭାଗ ବୋରିକ୍ ଏସିଡ୍‌ରେ ବିଶୋଧନକରି ଲଗାନ୍ତୁ । ହେକ୍ଟର ପ୍ରତି ୧୮୦ କେ.ଜି. ଯବକ୍ଷାରଜାନ, ୮୦ କେ.ଜି. ଫସ୍‌ଫେଟ୍ ଓ ୧୦୦ କେ.ଜି. ପଟାସ୍ ସାର ବ୍ୟବହାର କରନ୍ତୁ ଓ ଆଳୁ ଲଗାଇ ଦିଅନ୍ତୁ । ବିଲାତି ବାଇଗଣ ଓ ବାଇଗଣର ଝାଉଁଳା ରୋଗ ପାଇଁ ୨୫ ଗ୍ରାମ୍ କପର ଅକ୍ସିକ୍ଲୋରାଇଡ୍ ସହ ୧.୫ ଗ୍ରାମ୍ ଷ୍ଟ୍ରେପ୍ଟୋସାଇକ୍ଲିନ୍ ୧୦ ଲିଟର ପାଣିରେ ମିଶାଇ ଗଛମୂଳକୁ ଭିଜାନ୍ତୁ ।



# ସୂର୍ଯ୍ୟମୁଖୀ ଫସଲରେ ରୋଗପୋକ ନିୟନ୍ତ୍ରଣ

ସୂର୍ଯ୍ୟମୁଖୀ ଫସଲରେ କର୍ତ୍ତକ କୀଟ, ଶୁଁବାଳୁଆ, ଧଳାମାଛି, ଥ୍ରିପ୍ସ, ଜଉପୋକ, ସବୁଜ ଘୋଡ଼ାପୋକ, ଧୂଆଁପତ୍ର ଗୋଟିପୋକ, ଫୁଲବିନ୍ଧା ପୋକ, ପତ୍ରଦାଗ ରୋଗ, ମୂଳଶଢ଼ା ରୋଗ, ଝାଉଁଳା ରୋଗ, କଳଙ୍କି ରୋଗ, ନିମ୍ନମୁଖୀ ପତ୍ରପୋଡ଼ା ରୋଗ ଓ ଫୁଲଶଢ଼ା ରୋଗ ଇତ୍ୟାଦି ଦେଖାଯାଏ । ଏହାର ନିରାକରଣ ପାଇଁ ସମନ୍ୱିତ ରୋଗ ପୋକ ପରିଚାଳନା ପଦ୍ଧତି ଅବଲମ୍ବନ କରନ୍ତୁ । ସୂର୍ଯ୍ୟମୁଖୀ ଫସଲର ଚାରିପାଖରେ ମକା, ଗାଜର, ବାଜରା ଆଦି ଫସଲ ଚାଷ କରି ଥ୍ରିପ୍ସ ଆକ୍ରମଣ କମାନ୍ତୁ । ସର୍ବଦା ପ୍ରମାଣିତ ବିହନ ବ୍ୟବହାର କରନ୍ତୁ । ଭଲ ଅମଳ ପାଇଁ ଖତ ଓ ମୂଳସାରକୁ ବିହନ ବୁଣିବାର ୧ ସପ୍ତାହ ପୂର୍ବରୁ ମାଟିରେ ମିଶାନ୍ତୁ । ପ୍ରଥମ ୪୫ ଦିନ ପର୍ଯ୍ୟନ୍ତ ଜମିକୁ ଘାସମୁକ୍ତ ରଖନ୍ତୁ । ସକାଳ ସମୟରେ କୌଣସି କୀଟନାଶକ ବିଷ ପ୍ରୟୋଗ କରନ୍ତୁ ନାହିଁ । ଏହା ମହୁମାଛି ପାଇଁ କ୍ଷତିକାରକ । ତେଣୁ ଅପରାହ୍ନରେ ସିଞ୍ଚନ କରନ୍ତୁ । ଶୋଷକ ପୋକ ଯଥା– ଧଳାମାଛି, ଜଉପୋକ ପାଇଁ ଏକର ପ୍ରତି ଡାଇମିଥୋଏଟ୍ ୪୦୦ ମି.ଲି.କୁ ୨୦୦ ଲିଟର ହିସାବରେ ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ସବୁଜ ଘୋଡ଼ାପୋକ ପାଇଁ ଏକର ପ୍ରତି କ୍ଲୋରୋପାଇରିଫସ୍ ବା ପ୍ରୋଫେନୋଫସ୍ ୪୦୦ ମି.ଲି.କୁ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ଫୁଲ ଫୁଟିବା ସମୟରେ ବିଷାକ୍ତ ଔଷଧ ପ୍ରୟୋଗ କରନ୍ତୁ ନାହିଁ । ନିମ ଜାତୀୟ ଔଷଧ ଯଥା ଆଜାଡିରାକ୍ଟିନ୍ ୦.୧୫% ୩ ମି.ଲି.କୁ ୧ ଲିଟର ପାଣିରେ ମିଶାଇ ସ୍ପ୍ରେ କରନ୍ତୁ । ୨୫ ରୁ ୩୦ ଦିନ ହୋଇଥିବା ସୂର୍ଯ୍ୟମୁଖୀରେ କୋଡ଼ାଖୁସା କରି ଘାସ ବାଛି ଦିଅନ୍ତୁ । ଉନ୍ନତ କିସମ ପାଇଁ ହେକ୍ଟର ପ୍ରତି ୨୦ କି.ଗ୍ରା. ଏବଂ ସଙ୍କର କିସମ ପାଇଁ ୨୫ କି.ଗ୍ରା. ଯବକ୍ଷାରଜାନ ସାର ପ୍ରୟୋଗ କରନ୍ତୁ ।



# ମାଛଚାଷରେ ଚୂନ ପ୍ରୟୋଗ

ମାଛଚାଷ ପୋଖରୀରେ ଚୂନର ବହୁ ଆବଶ୍ୟକତା ରହିଛି । ଚୂନ ପ୍ରୟୋଗ ଫଳରେ ମାଛ ଚାଷ କରୁଥିବା ପୋଖରୀରେ ଅନେକ ଉପକାର ମିଳିଥାଏ । ସେ ସମ୍ପର୍କରେ ନିମ୍ନରେ ସୂଚନା ଦିଆଯାଉଛି ।



➤ଚୂନ ମାଟି ଓ ପାଣିକୁ କ୍ଷାରୀୟ କରେ । ମାଛ ଏବଂ ଚିଙ୍ଗୁଡ଼ି ଚାଷ ପାଇଁ କ୍ଷାରୀୟା ପାଣି (୭.୫–୮.୫) ପି.ଏଚ୍. ଆବଶ୍ୟକ ।

➤ଚୂନ ପୋଖରୀର ନିମ୍ନ ଅଂଶ ପାଣିକୁ ବିଶୋଧିତକରି ସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟିକରେ ।

➤ଚୂନ ପ୍ରୟୋଗ ଫଳରେ ମାଟିରେ ଥିବା ଫସ୍‌ଫେଟ୍ ଲବଣ ଗ୍ରହଣଯୋଗ୍ୟ ଅବସ୍ଥାକୁ ଆସିଥାଏ ।

➤ମାଟିରେ ଥିବା କେତେକ ଧରଣର ଜୀବାଣୁ ଜବକ୍ଷାରଜାତୀୟ ପଦାର୍ଥର ରାସାୟନିକ ପ୍ରକ୍ରିୟାରେ ପରିବର୍ତ୍ତନ ଘଟାଇ ଏହାକୁ ଗ୍ରହଣଯୋଗ୍ୟ ଅବସ୍ଥାକୁ ଆଣିଥାଆନ୍ତି । ଏହି ଦରକାରୀ ଜୀବାଣୁଗୁଡ଼ିକର ଅବସ୍ଥିତି ଓ ଅଭିବୃଦ୍ଧି ପାଇଁ କ୍ଷାରଯୁକ୍ତ ମାଧ୍ୟମ ଦରକାର ଏବଂ ଚୂନ ପ୍ରୟୋଗ ଦ୍ୱାରା ଏହା ସମ୍ଭବ ହୋଇଥାଏ ।

➤ଚୂନ ଜୈବିକ ସାରର ପଚନ କ୍ରିୟାକୁ ତ୍ୱରାନ୍ୱିତ କରିଥାଏ ।

➤ଚୂନ ମାଛ ଏବଂ ଚିଙ୍ଗୁଡ଼ିର ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବା ସଙ୍ଗେ ସଙ୍ଗେ କେତେକ ରୋଗର ପ୍ରତିରୋଧକ ରୂପେ ମଧ୍ୟ କାର୍ଯ୍ୟକରେ ।

➤ଚୂନର କ୍ୟାଲ୍‌ସିୟମ ମାଛର କାତି ଓ ଅସ୍ଥି, ଚିଙ୍ଗୁଡ଼ିର ଖୋଳ ଗଠନ କରିଥାଏ । ଅନ୍ୟ ଅର୍ଥରେ ଚିଙ୍ଗୁଡ଼ିର ବୃଦ୍ଧି ପାଇଁ ଏହା ଅତ୍ୟନ୍ତ ସହାୟକ ।

➤ଚୂନ ପାଣିର ଗୋଳିମଇଳା କାଟିଦେଇ ପାଣିକୁ ସ୍ୱଚ୍ଛ ରଖେ । ଏହାଫଳରେ ସୂର୍ଯ୍ୟକିରଣ ପାଣିର ନିମ୍ନଭାଗ ପର୍ଯ୍ୟନ୍ତ ପହଞ୍ଚି ପୋଖରୀରେ ପ୍ରାକୃତିକ ଖାଦ୍ୟ ଉତ୍ପାଦନରେ ସହାୟକ ହୁଏ ।

➤ସାଧାରଣତଃ ପାଣିର ପି.ଏଚ୍. ଅନୁସାରେ ଚୂନ ପ୍ରୟୋଗ କରାଯାଏ । ଯେପରି ପି.ଏଚ. ସୀମା ୪.୦–୫.୦ ମଧ୍ୟରେ ରହିଲେ ଏହି ପାଣିକୁ ଅତି ଅମ୍ଳଯୁକ୍ତ କୁହାଯାଏ ଏବଂ ଏହାକୁ ନିୟନ୍ତ୍ରଣ କରିବା ପାଇଁ ଏକର ପିଛା ୮୦୦ କି.ଗ୍ରା. ଚୂପ ପାଣିରେ ପ୍ରୟୋଗ କରିବା ଜରୁରୀ ।

➤ସେହିପରି ପାଣିର ପି.ଏଚ୍. ୫.୦–୬.୦ ମଧ୍ୟରେ ଥିଲେ ଏହାକୁ ମଧ୍ୟମ ଅମ୍ଳଯୁକ୍ତ କୁହାଯାଏ । ଏଥିପାଇଁ ଏକର ପିଛା ୪୦୦ କି.ଗ୍ରା. ଚୂନ ପ୍ରୟୋଗ ପାଇଁ ପରାମର୍ଶ ଦିଆଯାଏ ।

➤ପୋଖରୀ ପାଣିରେ ୬.୦–୭.୦ ପି.ଏଚ୍. ମଧ୍ୟରେ ରହିଲେ, ଏହାକୁ ସାମାନ୍ୟ କ୍ଷାରୀୟ କୁହାଯାଏ ଏବଂ ଏକର ପିଛା ୧୦୦ କି.ଗ୍ରା. ଚୂନର ଆବଶ୍ୟକ ପଡ଼ିଥାଏ ।

➤ବଜାରରେ ପ୍ରାୟତଃ ୪ ପ୍ରକାର ଚୂନ ମିଳେ,ଯେମିତି କଳି ଚୂନ, ଶିପ ଚୂନ ଏବଂ ପଥର ଚୂନ । ଏଗୁଡିକୁ ମାଛ ପୋଖରୀ ପାଇଁ ବ୍ୟବହାର କରିପାରିବେ ।

➤ତେବେ ପୋଖରୀରେ ପାଣି ପୂରାଇବା ପୂର୍ବରୁ ବା ପୋଖରୀ ଶୁଖିଲା ଥିଲା ବେଳେ କଳି ଚୂନ ଏବଂ ପୋଖରୀରେ ପାଣି ଥିଲା ବେଳେ ପଥର ଚୂନ ପ୍ରୟୋଗକଲେ ଅଧିକ ସୁଫଳ ମିଳେ ।

➤ମାଛଚାଷରେ ପ୍ରଥମେ ଅର୍ଥାତ୍ ଖତସାର ପ୍ରୟୋଗ ପୂର୍ବରୁ ଚୂନ ପ୍ରୟୋଗ କରାଯାଏ ।

➤ଏହାବ୍ୟତୀତ ଆବଶ୍ୟକ ଅନୁଯାୟୀ ମାଛଚାଷ ମଝିରେ ମଧ୍ୟ ଚୂନ ପ୍ରୟୋଗ କରିପାରିବେ ।

➤ଚୂନକୁ ସାଧାରଣତଃ ରାନ୍ଧିଲେ ଚୂନ ଆପେ ଆପେ ଫୁଟିଥାଏ । ଏହାକୁ ରାନ୍ଧିବା ପାଇଁ ଥଣ୍ଡା ପାଣି ବ୍ୟବହାର କରନ୍ତୁ ।

➤ଥଣ୍ଡା ହେବା ପରେ ଚୂନକୁ ପାଣି ସହ ଭଲ ଭାବରେ ମିଶାଇ ଦିଅନ୍ତୁ ।

➤ଚୂନ ପ୍ରୟୋଗର ୫–୭ ଦିନ ପରେ ଖତ ଓ ସାର ପ୍ରୟୋଗ କରିବାକୁ ହୁଏ ।

**ମାଛଚାଷ ସମୟରେ...**

ମାଛଚାଷ କରିବା ସମୟରେ କେତୋଟି ବିଷୟ ପ୍ରତି ଧ୍ୟାନଦେବା ନିହାତି ଜରୁରୀ । ପ୍ରଥମ କଥା ହେଲା, ଶୀତଦିନେ ମାଛମାନଙ୍କୁ କେତେକ ରୋଗ ହୋଇଥାଏ । ଏଥିରୁ ସେମାନେ କିପରି ରକ୍ଷାପାଇବେ ତାହାର ଏକ ସରଳ ଉପାୟ ରହିଛି । ଶୀତ ଆରମ୍ଭ ହେବା ପୂର୍ବରୁ ମାଛଚାଷ କରୁଥିବା ପୋଖରୀରେ ୪୦ କି.ଗ୍ରା. ଚୂନ ସହ ୪ କି.ଗ୍ରା. ହଳଦୀଗୁଣ୍ଡ ମିଶାଇ ପକାନ୍ତୁ । ଏହି ମିଶ୍ରଣକୁ ୧ ମାସ ବ୍ୟବଧାନରେ ୨ ଥର ପକାନ୍ତୁ । ପକ୍ଷ ଓ ଲାଞ୍ଜ ପଚା ରୋଗର ପ୍ରତିକାର ପାଇଁ ଲିଟର ପିଛା ୧.୫ ମି.ଗ୍ରା. ତୁତିଆକୁ ଜଳରେ ମିଶାଇ ଦିଅନ୍ତୁ । ସେହି ମିଶ୍ରଣରେ ମାଛମାନଙ୍କୁ ୨ ମିନିଟ୍ ରଖନ୍ତୁ । ଆଖିପଚା ରୋଗ ହେଲେ ଲିଟର ପିଛା ୮ ରୁ ୧୦ ମି.ଗ୍ରା. କ୍ଲୋରୋମାଇସେଟିନ୍ ଜଳରେ ଦ୍ରବୀଭୂତ କରି ମାଛକୁ ଦିନକୁ ୨ ଘଣ୍ଟା ଯାଏଁ ରଖନ୍ତୁ । ଏପରି ୨ରୁ ୩ ଦିନ କରିବେ । ପଚା ଘାଦ ରୋଗ ହେଲେ ୨ ଲିଟର ପାଣିରେ ୧ ଗ୍ରାମ୍ ତୁତିଆ ମିଶାଇ ମାଛକୁ ପ୍ରତିଦିନ ୧ ମିନିଟ୍ ପାଇଁ ୩ ରୁ ୪ ଦିନ ରଖନ୍ତୁ । ଏଥିସହ ମାଛକୁ ଲିଟର ପ୍ରତି ୩୦ ଗ୍ରାମ୍ ଲୁଣ ମିଶାଇ ସେଥିରେ ୫ ରୁ ୧୦ ମିନିଟ୍ ପର୍ଯ୍ୟନ୍ତ ରଖିଲେ ମଧ୍ୟ ଭଲ ହୁଏ । ମାଛ ପୋଖରୀ ହୁଡ଼ା ଭାଙ୍ଗିଯାଇଥିଲେ ତୁରନ୍ତ ମରାମତି କରନ୍ତୁ । ୧ ହେକ୍ଟର ବିଶିଷ୍ଟ ମାଛପୋଖରୀର ୧୨,୫୦୦ ଯାଆଁଳ ପାଇଁ ପ୍ରତିଦିନ ୩ କି.ଗ୍ରା. ୭୫୦ ଗ୍ରାମ୍ କାଣ୍ଡିଆ କୁଣ୍ଡା ଓ ୩ କି.ଗ୍ରା. ୭୫୦ ଗ୍ରାମ୍ ବାଦାମ ପିଡ଼ିଆ ମିଶାଇ ସମୁଦାୟ ଦୈନିକ ୭ କି.ଗ୍ରା. ୫୦୦ ଗ୍ରାମ୍ ଦାନା ଖାଇବାକୁ ଦିଅନ୍ତୁ । ପୋଖରୀର ନିମ୍ନ ସ୍ତରରେ ଥିବା ମିରିକାଳି ଓ ବିଲାତି ରୋହି ଉପରସ୍ତରକୁ ଉଠିଲେ ଓ ପୋଖରୀ ତଳମାଟିରୁ ଦୁର୍ଗନ୍ଧ ବାହାରୁଥିଲେ ପ୍ରତି ହେକ୍ଟର ମିଟର ପାଣିରେ ୫୦ କି.ଗ୍ରା. ଜିଓଲାଇଟ୍ ବ୍ୟବହାର କରନ୍ତୁ ।

> "ମାଟିରେ ଥିବା କେତେକ ଧରଣର ଜୀବାଣୁ ଜବକ୍ଷାରଜାତୀୟ ପଦାର୍ଥର ରାସାୟନିକ ପ୍ରକ୍ରିୟାରେ ପରିବର୍ତ୍ତନ ଘଟାଇ ଏହାକୁ ଗ୍ରହଣଯୋଗ୍ୟ ଅବସ୍ଥାକୁ ଆଣିଥାଆନ୍ତି । ଏହି ଦରକାରୀ ଜୀବାଣୁଗୁଡ଼ିକର ଅବସ୍ଥିତି ଓ ଅଭିବୃଦ୍ଧି ପାଇଁ କ୍ଷାରଯୁକ୍ତ ମାଧ୍ୟମ ଦରକାର ଏବଂ ଚୂନ ପ୍ରୟୋଗ ଦ୍ୱାରା ଏହା ସମ୍ଭବ ହୋଇଥାଏ । ଚୂନ ଜୈବିକ ସାରର ପଚନ କ୍ରିୟାକୁ ତ୍ୱରାନ୍ୱିତ କରିଥାଏ । ଚୂନ ମାଛ ଏବଂ ଚିଙ୍ଗୁଡ଼ିର ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବା ସଙ୍ଗେ ସଙ୍ଗେ କେତେକ ରୋଗର ପ୍ରତିରୋଧକ ରୂପେ ମଧ କାର୍ଯ୍ୟକରେ । ଚୂନର କ୍ୟାଲ୍‌ସିୟମ ମାଛର କାତି ଓ ଅସ୍ଥି, ଚିଙ୍ଗୁଡ଼ିର ଖୋଳକୁ ଗଠନ କରିଥାଏ । ଅନ୍ୟ ଅର୍ଥରେ ଚିଙ୍ଗୁଡ଼ିର ବୃଦ୍ଧି ପାଇଁ ଏହା ଅତ୍ୟନ୍ତ ସହାୟକ । ଚୂନ ପାଣିର ଗୋଳିମଇଳା କାଟିଦେଇ ପାଣିକୁ ସ୍ୱଚ୍ଛ ରଖେ । ଏହାଫଳରେ ସୂର୍ଯ୍ୟକିରଣ ପାଣିର ନିମ୍ନଭାଗ ପର୍ଯ୍ୟନ୍ତ ପହଞ୍ଚି ପୋଖରୀରେ ପ୍ରାକୃତିକ ଖାଦ୍ୟ ଉତ୍ପାଦନରେ ସହାୟକ ହୁଏ ।"

**–ଦିଲୀପ କୁମାର ସାହୁ (ଅଧ୍ୟାପକ),**
**ଡ. ମାନସ ରଞ୍ଜନ ପଟ୍ଟନାୟକ, ଅଧ୍ୟକ୍ଷ**
ବହୁବୃତ୍ତି କୃଷି ବୈଷୟିକ କେନ୍ଦ୍ର (ମତ୍ସ୍ୟ ବିଜ୍ଞାନ), ଓୟୁଏଟି, ରଙ୍ଗେଇଲୁଣ୍ଡା, ବ୍ରହ୍ମପୁର

# ଚାଷୀଙ୍କ ପାଇଁ..

କଖାରୁ ଜାତୀୟ ଫସଲରେ ଲାଲ ଓ କଳା କଖାରୁ ଭୃଙ୍ଗ ଦମନ ପାଇଁ ଏକର ପ୍ରତି ୮୦୦ଗ୍ରାମ୍ ହିସାବରେ କାର୍ବାରିଲ ପ୍ରୟୋଗ କରନ୍ତୁ । ଲଙ୍କାମରିଚ ଫସଲରେ ପତ୍ରମୋଡା ଦେଖାଗଲେ ଏହାର ଦମନ ସକାଶେ ପ୍ରତି ଲିଟର ପାଣିରେ ୨ ମିଲି ଆବାମେକ୍ଟିନ୍(୧.୯%) କିମ୍ବା ୧.୫ରୁ ୨ ମିଲି ଇଥିଅନ୍ ମିଶାଇ ପତ୍ର ସିଞ୍ଚନ କରନ୍ତୁ । ଝୁଡ଼ଙ୍ଗ ଫସଲରେ ଜଉପୋକର ଆକ୍ରମଣ ଦେଖାଗଲେ ଏକର ପ୍ରତି ୫୦ମିଲି ଇମିଡାକ୍ଲୋପ୍ରିଡ୍ ୨୦୦ଲିଟର ପାଣିରେ ମିଶାଇ ପତ୍ର ସିଞ୍ଚନ କରନ୍ତୁ ଏବଂ ଏହାର ୭ଦିନ ପରେ ଫସଲ ଅମଳ କରନ୍ତୁ । ବାଇଗଣରେ ଫଳ ଓ କାଣ୍ଡବିନ୍ଧା ପୋକର ଦମନ ଲାଗି ସମନ୍ୱିତ ପୋକ ପରିଚାଳନା ପଦ୍ଧତି ଅନୁସାରେ ଏକର ପ୍ରତି ୨୦,୦୦୦ ଟ୍ରାଇକୋଗ୍ରାମା ପରାଶ୍ରୟୀ କୀଟ ଛାଡ଼ନ୍ତୁ କିମ୍ବା ୩୦୦ପିପିଏମ୍ ନିମ୍ବଜାତ କୀଟନାଶକକୁ ଏକର ପ୍ରତି ୧ ଲିଟର ହିସାବରେ ପ୍ରୟୋଗ କରନ୍ତୁ ଅଥବା ପ୍ରତି ଲିଟର ପାଣିରେ ୫ ଗ୍ରାମ୍ କାର୍ବାରିଲ ମିଶାଇ ସିଞ୍ଚନ କରନ୍ତୁ ।



# ଗହମ ଚାଷ ପାଇଁ ଜମି ପ୍ରସ୍ତୁତି

ଗହମ ଚାଷ ପାଇଁ ଜମି ପ୍ରସ୍ତୁତି କରନ୍ତୁ ଓ ଆବଶ୍ୟକ ଅନୁମୋଦିତ ବିହନ ଯଥା – ସୋନାଲିକା, ପି.ବି.ଡବ୍ଲ୍ୟୁ.–୩୪୩, ପି.ବି.ଡବ୍ଲ୍ୟୁ.–୪୪୩, ୟୁ.ପି.–୨୬୨, ଏଚ୍.ଡି.–୨୨୮୫ ଆଦି ବିହନ ସଂଗ୍ରହ କରନ୍ତୁ । ହେକ୍ଟର ପ୍ରତି ୧୨୫ କି.ଗ୍ରା. ବିହନକୁ କାର୍ବେଣ୍ଡାଜିମ୍ (କେ.ଜି. ପ୍ରତି ୨ ଗ୍ରାମ୍) ଦ୍ୱାରା ବିଶୋଧିତ କରି ଧାଡ଼ିକୁ ଧାଡ଼ି ୨୦ ସେ.ମି. ବ୍ୟବଧାନରେ ୮୦:୫୦:୪୦ କି.ଗ୍ରା. ଅନୁମୋଦିତ ସାରର ଅଧା ଯବକ୍ଷାରଜାନ ଏବଂ ସମସ୍ତ ଫସ୍‌ଫରସ୍ ଓ ପଟାସ୍ ପ୍ରୟୋଗକରି ବୁଣନ୍ତୁ । ଗହମ ଚାଷରେ ଘାସ ନିୟନ୍ତ୍ରଣ ପାଇଁ ପେଣ୍ଡିମେଥାଲିନ୍ ହେକ୍ଟର ପିଛା ୧ କି.ଗ୍ରା. (୧ ହେକ୍ଟର ପାଇଁ ୩୩୩୦ ମି.ଲି. ଷ୍ଟମ୍ପ୍ ୩୦ ଇ.ସି.) ହିସାବରେ ୧–୨ ଦିନ ମଧ୍ୟରେ ପ୍ରୟୋଗ କରନ୍ତୁ । ସାଧାରଣ ଭାବେ ନଡ଼ିଆତେଲ ବସିବା ଆରମ୍ଭ କଲେ ଗହମ ବୁଣା ଆରମ୍ଭ କରାଯାଏ । ନଭେମ୍ବର ମାସ ଦ୍ୱିତୀୟ ପକ୍ଷ ଗହମ ବୁଣିବା ପାଇଁ ଉପଯୁକ୍ତ । କିନ୍ତୁ ଆଭ୍ୟନ୍ତରୀଣ ଜିଲାରେ ବିଳମ୍ବରେ ଗହମ ବୁଣାଯାଇପାରିବ ।

# ତଳି ପଟାଳିର ଯତ୍ନ ନେଉଥିଲେ...

ପନିପରିବା ତଳି ପଟାଳିରେ ସାର ପ୍ରୟୋଗ ପୂର୍ବରୁ ତଳିପଟିକୁ ସ୍ୱଚ୍ଛ ଜରି ଢାଙ୍କି ଚତୁଃପାର୍ଶ୍ୱ ନିବୁଜ କରି ୨ ଦିନ ଛାଡ଼ିଦେଲେ ସୂର୍ଯ୍ୟାଲୋକ ଦ୍ୱାରା ଏହା ବିଶୋଧିତ ହୋଇଯାଏ । ତଳି ପଟାଳିକୁ କାର୍ବେଣ୍ଡାଜିମ୍ ୨ଗ୍ରାମ୍‌କୁ ୧ ଲିଟର ଦ୍ରବଣରେ ବିଶୋଧନ କରିଦେବା ଭଲ କିମ୍ବା ୩–୫ ପ୍ରତିଶତ ଫର୍ମାଲିନ୍ ଦ୍ରବଣ ସିଞ୍ଚନକରି ସ୍ୱଚ୍ଛ ଜରିରେ ଘୋଡ଼େଇବାର ୪–୫ ଦିନ ପରେ ବିହନ ବୁଣନ୍ତୁ । ଏହା ପରିବର୍ତ୍ତେ ତଳି ପଟାଳି ଉପରେ ଶୁଖିଲା ଘାସ ରଖି ପୋଡ଼ିଦେଲେ ମଧ୍ୟ ମାଟି ବିଶୋଧନ ହୋଇଥାଏ । ତଳିଘରାରୁ ପାଣି ନିଗିଡ଼ିଯିବା ପାଇଁ ପଟାଳି ମଝିରେ ନାଳିର ବ୍ୟବସ୍ଥା କରନ୍ତୁ । ତଳିଘରା ପ୍ରସ୍ତୁତ ହୋଇଗଲା ପରେ ମାଟିରେ ୨ ଇଞ୍ଚ ବ୍ୟବଧାନରେ ଗାର ଟାଣି ମଞ୍ଜିକୁ ଗୋଟି ଗୋଟି କରି ଧାଡ଼ିରେ ବୁଣନ୍ତୁ । ତା' ଉପରେ ଶୁଖିଲା ଗୁଣ୍ଡମାଟି ଘୋଡ଼ାଇ ଦିଅନ୍ତୁ ଓ ନଡ଼ା କିମ୍ବା ଶୁଖିଲା ପାଳ ଘୋଡ଼ାଇ ଦେଲେ ଚଞ୍ଚଳ ଗଜା ହୋଇଥାଏ । ମଞ୍ଜିଗୁଡ଼ିକ ଲଗାଇବା ପୂର୍ବରୁ କିଲୋ ପ୍ରତି ୨ ଗ୍ରାମ୍ ବାଭିଷ୍ଟିନ୍ ବା ୩ ଗ୍ରାମ୍ ଥିରାମ୍ ମିଶାଇ ବିଶୋଧନକରି ଲଗାନ୍ତୁ । ଝରାରେ ପାଣି ଦିଅନ୍ତୁ । ଟାଣଖରା ଓ ବର୍ଷା ଦାଉରୁ ଛୋଟ ଚାରାକୁ ରକ୍ଷାକରିବା ପାଇଁ ପଟାଳିକୁ ଜରି ଘର ମଧ୍ୟରେ କରନ୍ତୁ । ବାଇଗଣ, ବିଲାତି ବାଇଗଣ, ଲଙ୍କା ଇତ୍ୟାଦି ଫସଲର ଚାରା ଉତାରି ଲଗାଯାଉଥିବା ବେଳେ କଖାରୁ ଜାତୀୟ ଫସଲଗୁଡ଼ିକ ସିଧାସଳଖ ମୂଳ ଜମିରେ ଲଗାଯାଇଥାଏ । ପନିପରିବା ଚାଷ ସମୟରେ ତଳିଘରା ପ୍ରସ୍ତୁତ କରିବା ପାଇଁ ପ୍ରଥମେ ମାଟିକୁ ଗୁଣ୍ଡ ଚାଷକରି ସେଥିରୁ ଘାସ ଲଟା ଆଦି ବାଛି ୧ ମି. ଓସାର, ୩ ମି. ଲମ୍ବ ଓ ୧୨–୧୫ ସେ.ମି. ଉଚ୍ଚତା ବିଶିଷ୍ଟ ତଳିଘରା ପ୍ରସ୍ତୁତ କରନ୍ତୁ । ପ୍ରତି ତଳିଘରାରେ ୫ ଝୁଡ଼ି ଶଢ଼ା ଗୋବର ଖତ ବା କମ୍ପୋଷ୍ଟକୁ ଗୁଣ୍ଡକରି ମିଶାଇ ଦିଅନ୍ତୁ । ଏଥିସହ ୧୫୦ ଗ୍ରାମ୍ ସୁପର ଫସ୍‌ଫେଟ୍ ମଧ୍ୟ ପ୍ରୟୋଗ କରନ୍ତୁ ।



# ମଧ୍ୟମ କିସମ ଧାନ କାଟିବା ସମୟରେ...



ମଧ୍ୟମ କିସମ ଧାନକେଣ୍ଡାରେ ଶତକଡ଼ା ୮୫ ଭାଗ ଧାନ ପାଚିଥିଲେ ତାହାକୁ କାଟି ଅମଳ କରନ୍ତୁ । ଧାନ କାଟିବାର ୧ ସପ୍ତାହ ପୂର୍ବରୁ ଜମିରୁ ପାଣି କାଟିଦିଅନ୍ତୁ । ବିଳମ୍ବ କିସମ ଧାନ ଫୁଲ ଉଡ଼ାଇବା ଅବସ୍ଥାରେ ଥିଲେ ଜମିରେ ୫ ସେ.ମି. ଠିଆପାଣି ବାନ୍ଧି ରଖନ୍ତୁ । ଧାନ କ୍ଷୀର ଢୋକିଲା ବେଳେ ଗନ୍ଧିପୋକର ଆକ୍ରମଣରୁ ରକ୍ଷା କରିବା ପାଇଁ ଆବଶ୍ୟକ ଫସଲ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରନ୍ତୁ । ଉତ୍କୃଷ୍ଟ ବିହନ କରିବା ପାଇଁ ମିଶାଧାନ ଓ ବାଲୁଙ୍ଗା ଗଛକୁ ବାଛି ବାହାର କରିଦିଅନ୍ତୁ । ଧାନ ଅମଳ ପରେ ଧାନକୁ ୨–୩ଟି ଟାଣ ଖରାରେ ଶୁଖାଇ ସାଇତି ରଖନ୍ତୁ । ଅମାରର ୧୦୦ ବର୍ଗଫୁଟ ଜାଗା ପାଇଁ ୨୫୦ ଗ୍ରାମ୍ ହିସାବରେ ଶତକଡ଼ା ୫ ଭାଗ ମାଲାଥିଅନ ଗୁଣ୍ଡ ଅମାରର ଚଟାଣ, କାନ୍ଥ ଓ ଛାତରେ ପ୍ରୟୋଗକଲେ ପୋକ ଲାଗିବ ନାହିଁ । ସାପ୍ତାହିକ ରୋଗ ପୋକ ସର୍ବେକ୍ଷଣକରି ଆର୍ଥିକ ନିୟନ୍ତ୍ରଣ ସୀମାକୁ ଦୃଷ୍ଟିରେ ରଖି ଆବଶ୍ୟକ ମତେ ରାସାୟନିକ ସଂରକ୍ଷଣ ବ୍ୟବସ୍ଥା ଗ୍ରହଣ କରନ୍ତୁ ।



4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

ଧରିତ୍ରୀ
DHARITRI
ଧରିତ୍ରୀ 50 Years
ପୃଷ୍ଠା–୮+୮
ଭୁବନେଶ୍ୱର, ବୁଧବାର, ନଭେମ୍ବର ୧୩/୨୦୨୪ (୮+୮=୧୬ ପୃଷ୍ଠା) Bhubaneswar, Wednesday, November 13/2024 Page 16 ₹ 7.00
୫୦ଶ ଭାଗ ୩୪୮ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 50 ISSUE 348 ମୂଲ୍ୟ ₹୭/-




# ଉଗ୍ରପନ୍ଥୀ ନାଁରେ ୧୦ ସ୍ୱେଚ୍ଛାସେବୀଙ୍କୁ ହତ୍ୟା

**ଇମ୍ଫାଲ,୧୨।୧୧**

ମଣିପୁରର ଜିରିବାମ୍ ଜିଲାରେ ସୋମବାର ଅପରାହ୍ନରେ ସିଆର୍‌ପିଏଫ୍ ଯବାନଙ୍କ ଗୁଳିରେ ପ୍ରାଣ ହରାଇଥିବା ୧୦ ଜଣ କୁକି ଉଗ୍ରପନ୍ଥୀ ବୋଲି ଦର୍ଶାଯାଇଥିଲା। ତେବେ ସେମାନେ ଉଗ୍ରପନ୍ଥୀ ନ ଥିଲେ, ବରଂ ଗ୍ରାମ ସ୍ୱେଚ୍ଛାସେବୀ ବୋଲି କୁକି-ଜୋ ସଂଗଠନ ପକ୍ଷରୁ ଦାବି କରାଯାଇଛି। ଯବାନମାନେ ସେମାନଙ୍କ ଉପରେ ଅତର୍କିତ ଆକ୍ରମଣ କରି ହତ୍ୟା କରିଥିବା ସ୍ଥାନୀୟ ଆଦିବାସୀ ନେତାମାନଙ୍କ ଫୋରମ୍ (ଆଇଟିଏଲ୍‌ଏଫ୍) କହିଛି। ସୋମବାର ୧୦ ଜଣଙ୍କ ମୃତଦେହ ମିଳିଥିବାବେଳେ ମଙ୍ଗଳବାର ସକାଳେ ୨ ଜଣ ବୟସ୍କ ବ୍ୟକ୍ତିଙ୍କ ମୃତଦେହ ଠାବ କରାଯାଇଛି। ସେଠାରେ ଥିବା କେତେକ ଦୋକାନକୁ ସୋମବାର ଉଗ୍ରପନ୍ଥୀମାନେ ନିଆଁ ଲଗାଇଦେଇଥିବା ପୋଲିସ କହିଥିଲା।



ଗୁଳିକାଣ୍ଡ ବେଳେ ଏକ ରିଲିଫ୍ କ୍ୟାମ୍ପରୁ ପଳାଇଯାଇଥିବା ୬ ଜଣଙ୍କ ପତ୍ତା ମିଳୁନାହିଁ।

ସୂଚନାଯୋଗ୍ୟ, ମଣିପୁରରେ ଦୀର୍ଘଦିନ ହେଲା ହିଂସା ଜାରି ରହିଥିବାବେଳେ ଗୋଟିଏ ଗୁଳି ବିନିମୟ ଘଟଣାରେ କେବେ ଏତେ ସଂଖ୍ୟକ ଲୋକଙ୍କ ମୃତ୍ୟୁ ଘଟି ନ ଥିଲା। ତେଣୁ ସିଆର୍‌ପିଏଫ୍ ଏବଂ ମେଇତି ବାହିନୀ ସାଧାରଣ ଲୋକଙ୍କ ଉପରେ ଅତର୍କିତ ଆକ୍ରମଣ କରି ଗ୍ରାମ ସ୍ୱେଚ୍ଛାସେବୀମାନଙ୍କୁ ହତ୍ୟା କରିଛନ୍ତି ବୋଲି ଆଇଟିଏଲ୍‌ଏଫ୍ ପକ୍ଷରୁ ଏକ ବିବୃତିରେ କୁହାଯାଇଛି। ପ୍ରଥମେ ସିଆର୍‌ପିଏଫ୍ କ୍ୟାମ୍ପ ଉପରେ ଉଗ୍ରପନ୍ଥୀମାନେ ଆକ୍ରମଣ କରିବାରୁ ଯବାନମାନେ ଏହାର ପାଲଟା ଜବାବ ଦେଇଥିଲେ ବୋଲି ସରକାରୀ ଭାବେ କୁହାଯାଇଥିଲା। ଯଦି ସ୍ୱେଚ୍ଛାସେବୀମାନେ ଅସ୍ତ୍ରଶସ୍ତ୍ର ସହ ସୁରକ୍ଷା ☞ପୃଷ୍ଠା–୪

# କାର୍ ମଡ଼ାଇଦେବାରୁ ୩୫ ମୃତ, ୪୩ ଆହତ

**ବେଜିଂ,୧୨।୧୧**

ଦକ୍ଷିଣ ଚାଇନାର ଝୁହାଇ ସହରରେ ଥିବା ସ୍ପୋର୍ଟ୍ସସେଣ୍ଟର ବାହାରେ ଜଣେ ବ୍ୟକ୍ତି କାର୍ ମଡ଼ାଇଦେବାରୁ ୩୫ ଜଣଙ୍କ ମୃତ୍ୟୁ ଘଟିବା ସହ ଅନ୍ୟ ୪୩ ଜଣ ଆହତ ହୋଇଛନ୍ତି। ଆହତମାନଙ୍କୁ ଝୁହାଇର ଶାଙ୍ଗ୍ ଚୋଙ୍ଗ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବାବେଳେ ସେମାନଙ୍କ ମଧ୍ୟରୁ କେତେଜଣ ଚିକିତ୍ସା ପରେ ଘରକୁ ଫେରିଛନ୍ତି। ଚାଇନା ପିପୁଲ୍‌ସ ଲିବରେଶନ ଆର୍ମି (ପିଏଲ୍‌ଏ) ମଙ୍ଗଳବାର ଝୁହାଇ ଏୟାର ଶୋ' ଆୟୋଜନ କରିବାର ଦିନକ ପୂର୍ବରୁ ସୋମବାର ରାତିରେ ଏହି ଘଟଣା ଘଟିଛି। ସ୍ପୋର୍ଟ୍ସ ସେଣ୍ଟରରେ ଲୋକେ ବ୍ୟାୟାମ କରୁଥିବାବେଳେ ବାହାରେ ଅନେକେ ରୁଣ୍ଡ ହୋଇଥିଲେ। ସେମାନଙ୍କ ଉପରକୁ କାର୍ ମାଡ଼ିଯାଇଥିଲା। ରାସ୍ତା ଉପରେ ମୃତଦେହଗୁଡ଼ିକ ପଡ଼ିରହିଥିବାବେଳେ ଲୋକେ ସାହାଯ୍ୟ ପାଇଁ ଆକୁଳ ଚିତ୍କାର କରୁଥିବା ସୋସିଆଲ ମିଡିଆରେ ପ୍ରସାରିତ ଭିଡିଓରେ ଦେଖିବାକୁ ମିଳିଛି।

କାର୍ ମଡ଼ାଇ ଦେଇଥିବା ୬୨ ବର୍ଷୀୟ ଡ୍ରାଇଭରଙ୍କୁ ପୋଲିସ ଗିରଫ କରି ଅଟକ ରଖିଛି। ତେବେ ଏହା ☞ପୃଷ୍ଠା–୪



ଝୁହାଇ ସହରରେ ଥିବା ସ୍ପୋର୍ଟ୍ସ ସେଣ୍ଟର ବାହାରେ ଲୋକଙ୍କ ଉପରେ କାର ମାଡ଼ିଯାଇଛି।

# ଶ୍ରୀମନ୍ଦିର ଭିତରେ ବିଦେଶୀ ମହିଳା

## ପୋଲିସ ସୁରକ୍ଷା ଉପରେ ପ୍ରଶ୍ନବାଚୀ

**ପୁରୀ,୧୨।୧୧ (ଅଜିତ୍ କୁମାର ମହାନ୍ତି)**

ପଞ୍ଚକର ପ୍ରଥମ ଦିନରେ ଶ୍ରୀମନ୍ଦିରରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଜଣେ ଅଣହିନ୍ଦୁ ବିଦେଶୀ ମହିଳା ଶ୍ରୀମନ୍ଦିର ଭିତରକୁ ପ୍ରବେଶ କରିଥିବା ଜଣାଯାଇଛି। ଏନେଇ ପୋଲିସର ସୁରକ୍ଷା ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପୋଲିସର କଡ଼ା ସୁରକ୍ଷା ବ୍ୟବସ୍ଥା ପରେ କିପରି ଜଣେ ବିଦେଶୀ ମହିଳା ଶ୍ରୀମନ୍ଦିର ଭିତରକୁ ପ୍ରବେଶ କଲେ ତାହା ନେଇ ଜଗନ୍ନାଥପ୍ରେମୀଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହୋଇଛି। ମଙ୍ଗଳବାର ମହାପ୍ରଭୁ ଲକ୍ଷ୍ମୀ ନାରାୟଣ ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି। ମହାପ୍ରଭୁଙ୍କ ଦୁର୍ଲ୍ଲଭ ଲକ୍ଷ୍ମୀନାରାୟଣ ବେଶ ଦର୍ଶନ କରିବା ନିମନ୍ତେ ମଙ୍ଗଳବାର ଶ୍ରୀମନ୍ଦିରରେ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା।



ବିଦେଶୀ ମହିଳା

ସୂଚନାଯୋଗ୍ୟ, ମଙ୍ଗଳବାର ଅପରାହ୍ନ ୨ଟାରେ ଜଣେ ବିଦେଶୀ ମହିଳା ବ୍ୟାରିକେଡ୍ ଦେଇ ଶ୍ରୀମନ୍ଦିରକୁ ପ୍ରବେଶ କରିଥିଲେ। ଉକ୍ତ ଅଣହିନ୍ଦୁ ଜଣଙ୍କ ଚାଇନିଜ୍ ଭାଷାରେ କଥାବାର୍ତ୍ତା କରୁଥିବା ଦେଖିବାକୁ ମିଳିଥିଲା। ମହିଳା ଜଣଙ୍କ ସିଂହଦ୍ୱାର ମଧ୍ୟ ଦେଇ ଗୁମୁଟ ମଧ୍ୟକୁ ପ୍ରବେଶକରି ପତିତପାବନଙ୍କ ଦର୍ଶନ ☞ପୃଷ୍ଠା–୪



# ମେଣ୍ଟ ନେତାମାନେ ଦୁର୍ନୀତିରେ ସମ୍ପୃକ୍ତ : ଶାହା

ରାଞ୍ଚି,୧୨।୧୧


ଅମିତ୍ ଶାହା

ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ମଙ୍ଗଳବାର ଝାଡ଼ଖଣ୍ଡର କୋଇଲା ଖଣି ବହୁଳ ଝରିଆଠାରେ ନିର୍ବାଚନ ପ୍ରଚାର ବେଳେ ରାଜ୍ୟର ଜେଏମ୍ଏମ୍ ନେତୃତ୍ୱାଧୀନ ମେଣ୍ଟ ସରକାରକୁ କଡ଼ା ସମାଲୋଚନା କରିଛନ୍ତି। ମେଣ୍ଟ ନେତାମାନେ ଦୁର୍ନୀତି ଏବଂ କୋଇଲା ଚୋରା କାରବାରରେ ସମ୍ପୃକ୍ତ ରହିଛନ୍ତି। ରାଜ୍ୟରେ ଭାଜପା କ୍ଷମତାକୁ ଆସିଲେ ସରକାରୀ ପାଣ୍ଠି ଲୁଟୁଥିବା ଦୁର୍ନୀତିଗ୍ରସ୍ତ ନେତାମାନଙ୍କୁ ଛଡ଼ାଯିବ ନାହିଁ। ସେମାନଙ୍କୁ ଓଲଟା ଝୁଲାଇ ଦିଆଯିବ ବୋଲି ଶାହା କହିଛନ୍ତି। ରାଜ୍ୟରୁ କୋଇଲା ଚୋରାଚାଲାଣ ବନ୍ଦ ହେବା ସହ ଏଠାରେ ରହିଥିବା ଅନୁପ୍ରବେଶକାରୀମାନଙ୍କୁ ଚିହ୍ନଟ କରାଯାଇ ତଡ଼ିଦିଆଯିବ। ଏଥିପାଇଁ ଭୋଟରମାନେ ବହୁସଂଖ୍ୟାରେ ଭାଜପାକୁ କ୍ଷମତାକୁ ଆଣିବା ନିମନ୍ତେ ବିପୁଳ ସଂଖ୍ୟାରେ ଭୋଟ ଦେବା ପାଇଁ ଶାହା ନିବେଦନ କରିଛନ୍ତି।

ୱାକ୍‌ଫ ବୋର୍ଡ କର୍ନାଟକରେ ମନ୍ଦିର, ଗ୍ରାମବାସୀ ଓ ଅନ୍ୟମାନଙ୍କ ଜମି ଦଖଲ କରିଛି। ଏବେ ଉକ୍ତ ବୋର୍ଡରେ ପରିବର୍ତ୍ତନ ଆଣିବାର ଏବଂ ଆଇନରେ ସଂଶୋଧନ କରିବାର ସମୟ ଆସିଛି। ସେହିପରି ଦେଶରୁ ଅନୁପ୍ରବେଶକାରୀମାନଙ୍କୁ ରୋକିବାକୁ ହେବ। ଏଥିପାଇଁ ସମାନ ନାଗରିକ ସଂହିତା (ୟୁସିସି) ଲାଗୁକୁ କେହି ଅଟକାଇପାରିବେ ନାହିଁ। ତେବେ ଆଦିବାସୀମାନଙ୍କୁ ୟୁସିସି ବାହାରେ ରଖାଯିବ ବୋଲି ଶାହା ପ୍ରତିଶ୍ରୁତି ଦେଇଛନ୍ତି। ଭାଜପା ୱାକଫ୍ ଆଇନରେ ସଂଶୋଧନ ପାଇଁ ବିଲ୍ ଗୃହୀତ କରାଇବ। ଏହାକୁ କେହି ରୋକିପାରିବେ ନାହିଁ ବୋଲି ଝାଡ଼ଖଣ୍ଡର ବାଘମରାଠାରେ ଏକ ନିର୍ବାଚନୀ ରାଲିକୁ ଉଦ୍‌ବୋଧନ ଦେଇ ଶାହା କହିଛନ୍ତି।

# ଆଇସିୟୁରେ ବିଜେଡି: ଜୟନାରାୟଣ

ଭୁବନେଶ୍ୱର,୧୨।୧୧(ସୁନିତ୍ ମିଶ୍ର)

ବିଜେଡି ଏବେ ଆଇସିୟୁରେ ଅଛି। ଆଗକୁ ଥିଲେ ତ କଂଗ୍ରେସ ସହ ମିଶିବ ବୋଲି କହି ଭାଜପା ବିଧାୟକ ଜୟନାରାୟଣ ମିଶ୍ର ବିଜେଡିକୁ କଟାକ୍ଷ କରିଛନ୍ତି। କିଛିଦିନ ହେବ ବିଜେଡି ଏବଂ ଭାଜପା ମଧ୍ୟରେ ଭିନ୍ନ ଧରଣର ଆକ୍ଷେପ ପ୍ରତିଆକ୍ଷେପ ଦେଖିବାକୁ ମିଳୁଛି। କେତେବେଳେ ଭାଜପା କହୁଛି ବିଜେଡିର କେତେଜଣ ବିଧାୟକ ତାଙ୍କ ଦଳରେ ମିଶିବାକୁ ଯୋଗାଯୋଗରେ ଅଛନ୍ତି। ଆଉ କେତେବେଳେ ବିଜେଡି କହୁଛି କେତେଜଣ ଭାଜପା ବିଧାୟକ ଏବେ ତାଙ୍କ ଯୋଗାଯୋଗରେ ଅଛନ୍ତି, ଆସି ମିଶିଯିବେ। ବିଜେଡିର ବରିଷ୍ଠ ନେତା ଅତନୁ ସବ୍ୟସାଚୀ ନାୟକ ସୋମବାର ଦେଇଥିବା ଏଭଳି କିଛି ମନ୍ତବ୍ୟକୁ ନେଇ ପ୍ରତିକ୍ରିୟା ରଖି ଜୟନାରାୟଣ କହିଛନ୍ତି, କଂଗ୍ରେସ ସହ ମିଶି ବିଜେଡି ସରକାର କରିବ ବୋଲି କହୁଛି। କିନ୍ତୁ ବିଜେଡି ରହିଲେ ତ ଯାଇ ଯାହା ହେବ। ବିଜେଡିର ଆୟୁଷ ବହୁତ କମ୍। ସେ ଆଉ କେତେଦିନ ବଞ୍ଚିବ ଜଣାନାହିଁ। ବିଜେଡି ବଞ୍ଚିବ, ପୁଣି ଥରେ ଆଗକୁ ବଢ଼ିବ ଓ ସରକାର କରିବ, ଏଭଳି ସ୍ୱପ୍ନ ଦେଖିବା ପାଇଁ କାହାକୁ ମନା ନାହିଁ। ଏହାକୁ ଆମେ ସ୍ୱାଗତ କରୁଛୁ। ହେଲେ ବିଜେଡି ଖଣ୍ଡ ଖଣ୍ଡ ହେବାକୁ ବସିଲାଣି। ତାକୁ ବଞ୍ଚାଇବା ପାଇଁ ବିଜେଡିର ନେତାମାନେ ଏପରି କହୁଛନ୍ତି। ବିଜେଡିରେ ନେତୃତ୍ୱ କାହାନ୍ତି। ବିଜେଡିର ୨୪ ବର୍ଷ ଶାସନ ଲିଜ୍‌ରେ ଚାଲିଥିଲା। କେତେବେଳେ ପ୍ୟାରୀବାବୁ ବିଜେଡିକୁ ଲିଜ୍‌ରେ ନେଇଥିଲେ ତ ଆଉ କେତେବେଳେ ପାଣ୍ଡିଆନ୍ ନେଇଥିଲେ। ବିଜେଡି ଶାସନ କାଳରେ କର୍ମୀଙ୍କ କଥା ରହିଲା ନାହିଁ। ଏବେ ସ୍ୱପ୍ନ ଦେଖୁଛନ୍ତି ଦେଖନ୍ତୁ, ସ୍ୱପ୍ନ ଦେଖିବାକୁ କାହାକୁ ମନା ନାହିଁ।

ସୂଚନାଯୋଗ୍ୟ, କେନ୍ଦ୍ରାପଡ଼ାଠାରେ ଏକ ସଭାରେ ଅତନୁ କହିଥିଲେ, ନବୀନ ପଟ୍ଟନାୟକ ପୁଣି ଥରେ ମୁଖ୍ୟମନ୍ତ୍ରୀ ହେବେ। ଓଡ଼ିଶା ଲୋକେ ନବୀନଙ୍କୁ ମୁଖ୍ୟମନ୍ତ୍ରୀ କରିବାକୁ ପ୍ରସ୍ତୁତ ହେଲେଣି ବୋଲି ସେ କହିଥିଲେ।

# ଭୁବନ ଏନ୍ଏସି ଅଧ୍ୟକ୍ଷଙ୍କ ବିରୋଧରେ ଅନାସ୍ଥା ଭୋଟ୍

## ହାଇକୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ଗଣତି ସ୍ଥଗିତ

କାମାକ୍ଷାନଗର, ୧୨।୧୧ (ସୁଧୀର କୁମାର ପରିଡ଼ା)

ଢେଙ୍କାନାଳ ଜିଲା ଭୁବନ ଏନ୍ଏସି ଅଧ୍ୟକ୍ଷ ଶୁଭେନ୍ଦୁ ସାହୁଙ୍କ ବିରୋଧରେ ଆଗତ ଅନାସ୍ଥା ପ୍ରସ୍ତାବ ନେଇ ମଙ୍ଗଳବାର ଉପଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଭୋଟ ଗ୍ରହଣ ହୋଇଛି। ମାତ୍ର ଅନାସ୍ଥାକୁ ବେଆଇନ ଦର୍ଶାଇ ଏନ୍ଏସି ଅଧ୍ୟକ୍ଷ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରସ୍ଥ ହୋଇଥିବାରୁ ଅଦାଲତ ଭୋଟ ଗଣତି ପାଇଁ ସ୍ଥଗିତାଦେଶ ପ୍ରଦାନ କରିଛନ୍ତି। ପ୍ରକାଶ ଯେ, ପୂର୍ବ ନିର୍ଦ୍ଧାରିତ ତାରିଖ ଅନୁଯାୟୀ ମଙ୍ଗଳବାର ଅନାସ୍ଥା ଭୋଟିଂ ହୋଇଥିଲା। କଡ଼ା ସୁରକ୍ଷା ମଧ୍ୟରେ ସଭ୍ୟାସଭ୍ୟ ନିର୍ଦ୍ଧାରିତ ସମୟରେ ଉପଜିଲାପାଳଙ୍କ ସଭାଗୃହରେ ପହଞ୍ଚିଥିଲେ। ଭୁବନ ଏନ୍ଏସିର ମୋଟ ୧୫ ଜଣ ସଭ୍ୟଙ୍କ ମଧ୍ୟରୁ ୧୧ ଜଣ ଉପସ୍ଥିତ ଥିବାବେଳେ ୪ ଜଣ ଅନୁପସ୍ଥିତ ଥିଲେ। ଉପଜିଲାପାଳ ନାରାୟଣ ଚନ୍ଦ୍ର ନାୟକ ନିର୍ବାଚନ ଅଧିକାରୀ ଭାବେ କାର୍ଯ୍ୟ ନିର୍ବାହ କରିଥିବା ବେଳେ ତହସିଲଦାର ପ୍ରିୟବ୍ରତ ଦାସ ମାଜିଷ୍ଟ୍ରେଟ ଭାବେ ଉପସ୍ଥିତ ଥିଲେ। ପ୍ରଥମେ ଉପଜିଲାପାଳ ଆଲୋଚନା କରିବା ପରେ ଭୋଟ ଗ୍ରହଣ କରାଯାଇଥିଲା। ତେବେ ଏହି ଅନାସ୍ଥାକୁ ନେଇ ଭୁବନ ଏନ୍ଏସି ଅଧ୍ୟକ୍ଷ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିବାରୁ ନ୍ୟାୟାଳୟର ଆଦେଶ କ୍ରମେ ଭୋଟ ହୋଇଥିଲେ ମଧ୍ୟ ଗଣତି ହୋଇ ନ ଥିଲା। ଭୋଟିଂ ପରେ କଡ଼ା ସୁରକ୍ଷା ମଧ୍ୟରେ ଭୋଟ ବାକ୍ସକୁ ସ୍ଥାନୀୟ ଟ୍ରେଜେରିରେ ରଖାଯାଇଥିଲା। ତେବେ ଅନାସ୍ଥା ସମ୍ପର୍କରେ ଭୁବନ ଏନ୍ଏସି ଅଧ୍ୟକ୍ଷ ଶୁଭେନ୍ଦୁ ସାହୁ କହିଛନ୍ତି, ପ୍ରଶାସନ ତରଫରୁ ତାଙ୍କୁ କୌଣସି ନୋଟିସ ଦିଆଯାଇ ନ ଥିଲା। କିଛି ବିଶ୍ୱାସଘାତକ ତାଙ୍କ ନାମରେ ମିଥ୍ୟା ଆରୋପ ଲଗାଇ ଅନାସ୍ଥା ଆଣିଛନ୍ତି।

ଏ ନେଇ ଉପଜିଲାପାଳ କହିଛନ୍ତି, ଜିଲାପାଳଙ୍କ ନିର୍ଦ୍ଦେଶ ଓ ଚିଠି ଅନୁଯାୟୀ ପୂର୍ବ ନିର୍ଦ୍ଧାରିତ ତାରିଖ ଅନୁସାରେ ଆଲୋଚନା କରାଯାଇ ଭୋଟିଂ ହୋଇଛି, ମାତ୍ର ଉଚ୍ଚ ନ୍ୟାୟାଳୟ ଭୋଟ ଗଣତି ପାଇଁ ସ୍ଥଗିତାଦେଶ ଦେଇଥିବାରୁ ଗଣତି ହୋଇନାହିଁ।


ସଭାଗୃହରେ ଉପସ୍ଥିତ ସଭ୍ୟାସଭ୍ୟ ଓ ଉପଜିଲାପାଳ।

# ଭାଜପାରେ ଈଶ୍ୱରପୁର ଗାଁର ୨୦ ପରିବାର


ଭାଜପା ନେତାଙ୍କ ସହ ନୂତନ କର୍ମୀ।

ତିହିଡ଼ି,୧୨।୧୧(ସଞ୍ଜିତ ବଳ)

ଭଦ୍ରକ ଜିଲା ତିହିଡ଼ି ବ୍ଲକ ଶ୍ୟାମସୁନ୍ଦରପୁର ପଞ୍ଚାୟତ ଅଧୀନ ଈଶ୍ୱରପୁର ଗ୍ରାମର ୨୦ ପରିବାର ବିଜେଡି ଛାଡ଼ି ଭାଜପାରେ ସାମିଲ ହୋଇଛନ୍ତି। ଦଳର ନୀତି, ଆଦର୍ଶ ଓ ଉଚ୍ଚ ଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ଉପରେ ଆସ୍ଥା ପ୍ରକଟକରି ସେମାନେ ଭାଜପାରେ ସାମିଲ ହୋଇଥିବା କହିଛନ୍ତି। ତିହିଡ଼ିସ୍ଥିତ ଭାଜପା କାର୍ଯ୍ୟାଳୟରେ ଭାଟପଡ଼ା ସରପଞ୍ଚ ଶୁଭ୍ରନାରାୟଣ ସେଠୀଙ୍କ ଉପସ୍ଥିତିରେ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ଦଳୀୟ ନେତା ଶରତ ଚନ୍ଦ୍ର ଦାସଙ୍କ ନେତୃତ୍ୱରେ ଈଶ୍ୱରପୁର ଗ୍ରାମର ସୁଦର୍ଶନ ମଳିକ, ଅନନ୍ତ ମଳିକ, ସୁରେନ୍ଦ୍ର ମଳିକ, ଚିନ୍ତାମଣି ମଳିକ, ପୁରୁଷୋତ୍ତମ ଦାସ, ପ୍ରଭାତୀ ଦାସ, ଶ୍ୟାମଳା ଦାସ, ତିଲୋତ୍ତମା ଦାସ, ସିଦ୍ଧାନ୍ତ ଦାସ, କାର୍ତ୍ତିକ ଦାସ, ଝୁଲଣା ମଳିକ, ବାସନ୍ତୀ ମଳିକ, ପାର୍ବତୀ ମଳିକ, ଶ୍ରୀକାନ୍ତ ମଳିକ, ମନୋଜ ଦାସ, ନିମେଇ ଦାସ, ବୈରାଗୀ ମଳିକ, ମିଟି ଦାସ ପ୍ରମୁଖ ଭାଜପାରେ ସାମିଲ ହୋଇଥିଲେ। ଭାଜପା ନେତା ନୀଳମଣି ଦାସ, କିଶୋର ମଳିକ ପ୍ରମୁଖ ଏହି ମିଶ୍ରଣ ବେଳେ ଉପସ୍ଥିତ ଥିଲେ।

# ମୁଖ୍ୟ ଶାସନ ସଚିବଙ୍କ ଚିଠି ସରକାରଙ୍କ ବିଫଳତାକୁ ପଦାରେ ପକାଇଲା: ବିଜେଡି

ଭୁବନେଶ୍ୱର,୧୨।୧୧
(ଅନିଲ ଦାସ)

ମୁଖ୍ୟ ଶାସନ ସଚିବଙ୍କ ଦ୍ୱାରା ସୋମବାର ଜାରି କରାଯାଇଥିବା ଚିଠିରେ ସରକାରୀ କର୍ମଚାରୀମାନେ ଚାପ ନ ପକାଇବା ପାଇଁ ଦିଆଯାଇଥିବା ଚେତାବନୀରୁ ସରକାର ଓ ସରକାରୀ ଦଳର ବିଫଳତା ପଦାରେ ପଡ଼ିଲା ବୋଲି ବିଜୁ ଜନତା ଦଳ(ବିଜେଡି) କହିଛି। ବିଜେଡି ମୁଖପାତ୍ର ଭୃଗୁ ବକ୍ସିପାତ୍ର ମଙ୍ଗଳବାର ଗଣମାଧ୍ୟମକୁ କହିଛନ୍ତି, ମୁଖ୍ୟ ଶାସନ ସଚିବଙ୍କ ଚିଠି ସ୍ପଷ୍ଟ କରୁଛି ଯେ ବଡ଼ ବଡ଼ କଥା କହି କ୍ଷମତାକୁ ଆସିଥିବା ଭାଜପା ସରକାର ଚଳାଇ ପାରୁନାହିଁ।

ମୁଖ୍ୟ ଶାସନ ସଚିବଙ୍କ ଦ୍ୱାରା ଜାରି କରାଯାଇଥିବା ଏହି ଚିଠି ବୋଧହୁଏ ଇତିହାସରେ ପ୍ରଥମ। ସରକାରୀ କର୍ମଚାରୀମାନେ ନିଜ ପସନ୍ଦର ନିଯୁକ୍ତି ପାଇବା ପାଇଁ ବାହ୍ୟ ଚାପ ପ୍ରୟୋଗ ନ କରିବା ଲାଗି ଚେଷ୍ଟା ନ କରିବା ପାଇଁ ଚେତାବନୀ ଦିଆଯାଇଛି। ଏହି ଚିଠି ସ୍ପଷ୍ଟ କରୁଛି ଯେ, ସରକାରୀ କର୍ମଚାରୀମାନେ ପସନ୍ଦ ମୁତାବକ ପୋଷ୍ଟିଂ ପାଇବା ପାଇଁ ବାହ୍ୟ ଚାପ ପ୍ରୟୋଗ କରୁଛନ୍ତି, ଯାହା ଦୁର୍ନୀତିର ସ୍ପଷ୍ଟ ଗନ୍ଧ ବାରି ହେଉଛି । ଏହି ବାହ୍ୟ ଚାପଟା କ'ଣ ଓ କେଉଁଠୁ ଆସୁଛି, ତାହା ସ୍ପଷ୍ଟ ହେବା ଦରକାର ବୋଲି ଭୃଗୁ ପ୍ରଶ୍ନ କରିଛନ୍ତି। ଏ କିଭଳି ଏକ ଚାପ, ଯାହା ସରକାରଙ୍କୁ ଅଡୁଆରେ ପକାଉଛି ଓ ସରକାର ଏହାକୁ ପ୍ରତିହତ କରିପାରୁନାହାନ୍ତି । ରୁଲ୍ ୨୩ ଅଫ୍ ସର୍ଭିସ୍‌କଣ୍ଡକ୍ଟ ରୁଲ୍‌ର ଏହା ବ୍ୟତିକ୍ରମ ବୋଲି ଦର୍ଶାଯିବା ସହ ଏହି ନିୟମ ଅନୁସାରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଚେତାବନୀ ଦିଆଯାଇଛି। ଯଦି ଏଭଳି ନିୟମ ଉଲ୍ଲଙ୍ଘନ ହେଉଛି, ତାହେଲେ କେବଳ ଚେତାବନୀ କାହିଁକି, କାର୍ଯ୍ୟାନୁଷ୍ଠାନ ନେବାରେ ଅସୁବିଧା କେଉଁଠି ବୋଲି ସେ କହିଛନ୍ତି । ସରକାରୀ ଦଳର ଜଣେ ବରିଷ୍ଠ ବିଧାୟକ ମଧ୍ୟ ସ୍ୱୀକାର କରିଛନ୍ତି ଯେ, ରାଜନେତାମାନେ ନିଜ ପସନ୍ଦର ଅଫିସରମାନଙ୍କ ପୋଷ୍ଟିଂ ଚାହିଁଥାନ୍ତି । କେଉଁଠି ନା କେଉଁଠି ସରକାରୀ ଦଳର ଭୂମିକା ଏହି ଚିଠି ସହିତ ଜଡ଼ିତ ହୋଇଥିବା ବେଳେ ସରକାରଙ୍କ ଅସହାୟତା ସ୍ପଷ୍ଟ ଦିଶୁଛି ବୋଲି ଭୃଗୁ କହିଛନ୍ତି।

## ହାଇକୋର୍ଟରେ ନୟାଗଡ଼ ବିଧାନସଭା ନିର୍ବାଚନୀ ଅନିୟମିତତା ମାମଲା

# ମୂଳ ମାମଲା ଖାରଜ ପାଇଁ ବିଧାୟକ ଅରୁଣଙ୍କ ଆବେଦନ

କଟକ,୧୨।୧୧ (କାର୍ତ୍ତିକ ସାହୁ)

ନୟାଗଡ଼ ବିଧାନସଭା ନିର୍ବାଚନୀ ଅନିୟମିତତା ମାମଲାରେ ବିଧାୟକ ଅରୁଣ ସାହୁଙ୍କ ପକ୍ଷରୁ ମଙ୍ଗଳବାର ହାଇକୋର୍ଟରେ ୩ଟି ଅନ୍ତରୀଣ ପିଟିଶନ ଦାଏର କରାଯାଇଛି। ମୂଳ ନିର୍ବାଚନୀ ମାମଲା ଖାରଜ କରିବାକୁ ଅରୁଣ ତାଙ୍କ ପିଟିଶନ୍‌ରେ ଆବେଦନ କରିଛନ୍ତି। ହାଇକୋର୍ଟ ବିଚାରପତି ଆନନ୍ଦ ଚନ୍ଦ୍ର ବେହେରା ମାମଲାର ଶୁଣାଣି କରିଥିଲେ। ଆସନ୍ତା ୨୮ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ। ମାମଲାର ବିବରଣୀ ଅନୁଯାୟୀ, ଅରୁଣ ବିଜେଡିକୁ ୩୦ ଲକ୍ଷ ଟଙ୍କା ଋଣ ଦେଇଥିବା ସତ୍ୟପାଠରେ ଉଲ୍ଲେଖ କରିଛନ୍ତି। ବିଜେଡି ଏକ ରାଜନୈତିକ ଦଳ। ଏହି ଦଳ ଅରୁଣଙ୍କୁ ୩୦ ଲକ୍ଷ ଟଙ୍କା ନିର୍ବାଚନୀ ଖର୍ଚ୍ଚ ଆକାରରେ ପ୍ରଦାନ କରିଛି। କିନ୍ତୁ ସେ କିପରି ୩୦ ଲକ୍ଷ ଟଙ୍କା ଋଣ ଆକାରରେ ଉକ୍ତ ରାଜନୈତିକ ଦଳକୁ ଦେଲେ ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସେ ମଧ୍ୟ ନିଜର ସମ୍ପତ୍ତି ତାଲିକା ସଂକ୍ରାନ୍ତରେ ଠିକ୍ ତଥ୍ୟ ପ୍ରଦାନ କରିନାହାନ୍ତି। ତେଣୁ ନୟାଗଡ଼ ନିର୍ବାଚନମଣ୍ଡଳୀର ପରାଜିତ ପ୍ରାର୍ଥୀ ଭାଜପାର ପ୍ରତ୍ୟୁଷା ରାଜେଶ୍ୱରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇ ଅରୁଣଙ୍କ ସଭ୍ୟପଦ ରଦ୍ଦ ପାଇଁ ନିର୍ଦ୍ଦେଶ ଦେବାକୁ ଆବେଦନରେ ଦର୍ଶାଇଛନ୍ତି। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ଗୋପାଳ ଅଗ୍ରୱାଲ ମାମଲା ପରିଚାଳନା କରୁଛନ୍ତି।

# ୱାୟନାଡ୍ ଲୋକ ସଭା, ୩୧ ବିଧାନସଭା ଆସନରେ ଆଜି ଭୋଟ

ନୂଆଦିଲ୍ଲୀ,୧୨।୧୧

କେରଳର ୱାୟନାଡ୍ ଲୋକ ସଭା ଆସନ ସମେତ ୧୦ ରାଜ୍ୟର ୩୧ ବିଧାନସଭା ଆସନରେ ବୁଧବାର ଉପନିର୍ବାଚନ ଅନୁଷ୍ଠିତ ହେବ। ୱାୟନାଡ୍ ଆସନରେ କଂଗ୍ରେସ ସାଧାରଣ ସମ୍ପାଦିକ ପ୍ରିୟଙ୍କା ଗାନ୍ଧୀ ଭଦ୍ରା ପ୍ରାର୍ଥୀ ହେବା ସହ ପ୍ରଥମ ଥର ପାଇଁ ନିର୍ବାଚନୀ ରାଜନୀତିରେ ପ୍ରବେଶ କରିଛନ୍ତି। ଯଦିଓ ଉପନିର୍ବାଚନ ଫଳାଫଳ ସରକାରଙ୍କ ଉପରେ କୌଣସି ବଡ଼ ପ୍ରଭାବ ପକାଇବ ନାହିଁ, ତେବେ କଂଗ୍ରେସ ଏବଂ ଇଣ୍ଡିଆ ବ୍ଲକ୍ ପାଇଁ ଏହାକୁ ବଡ଼ ପରୀକ୍ଷା ଭାବେ ଦେଖାଯାଉଛି। ନିକଟରେ ଅନୁଷ୍ଠିତ ହରିୟାଣା ବିଧାନସଭା ନିର୍ବାଚନରେ ସେମାନଙ୍କ ମିଳିତ ଶକ୍ତି ବିଫଳ ହୋଇଥିଲା। ଉପରୋକ୍ତ ଆସନଗୁଡ଼ିକର ପ୍ରାର୍ଥୀ ଲୋକ ସଭା ନିର୍ବାଚନ ଲଢ଼ି ବିଜୟୀ ହେବା ଏବଂ ଅନ୍ୟ କେତେକ ଆସନରେ ନିର୍ବାଚିତ ପ୍ରତିନିଧିଙ୍କ ମୃତ୍ୟୁ ଯୋଗୁ ଉପନିର୍ବାଚନ ଅନୁଷ୍ଠିତ ହେଉଛି। କଂଗ୍ରେସ ନେତା ରାହୁଲ ଗାନ୍ଧୀ ଲୋକ ସଭା ନିର୍ବାଚନରେ ୱାୟନାଡ୍ ସହ ଉତ୍ତରପ୍ରଦେଶର ରାଏବରେଲୀରୁ ଲଢ଼ିଥିଲେ। ସେ ରାଏବରେଲୀକୁ ରଖି ୱାୟନାଡ୍‌କୁ ଛାଡ଼ିବାରୁ ସେଠାରେ ଉପନିର୍ବାଚନ କରାଇବାକୁ ପଡ଼ିଥିଲା। ବୁଧବାର ରାଜସ୍ଥାନର ୭ ବିଧାନସଭା ଆସନ ସମେତ ପଶ୍ଚିମବଙ୍ଗର ୬, ଆସାମର ୫, ବିହାରର ୪, କର୍ନାଟକର ୩, ମଧ୍ୟପ୍ରଦେଶର ୨ ଏବଂ ଛତିଶଗଡ଼, ଗୁଜରାଟ, କେରଳ ଓ ମେଘାଳୟର ଗୋଟିଏ ଲେଖାଏ ଆସନରେ ମତଦାନ ହେବ। ଆସନ୍ତା ୨୩ରେ ଭୋଟଗଣନା କରାଯାଇ ଫଳାଫଳ ପ୍ରକାଶ ପାଇବ।

## ଅନ୍ୟାନ୍ୟ ଖବର

# ଗବେଷକ ଡ. ଧରଣୀଧରଙ୍କୁ ନଗେନ୍ଦ୍ରନାଥ ପ୍ରଧାନ ସ୍ମୃତି ସମ୍ମାନ


ଡ. ଧରଣୀଧର ନାଥଙ୍କୁ ୭ମ ନଗେନ୍ଦ୍ରନାଥ ସ୍ମୃତି ସମ୍ମାନ-୨୦୨୪ରେ ସମ୍ମାନିତ କରାଯାଉଛି।

ଅନୁଗୋଳ,୧୨।୧୧ (ଜ୍ୟୋତିରଞ୍ଜନ ସାହୁ)

ଅଖିଳ ଭାରତୀୟ ସାହିତ୍ୟ ପରିଷଦ ଓଡ଼ିଶା ପକ୍ଷରୁ ଅନୁଗୋଳ ଗାନ୍ଧୀମାର୍ଗସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ସାହିତ୍ୟ ସାଧକ, ଗବେଷକ, ସମାଜସେବୀ ତଥା ସଙ୍ଗଠକ ସ୍ୱର୍ଗତ ପ୍ରଫେସର ଡ. ନଗେନ୍ଦ୍ରନାଥ ପ୍ରଧାନଙ୍କ ୮୯ତମ ଜୟନ୍ତୀ ପାଳିତ ହୋଇଯାଇଛି। ପରିଷଦର ଅନୁଗୋଳ ଜିଲା ଅଧ୍ୟକ୍ଷ ପ୍ରଫେସର ଶାନ୍ତନୁ କୁମାର ସର ଏଥିରେ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ସାହିତ୍ୟିକ, ଗବେଷକ ତଥା କୃତବିଦ୍ୟ ସ୍ରଷ୍ଟା ଡ. ଧରଣୀଧର ନାଥଙ୍କୁ ୭ମ ନଗେନ୍ଦ୍ରନାଥ ସ୍ମୃତି ସମ୍ମାନ-୨୦୨୪ରେ ସମ୍ମାନିତ କରାଯାଇଥିଲା।

ରାମକୃଷ୍ଣ ତ୍ରିପାଠୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ଉପଦେଷ୍ଟା ବିଜୟ ମୋଦି ନଗେନ୍ଦ୍ରନାଥଙ୍କ ସରଳ ଓ ଅମାୟିକ ବ୍ୟବହାର ସମ୍ପର୍କରେ କହିଥିଲେ। ସମ୍ବର୍ଦ୍ଧନାର ଉତ୍ତରରେ ଡ. ନାଥ ସ୍ୱର୍ଗତ ଡ. ପ୍ରଧାନଙ୍କ ଗବେଷଣାତ୍ମକ ସାହିତ୍ୟ ସାଧନା ଓ ସାଙ୍ଗଠନିକ ଦକ୍ଷତା ସମ୍ପର୍କରେ ଆଲୋକପାତ କରିବା ସହିତ ତାଙ୍କ ମାର୍ଗଦର୍ଶନରେ ସରସ୍ୱତୀ ଶିଶୁ ମନ୍ଦିରଗୁଡ଼ିକ କିପରି ସର୍ବଶ୍ରେଷ୍ଠ ବିଦ୍ୟାଳୟ ହୋଇପାରିଥିଲା ତାହା ବର୍ଣ୍ଣନା କରିଥିଲେ। ସାଧାରଣ ସମ୍ପାଦକ ଡ. ସନ୍ତୋଷ କୁମାର ମହାପାତ୍ର ସ୍ୱର୍ଗତ ପ୍ରଧାନଙ୍କ ସାମଗ୍ରିକ ଜୀବନ ଉପରେ ଆଲୋକପାତ କରିଥିଲେ। ଦୁର୍ଯ୍ୟୋଧନ ସାହୁ ମାନପତ୍ର ପାଠ କରିଥିବା ବେଳେ ଜିଲା ଅଧ୍ୟକ୍ଷ ପ୍ରଫେସର ସର ସମ୍ମାନିତ ଡ. ନାଥଙ୍କୁ ଅଭିନନ୍ଦନ ଜଣାଇବା ସହିତ ସ୍ୱର୍ଗତ ପ୍ରଧାନଙ୍କ କୃତୀ ଓ କୃତିତ୍ୱ ସମ୍ପର୍କରେ କହିଥିଲେ। ଡ. ସଦାନନ୍ଦ ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବଜରଙ୍ଗ ଅଗ୍ରୱାଲ, ଅରୁଣ ସାହୁ, ସଙ୍ଗଠନ ସମ୍ପାଦକ ନାରାୟଣ ନାୟକ, ସାଧାରଣ ସମ୍ପାଦକ ଡ. ସନ୍ତୋଷ କୁମାର ମହାପାତ୍ର, ବିଦ୍ୟାମନ୍ଦିରର ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

DSPL-190

ଡଃ. ମୁକେଶ ମହାଲିଙ୍ଗ
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର,
ସୂଚନା ଓ ପ୍ରଯୁକ୍ତିବିଦ୍ୟା ବିକାଶ ମନ୍ତ୍ରୀ, ଓଡ଼ିଶାଙ୍କ ଦ୍ୱାରା
ଉପ-ସ୍ୱାସ୍ଥ୍ୟକେନ୍ଦ୍ର ଓ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ସ୍ତରୀୟ
ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ଏବଂ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର
୧୩ କୋଟି ୫୪ ଲକ୍ଷ ଟଙ୍କା ପ୍ରକଳ୍ପର
ଭିତ୍ତି ପ୍ରସ୍ତର ସ୍ଥାପନ
ଓ
୪ କୋଟି ୯୮ ଲକ୍ଷ ଟଙ୍କା ପ୍ରକଳ୍ପର
ଶୁଭ ଉଦ୍‌ଘାଟନ

୧୩ ନଭେମ୍ବର ୨୦୨୪
ବାଘଡ଼ା, ମୟୂରଭଞ୍ଜ

ଆରୋଗ୍ୟମ୍ ପରମ ଧନମ୍

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର
facebook.com/HFWOdisha
@HFWOdisha
http://www.health.odisha.gov.in/
OIPR-10084/13/0020/2425

## ସଂକ୍ଷେପରେ

### ଦୌଡ଼ରେ ସ୍ୱର୍ଣ୍ଣ ଜିତିଲେ ଦୀପ୍ତିମୟୀ



**ବରୀ,୧୨।୧୧(ମହେନ୍ଦ୍ର ସ୍ୱାଇଁ):** ବରୀ ବ୍ଲକ ଅଧୀନ ରତ୍ନଗିରି ପଞ୍ଚାୟତ ଅଲିଆବାଦ ଗ୍ରାମର ସୁକାନ୍ତ କୁମାର ଦାସଙ୍କ ଝିଅ ଦୀପ୍ତିମୟୀ ଦାସ(୧୭) ଦୌଡ଼ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରି ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ତରଫରୁ କେନ୍ଦୁଝରଠାରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଦୀପ୍ତିମୟୀଙ୍କ ସଫଳତା ପାଇଁ ପ୍ରଶିକ୍ଷଣ ଦେଉଥିବା ଅବସରପ୍ରାପ୍ତ ସେନା କର୍ମଚାରୀ ତରୁଣ କୁମାର ଦାସଙ୍କ ଉଦ୍ୟମକୁ ବିଭିନ୍ନ ମହଲରୁ ପ୍ରଶଂସା କରାଯାଇଛି।

### ବାଇକ୍ ଧକ୍କାରେ ଯୁବକ ମୃତ

**ଛତିଆ,୧୨।୧୧(ସୌମ୍ୟରଞ୍ଜନ ସାହୁ):** ବଡ଼ଚଣା ବ୍ଲକ ଅନ୍ତର୍ଗତ ଛତିଆ ଚମ୍ପାପୁର ରୋଡ୍‌ରେ ଏକ ଦୁର୍ଘଟଣା ଘଟିଛି। ଏଥିରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ନବକିଶୋର ବଳ(୪୫)। ସେ ଛତିଆରୁ ଚାଲି ଚାଲି ନିଜ ଗ୍ରାମ ଚମ୍ପାପୁରକୁ ଫେରୁଥିବାବେଳେ ପଛପଟୁ ଏକ ବାଇକ୍(ଓଡି୦୪ଭି୨୪୧୧) ଆସି ତାଙ୍କୁ ଧକ୍କା ଦେଇଥିଲା। ଫଳରେ ସେ ଘଟଣାସ୍ଥଳରେ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି କଟକ ବଡ଼ ମେଡିକାଲକୁ ପଠାଇଥିଲେ। ଏଥିସହିତ ଛତିଆ ବିଟ ହାଉସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ଦୁର୍ଘଟଣା ଘଟାଇଥିବା ବାଇକକୁ ଜବତ କରି ତଦନ୍ତ ଚଳାଇଛି।

### ଦଶରଥପୁର ମଠ ପରିସର ସଫେଇ ହେଲା

**ଝୁମ୍ପୁରୀ,୧୨।୧୧(ସରୋଜ ନାୟକ):** ଦଶରଥପୁର ବ୍ଲକ୍‌ର ପ୍ରାଚୀନ ମଠଭାବେ ପରିଚିତ ଦଶରଥପୁର ମଠର ପରିସରକୁ ବ୍ଲକ୍ ବିଶ୍ୱହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳ କାର୍ଯ୍ୟକର୍ତ୍ତାମାନେ ସଫେଇ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ବିଶ୍ୱହିନ୍ଦୁ ପରିଷଦ ପ୍ରଖଣ୍ଡ ସଂଘର କାର୍ଯ୍ୟନିର୍ବାହୀ ବିରଜା ମଲିକ ମୁଖ୍ୟ ଅତିଥିରୂପେ ଯୋଗଦେଇ ସଫେଇ କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ବିଶ୍ୱହିନ୍ଦୁ ପରିଷଦର ଦଶରଥପୁର ପ୍ରଖଣ୍ଡ ସମ୍ପାଦକ ନରେନ୍ଦ୍ର ଜେନା, ସହ-ସମ୍ପାଦକ ବିଧାଧର ବେହେରା, ବଜରଙ୍ଗ ଦଳ ପ୍ରଖଣ୍ଡ ସଂଯୋଜକ ଲୋକନାଥ ଦାସଙ୍କ ନେତୃତ୍ୱରେ ଦଶରଥପୁର ପ୍ରଖଣ୍ଡ ସୁରକ୍ଷା ପ୍ରମୁଖ ସୌରଭ ଦାସ, ପ୍ରଖଣ୍ଡ ଗୋ-ରକ୍ଷା ପ୍ରମୁଖ ଅମରଜିତ ତ୍ରିପାଠୀ, ଜୟନ୍ତରା ଖଣ୍ଡ ସଂଯୋଜକ ଆଶୁତୋଷ ନାୟକ, ଦଶରଥପୁର ଖଣ୍ଡ ସଂଯୋଜକ ଜୀବନ ମଲିକ, ବିଶ୍ୱଜିତ ନାୟକ ପ୍ରମୁଖ ଯୋଗଦେଇ ଦଶରଥପୁର ମଠ ପରିସରକୁ ସଫା କରିଥିଲେ ।

# କଳାପଥର ଖାଦାନରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ

- ବୋମାମାଡ଼ ପରେ ଫଟୋ ଉଠାଉଥିବା ଅଞ୍ଚଳବାସୀଙ୍କୁ ଧମକ
- ଅଣଲିଜ୍ ଖାଦାନକୁ ଅଣଓଡ଼ିଆଙ୍କୁ ଟେକି ଦେବା ମସୁଧା

**ଯାଜପୁର,୧୨।୧୧ (ହର୍ଷବର୍ଦ୍ଧନ ବେହେରା) :** ପ୍ରାକୃତିକ ସମ୍ପଦ ତଥା ମୂଲ୍ୟବାନ କଳାପଥରର ସୁରକ୍ଷା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ପୋଲିସ ବ୍ୟବସ୍ଥା ହୋଇଛି। ଏବେ କିନ୍ତୁ ପରିସ୍ଥିତି ବଦଳି ଯାଇଛି । ଯାଜପୁର ଜିଲାର ଧର୍ମଶାଳା ଓ ଜେନାପୁର ଥାନା ପୋଲିସ ନିଜ ପଦ ମର୍ଯ୍ୟାଦାର ସୀମା ଡେଇଁ କଳାପଥରର ଲୁଟ୍ କାରବାରରେ ସହଯୋଗୀ ହୋଇଥିବା ଅଭିଯୋଗ ହୋଇଛି। ସେହିପରି କେତେକ କଳାପଥର ଖାଦାନଗୁଡ଼ିକୁ ଜଣେ ଅଣଓଡ଼ିଆ ଠିକାଦାରଙ୍କୁ ଲିଜ୍ ଦେବାକୁ ପ୍ରଶାସନିକସ୍ତରରେ ଯୋଜନା ହେଉଛି। ରବିବାର ସକାଳେ ବାଜବାଟୀ ବିଏସ୍‌କ୍ୟୁ-୧ ନମ୍ବର ବେଆଇନ ଖାଦାନରେ ଟଙ୍କା ଭାଗବଣ୍ଟା ନ ଛିଣ୍ଡିବାରୁ ବୋମାମାଡ଼ ହୋଇଥିଲା। କିନ୍ତୁ ପୋଲିସ ଏନେଇ ନିଜ ଆଡକୁ କୌଣସି ମାମଲା ରୁଜୁ ନ କରି ହାଲୁକା ଭାବେ ଗ୍ରହଣ କରିଥିଲା। ଏହାର ୨ ଦିନ ପରେ ମଙ୍ଗଳବାର ପୂର୍ବାହ୍ନରେ ବରଡା-୧ ନମ୍ବର ଖାଦାନରେ ବେଆଇନ କଳାପଥର ଲୁଟ୍ ଉପରେ ମୋବାଇଲରେ ଫଟୋ ଉଠାଉଥିବା ଜଣେ ଅଞ୍ଚଳବାସୀଙ୍କୁ ଖାଦାନ ତଳକୁ ପେଲି ଦେଇ ମାରି ଦେବାକୁ ସେଠାରେ ନିୟୋଜିତ ଥିବା କେତେଜଣ ଗୁଣ୍ଡାଶ୍ରେଣୀର ଲୋକ ଧମକ ଦେଇଥିବା ଭିଡ଼ିଓ ଭାଇରାଲ ହୋଇଛି। ଏଥିରୁ କଳାପଥର ଲୁଟ୍ ପାଇଁ ଦିନକୁ ଦିନ ଅପରାଧୀଙ୍କ ଆତଙ୍କରାଜ ବଢ଼ିବାରେ ଲାଗିଛି ବୋଲି ମତପ୍ରକାଶ ପାଇଛି । ଏହି କ୍ରମରେ କଳାପଥର ଲୁଟ୍ ଓ ଅପରାଧ ନିୟନ୍ତ୍ରଣ ନେଇ ପୋଲିସର ରଣନୀତିକୁ ଅଞ୍ଚଳବାସୀ ନିନ୍ଦା କରିଛନ୍ତି।

ବାଜବାଟୀ ଅଞ୍ଚଳବାସୀଙ୍କଠାରୁ ମିଳିଥିବା ସୂଚନା ଅନୁଯାୟୀ ଧର୍ମଶାଳା ତହସିଲ ଅନ୍ତର୍ଗତ ବାଜବାଟୀ ବିଏସ୍‌କ୍ୟୁ-୧ ନମ୍ବର ଖାଦାନରେ ଗତ ପ୍ରାୟ ୩ ମାସ ହେବ ବେଆଇନ ଭାବେ କଳାପଥର ଉତ୍ତୋଳନ ଚାଲିଛି। ଏନେଇ ଲଘୁ ଖଣି



ବିଭାଗ ଓ ପୋଲିସ ପ୍ରଶାସନ ଜାଣିଥିଲେ ସୁଦ୍ଧା ମୋଟା ଅଙ୍କର ଲାଞ୍ଚ ନେଇ ନୀରବ ବସିଛନ୍ତି। ଫଳରେ ଏହି ଖାଦାନ ନିକଟରେ ଥିବା ପ୍ରାୟ ୮ କ୍ରଶରକୁ ବେଆଇନ ଭାବେ ବୋଲଡର ପଥର ଯୋଗାଣ କରାଯାଉଛି। ଫଳରେ ସେଠାରେ ପ୍ରାୟ ୫୦ଫୁଟ ଗଭୀର ଏକ ପୋଖରୀ ସୃଷ୍ଟି ହୋଇ ସାରିଛି। ମଙ୍ଗଳବାର ୧୧ଟି କମ୍ପ୍ରେସର, ୨ଲେଖାଏ ହାଇଓ୍ୱା ଓ ମେଶିନ ସହାୟତାରେ ଉତ୍ତୋଳନ ପ୍ରକ୍ରିୟା ଚାଲିଥିଲା। ଏଥିରେ ପ୍ରାୟ ୫୦୦୦ ଫୁଟ ଗାତ ସୃଷ୍ଟି କରାଯାଇ ବିସ୍ଫୋରଣ ହୋଇଥାନ୍ତା। ଏହାପରେ ସେଠାରୁ ପ୍ରାୟ ୬୦୦୦ ଟନ୍ କଳାପଥର ଉତ୍ତୋଳନ କରାଯାଇ ନିକଟସ୍ଥ କ୍ରଶରଗୁଡ଼ିକୁ ବେଆଇନ ଭାବେ ଚାଲାଣ ଯୋଜନା ଥିଲା। ଏହି କାର୍ଯ୍ୟର ସୁରକ୍ଷା ପାଇଁ କଳାପଥର ବ୍ୟବସାୟୀ ରଙ୍ଗା ବାବୁ ୧୫ ଜଣ ଗୁଣ୍ଡାଶ୍ରେଣୀର ଲୋକଙ୍କୁ ସୁରକ୍ଷା ଦାୟିତ୍ୱ ଦେଇଥିଲେ। ତେବେ ବିସ୍ଫୋରଣକୁ ଆଖି ଆଗରେ ରଖି ସ୍ଥାନୀୟ ଅଞ୍ଚଳବାସୀ ତାଙ୍କୁ ବିରୋଧ କରିଥିଲେ। ଏପରି କି ସେହି ବେଆଇନ କଳାପଥର ଖାଦାନର ମୋବାଇଲ ଯୋଗେ ଫଟୋ ଓ ଭିଡ଼ିଓ ଉତ୍ତୋଳନ କରିଥିଲେ। ଏହି ସମୟରେ ସେଠାରେ ନିୟୋଜିତ ଥିବା ଗୁଣ୍ଡାଶ୍ରେଣୀର ଲୋକମାନେ ଫଟୋ ଉଠାଉଥିବା ଗ୍ରାମବାସୀଙ୍କଠାରୁ ମୋବାଇଲ ଛଡେଇ ନେଇ ଖାଦାନ ତଳକୁ ଫିଙ୍ଗି ଦିଆଯିବ ବୋଲି ଧମକ ଦେଇଥିଲେ। ଏଥିରେ ଗ୍ରାମବାସୀ କିଛି ସମୟ ଯୁକ୍ତିତର୍କ କରି ସେଠାରୁ ଫେରି ଆସିଥିଲେ। ଏହିସବୁ କାରବାରରେ ପୋଲିସର ସହାୟତା ରହୁଥିବାରୁ ଥାନାରେ ଅଭିଯୋଗ କରିବା ବୃଥା ବୋଲି ଭାବେ ଗ୍ରାମବାସୀ ନୀରବ ରହିଥିବା ସୂଚନା ମିଳିଛି।

ସୂଚନାଯୋଗ୍ୟ, ଜିଲାର ଧର୍ମଶାଳା ତହସିଲ ଅନ୍ତର୍ଗତ ଡଙ୍କାରୀ, ବିଛାଖଣ୍ଡି, ରାହାଡପୁର, ଅଞ୍ଜିରା, ବରଡା, ଲୁଣିବର, ବାଜବାଟୀ, ଆରୁହା ଆଦି ପାହାଡରେ ପାଖାପାଖି ୧୦୦ କଳାପଥର ଖାଦାନ ରହିଛି। ଲଘୁ ଖଣିଜ ଦ୍ରବ୍ୟ ସଂଶୋଧନ ଆଇନ ଅନୁଯାୟୀ ମାତ୍ର ୩୭ଟି ଖାଦାନଗୁଡ଼ିକୁ ଅନୁମତି ଦିଆଯାଇଛି । ସେଥିରୁ ୧୫ଟି ଖାଦାନକୁ ଅନ୍‌ଲାଇନ ଟିପି ଜାରି କରାଯାଇଥିବାବେଳେ ବାକି ବେଆଇନ ପଥରକ୍ୱାରୀ ଅଞ୍ଚଳରୁ ଲୁଟ କାରବାର ଅଣାୟତ୍ତ ହେବାରେ ଲାଗିଛି। କ୍ରମଶଃ ବିବାଦ ଉଗ୍ରରୂପ ନେଇ ବୋମା ବିସ୍ଫୋରଣ ପର୍ଯ୍ୟନ୍ତ କଥା ଯାଉଛି।

ଏପରି କି ବାକି କଳାପଥର ଖାଦାନଗୁଡ଼ିକୁ ସ୍ଥାନୀୟ ଲୋକଙ୍କୁ ବାଦ ଦେଇ ଜଣେ ତେଲେଙ୍ଗାନା ଠିକାଦାରଙ୍କୁ ଲିଜ୍ ଦେବାକୁ ଯୋଜନା କରାଯାଉଛି। ଏଥିରେ ଜିଲା ପ୍ରଶାସନ ଏବଂ ଲଘୁ ଖଣି ବିଭାଗର କେତେକ ବରିଷ୍ଠ ଅଧିକାରୀ ଉଦ୍ୟମ ଜାରି ରଖିଛନ୍ତି। ତେଲେଙ୍ଗାନା ଠିକାଦାରଙ୍କୁ ଲିଜ୍ ଦିଆଗଲେ ବ୍ୟାପକ ଆନ୍ଦୋଳନ ହେବ ବୋଲି ଚେତାବନୀ ଦିଆଯାଇଛି।

ଏ ସଂକ୍ରାନ୍ତରେ ଯାଜପୁର ଲଘୁ ଖଣି ଉପନିର୍ଦ୍ଦେଶକ ଜୟପ୍ରକାଶ ନାୟକଙ୍କୁ ପଚାରିବାରେ ସେ କହିଛନ୍ତି, ବେଆଇନ ଖାଦାନଗୁଡ଼ିକ ଉପରେ ଚଢ଼ାଉ କରାଯିବାକୁ ପୋଲିସକୁ ନିର୍ଦ୍ଦେଶ ହୋଇଛି। ଏପରି କି ମିଳିତ ଭାବେ ଚଢ଼ାଉ ଜାରି ରହିଛି।

# ଚୋରି ଅଭିଯୋଗରେ ୫ ଗିରଫ



ଗିରଫ ଅଭିଯୁକ୍ତ ଓ ଜବତ ବାଇକ୍।

## ୫ ବାଇକ୍ ଜବତ

**ଚଣ୍ଡିଖୋଲ/ବାଲିଚନ୍ଦ୍ରପୁର, ୧୨।୧୧ (ପ୍ରଦୀପ୍ତ କୁମାର ପୃଷ୍ଟି/ ଗିରିଜା ପ୍ରସାଦ ସାହୁ):** ଯାଜପୁର ଜିଲା ବାଲିଚନ୍ଦ୍ରପୁର ଥାନା ଅଞ୍ଚଳର ବିଭିନ୍ନ ସ୍ଥାନରୁ ଚୋରି ଅଭିଯୋଗରେ ପୋଲିସ ୫ଜଣଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ଏହି ଥାନା ଅନ୍ତର୍ଗତ ରାମଦାସପୁର ଗ୍ରାମର ପ୍ରାଣକୃଷ୍ଣ ସେନାପତି(୩୦), ବାଲିକୁଦା ଗ୍ରାମର ପର୍ଶୁରାମ ଦଳେଇ(୩୭), ସମୀର ଦଳେଇ,(୩୫), ପପୁ ଦଳେଇ(୨୪) ଓ ମଣିନାଥ ଦଳେଇ(୩୨)। ଅଭିଯୁକ୍ତମାନଙ୍କ ନିକଟରୁ ୫ ବାଇକ୍, ୪ ମୋବାଇଲ ଫୋନ, ଗୋଟିଏ ଗ୍ରାଇଣ୍ଡର, ଗୋଟିଏ ପାଣି ପମ୍ପ, ଗୋଟିଏ ଫ୍ୟାନ ଓ ଚୋରିରେ ବ୍ୟବହୃତ ସାମଗ୍ରୀ ଜବତ କରାଯାଇଛି। ବାଲିଚନ୍ଦ୍ରପୁର ଥାନାରେ ଏକ ଖବରଦାତା ସମ୍ମିଳନୀ କରି ଯାଜପୁରରୋଡ୍ ଏସ୍‌ଡିପିଓ ସଞ୍ଜୟ କୁମାର ପଟ୍ଟନାୟକ ଏ ସମ୍ପର୍କରେ ସୂଚନା ଦେଇଛନ୍ତି। ତାଙ୍କ ସୂଚନା ଅନୁସାରେ, ଗତ କିଛି ଦିନ ହେବ ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ରଇପୁର, ସାଉଡ଼ିଆ ଓ ବରପଦା ଆଦି ପଞ୍ଚାୟତରେ ଘନଘନ ଚୋରି ହେଉଥିଲା। ପୋଲିସ ଅଭିଯୁକ୍ତମାନଙ୍କୁ ଗିରଫ କରିବାକୁ ଏକ ଟିମ ଗଠନ କରି ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିଲା। ଅଭିଯୁକ୍ତମାନଙ୍କ ନାମରେ ବାଲିଚନ୍ଦ୍ରପୁର ଥାନାରେ ପୂର୍ବରୁ ୬ଟି ମାମଲା ରହିଥିବା ସେ ସୂଚନା ଦେଇଛନ୍ତି। ଗତ ୯ ତାରିଖରେ ପୋଲିସ ଏମାନଙ୍କ ମଧ୍ୟରୁ ଜଣକୁ ଧରିବା ପରେ ସେ ଅନ୍ୟମାନଙ୍କ ନାମ ପ୍ରକାଶ କରିଥିଲେ। ଘଟଣାରେ ସମ୍ପୃକ୍ତ ଥିବା ଆଉ ୨ ଅଭିଯୁକ୍ତ ଫେରାର ଅଛନ୍ତି। ପୋଲିସ ସେମାନଙ୍କୁ ଗିରଫ କରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଛି। ଏନେଇ ଥାନାରେ ନଂ.୫୦୩/୨୪ରେ ଏକ ମାମଲା ରୁଜୁ ହୋଇଛି।

### ଟ୍ରକ୍ ଧକ୍କାରେ ମହିଳାଙ୍କ ମୃତ୍ୟୁ

**ଧର୍ମଶାଳା,୧୨।୧୧(ବଟକୃଷ୍ଣ ପରିଡ଼ା):** ଧର୍ମଶାଳା ଥାନା ୧୬ନଂ. ଜାତୀୟ ରାଜପଥର ଭାଲୁଖାଇ ନିକଟ ଓଭରବ୍ରିଜରେ ମଙ୍ଗଳବାର ଏକ ଟ୍ରକ୍ ଧକ୍କାରେ ଜଣେ ମହିଳାଙ୍କ ମୃତ୍ୟୁ ହୋଇଛି। ମୃତ ମହିଳା ହେଲେ ଅଳକୁଣ୍ଡ ଥାନା ଉତ୍ତରକୁଳ ଗ୍ରାମର ରଶ୍ମିତା ଆଚାର୍ଯ୍ୟ(୨୭)। ସେ କୌଣସି କାମରେ ଓଡି- ୩୪-ଏନ-୭୭୩୦ ନମ୍ବର ସ୍କୁଟିରେ କଟକ ଯାଇ ନିଜ ଗାଁକୁ ଫେରୁଥିଲେ। ଏହି ସମୟରେ ଭାଲୁଖାଇ ନିକଟରେ ଓଡି-୦୨-ସିଏଲ-୦୬୪୨ ନମ୍ବର ଏକ ଟ୍ରକ ତାଙ୍କୁ ପଛପଟୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ଧର୍ମଶାଳା ଡାକ୍ତରଖାନା ପଠାଇ ଘଟଣାର ତଦନ୍ତ ଚଳାଇଛି।

### କବର ଖୋଳି ମୃତଦେହ ଜବତ ଘଟଣା
## ହତ୍ୟା ଅଭିଯୋଗରେ ସ୍ୱାମୀ ଗିରଫ

**ବିଞ୍ଝାରପୁର,୧୨।୧୧(ରାମକୃଷ୍ଣ ଦାସ):** ବିଞ୍ଝାରପୁର ପୋଲିସ କବର ଖୋଳି ଜଣେ ମହିଳାଙ୍କ ମୃତଦେହ ଜବତ କରିବା ଘଟଣାରେ ତାଙ୍କ ସ୍ୱାମୀ ସେକ୍ ମୁସ୍ତକିମଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। ପଶ୍ଚିମବଙ୍ଗ ରାଜ୍ୟ ପଶ୍ଚିମ ମେଦିନପୁର ଜିଲା ଦେବରା ଥାନା ବିଷ୍ଣୁପୁର ଗ୍ରାମର ରଜାଉଲ ରେହେମାନ ଖାନଙ୍କ ଝିଅ ରୋଜିନା ଖାତୁନଙ୍କୁ ବିଞ୍ଝାରପୁର ଥାନା କାଲାମହାଲା ଗ୍ରାମର ସେକ୍ ମୁସ୍ତକିମ ୨୦୧୭ରେ ବିବାହ କରିଥିଲେ। ବାହାଘର ପରେ ରୋଜିନାଙ୍କୁ ତାଙ୍କ ଶାଶୁଘର ଲୋକେ ଅଧିକ ଯୌତୁକ ଦାବିକରି ମାନସିକ ଯନ୍ତ୍ରଣା ଦେଇଆସୁଥିଲେ। ଗତ ସେପ୍ଟେମ୍ବର ୨୧ ତାରିଖ ରାତିରେ ରୋଜିନାଙ୍କୁ ସ୍ୱାମୀ ସେକ୍ ମୁସ୍ତକିମଙ୍କ ପରାମର୍ଶ ଅନୁସାରେ ଶ୍ୱଶୁର ସେକ୍ ଇସାକ, ନଣନ୍ଦ ସାଇସ୍ତା ବିବି, ରୋକେଇଆ ବିବି, ବେନଜିର ବିବି, ତବସୁମ ବିବି, ନଣନ୍ଦୋଇ ସେକ ଫୁଲୋ ମିଶି ହତ୍ୟା କରି ତରବରିଆ ଭାବରେ କବର ଦେଇଦେଇଥିଲେ। ଏନେଇ ରୋଜିନାଙ୍କ ବାପା ରଜାଉଲ ରହେମାନ ଖାନ ବିଞ୍ଝାରପୁର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଦଫା ୧୦୩ରେ ଏକ ମାମଲା ନଂ.୫୫୮/୨୪ ରୁଜୁ କରି ତଦନ୍ତ ଚଳାଇଥିବାବେଳେ ଗତ ଅକ୍ଟୋବର ୬ରେ କବର ଖୋଳି ରୋଜିନାଙ୍କ ମୃତଦେହ ବାହାର କରି ବ୍ୟବଚ୍ଛେଦ ପାଇଁ ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ଏହି ଘଟଣାରେ ପୋଲିସ ନଭେମ୍ବର ୪ରେ ରୋଜିନାଙ୍କ ନଣନ୍ଦ ବେନଜିର ବିବିଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଅନ୍ୟଫେରାର ଅଭିଯୁକ୍ତମାନଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ଥାନାଧିକାରୀ ବାମଦେବ ନନ୍ଦ ସୂଚନା ଦେଇଛନ୍ତି।

# ବିଦ୍ୟାଳୟରେ ବିଜ୍ଞାନ, ଗଣିତ ପ୍ରଦର୍ଶନୀ



ପ୍ରଦର୍ଶନୀରେ ଯୋଗଦେଇଥିବା ଅତିଥି ଓ ଛାତ୍ରୀଛାତ୍ର।

**ଜେନାପୁର,୧୨।୧୧(ଅଶୋକ ଦାସ):** ଧର୍ମଶାଳା ଶିକ୍ଷାମଣ୍ଡଳର କୃଷ୍ଣଚନ୍ଦ୍ରପୁର ଆଞ୍ଚଳିକ ସାଧନା କେନ୍ଦ୍ର ଅଧୀନ ସୋରେଇ ନୋଡାଲ ଉପ୍ରା ବିଦ୍ୟାଳୟ ପରିସରରେ ବିଜ୍ଞାନ ଓ ଗଣିତ ପ୍ରଦର୍ଶନୀ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ରଘୁନାଥ ସାହୁଙ୍କ ଅଧ୍ୟକ୍ଷତାରେ ଶିବିର ପରିଚାଳିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ କାହ୍ନୁଚରଣ ସାହୁ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଅତିଥିଭାବେ କୃଷ୍ଣଚନ୍ଦ୍ରପୁର ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ବୃନ୍ଦାବନ ଚରଣ ପ୍ରଧାନ ଓ ତାରିଣୀ ନୋଡାଲ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ରଞ୍ଜନ କୁମାର ବେହେରା, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଶତ୍ରୁଘ୍ନ ଧୀର, ବିଦ୍ୟାଳୟ ଅଧକ୍ଷ ଯୁଗଳ କିଶୋର ସାହୁ ଓ କମିଟିର ସମସ୍ତ ସଦସ୍ୟାସଦସ୍ୟ ଉପସ୍ଥିତ ଥିଲେ। ବିଦ୍ୟାଳୟ ସହକାରୀ ଶିକ୍ଷକ ଅଭିମନ୍ୟୁ ମଲ୍ଲିକ, ରବୀନ୍ଦ୍ର କୁମାର ମଳିକ, ଶିକ୍ଷୟିତ୍ରୀ ସୁମିତ୍ରା ସାହୁ, ସୌମ୍ୟସୁଚରିତା ଜେନାଙ୍କ ତତ୍ତ୍ୱାବଧାନରେ ମେଳା ଉଚ୍ଚ ପ୍ରଶଂସିତ ହୋଇପାରିଥିଲା। କ୍ଲଷ୍ଟରର ଶିକ୍ଷକ କିଶୋର ଚନ୍ଦ୍ର କାୟସ୍ଥ, ମାନସୀ ମଞ୍ଜରୀ ସାହୁ, ମୁକୁନ୍ଦ ମୁରାରି ଗୁରୁ, ମହେଶ୍ୱର ସାମଲ, ବ୍ରଜକିଶୋର ମହାନ୍ତି, ନରେଶ କୁମାର ଜେନା ଓ ଗୟାଧର ନାଥ ପ୍ରମୁଖ ଯୋଗଦେଇଥିଲେ। ମୋଟ୍ ୫୨ ବିଭାଗରେ ଛାତ୍ରୀଛାତ୍ର ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ବରିଷ୍ଠ ବିଭାଗର ଷଷ୍ଠ ଶ୍ରେଣୀ ଛାତ୍ର ପ୍ରକାଶ ଦଳାଇ ଓ କନିଷ୍ଠର ତୃତୀୟ ଶ୍ରେଣୀର ଛାତ୍ରୀ ଅମ୍ରିତା ସାହୁ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ପ୍ରତ୍ୟେକ ବିଭାଗର କୃତୀ ପ୍ରତିଯୋଗୀଙ୍କୁ ଟ୍ରଫି ଓ ମାନପତ୍ର ପ୍ରଦାନ କରାଯାଇଥିଲା।

# ଧର୍ମଶାଳା ମହୋତ୍ସବ ପ୍ରସ୍ତୁତି ବୈଠକ




ବୈଠକରେ ବିଧାୟକ ହିମାଂଶୁ ଶେଖର ସାହୁ ଓ ଧର୍ମଶାଳା ମହୋତ୍ସବ ପୂଜା କମିଟିର କର୍ମକର୍ତ୍ତା।

**ଧର୍ମଶାଳା/କାଏମା,୧୨।୧୧ (ବଟକୃଷ୍ଣ ପରିଡ଼ା/ଶିବପ୍ରସାଦ ମହାନ୍ତି):** ଧର୍ମଶାଳା ବ୍ଲକ ଅଧୀନ ଜାରକାଠାରେ ଡିସେମ୍ବର ୧୬ରେ ହେବାକୁଥିବା ଗଜଲକ୍ଷ୍ମୀ ପୂଜା ଓ ଧର୍ମଶାଳା ମହୋତ୍ସବ ପାଇଁ ଏକ ପ୍ରସ୍ତୁତି ବୈଠକ ଜାରକାସ୍ଥିତ ତ୍ରିନାଥ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଧର୍ମଶାଳା ମହୋତ୍ସବ ପୂଜା କମିଟି ସଭାପତି ରବିନାରାୟଣ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ଯୋଗଦେଇ ଚଳିତ ଥର ପୂଜା ଓ ମହୋତ୍ସବ କିଭଳି ଜାକଜମକରେ କରାଯିବ ସେ ସମ୍ପର୍କରେ କହିଛନ୍ତି। ଡିସେମ୍ବର ୧୬ରୁ ଗଜ ଲକ୍ଷ୍ମୀ ପୂଜା ଆରମ୍ଭ ହେବାକୁଥିବାବେଳେ କାର୍ତ୍ତିକ ପୂର୍ଣ୍ଣିମାରେ ମାଟି ଉଠାଣ ଉପରେ ଆଲୋଚନା କରାଯାଇଛି। ଗଜଲକ୍ଷ୍ମୀ ପୂଜା ଅବସରରେ ଡିସେମ୍ବର ୨୫ରେ ଧର୍ମଶାଳା ମହୋତ୍ସବ ଉଦ୍‌ଘାଟନ ହେବ ଏବଂ ଜାନୁଆରୀ ୫ ତାରିଖରେ ଉଦ୍‌ଯାପିତ ହୋଇ ୬ ତାରିଖରେ ଭଷାଣ ଉତ୍ସବ ଅନୁଷ୍ଠିତ ହେବା ପାଇଁ ସ୍ଥିର କରାଯାଇଛି। ଚଳିତ ଥର ମହୋତ୍ସବରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମକୁ ବ୍ୟାପକ କରାଯିବା ସହିତ ମହୋତ୍ସବ ପଡ଼ିଆର ସଂପ୍ରସାରଣ ଉପରେ ଧ୍ୟାନ ଦେବାକୁ ବିଧାୟକ ପରାମର୍ଶ ଦେଇଛନ୍ତି। ବୈଠକରେ କାର୍ଯ୍ୟକାରୀ ସଭାପତି ପବିତ୍ର ମୋହନ ଦାଶ, ସାଧାରଣ ସମ୍ପାଦକ ସତ୍ୟପ୍ରିୟ ମହାନ୍ତି, ସମ୍ପାଦକ ଶ୍ରୀକାନ୍ତ ସାହୁ, ସହସମ୍ପାଦକ ଜିତେନ୍ଦ୍ର ରାଉତ, କୋଷାଧ୍ୟକ୍ଷ ଶରତ କୁମାର ଓଝା, ସଂଯୋଜକ ଦେବରାଜ ମିଶ୍ର, ସବ୍ୟସାଚୀ ସୁନ୍ଦରରାୟ, ବିଚିତ୍ର ସ୍ୱାଇଁ, ରାଜେସ ପାଲ, ଲୋକନାଥ ମହାନ୍ତି, ରାଜକୁମାର ଶତପଥୀ, ଅଜୟ ମହାପାତ୍ର, ରାମଚନ୍ଦ୍ର ମଲିକ ଓ କିଶୋର ନାୟକ ପ୍ରମୁଖ ବରିଷ୍ଠ ସଭ୍ୟ ଉପସ୍ଥିତ ରହି ମତ ରଖିଥିଲେ।

# କଲଣ ଆୟୁଷ୍ମାନ ଆରୋଗ୍ୟ ମନ୍ଦିରକୁ ଗୁଣବତ୍ତା ପ୍ରମାଣପତ୍ର

**ରସୁଲପୁର,୧୨।୧୧(ରଞ୍ଜିତ ରାଉତ):** ରସୁଲପୁର ବ୍ଲକ ଅନ୍ତର୍ଗତ କଲଣ ପଞ୍ଚାୟତର ଆୟୁଷ୍ମାନ ଆତୋଗ୍ୟ ମନ୍ଦିରକୁ କେନ୍ଦ୍ରୀୟ ଗୁଣବତ୍ତା ପ୍ରମାଣପତ୍ର ମିଳିଛି। ଆରୋଗ୍ୟ ମନ୍ଦିର ଅଞ୍ଚଳରେ ଉତ୍ତମ ସ୍ୱାସ୍ଥ୍ୟ ସେବା ପରିଚାଳନା ଓ କେନ୍ଦ୍ରରେ ବିଭିନ୍ନ ସରକାରୀ ଯୋଜନାକୁ ଠିକ୍‌ରେ କାର୍ଯ୍ୟକାରୀ କରାଯିବା ସହ ସେ ନେଇ ପ୍ରସ୍ତୁତ କାଗଜାଦ୍ ଆଦିକୁ ଯାଞ୍ଚ କରାଯାଇ ଥିଲା। କେନ୍ଦ୍ରୀୟ ତଦନ୍ତକାରୀ ଦଳ ଆରୋଗ୍ୟ ମନ୍ଦିର ପକ୍ଷରୁ ଜନସାଧାରଣଙ୍କୁ ଉଚ୍ଚ ମାନର ସ୍ୱାସ୍ଥ୍ୟସେବା ପ୍ରଦାନ କରାଯାଉଥିବାକୁ ନେଇ ତଦନ୍ତ ବେଳେ ଅବଗତ ହେବା ପରେ ଏଭଳି ପ୍ରମାଣପତ୍ର ମିଳିଛି ବୋଲି ଜଣାପଡିଛି। ଉକ୍ତ ଆରୋଗ୍ୟ ମନ୍ଦିରରେ ଆଗକୁ ଆହୁରି କିଭଳି ଭଲ ସ୍ୱାସ୍ଥ୍ୟସେବା ପ୍ରଦାନ କରାଯିବ ସେ ନେଇ ଯୋଜନା ପ୍ରସ୍ତୁତ କରାଯିବା ସହ ତାକୁ କାର୍ଯ୍ୟକାରୀ କରିବା ଉପରେ ଗୁରୁତ୍ୱ ଦିଆଯାଇଛି। ଚଳିତମାସ ୫ତାରିଖରେ କେନ୍ଦ୍ରୀୟ ସ୍ୱାସ୍ଥ୍ୟ ପର୍ଯ୍ୟବେକ୍ଷକ ଦଳ ପକ୍ଷରୁ ଡା. ନାଗଲକ୍ଷ୍ମୀ ଟୁଲିମେଲି, ଡା. ନିରଞ୍ଜନ ଗଙ୍ଗୋପାଧ୍ୟାୟଙ୍କ ସମେତ ଯାଜପୁର




ଜିଲା ମୁଖ୍ୟ ସ୍ୱାସ୍ଥ୍ୟକେନ୍ଦ୍ରର ଗୁଣବତ୍ତା ପରିଚାଳିକା ଲୋପାମୁଦ୍ରା ଦାସମହାପାତ୍ର, ମଧୁବନ ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡାକ୍ତର ରଶ୍ମିରଂଜନ ପଶାୟତ, ଡାକ୍ତର ବସନ୍ତ କୁମାର ପଣ୍ଡା, ଡାକ୍ତର ଜ୍ୟୋତି ପ୍ରକାଶ ପଣ୍ଡାଙ୍କ ସମେତ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରର ସ୍ୱାସ୍ଥ୍ୟକର୍ମୀମାନଙ୍କ ସହଯୋଗରେ ଆରୋଗ୍ୟ ମନ୍ଦିରର ସ୍ୱାସ୍ଥ୍ୟସେବା ପରିଚାଳନାଗତ ବିଭିନ୍ନ କାର୍ଯ୍ୟକ୍ରମକୁ ସମୀକ୍ଷା କରାଯାଇଥିଲା। ଏପରିକି ତଦନ୍ତକାରୀ ଦଳ ବ୍ୟକ୍ତିଗତ ଭାବରେ କେତେକ ଲୋକଙ୍କୁ ଭେଟି ସ୍ୱାସ୍ଥ୍ୟସେବା ସମ୍ପର୍କରେ ପଚାରି ବୁଝିଥିଲେ। ସ୍ୱାସ୍ଥ୍ୟସେବା ଦିଗରେ ଆରୋଗ୍ୟ ମନ୍ଦିର ପକ୍ଷରୁ ଉଲ୍ଲେଖନୀୟ ସଫଳତା ହାସଲ କରିଥିବା ନେଇ ତଦନ୍ତ ବେଳେ ଜଣାପଡିଥିଲା। କେନ୍ଦ୍ରୀୟ ଦଳ ପକ୍ଷରୁ ଗୁଣବତ୍ତା ପ୍ରମାଣପତ୍ର ମିଳିବ ବୋଲି ସୂଚନା ପାଇବା ପରେ ସ୍ୱାସ୍ଥ୍ୟକେନ୍ଦ୍ରର ଅଧିକାରୀ ଓ କର୍ମଚାରୀଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଛି। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ କେନ୍ଦ୍ରୀୟ ତଦନ୍ତକାରୀ ଦଳର ଅଧିକାରୀମାନଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି।

# କର୍ମନିଯୁକ୍ତି ସୁଯୋଗ ଅପେକ୍ଷାରେ ଯୁବବର୍ଗ

■ ପ୍ରଶାସନ, ରାଜନେତାଙ୍କ ସମନ୍ୱୟ ଆବଶ୍ୟକ
■ ଭିତ୍ତିଭୂମିର ଉନ୍ନତୀକରଣରେ ଜିଲା ଆର୍ଥିକ ସ୍ଥିତି ସୁଧାରିବ

କେନ୍ଦ୍ରାପଡ଼ା, ୧୨।୧୧ (ଜଗନ୍ନାଥ ଧଳ)

୨୦୧୧ ଜନଗଣନା ଅନୁଯାୟୀ କେନ୍ଦ୍ରାପଡ଼ା ଜିଲାର ଯୁବବର୍ଗଙ୍କ ସଂଖ୍ୟା ୬୭ ପ୍ରତିଶତ। କର୍ମନିଯୁକ୍ତି ଏକ ସମସ୍ୟା ହୋଇଥିବା ବେଳେ ଜିଲାର ଓ ନିଜର ଆର୍ଥିକ ସ୍ଥିତି ବଦଳାଇବା ଯୁବବର୍ଗଙ୍କ ସ୍ୱପ୍ନ ଅଛି। ଲୋକ ସମ୍ବଳ ବିନିଯୋଗ ପାଇଁ କୃଷିଭିତ୍ତିକ ଶିଳ୍ପ ବୃହତ୍ ଓ ମଧ୍ୟମ ଶିଳ୍ପ ସହ କୃଷି ଭିତ୍ତିଭୂମିର ବ୍ୟାପକ ସଂସ୍କାର ଆବଶ୍ୟକ। ପ୍ରଶାସକ ଓ ରାଜନେତାଙ୍କ ସମନ୍ୱୟରେ ଯୋଜନା କାର୍ଯ୍ୟକାରୀ ହେଲେ ଏହା ସମ୍ଭବ ହୋଇପାରିବ ବୋଲି ଯୁବବର୍ଗଙ୍କ ମତ ପ୍ରକାଶ କରିଛନ୍ତି।

### ପର୍ଯ୍ୟଟକଙ୍କୁ ଆକର୍ଷିତ ପାଇଁ ଛୋଟ ପ୍ରକଳ୍ପ ଆବଶ୍ୟକ



କେନ୍ଦ୍ରାପଡ଼ା ଜିଲାକୁ ତୁଳସୀ କ୍ଷେତ୍ର କୁହାଯାଏ। ଏଠାରେ ବହୁ ଐତିହ୍ୟ ସ୍ଥାନ ସହ ଆଧାତ୍ମିକ ପର୍ଯ୍ୟଟନସ୍ଥଳ ଅଛି। ଏହି ସ୍ଥାନକୁ ଦର୍ଶନୀୟ କରି ପର୍ଯ୍ୟଟକଙ୍କୁ ଆକର୍ଷିତ କରିବା ପାଇଁ ଛୋଟ ପ୍ରକଳ୍ପଗୁଡ଼ିଏ ଆବଶ୍ୟକ। ଲୋକଙ୍କ ଆଗମନ ଯୁବବର୍ଗଙ୍କୁ ଆବଶ୍ୟକ ମୁତାବକ ରୋଜଗାର ଦେଇପାରିବ।

– ବୀରେନ୍ଦ୍ର କୁମାର ଦାସ, କେନ୍ଦ୍ରାପଡ଼ା

### ଋଣ ମିଳିଲେ ଯୁବ ଶିଳ୍ପୋଦ୍ୟୋଗୀଙ୍କୁ କାମ ମିଳିବ



ଝିଅ ପିଜି ପରେ ଏକ ଖାଦ୍ୟ ପ୍ରସେସିଂ ୟୁନିଟ୍ ସ୍ଥାପନ ପାଇଁ ବାରମ୍ବାର ବ୍ୟାଙ୍କ ଓ ଜିଲା ଶିଳ୍ପକେନ୍ଦ୍ରକୁ ଦୌଡ଼ିଛି। ଋଣ ପାଇଁ ଜମି ବନ୍ଧକ ଦେବାକୁ ପ୍ରସ୍ତୁତ ସତ୍ତ୍ୱେ ୩ବର୍ଷ ଧରି ସଫଳ ହୋଇନାହିଁ। ସିଙ୍ଗଲ ୱିଣ୍ଡୋରେ ସରକାରୀ କାର୍ଯ୍ୟ ହେଲେ ଯୁବ ଶିଳ୍ପୋଦ୍ୟୋଗୀଙ୍କୁ କାମ ମିଳିବ।

– ଅମରବର ବିଶ୍ୱାଳ, କେନ୍ଦ୍ରାପଡ଼ା ସହର

### ଏକ ଫସଲକୁ ପ୍ରୋତ୍ସାହିତକଲେ ଦାଦନ ସଂଖ୍ୟା କମିବ



କେନ୍ଦ୍ରାପଡ଼ା ଜିଲାର ଅର୍ଥନୀତି କୃଷିଭିତ୍ତିକ। ଏଠାରେ କୃଷି ଓ କୃଷକଙ୍କ ପାଇଁ ଯୋଜନା ଓ ଅର୍ଥ ଆସୁଥିଲେ ମଧ୍ୟ ତୃଣମୂଳରେ କାର୍ଯ୍ୟକାରୀ ହେଉନାହିଁ। ଜିଲାକୁ ଏକ ୟୁନିଟ୍ ଭାବେ ଗ୍ରହଣକରି ରାଜନେତା ଓ ପ୍ରଶାସକ ଏକ ନିର୍ଦ୍ଦିଷ୍ଟ ଫସଲ ପାଇଁ ପ୍ରୋତ୍ସାହିତ କଲେ ଦାଦନଙ୍କ ସଂଖ୍ୟା କମିବ।

– ମନୋଜ କୁମାର ନାୟକ, ଡେରାବିଶ

### ଦ୍ରୁତ ଯୋଗାଯୋଗକୁ ଗୁରୁତ୍ୱ ଦେବାକୁ ହେବ



ବିକାଶଶୀଳ ଜିଲା ପାଇଁ ଦ୍ରୁତ ଯୋଗାଯୋଗକୁ ଗୁରୁତ୍ୱ ଦେବାକୁ ହେବ। ଜାତୀୟ ଉଦ୍ୟାନ ଭିତରକନିକା ସମେତ ଆଗକୁ ଶିଳ୍ପ ପ୍ରତିଷ୍ଠା ହେବ। ଏହାକୁ ଦୃଷ୍ଟିରେ ରଖିଲେ ଯାତ୍ରୀବାହୀ ଟ୍ରେନ ଓ ବିମାନ ବନ୍ଦର ଆବଶ୍ୟକ। ସେହିପରି ପ୍ରତି ଗ୍ରାମକୁ ରାସ୍ତା ନ ଥିବାରୁ ଜିଲାରେ ଅର୍ଥନୈତିକ ଉନ୍ନତି ହୋଇପାରୁନାହିଁ।

– ବିଜୟ କୁମାର ମଣ୍ଡଳ, କେନ୍ଦ୍ରାପଡ଼ା ସହର

### ସହଯୋଗରେ ପ୍ରକଳ୍ପ ପ୍ରସ୍ତୁତକଲେ କର୍ମନିଯୁକ୍ତି ମିଳିବ



ସରକାରୀ ଚାକିରି ପର୍ଯ୍ୟାପ୍ତ ନୁହେଁ। ଜିଲାରେ ଯୁବବର୍ଗଙ୍କ ସଂଖ୍ୟା ଅଧିକ। ଆବଶ୍ୟକ କର୍ମନିଯୁକ୍ତି ନ ଥିବାରୁ ଯୁବବର୍ଗ ଜିଲା ବାହାରକୁ ଯାଉଛନ୍ତି। ଆତ୍ମନିର୍ଭର ପାଇଁ କୃଷି, ଲଘୁ ଉଦ୍ୟୋଗ, କ୍ଷୁଦ୍ରଶିଳ୍ପ, ପର୍ଯ୍ୟଟନ କ୍ଷେତ୍ର ଆଦି ଭିତ୍ତିଭୂମି ଅଛି। ପ୍ରଶାସକ ଓ ରାଜନେତାଙ୍କ ସହଯୋଗରେ ପ୍ରକଳ୍ପ ପ୍ରସ୍ତୁତକରି ସହଜରେ କର୍ମନିଯୁକ୍ତି ଦିଆଯାଇପାରିବ।

– ଗଣେଶ୍ୱର ସାହୁ, କେନ୍ଦ୍ରାପଡ଼ା ସହର

### ଶିଳ୍ପରେ ନିଯୁକ୍ତି ପାଇଁ ଦକ୍ଷତାଭିତ୍ତିକ ଶିକ୍ଷାନୁଷ୍ଠାନ ଦରକାର



ପଡ଼ୋଶୀ ଜଗତ୍‌ସିଂହପୁର, ଯାଜପୁର ଓ ଭଦ୍ରକ ଜିଲାରେ ବିଭିନ୍ନ ଶିଳ୍ପ ଅଛି। ଆଗାମୀ ଦିନରେ କେନ୍ଦ୍ରାପଡ଼ା ଜିଲାର ମହାକାଳପଡ଼ା ବ୍ଲକ୍‌ରେ ଶିଳ୍ପ ପ୍ରତିଷ୍ଠା ପାଇଁ ଜମି ଅଧିଗ୍ରହଣ ହେଲାଣି। ଏହି ସମୟରେ ଶିଳ୍ପରେ ନିଯୁକ୍ତି ପାଇଁ ଦକ୍ଷତାଭିତ୍ତିକ ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା ହେଲେ ଯୁବବର୍ଗଙ୍କୁ କର୍ମନିଯୁକ୍ତି ମିଳିବ।

– ସୁଶାନ୍ତ କୁମାର ନାୟକ, କେନ୍ଦ୍ରାପଡ଼ା

### ନଦୀ ସଂଯୋଗୀ କେନାଲ ଆବଶ୍ୟକ



ରାଜ୍ୟର ଦ୍ୱିତୀୟ ସର୍ବବୃହତ୍ ଜଳପଥ ଏହି ଜିଲାରେ ଅଛି। ତେବେ ମଧୁରଜଳକୁ ନେଇ କୃଷିକ୍ଷେତ୍ରରେ ବ୍ୟବହାର ପାଇଁ କୌଣସି ଯୋଜନା ନାହିଁ। ଜଳସେଚନ ଓ ଜଳ ନିଷ୍କାସନ ସମସ୍ୟାର ସମାଧାନ ପାଇଁ ୪୮ କି.ମି. ସମୁଦ୍ର ତଟଠାରୁ ୫ କି.ମି. ଦୂରରେ ନଦୀ ସଂଯୋଗୀ କେନାଲ ଆବଶ୍ୟକ।

– ସ୍ୱରାଜ କୁମାର ଦାସ, ରାଜକନିକା

### ମହୁଚାଷ ହେଲେ ଭିତରକନିକା ମହୁ ପରିଚୟ ପାଇବ



ଜିଲାରେ ଜାତୀୟ ଉଦ୍ୟାନ ଭିତରକନିକା ଅଛି। ଏହାର କ୍ଷେତ୍ରଫଳ ୬୭୨ବର୍ଗ କି.ମି.। ଏଠାରେ କେବଳ ମହୁଚାଷ ହେଲେ ଭିତରକନିକା ମହୁବିଶ୍ୱରେ ପରିଚୟ ପାଇବା ସହ ପ୍ରାୟ ୫ ହଜାର ଯୁବକଙ୍କୁ କାମ ମିଳିବ।

– ଲକ୍ଷ୍ମୀଧର ସ୍ୱାଇଁ, ମହାକାଳପଡ଼ା

### ଲୋକ ସମ୍ବଳ ବିନିଯୋଗ ପାଇଁ ଇଚ୍ଛା ଶକ୍ତି ଆବଶ୍ୟକ



କୃଷିଭିତ୍ତିକ ଶିଳ୍ପ, ସାମୁଦ୍ରିକ ବିଜ୍ଞାନ ବିଶ୍ୱବିଦ୍ୟାଳୟ, ଶୀତଳଭଣ୍ଡାର, ଲଘୁ ଉଦ୍ୟୋଗ ଆଦି ପାଇଁ ଭିତ୍ତିଭୂମି ଅଛି। ଲୋକ ସମ୍ବଳ ବିନିଯୋଗ ପାଇଁ ଇଚ୍ଛା ଶକ୍ତି ଆବଶ୍ୟକ।

– ଚିତ୍ତରଞ୍ଜନ ଦାସ, କେନ୍ଦ୍ରାପଡ଼ା

## ବାଲିଆ, ନରସିଂହପୁର ପଞ୍ଚାୟତରେ ରାଧାକୃଷ୍ଣ ପୂଜା

ଡେରାବିଶ, ୧୨।୧୧ (ବେବର୍ତ୍ତା ଅଜୟ ଦାସ)



କାର୍ତ୍ତିକ ମାସରେ ଡେରାବିଶ ବ୍ଲକର ବିଭିନ୍ନ ଗାଁ ଶ୍ରୀରାଧାକୃଷ୍ଣ ଓ କାର୍ତ୍ତିକେଶ୍ୱର ପୂଜା ପାଇଁ ଉତ୍ସବମୁଖର ହୋଇ ଉଠିଛି। ଏହି ଅବସରରେ ବ୍ଲକ ଅଧୀନ ନରସିଂହପୁର ପଞ୍ଚାୟତର ନରସିଂହପୁର, ମୁଣ୍ଡାଳ, ବେଲରପା ଗାଁରେ ସୋମବାରଠାରୁ ଶ୍ରୀରାଧାକୃଷ୍ଣଙ୍କ ପୂଜା ଆରମ୍ଭ ହୋଇଛି। ଏଥିସହ ବ୍ଲକ ଅଧୀନ ବାଲିଆ ପଞ୍ଚାୟତର ବିଭିନ୍ନ ଗାଁରେ ୧୫ରୁ ଊର୍ଦ୍ଧ୍ୱ ମଣ୍ଡପରେ ଶ୍ରୀରାଧାକୃଷ୍ଣଙ୍କ ମୃଣ୍ମୟୀ ମୂର୍ତ୍ତିଙ୍କ ପୂଜା ସୋମବାରରୁ ଆରମ୍ଭ ହୋଇଛି। ନରସିଂହପୁର ପଞ୍ଚାୟତରେ ୫ ଦିନ ଧରି ଏହି ପୂଜା ଉତ୍ସବ ଅନୁଷ୍ଠିତ ହୋଇ ଶୁକ୍ରବାର କାର୍ତ୍ତିକ ପୂର୍ଣ୍ଣମୀରେ ଶେଷ ହେବ ବୋଲି ବିଭିନ୍ନ ପୂଜା କମିଟିର କର୍ମକର୍ତ୍ତା କହିଛନ୍ତି। ସେହିପରି ବାଲିଆ ପଞ୍ଚାୟତରେ ୭ଦିନ ଧରି ପୂଜା ରବିବାର ଅପରାହ୍ଣରେ ବାଲିଆ ହାଇସ୍କୁଲ ପଡ଼ିଆରେ ଅନୁଷ୍ଠିତ ମେଳଣରେ ସମସ୍ତ ମଣ୍ଡପରୁ ଶ୍ରୀରାଧାକୃଷ୍ଣଙ୍କ ମେଢ଼ ଏକାଠି ହେବେ ବୋଲି କର୍ମକର୍ତ୍ତା କହିଛନ୍ତି। ଏଥିପାଇଁ ପ୍ରତ୍ୟହ ସନ୍ଧ୍ୟାରେ ଉଭୟ ପଞ୍ଚାୟତର ପୂଜା ମଣ୍ଡପରେ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ଭଜନ ସନ୍ଧ୍ୟା ଓ ଅନ୍ୟ ମନୋରଞ୍ଜନଧର୍ମୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ବାଲିଆ ପଞ୍ଚାୟତରେ ହେବାକୁ ଥିବା ରାଧାକୃଷ୍ଣଙ୍କ ମେଳଣ ପାଇଁ ସୋମବାର ସନ୍ଧ୍ୟାରେ ବିଭିନ୍ନ ପୂଜା କମିଟିର କର୍ମକର୍ତ୍ତା ଓ ଉପଦେଷ୍ଟା ମଣ୍ଡଳୀକୁ ନେଇ ପ୍ରସ୍ତୁତି ବୈଠକ ବାଲିଆ ସରପଞ୍ଚ ପ୍ରବୀର କୁମାର ସିଂହଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି।

## ଆଲୋଚନାଚକ୍ରରେ ତୁଳସୀ କ୍ଷେତ୍ର ମାହାତ୍ମ୍ୟ



କେନ୍ଦ୍ରାପଡ଼ା, ୧୨।୧୧ (ଜଗନ୍ନାଥ ଧଳ)

ନିଖିଳ ଓଡ଼ିଶା ତୁଳସୀ ବଳରାମ କଲ୍‌ଚରାଲ ସୋସାଇଟି ପକ୍ଷରୁ ତୁଳସୀ କ୍ଷେତ୍ରର ମାହାତ୍ମ୍ୟ ସମ୍ପର୍କରେ ଆଲୋଚନାଚକ୍ର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ରାପଡ଼ା ସହର ଖଡ଼ିଅଙ୍ଗଠାରେ ସୋସାଇଟି ସଭାପତି ନେପାଳ ପ୍ରକାଶ ସାମନ୍ତଙ୍କ ଅଧ୍ୟକ୍ଷତାରେ ଏହା ଅନୁଷ୍ଠିତ ହୋଇଥିଲା। ଏଥିରେ ମହେଶ୍ୱର ମହାପାତ୍ର, କାହ୍ନୁଚରଣ ଦାସ, ପୂର୍ଣ୍ଣଚନ୍ଦ୍ର ଶତପଥୀ, ରାଖାଲ ଚନ୍ଦ୍ର ସାମନ୍ତ, ରବୀନ୍ଦ୍ର ନାଥ ସାମନ୍ତ, ଦେବେନ୍ଦ୍ର ନାଥ ସାମନ୍ତ ପ୍ରମୁଖ ଆଲୋଚକ ଭାବେ ଯୋଗ ଦେଇଥିଲେ। ସେମାନେ କହିଥିଲେ, ଶ୍ରୀବଳଦେବ ଜୀଉ ସଂସ୍କୃତିରେ ତୁଳସୀ କ୍ଷେତ୍ର ଭରପୂର ହୋଇଛି। ବିଭିନ୍ନ ଅଧ୍ୟାତ୍ମ୍ୟ ସାହିତ୍ୟ, ପୌରାଣିକ ଆଖ୍ୟାନ ସହ ସ୍ଥାନୀୟ ଅଞ୍ଚଳର ନାମକରଣ ମିଶିବା ସ୍ଥାନର ମହତ୍ତ୍ୱ ପ୍ରକାଶ ପାଉଛି। ଶ୍ରୀଜୀଉଙ୍କ କନ୍ଦରାସୁର ବଧ ଓ ତୁଳସୀ କ୍ଷେତ୍ର ସ୍ଥାପନକୁ ନେଇ ଅଧିକ ଗବେଷଣା ଆବଶ୍ୟକ ଅଛି। ଏହାଦ୍ୱାରା ତୁଳସୀ କ୍ଷେତ୍ରର ମହିମା ଆହୁରି ବିସ୍ତାରିତ ହେବ। ଅପରାହ୍ଣରେ ଯାଜପୁର ଜିଲା ଚାରିନଙ୍ଗଳଠାରୁ ଶ୍ରୀଜୀଉଙ୍କ ପ୍ରତିମା ଖଡ଼ିଅଙ୍ଗସ୍ଥିତ ସାମନ୍ତ ଭବନଠାରେ ପ୍ରତିଷ୍ଠିତ ଶ୍ରୀବଳଦେବଜୀଉଙ୍କ ପ୍ରତିମୂର୍ତ୍ତି ନିକଟରେ ପହଞ୍ଚିଥିଲା। ସହର ପରିକ୍ରମା ପରେ ବିଜେ ପ୍ରତିମା ଚାରିନଙ୍ଗଳକୁ ଫେରି ଯାଇଥିଲା। ଏହି କାର୍ଯ୍ୟକ୍ରମକୁ ବିଶ୍ୱନାଥ ସାମନ୍ତ, ସୌମେନ୍ଦ୍ର ନାଥ ସାମନ୍ତ, ପ୍ରଭାତ କୁମାର ସାହୁ ପ୍ରମୁଖ ପରିଚାଳନା କରିଥିଲେ।

## ସମୂହ ଶ୍ରାଦ୍ଧରେ ସାମିଲ ହେଲେ ୨୦୦ ପରିବାର

ରାଜନଗର, ୧୨।୧୧ (ଭାସ୍କର ରାଉତରାୟ)

**୧୯୭୧ ମହାବାତ୍ୟାର ଅଭୁଲା ସ୍ମୃତି**

୧୯୭୧ ମସିହା ସାମୁଦ୍ରିକ ଝଡ଼ରେ ବଙ୍ଗୋପସାଗର ତଟବର୍ତ୍ତୀ ରାଜନଗର ଅଞ୍ଚଳରେ ପ୍ରଭୂତ ଧନଜୀବନ କ୍ଷୟକ୍ଷତି ହୋଇଥିଲା। ସାତଭାୟା ଗାଁର ପ୍ରାୟ ୫ ହଜାରରୁ ଊର୍ଦ୍ଧ୍ୱ ଲୋକ ସାମୁଦ୍ରିକ ଜୁଆରରେ ଭାସିଯାଇ ପ୍ରାଣ ହରାଇଥିଲେ। ସେମାନଙ୍କ ମଧ୍ୟରୁ ଭାଗ୍ୟ ଓ ଭଗବାନଙ୍କ ଦୟାରୁ ୭୧ ଜଣ ବଞ୍ଚି ଯାଇଥିଲେ। ଭିତରକନିକା ସୁନେଇରୂପେଇ ଘଞ୍ଚ ଜଙ୍ଗଲରେ ଲଟକିଯାଇ ସେମାନଙ୍କ ଜୀବନ ବଞ୍ଚାଇଥିଲେ। ପରେ ଭିଟାମାଟି ହରାଇ ୭୧ ଜଣ ବିପନ୍ନ ମଣିଷ ସୁନେଇ ରୂପେଇ ଜଙ୍ଗଲ ସଂଲଗ୍ନ ଗୁପ୍ତି ପଞ୍ଚାୟତର ଓକିଲପାଳଠାରେ ନୂଆ ଠିକଣା ନେଇ ବସବାସ କରିଥିଲେ। ଭାଇ ବନ୍ଧୁ କୁଟୁମ୍ବଙ୍କୁ ହରାଇ ସେତେବେଳେ ସେମାନେ ମ୍ରିୟମାଣ ହୋଇପଡ଼ିଥିଲେ। ଆଜକୁ ୫୩ବର୍ଷ ପୂର୍ବେ ମହାବାତ୍ୟାରେ ହରାଇଥିବା ଭାଇ,ବନ୍ଧୁ କୁଟୁମ୍ବଙ୍କୁ ସମୂହ ଶ୍ରାଦ୍ଧ ଦେଇ ଆସୁଛନ୍ତି। ୧୯୭୧ ମହାବାତ୍ୟା କାର୍ତ୍ତିକ ମାସ ଦଶମୀ ତିଥିରେ ତା'ର ପ୍ରଳୟ ରଚିଥିଲା। ମଙ୍ଗଳବାର ଓକିଲପାଳର ଅମର ସାମଲ, ବିଚିତ୍ର ଦାସ, କେଶବ ଚନ୍ଦ୍ର ଜେନା, ଅଲେଖ କୁମାର ନାୟକ, ସହଦେବ ସାମଲ, ସୁନାକର ବେହେରା, କାର୍ତ୍ତିକ ନାୟକ, ସୁଧାକର ପ୍ରଧାନ ପ୍ରମୁଖ ୨୦୦ ପରିବାର ସେମାନଙ୍କ ପିତୃପୁରୁଷଙ୍କୁ ସ୍ମରଣ କରିବା ସହ ସମୂହ ଶ୍ରାଦ୍ଧ କରିଛନ୍ତି। ସନ୍ତୋଷ କୁମାର ମଣ୍ଡଳ, ସୁନାକର ବେହେରା, ଅମର ସାମଲଙ୍କ କହିବା ଅନୁଯାୟୀ, ୧୯୭୧ ସାମୁଦ୍ରିକ ଝଡ଼ ଆମ ସାତଭାୟା ଅଞ୍ଚଳରେ ପ୍ରଭୂତ କ୍ଷତି କରିବା ସହିତ ଆମର ନିଜର ଲୋକଙ୍କୁ ଆମଠାରୁ ଛଡାଇ ନେଇଥିଲା। ଆମେ ଶୋଇଥିବାବେଳେ ଭୋରୁ ସାମୁଦ୍ରିକ ଜୁଆର ଆମକୁ ଭସାଇ ନେଇଥିଲା। ଭାସି ଯାଉଥିବା ଚାଳଘରର ଛପରକୁ ଆଶ୍ରା କରି ଆମେ ବଞ୍ଚି ଯାଇଥିଲୁ।

## ବ୍ଲକସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀରେ ୧୩୦ ପ୍ରକଳ୍ପ



ମେଳାରେ ବିଧାୟକ ନାୟକ ହେନ୍ତାଳବଣର ଏକ ବିଜ୍ଞାନ ଷ୍ଟଲ ଦେଖିଥିଲେ।)

ମହାକାଳପଡ଼ା, ୧୨।୧୧ (ପ୍ରତାପ ଚନ୍ଦ୍ର ସ୍ୱାଇଁ)

ମହାକାଳପଡ଼ା ବ୍ଲକ ବିଜୟନଗର ହାଟ ପଡ଼ିଆଠାରେ ବ୍ଲକସ୍ତରୀୟ ବିଜ୍ଞାନ ମେଳା ଓ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୩୦ଟି ପ୍ରକଳ୍ପ ସ୍ଥାନ ପାଇଥିଲା। ମୁଖ୍ୟ ଅତିଥି ଭାବେ ବିଧାୟକ ଡ. ଦୁର୍ଗା ପ୍ରସନ୍ନ ନାୟକ ଯୋଗଦେଇ ଗ୍ରାମାଞ୍ଚଳରେ ଶିଶୁମାନେ ବିଜ୍ଞାନ ସମ୍ବନ୍ଧୀୟ ଅନ୍ତର୍ନିହିତ ଜ୍ଞାନ ଆହରଣ କରି ବିଜ୍ଞାନକୁ ଶୀର୍ଷ ସ୍ଥାନରେ ପହଞ୍ଚାଇବା ପାଇଁ ଆଜିଠୁ କଠିନ ପରିଶ୍ରମ କରିବାକୁ କହିଥିଲେ। ତନ୍ତିଆପାଳ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିଶୁ ବୈଜ୍ଞାନିକ ଏକ ଭିନ୍ନ ପ୍ରକଳ୍ପ ବିଶେଷକରି ଲୁଣା ହେନ୍ତାଳ ବଣ ପ୍ରଦର୍ଶନ କରିଥିଲେ। ଅତିଥିଙ୍କ ମଧ୍ୟରେ ଜିଲା ଶିକ୍ଷାଧିକାରୀ ପ୍ରଦୀପ କୁମାର ନାଗ, ମାର୍ଶାଘାଇ କଲେଜ ପଦାର୍ଥ ବିଜ୍ଞାନ ବରିଷ୍ଠ ଅଧ୍ୟାପକ ପ୍ରଭାତ ରଞ୍ଜନ ଲେଙ୍କା, ସାଂସଦ ପ୍ରତିନିଧି ସରୋଜ କୁମାର ସାହୁଙ୍କ ସମେତ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ। ବିଇଓ ତନ୍ମୟ କୁମାର ବେହେରା ଆୟୋଜିତ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ।

## ଅଗ୍ନିବିପନ୍ନଙ୍କୁ କେସିସିଏଲ ପକ୍ଷରୁ ସହାୟତା

ଡେରାବିଶ, ୧୨।୧୧ (ବେବର୍ତ୍ତା ଅଜୟ ଦାସ)



ଡେରାବିଶ ବ୍ଲକ ଚାନ୍ଦୋଳ ପଞ୍ଚାୟତ ଭଣଗାଁର ଅଜୟ ଜେନାଙ୍କ ଘରେ ନିଆଁଲାଗି ୬ ବଖରା ପୋଡ଼ି ଯାଇଛି। ଏଭଳି ଖବର ପାଇ କେନ୍ଦ୍ରାପଡ଼ା କୋ-ଅପରେଟିଭ ସୋସାଇଟି ଲିଃ (କେସିସିଏଲ) ସଭାପତି ପ୍ରମୋଦ କୁମାର ସାହୁ ଅନ୍ୟ ଅଧିକାରୀଙ୍କ ସହ ମଙ୍ଗଳବାର ଅଗ୍ନିବିପନ୍ନ ପରିବାର ପାଖରେ ପହଞ୍ଚି ସମବେଦନା ଜଣାଇବା ସହ ସହାୟତାର ହାତ ବଢ଼ାଇଛନ୍ତି। ଅଗ୍ନିବିପନ୍ନ ପରିବାରକୁ ବାସନକୁସନ ସହ ପରିବାର ମୁଖ୍ୟ ଅଜୟଙ୍କୁ ୫ ହଜାର ଆର୍ଥିକ ସହାୟତା ରାଶି ସଭାପତି ସାହୁ ପ୍ରଦାନ କରିଛନ୍ତି। ଏହି ସମୟରେ ମୁଖ୍ୟ ଶାଖା ପରିଚାଳିକା ନିହାରିକା ରାଉତ, କର୍ମଚାରୀ ମନିଷା ସାହୁ ଓ ଦୈନିକ ଜମା ସଂଗ୍ରହକାରୀ ଏଜେଣ୍ଟ ଅମିତ ଦାସଙ୍କ ଗ୍ରାମବାସୀ ଉପସ୍ଥିତ ଥିଲେ।

## ବାଟୋଇ ସାହିତ୍ୟ ପତ୍ରିକା ଉନ୍ମୋଚିତ

ରାଜନଗର, ୧୨।୧୧ (ଭାସ୍କର ରାଉତରାୟ)

ରାଜନଗର ଅଞ୍ଚଳରୁ ପରିପ୍ରକାଶ ପାଉଥିବା ରାଜ୍ୟସ୍ତରୀୟ ସାହିତ୍ୟ ପତ୍ରିକା 'ବାଟୋଇ' ଉନ୍ମୋଚିତ ହୋଇଯାଇଛି। ପ୍ରାବନ୍ଧିକ ପ୍ରଫେସର ନଟବର ଶତପଥୀ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବେ ସାହିତ୍ୟିକ ଡ. ବାବାଜୀ ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ ସାହିତ୍ୟିକ ନିରାକାର ଦାସ, ବିଶିଷ୍ଟ କବି ଓ ସାହିତ୍ୟିକ ଶତ୍ରୁଘ୍ନ ପାଣ୍ଡବ, ସମ୍ମାନିତ ଅତିଥି ସାହିତ୍ୟିକ ପଣ୍ଡିତ ଶରତ ଚନ୍ଦ୍ର ମହାପାତ୍ର ପ୍ରମୁଖ ଯୋଗ ଦେଇ ଗାଁ ମାଟିରେ ହିଁ ସାହିତ୍ୟ କାଳଜୟୀ ହୋଇପାରିବ ବୋଲି କହିଥିଲେ। କବି ହେମନ୍ତ କୁମାର ରାଉତଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସାହିତ୍ୟ ପତ୍ରିକା ଉନ୍ମୋଚିତ କାର୍ଯ୍ୟକ୍ରମରେ ପତ୍ରିକାର ସମ୍ପାଦକ କବି ଶତ୍ରୁଘ୍ନ ତରାଇ ସ୍ୱାଗତ ଭାଷଣ ଦେଇଥିଲେ। ସହସମ୍ପାଦକ ନୃସିଂହ ଚରଣ ତରାଇ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ଅଧ୍ୟାପିକା କବି ତନୁଶ୍ରୀ ମିଶ୍ର ଧନ୍ୟବାଦ ଦେଇଥିଲେ।

## ଅଗ୍ନି ବିପନ୍ନଙ୍କୁ ସରପଞ୍ଚ ମାସକର ଦରମା ଦେଲେ



ରାଜକନିକା, ୧୨।୧୧ (ରବୀନ୍ଦ୍ର କୁମାର ଦାସ/ସଞ୍ଜୟ କୁମାର ଦାଶ)

ରାଜକନିକା ବ୍ଲକ ଅନ୍ତର୍ଗତ ହାଟସାହି ପଞ୍ଚାୟତର ହାଟସାହି ଗାଁର ସୌମ୍ୟକାନ୍ତ ପଡ଼ିହାରୀଙ୍କ ଘର ଓ ଗୁହାଳ ମତ ମଙ୍ଗଳବାର ବିଳମ୍ବିତ ରାତିରେ ବିଦ୍ୟୁତ୍ ଶଟସର୍କିଟ ଯୋଗୁ ନିଆଁ ଲାଗିଯାଇଥିଲା। ଫଳରେ ଗୁହାଳେ ଥିବା ୧୦ଟି ଗୋରୁଙ୍କ ମଧ୍ୟରୁ ୫ଟି ଦଗ୍ଧ ହୋଇଯିବା ସହ ୨୦ବସ୍ତା ଧାନ ଓ ଆସବାବପତ୍ର ଜଳି ଯାଇଥିଲା। ଏହି ଅବସରରେ ସରୋଜିନୀ ବିଶ୍ୱାଳ, ମାନସୀ ବିଶଶ୍ୱାଳ, ରତ୍ନମାଳା ବିଶ୍ୱାଳ ଓ ଜେମା ସେଠୀଙ୍କ ଉପସ୍ଥିତରେ ସରପଞ୍ଚ ସୀତାରାଣୀ ଦାସ ତାଙ୍କର ଗୋଟେ ମାସର ଦରମା ଦଶ ହଜାର ଟଙ୍କାର ଚେକ୍ ପୀଡିତ ସୌମ୍ୟକାନ୍ତ ପଡ଼ିହାରୀଙ୍କୁ ସହାୟତା କରିଛନ୍ତି। ସରପଞ୍ଚଙ୍କର ଏଭଳି କାର୍ଯ୍ୟକୁ ଅଞ୍ଚଳବାସୀ କୃତଜ୍ଞତା ଜଣାଇଛନ୍ତି।

## ସୁବର୍ଣ୍ଣ ଜୟନ୍ତୀ ପାଇଁ ବୀଣାପାଣି ଉଚ୍ଚ ବିଦ୍ୟାଳୟ ପ୍ରସ୍ତୁତି

ମହାକାଳପଡ଼ା, ୧୧।୧୧ (ପ୍ରତାପ ଚନ୍ଦ୍ର ସ୍ୱାଇଁ)

ମହାକାଳପଡ଼ା ବ୍ଲକ ଶେଷ ସୀମା ରାଜଗଡ଼ ପଞ୍ଚାୟତର ଗୟାସପୁରସ୍ଥିତ ସର୍ବ ପୁରାତନ ଶିକ୍ଷାନୁଷ୍ଠାନ ବୀଣାପାଣି ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ପାଳନ ଲାଗି ରବିବାର ଅପରାହ୍ଣରେ ପୁରାତନ ଛାତ୍ର ସଂସଦ ପକ୍ଷରୁ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍କୁଲର ପୂର୍ବତନ ଶିକ୍ଷକ ଅରବିନ୍ଦ ପରିଡ଼ାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ବହୁସଂଖ୍ୟାରେ ପୁରାତନ ଛାତ୍ର, ଶିକ୍ଷକ, କମିଟି ସଦସ୍ୟମାନେ ଉପସ୍ଥିତ ଥିଲେ। ଡିସେମ୍ବର ୨୭,୨୮,୨୯ ତାରିଖରେ ପାଳନ ଲାଗି ନିଷ୍ପତ୍ତି ଗ୍ରହଣ କରାଯାଇଛି। ସୁବର୍ଣ୍ଣ ଜୟନ୍ତୀ ଉତ୍ସବରେ ପୁରାତନ ଉଚ୍ଚ ବିଦ୍ୟାଳୟରୁ କୃତିତ୍ୱର ସହ ସଫଳତା ହାସଲ କରି ଛାତ୍ରୀଛାତ୍ରମାନେ ଦେଶ ବିଦେଶରେ ଖୁବ୍ ପ୍ରତିଷ୍ଠିତ ହୋଇପାରିଛନ୍ତି। ବୀଣାପାଣି ଉଚ୍ଚ ବିଦ୍ୟାଳୟ ଦେଇଛି ପ୍ରତିଷ୍ଠା ଓ ପରିଚୟ। ପ୍ରଶାସନିକ ଅଧିକାରୀ, ଡାକ୍ତର, ଇଞ୍ଜିନିୟର, ଶିକ୍ଷାବିତ, ବୈଜ୍ଞାନିକ, ଲେଖକ, ଶିକ୍ଷକ, କବି, ବ୍ୟବସାୟୀ, ଅଧ୍ୟାପକ, ଓକିଲ, ଶିଳ୍ପପତି, ଭଲ ଚାଷୀଟିଏ ଭଳି ବହୁ ପ୍ରତିଷ୍ଠା ଲାଭ କରି ବୀଣାପାଣି ଉଚ୍ଚ ବିଦ୍ୟାଳୟର ସୁନାମ ଅର୍ଜନ କରିଛି। ବୈଠକରେ ସୁବର୍ଣ୍ଣ ଜୟନ୍ତୀ ଉତ୍ସବକୁ କିପରି ସରସ ସୁନ୍ଦର ଭାବେ ପାଳନ କରାଯିବ ସେଥିପାଇଁ ସମସ୍ତଙ୍କ ସହଯୋଗ ପାଇଁ ଆଲୋଚନା ହୋଇଛି। ଉତ୍ସବରେ ବହୁସଂଖ୍ୟାରେ ପୁରାତନ ଛାତ୍ରୀଛାତ୍ରମାନେ ଉପସ୍ଥିତ ରହିବାକୁ ପରାମର୍ଶ ଦେଇଛନ୍ତି ପୁରାତନ ଛାତ୍ର ସଂସଦ ସମ୍ପାଦକ ଅଧ୍ୟାପକ ବୀରବର ଜେନା। ବୈଠକରେ ବହୁସଂଖ୍ୟାରେ ପୁରାତନ ଛାତ୍ର, ଶିକ୍ଷକ, କମିଟି ସଦସ୍ୟମାନେ ଉପସ୍ଥିତ ଥିଲେ।

## ଅସୁରକ୍ଷିତ ହୋଇପଡ଼ିଛି ପଟ୍ଟାମୁଣ୍ଡାଇ ସହର

ପଟ୍ଟାମୁଣ୍ଡାଇ, ୧୨।୧୧ (କଳ୍ପତରୁ ନାୟକ)





ଗ୍ରାହକମାନେ ରାସ୍ତା ଉପରେ ବାଇକ୍ ରଖି କିଣାକିଣି କରୁଛନ୍ତି। ବେଆଇନ ଭାବେ ଟ୍ରେକର ଚାଲୁଛି।

■ ମଝି ରାସ୍ତାରେ ଚାଲିଛି ବେଆଇନ ଗାଡ଼ି ପାର୍କିଂ
■ ଦୋକାନୀମାନେ ରାସ୍ତାକୁ ମାଡ଼ି ପସରା ମେଲାଇଛନ୍ତି
■ ଫିଟ୍‌ନେସ ନ ଥାଇ ମାଲ ମାଲ ଦଦରା ଟ୍ରେକର ଗଡ଼ୁଛି
■ ବୃଦ୍ଧି ପାଉଛି ନିଶା କାରବାର

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ସହର ଓ ଏହାର ଆଖପାଖ ଅଞ୍ଚଳରେ ବେଆଇନ ଗାଡ଼ି ଓ ଚାଳକଙ୍କ ପାଇଁ ଦୁର୍ଘଟଣା ବଢ଼ିବାରେ ଲାଗିଛି। ୧୫ବର୍ଷରୁ ଊର୍ଦ୍ଧ୍ୱ ଭଙ୍ଗା ଦଦରା ଟ୍ରେକର, ଅଟୋ ଓ ଟ୍ରାକ୍ଟର ଚାଲିବା ସହ ନାବାଳକ ନିଶାସେବନ କରି ଗାଡ଼ି ଚଳାଉଛନ୍ତି। ଫଳରେ ବିଭିନ୍ନ ସମୟରେ ଦୁର୍ଘଟଣା ଘଟୁଛି। ସହରର ଗଳିକନ୍ଦିରେ ନିଶା କାରବାର ସହ ସେବନକାରୀଙ୍କ ଉତ୍ପାତ ବଢ଼ିବାର ଲାଗିଛି। ସତେ ଯେମିତି ଏ ସହର ପାଇଁ ଅବକାରୀ, ପରିବହନ ଓ ରାଜସ୍ୱ ବିଭାଗ ସ୍ଥାଣୁ ପାଲଟିଥିବାରୁ ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଉଛି।

ବୁଦ୍ଧିଜୀବୀ ପ୍ରମୋଦ ସାହୁ କହିଛନ୍ତି, ଏହି ସହରରେ ଜନସଂଖ୍ୟା ୧ ଲକ୍ଷକୁ ଟପିବାକୁ ବସିଲାଣି। ଏତେ ବଡ଼ ସହରରେ ଟ୍ରାଫିକ୍ ପୋଲିସ ବ୍ୟବସ୍ଥା ନ ଥିବା କାରଣରୁ ସାଧାରଣ ହୋମ୍‌ଗାର୍ଡ କାମ ଚଳାଉଛନ୍ତି। ସହରର ପ୍ରବେଶପଥ ବିଜୁ ପଟ୍ଟନାୟକ ଛକରେ ୪ ଲେନ୍ ହୋଇଥିବାରୁ ଏଠାରେ ଟ୍ରାଫିକ୍ ସମସ୍ୟା ଦେଖାଦେଉଛି। ଦିନେ ଦିନେ ସହରରେ ଟ୍ରାଫିକ୍ ପୂରା ଫୁଙ୍ଗୁଳା ହୋଇ ରହୁଥିବା ଦେଖିବାକୁ ମିଳୁଛି। ଆଦର୍ଶ ଥାନାରେ ଆବଶ୍ୟକ ଅନୁଯାୟୀ ପୋଲିସ କର୍ମୀ ନ ଥିବାରୁ ସହର ଭିତରେ ଟ୍ରାଫିକ୍ ଓଏଟିସମସ୍ୟା ଗୁରୁତର ହେବାରେ ଲାଗିଛି। ସହରର ବିଭିନ୍ନ ସମ୍ବେଦନଶୀଳ ସ୍ଥାନରେ ସିସିଟିଭି ଲଗାଯାଉନାହିଁ।

ସାମାଜିକ କର୍ମୀ ପ୍ରବୀର ନାୟକ କହିଛନ୍ତି, ସହରରେ ଲୋକସଂଖ୍ୟା ବଢ଼ି ଚାଲିଥିବା ବେଳେ ଗାଡ଼ିମୋଟର ସେହି ପରିମାଣରେ ବୃଦ୍ଧି ପାଉଛି। ବଡ଼ ବଡ଼ ଦୋକାନୀମାନେ ରାସ୍ତାକୁ ମାଡ଼ି ଦୋକାନ ପସରା ମେଲାଇଛନ୍ତି। ଫଳରେ ଦୋକାନକୁ ଆସୁଥିବା ଗ୍ରାହକମାନେ ରାସ୍ତା ଉପରେ ଗାଡ଼ି ପାର୍କିଂ କରୁଥିବାରୁ ଅଧିକାଂଶ ସମୟରେ ଯାତାୟାତରେ ଅସୁବିଧା ହେବା ସହ ଦୁର୍ଘଟଣା ମଧ୍ୟ ଘଟୁଛି। ବେଲତଳ ବାଇପାସ୍ ଦେଇ ଯାଇଥିବା ମେଡିକାଲ ରାସ୍ତା, କଲେଜ ରୋଡ଼, ଶାରଳା ବଜାର, ଦଶାବତାର ବଜାର, ପୋଷ୍ଟ ଅଫିସ ପାଖ ବଜାର ଆଦି ରାସ୍ତାରେ ବହୁ ପରିମାଣର ଭିଡ଼ ପରିଲକ୍ଷିତ ହେଉଛି। ଦୋକାନୀମାନେ ରାସ୍ତା ଉପରେ କରୁଥିବା ବେଆଇନ ପାର୍କିଂ ପାଇଁ ଏସବୁ ଅସୁବିଧା ହେଉଛି। ପଟ୍ଟାମୁଣ୍ଡାଇ ପୌରପାଳିକାକୁ ପାର୍କିଂ ସ୍ଥାନ ଦେଖାଇ ଏମାନେ ଅନୁମତି ଆଣୁଛନ୍ତି। ହେଲେ ରାସ୍ତା ଉପରେ ପାର୍କିଂ କରୁଛନ୍ତି। ଫଳରେ ସାଧାରଣ ଜନତା ସହ ଆମ୍ବୁଲାନ୍ସ ଯିବା ଆସିବାରେ ମଧ୍ୟ ବହୁ ଅସୁବିଧା ହେଉଛି। ସରକାରୀ ନିୟମକୁ ବଡ଼ ବଡ଼ ଦୋକାନ ମାଲିକମାନେ ଦଳି ଚକଟି ଦେଇ ଚାଲୁଥିବାବେଳେ ପୌର ଓ ରାଜସ୍ୱ ବିଭାଗ ହାତ ଯୋଡ଼ି ବସିଥିବା ଦେଖିବାକୁ ମିଳୁଛି। ଯୁବନେତା ସତ୍ୟପ୍ରିୟ ସାମଲ କହିଛନ୍ତି, ସହରରେ ମାଲ ମାଲ ଦଦରା ଟ୍ରେକର ଗଡ଼ୁଛି। ନା ଅଛି ଫିଟନେସ୍ ସାର୍ଟିଫିକେଟ୍ ନା କୌଣସି ବୀମା। ମୁଖ୍ୟ ବସ୍‌ଷ୍ଟାଣ୍ଡରୁ ପ୍ରତିଦିନ ୨୦ରୁ ଊର୍ଦ୍ଧ୍ୱ ଟ୍ରେକର ବିପଦସଙ୍କୁଳ ଅବସ୍ଥାରେ ଯାତ୍ରୀଙ୍କୁ ନେଇ ବିଭିନ୍ନ ସ୍ଥାନକୁ ଯାଉଛି। ଆଉ ପରିବହନ ବିଭାଗ ସବୁ ଜାଣି ବି ନୀରବଦ୍ରଷ୍ଟା ସାଜିଛି। ସେହିଭଳି ଛୋଟଛୋଟ ପିଲା ଭଙ୍ଗା ଦଦରା ଅଟୋ ଏବଂ ଟ୍ରାକ୍ଟର ଚଳାଇ ଖୁବ୍ ସ୍ପିଡ୍‌ରେ ଯାତାୟାତ କରୁଛନ୍ତି। ସାଧାରଣ ଲୋକଟିଏ ରାସ୍ତାରେ ଚଳପ୍ରଚଳ କରିବାକୁ ଭୟ କରୁଛନ୍ତି। ଏଭଳି ଅବସ୍ଥାରେ ଯଦି ଯାତ୍ରୀ କୌଣସି ଦୁର୍ଘଟଣାର ଶିକାର ହୁଅନ୍ତି, ତେବେ ଏଥିପାଇଁ ପରିବହନ ବିଭାଗ ନା ଗାଡ଼ି ମାଲିକ କିଏ ଦାୟୀ ରହିବ ସେ ନେଇ ସାଧାରଣରେ ଆଲୋଚନା ହେଉଥିବାବେଳେ ପରିବହନ ବିଭାଗର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଆଇନଜୀବୀ ଭବାନୀ ପଣ୍ଡା କହିଛନ୍ତି, ପଟ୍ଟାମୁଣ୍ଡାଇ ସହରରେ ଦିନକୁଦିନ ବୃଦ୍ଧି ପାଉଛି ନିଶା କାରବାର। ବ୍ରାଉନସୁଗାରଠାରୁ ଆରମ୍ଭ କରି ଦେଶୀ ମଦ ଓ ଗଞ୍ଜେଇ ବେପାର ଯୋଗୁ ସହରର କେତେଜଣ ଯୁବକ ପଥଭ୍ରଷ୍ଟ ହେଉଛନ୍ତି। ନିଶା ସେବନକାରୀ ବିଭିନ୍ନ ଜାଗାରେ ଚୋରି, ଛିନ୍‌ତାଇ ସାଙ୍ଗକୁ ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି କରୁଛନ୍ତି। ପଟ୍ଟାମୁଣ୍ଡାଇ ଅବକାରୀ ବିଭାଗ ସ୍ଥାଣୁ ପାଲଟିଛି। କେତେବେଳେ ପୋଲିସ ସେମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେଲେ ବି ନିଅଣ୍ଟିଆ କର୍ମଚାରୀ ଯୋଗୁ ନିଶା ବେପାରୀଙ୍କୁ ଧରିବାରେ ସଫଳ ହେଉନି। ଅବକାରୀ ବିଭାଗର ମନମାନୀ ଉପରେ କାର୍ଯ୍ୟାନୁଷ୍ଠାନ ନେବାକୁ ସହରବାସୀ ଦାବି କରିଛନ୍ତି। ଏ ନେଇ ପୌର ନିର୍ବାହୀ ଅଧିକାରୀ ଅଜିତ ନାରାୟଣ ଗିରିଙ୍କୁ ପଚାରିବାରୁ ସହରର ବିଭିନ୍ନ ସ୍ଥାନରେ ୩୦ଟି ସିସିଟିଭି ଲଗାଇବାକୁ ଉପରିସ୍ଥ ଅଧିକାରୀଙ୍କୁ ଜଣାଯାଇଛି। ଖୁବ୍‌ଶୀଘ୍ର ଏହାର ସମାଧାନ କରାଯିବ ବୋଲି ସେ କହିଛନ୍ତି।

# ଧାନମଣ୍ଡିରୁ ହଟିବେ ଦଲାଲ




ସମୀକ୍ଷା ବୈଠକରେ ଯୋଗାଣମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଓ ଅନ୍ୟମାନେ ।

## ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀଙ୍କ ସମୀକ୍ଷା

- ଦୁର୍ନୀତି ଓ ଭ୍ରଷ୍ଟାଚାର ବିରୋଧରେ ହେବ ଦୃଢ଼ କାର୍ଯ୍ୟାନୁଷ୍ଠାନ
- ସର୍ଭେରେ ବାଦ୍ ପଡ଼ିବେ ଅଯୋଗ୍ୟ ରାଶନକାର୍ଡଧାରୀ
- ଯୋଗ୍ୟ ହିତାଧିକାରୀଙ୍କୁ ବାଦ୍ ନ ଦେବାକୁ ତାଗିଦ
- ଚାଉଳ ସଂରକ୍ଷଣ ପାଇଁ ହେବ ପିଟ୍ ଗୋଦାମ
- ପଠାଣି ସାମନ୍ତଙ୍କ ସ୍ମୃତି ସ୍ମାରକୀ ପାଇଁ ୬ କୋଟି ମଞ୍ଜୁର
- ସୁନା ଦୋକାନ ଓ ପେଟ୍ରୋଲ ପମ୍ପ ଉପରେ ଚଢ଼ାଉ ପାଇଁ ନିର୍ଦ୍ଦେଶ

ନୟାଗଡ,୧୨।୧୧(ଲୋକନାଥ ମିଶ୍ର): ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ବିଜ୍ଞାନ ଓ ବୈଷୟିକ ବିଭାଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ମଙ୍ଗଳବାର ନୟାଗଡ଼ ଜିଲା ଗସ୍ତରେ ଆସି ସଦ୍‌ଭାବନା କକ୍ଷରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ବିଜ୍ଞାନ ଓ ବୈଷୟିକ ବିଭାଗର ସମୀକ୍ଷା କରିଛନ୍ତି । ମନ୍ତ୍ରୀ ସମୀକ୍ଷା ସମୟରେ ନଭେମ୍ବର ମାସ ଶେଷ ସୁଦ୍ଧା ଇ କେୱାଇସି କାମ ଶେଷ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ସେହିଭଳି ନୂଆ ରାଶନ କାର୍ଡ ମଧ୍ୟ ନଭେମ୍ବର ଶେଷ ସୁଦ୍ଧା ବାଣ୍ଟିବାକୁ କହିଛନ୍ତି । ଯେଉଁମାନେ ନୂଆ ରାଶନ କାର୍ଡ ପାଇଁ ଆବେଦନ କରୁଛନ୍ତି ସେମାନଙ୍କ ତଦନ୍ତ ପ୍ରକ୍ରିୟା ଶୀଘ୍ର ଶେଷ କରନ୍ତୁ । ଯେଉଁ ସ୍ୱଚ୍ଛଳ ବର୍ଗର ପରିବାର କାର୍ଡ ହାତେଇଛନ୍ତି ସେମାନଙ୍କୁ ସର୍ଭେରେ ଚିହ୍ନଟ କରାଯାଉ । ସେହିଭଳ ରାଜନେତା ଓ ଇନ୍‌କମ ଟ୍ୟାକ୍ସ ଦେଉଥିଲେ ମଧ୍ୟ ରାଶନ କାର୍ଡ ହାତେଇଥିବା ବ୍ୟକ୍ତିଙ୍କୁ ଓ ଯେଉଁ ପରିବାରର ଜୀବନଧାରଣର ମାନ ବଦଳିଛି ସେମାନଙ୍କୁ ଚିହ୍ନଟ କରି ରାଶନ କାର୍ଡ କାଟିବାର ବ୍ୟବସ୍ଥା କରନ୍ତୁ । ରାଶନ କାର୍ଡ ସହ ସଂପୃକ୍ତି ରହୁଥିବାରୁ ସ୍ୱାସ୍ଥ୍ୟବୀମା କାର୍ଡକୁ ମଧ୍ୟ ଗୁରୁତ୍ୱ ଦିଅ । ଗରିବ, ଖଟିଖିଆ ପରି ଯୋଗ୍ୟ ହିତାଧିକାରୀ ଯେପରି ବାଦ୍ ନ ପଡିବେ ସେଥିପ୍ରତି ପ୍ରାଧାନ୍ୟ ଦେବାକୁ ସେ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି ।

ଜ୍ୟୋତିର୍ବିଦ୍ ପଠାଣୀ ସାମନ୍ତଙ୍କ ପାଇଁ ନିଜ ଜନ୍ମଭୂମିରେ କୌଣସି ସ୍ମୃତି ନ ଥିବାରୁ ସ୍ମୃତି ସ୍ମାରକୀ ପାଇଁ ୬ କୋଟି ଟଙ୍କା ରାଜ୍ୟ ସରକାର ମଞ୍ଜୁର କରିଛନ୍ତି । ଦରକାର ପଡିଲେ ଅଧିକ ଅର୍ଥ ଅନୁଦାନ ଯୋଗାଇ ଦେବେ । ଏନେଇ ଜମି ଚିହ୍ନଟ କରି ପଦକ୍ଷେପ ନିଆଯିବ । ସୁନା ଦୋକାନ ଓ ପେଟ୍ରୋଲ ପମ୍ପ ଉପରେ ଚଢ଼ାଉ କର । ଯୋଗାଣ ବିଭାଗ ଅତୀତରେ ବଦନାମ ହୋଇଛି । ବଦନାମର ବୋଝ ନ ମୁଣ୍ଡାଇବା ପାଇଁ ଅନେକ କିଛି ପରିବର୍ତ୍ତନ କରାଗଲାଣି । ଏଣୁ ଚୋରି କରନି କି ଚୋରିରେ ସହଯୋଗ କରନି । ଚୋରକୁ ଧର ଓ ଚୋରକୁ ସହଯୋଗକାରୀଙ୍କୁ ଧରି କାର୍ଯ୍ୟାନୁଷ୍ଠାନ ନିଅ । ଅଧିକାରୀ, ପଦଧିକାରୀ, କର୍ମଚାରୀ ଦୁର୍ନୀତି କରୁଥିଲେ ସେନେଇ ଖବର ଦେବାକୁ ସେ ପରାମର୍ଶ ଦେଇଛନ୍ତି । ସୂଚନାଦାତାଙ୍କ ନାମ ଗୋପନ ରଖାଯାଉଥିବାରୁ ଦୁର୍ନୀତୀ ନେଇ ଅଭିଯୋଗ କର । ମଣ୍ଡିଗୁଡିକରେ ଧାନ କିଣା ଯେଭଳି ଚଳିତ ବର୍ଷ ସୁବିଧାରେ ହେବ ସେଥିନେଇ ସମୀକ୍ଷା କରାଯାଇଛି । ମଣ୍ଡିରୁ ଦଲାଲ ହଟିବେ ।

ପ୍ରତି ମଣ୍ଡିରେ ଜଣେ ନୋଡାଲ ଅଫିସର ରହିବେ । ୫ରୁ ୬ଟା ମଣ୍ଡିକୁ ନେଇ ଜଣେ ନୋଡାଲ ଅଫିସର ରହିବେ । ସବୁ ମଣ୍ଡି କିପରି ବ୍ୟବସ୍ଥିତ ଢ଼ଙ୍ଗରେ ଚାଲିବ। ମଣ୍ଡିରୁ ଭ୍ରଷ୍ଟାଚାର ଓ ଦୁର୍ନୀତୀ କମିବ । ଚାଷୀମାନଙ୍କ ଖାତାକୁ ଧାନ କୁଇଣ୍ଟାଲ ପିଛା ୩୧ ଶହ ଟଙ୍କା ସୁବିଧାରେ ପଠାଯିବ। ମଣ୍ଡିରେ ଚାଷୀଙ୍କ ପାଇଁ ପାଣି, ବିଶ୍ରାମ ବ୍ୟବସ୍ଥା ପରି ସର୍ବନିମ୍ନ ସୁବିଧା, ବର୍ଷା ଦାଉରୁ ଧାନକୁ ରକ୍ଷା ପାଇଁ ପାଲ ଯୋଗାଇ ଦିଆଯିବ । ଚାଷୀ ହଇରାଣ ହେଉଥିଲେ ଦରକାର ପଡିଲେ ଭାତ ଡାଲମା କରି ଖାଇବାକୁ ଦିଆଯିବ । ଏନେଇ ସମବାୟ ବିଭାଗ ସହ କଥା ହୋଇଛି ବୋଲି ମନ୍ତ୍ରୀ କହିଥିଲେ ।

ମଣ୍ଡିରେ ସର୍ବନିମ୍ନ ସୁବିଧା ଯୋଗାଇ ଦେବା ପାଇଁ ସମବାୟ ବିଭାଗକୁ ୨ ପ୍ରତିଶତ ଅର୍ଥ ପ୍ରଦାନ କରାଯାଉଛି । ଯେଉଁଠି ମଣ୍ଡି କରାଯିବାର ଆବଶ୍ୟକତା ରହିଛି ସେଠାରେ ଜିଲାପାଳ ଅସ୍ଥାୟୀ ମଣ୍ଡି କରି ଧାନ ଉଠାଣ କରିବେ । ପାକ୍ସ ଦୁର୍ନୀତି ହ୍ରାସ ପାଇଁ ନାର୍କଫଡ ପରି ସେଣ୍ଟ୍ରାଲ ଏଜେନ୍ସିକୁ ପରୀକ୍ଷାମୂଳକ ଭାବେ ଚଳିତ ବର୍ଷ ନିୟୋଜିତ ପାଇଁ ନିଷ୍ପତ୍ତି ହୋଇଛି। ରାଜ୍ୟରେ ୮ରୁ ୧୦ ଜିଲାରେ ଏଭଳି ବ୍ୟବସ୍ଥା ଲାଗୁ ହେବାର ଅଛି । ଏଥିରେ ନୟାଗଡ଼ ଜିଲା ଥାଇପାରେ । କ୍ୟାବିନେଟରେ ପାସ୍ ହୋଇ ସାରିଥିବାରୁ ନୂଆ ମିଲରଙ୍କୁ ଧାନ କିଣାରେ ସାମିଲ କରାଯାଇ ପାରିବ ବୋଲି କହିଛନ୍ତି । ରାଜ୍ୟ ପାଇଁ ୪୫ଟି ରାଇସ୍ ମିଲ୍ ମଞ୍ଜୁରୀ ମିଳିଥିବାରୁ ଯେଉଁ ବ୍ଲକ୍‌ରେ ମିଲ୍ ନାହିଁ ସେଠାରେ ନୂଆ ଧାନ ମିଲ୍ କରିବାର ବ୍ୟବସ୍ଥା କରନ୍ତୁ ବୋଲି କହିଛନ୍ତି । ଏଫ୍‌ସିଆଇ ଗୋଦାମରେ ଧାନ ବଳୁଛି । ଏଣୁ ୫ରୁ ୧୦ ଲକ୍ଷ ମେଟ୍ରିକ ଟନ୍‌ର ପିଟ୍ ଗୋଦାମ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଆଳୁ, ପିଆଜ ପରି ପନିପରିବା ଦର ବଢ଼ି ଚାଲିଛି । ଦର ନିୟନ୍ତ୍ରଣ ପାଇଁ ପଦକ୍ଷେପ ନିଅ । ଦର କାହିଁକି ବଢ଼ିଲା ତା'ର ସମୀକ୍ଷା କର। ପନିପରିବା ଗୋଦାମ ଉପରେ ନଜର ରଖି କାର୍ଯ୍ୟାନୁଷ୍ଠାନ ନିଅ । ମେଟ୍ରେଲୋଜି ବିଭାଗକୁ ନିର୍ଦ୍ଦେଶ । ସୁନା ଦର, କ୍ୱାଲିଟି ଉପରେ ନଜର ରଖ । ପେଟ୍ରୋଲ ପମ୍ପ ଉପରେ ନାନା ପ୍ରକାରର ଅଭିଯୋଗ ଆସୁଛି । ପେଟ୍ରୋଲ ପମ୍ପ ଓ ସୁନା ଦୋକାନ ଚଢ଼ାଉ ଓ ଧରପଗଡ଼କୁ ଗୁରୁତ୍ୱ ଦିଅ । ଖାଉଟି ଯେପରି ଠକେଇର ଶିକାର ନ ହେବେ ସେଥିପ୍ରତି ଗୁରୁତ୍ୱ ଦିଅ । ଗାଡ଼ି ନ ଥିବା ଜାଣିବା ପରେ ମେଟ୍ରୋଲୋଜି କାର୍ଯ୍ୟାଳୟ ପାଇଁ ଗାଡି ବ୍ୟବସ୍ଥା କରାଇବାକୁ ମନ୍ତ୍ରୀ କହିଛନ୍ତି । ମନ୍ତ୍ରୀଙ୍କ ପରାମର୍ଶ ଓ ନିର୍ଦ୍ଦେଶ ଅନୁସାରେ ଜିଲା ପ୍ରଶାସନ ପଦକ୍ଷେପ ନେବ ବୋଲି ଜିଲାପାଳ କହିଥିଲେ ।

ଉକ୍ତ ବୈଠକରେ ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ ସ୍ୱାଇଁ, ଜିଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ,ଜିଲା ପରିଷଦର ନିର୍ବାହୀ ଅଧିକାରୀ ଦେବଦତ୍ତ ପଣ୍ଡା, ଜିଲାପାଳ ଅତିରିକ୍ତ ଜିଲାପାଳ ଦିଲୀପ କୁମାର ବଳ ଓ ରୋଜିନା ଦାସ, ଉପଜିଲାପାଳ କର୍ଣ୍ଣଦେବ ସମାଦାର, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ବିଜ୍ଞାନ ଓ ବୈଷୟିକ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ । ମଣ୍ଡିର ଅବ୍ୟବସ୍ଥା, କଟନୀଛଟନୀ, ପେଟ୍ରୋଲ ପମ୍ପ ଓ ସୁନା ଦୋକାନୀର ଠକେଇ ନେଇ ଉପସ୍ଥିତ ଜନପ୍ରତିନିଧିମାନେ ଆଲୋଚନା କରିଥିଲେ ।

## ଗଜ ଉଦ୍ଧାରଣ ବେଶରେ ଦର୍ଶନ ଦେଲେ ରଘୁନାଥଜୀଉ



ଓଡଗାଁ,୧୨।୧୧ (ଆଦର୍ଶ କୁମାର ପଟ୍ଟନାୟକ): ନୟାଗଡ଼ ଜିଲା ଓଡ଼ଗାଁରେ ବିଜେ ପ୍ରସିଦ୍ଧ ଶ୍ରୀରଘୁନାଥଜୀଉଙ୍କ ପୀଠରେ କାର୍ତ୍ତିକ ମାସ ଆରମ୍ଭରୁ ଦୈନିକ ଶ୍ରଦ୍ଧାଳୁଙ୍କ ଭିଡ଼ ଦେଖିବାକୁ ମିଳିଛି । ମଙ୍ଗଳବାର ହରିଉଥାପନ ଏକାଦଶୀ ତଥା ପଞ୍ଚୁକ ବ୍ରତାରମ୍ଭରେ ଭୋର ସମୟରୁ ବହୁ ଶ୍ରଦ୍ଧାଳୁ ଶ୍ରୀଜୀଉଙ୍କ ଦର୍ଶନ କରିଛନ୍ତି । ସନ୍ଧ୍ୟାରେ ବଡ଼ ଏକାଦଶୀରେ ଶ୍ରୀଜୀଉ ଗଜ ଉଦ୍ଧାରଣ ବେଶରେ ଦର୍ଶନ ଦେଇଛନ୍ତି । ସନ୍ଧ୍ୟାଆଳତୀ ପୂର୍ବରୁ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ପରିବାର ସଦସ୍ୟଙ୍କ ସହ ଆସି ଶ୍ରୀଜୀଉଙ୍କୁ ଦର୍ଶନ ସହ ପୂଜାର୍ଚ୍ଚନା କରିଛନ୍ତି । ପୂଜକ ପରିଷଦ ସଦସ୍ୟ ତଥା ମନ୍ଦିର ପରିଚାଳକ ଏଥିରେ ସହଯୋଗ କରିଥିଲେ ।

## ଭାପୁରରେ ସଙ୍ଗୀତଧାରା ଭକ୍ତି ସଙ୍ଗୀତ ପ୍ରତିଯୋଗିତା

ନୟାଗଡ଼,୧୨।୧୧(ଲୋକନାଥ ମିଶ୍ର)

ସଙ୍ଗୀତଧାରା ନୟାଗଡ଼ ପକ୍ଷରୁ ଜିଲାସ୍ତରୀୟ ପ୍ରଥମ ପର୍ଯ୍ୟାୟ ଭକ୍ତି ସଙ୍ଗୀତ ପ୍ରତିଯୋଗିତା ଭାପୁର ସରସ୍ୱତୀ ଶିଶୁ ମନ୍ଦିରଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଭାପୁର ବ୍ଲକର ପୂର୍ବତନ ଅଧକ୍ଷ ଗୟାଧର ପରିଡ଼ା ଯୋଗଦାନ କରି ଭକ୍ତି ସଙ୍ଗୀତ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଗ୍ରାମାଞ୍ଚଳର ଲୁକ୍କାୟିତ ପ୍ରତିଭାମାନଙ୍କୁ ଲୋକଲୋଚନକୁ ଆଣିବାରେ ସଙ୍ଗୀତଧାରାର ଅଭିନବ ପ୍ରାୟସକୁ ପ୍ରଶଂସା କରିଥିଲେ। ପ୍ରତିଯୋଗିତାରେ ଭାପୁର ବ୍ଲକ ଅନ୍ତର୍ଗତ ବିଭିନ୍ନ ବିଦ୍ୟାଳୟ, ମହାବିଦ୍ୟାଳୟ ଏବଂ ସଂଗୀତାନୁଷ୍ଠାନରୁ ୧୪ରୁ ୨୪ବର୍ଷ ବୟସର ୨୮ ଜଣ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ। ସଙ୍ଗୀତ ପ୍ରତିଯୋଗିତାରେ ବିଚାରକ ଭାବେ ପ୍ରଶାନ୍ତ କୁମାର ଦାଶ, ଜୟଶ୍ରୀ ଦେବୀ ଏବଂ ଉଦିତ ନାରାୟଣ ଦାଶ ପ୍ରମୁଖ ଯୋଗଦାନ କରି ଶ୍ରେଷ୍ଠ ୬ ଜଣ କଣ୍ଠଶିଳ୍ପୀଙ୍କୁ ସେମିଫାଇନାଲ ପର୍ଯ୍ୟାୟ ପାଇଁ ଚୟନ କରିଥିଲେ। ସଙ୍ଗୀତଧାରାର ସଭାପତି ବିଜୟ କୁମାର ଚୌଧୁରୀ, ମୁଖ୍ୟ ପୃଷ୍ଠପୋଷକ ସାମାଜିକ କର୍ମୀ ପ୍ରମୋଦ ପଟ୍ଟନାୟକ ଏବଂ ସମ୍ପାଦକ ସଙ୍ଗୀତ ନିର୍ଦ୍ଦେଶକ ତଥା କଣ୍ଠଶିଳ୍ପୀ ପ୍ରଶାନ୍ତ କୁମାର ଦାଶଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ପ୍ରତିଯୋଗିତାରେ ସଂଯୋଜକ ଲକ୍ଷ୍ମୀଧର ସାହୁଙ୍କ ସମେତ ସଙ୍ଗୀତଧାରା ସଦସ୍ୟ ପ୍ରଦୀପ କୁମାର ସାହୁ, ପ୍ରଶାନ୍ତ କୁମାର ପଟ୍ଟନାୟକ, ଗୋପୀନାଥ ସେଠୀ, ଦୀନବନ୍ଧୁ ସାହୁ, ସବିତା ଶୁକ୍ଳା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଜିଲାର ୮ଟି ବ୍ଲକରେ କଣ୍ଠଶିଳ୍ପୀମାନଙ୍କର ପ୍ରଥମ ପର୍ଯ୍ୟାୟ ପ୍ରତିଯୋଗିତା କରାଯିବ। ଏଥିରୁ ମନୋନୀତ ଚୂଡ଼ାନ୍ତ ପର୍ଯ୍ୟାୟ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ 'ନୟାଗଡ଼ ସଙ୍ଗୀତ କଲ୍ଲୋଳ' ଉପାଧି ସହିତ ନଗଦ ୧୧ ହଜାର ଟଙ୍କା ପୁରସ୍କାର ଅର୍ଥରାଶି ଏବଂ ଦ୍ୱିତୀୟ, ତୃତୀୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀମାନଙ୍କୁ କ୍ରମାନ୍ୱୟ ୫ ହଜାର ଏବଂ ୩ ହଜାର ଅର୍ଥରାଶି ପୁରସ୍କାର ପ୍ରଦାନ ଲାଗି ସ୍ଥିର କରାଯାଇଛି ।

## ରାସ୍ତା ସମ୍ପ୍ରସାରଣରେ ବାଧକ ସାଜିଥିବା କୋଠା ଉଚ୍ଛେଦ କଲା ପ୍ରଶାସନ

### ବହୁ ବର୍ଷର ଜବରଦଖଲ ହଟିଲା



ରାସ୍ତା ଉପରେ ଜବରଦଖଲକୁ ଉଚ୍ଛେଦ କରାଯାଉଛି ।

ରଣପୁର,୧୨।୧୧(ସୁକାନ୍ତ କିଶୋର ଡାକୁଆ): ନୟାଗଡ଼ ଜିଲା ରଣପୁର ବ୍ଲକ ଅଧୀନରେ ଥିବା ୧୬ନଂ. ପୁରୁଣା ଜାତୀୟ ରାଜପଥ ସମ୍ପ୍ରସାରଣରେ ବାଧକ ସାଜିଥିବା କୋଠା ସହିତ କାନ୍ଥକୁ ଜିଲା ପ୍ରଶାସନ ମଙ୍ଗଳବାର ଉଚ୍ଛେଦ କରିଛି । ଚାନ୍ଦପୁର ପୁରୁଣା ବାଇପାସ୍ କନ୍ଧନୟାଗଡ଼ ରାସ୍ତାର ଉଭୟ ପାର୍ଶ୍ୱକୁ ସ୍ଥାନୀୟ ଲୋକମାନେ ଜବରଦଖଲ କରିଥିଲେ । ଏ ସଂକ୍ରାନ୍ତରେ ପ୍ରଶାସନ ପକ୍ଷରୁ ଜବରଦଖଲକାରୀଙ୍କୁ ଅବଗତ ସହିତ ନୋଟିସ ଜାରି କରାଯାଇଥିଲା । ଏହାପରେ ବି ସେମାନେ ଜବରଦଖଲ ହଟାଇ ନ ଥିଲେ । ଶେଷରେ ପ୍ରଶାସନ ପକ୍ଷରୁ ମଙ୍ଗଳବାର ପୋଲିସ ଉପସ୍ଥିତିରେ ଜେସିବି ମେଶିନ ଦ୍ୱାରା ଜବରଦଖଲ ଉଚ୍ଛେଦ କରାଯାଇଥିଲା ।

ସୂଚନାଯୋଗ୍ୟ, ଚାନ୍ଦପୁରଠାରୁ ଖୋର୍ଦ୍ଧା ଜିଲା ଟାଙ୍ଗୀ ୪ କିମି ୭ ଶହ ମିଟର ରାସ୍ତା ୪ ଲେନ ବିଶିଷ୍ଟ ହେବ ବୋଲି ଗତ ଅଗଷ୍ଟ ୧୨ରେ ପୁରୀ ଏମ୍‌ପି ସମ୍ବିତ ପାତ୍ର ଓ ବାଚସ୍ପତି ସୁରମା ପାଢ଼ୀ ଶିଳାନ୍ୟାସ କରିଥିଲେ । ସେହି ରାସ୍ତା କାମ ୨୦୨୬ ଜାନୁଆରୀରେ ସରିବ ବୋଲି ଶିଳାନ୍ୟାସ ଉତ୍ସବରେ ଯୋଗ ଦେଇଥିବା ଅତିଥିମାନେ କହିଥିଲେ । ହେଲେ ଏପରି ଜବରଦଖଲ ରାସ୍ତା କାମରେ ପ୍ରତିବନ୍ଧକ ସାଜିଥିଲା । ଚାନ୍ଦପୁର ରାସ୍ତାର ଉଭୟ ପାର୍ଶ୍ୱରେ ଦୀର୍ଘବର୍ଷ ଧରି ସ୍ଥାୟୀ ଓ ଅସ୍ଥାୟୀ ବ୍ୟବସାୟୀମାନେ ଘର କରିବା ସହିତ ଦୋକାନ କରିଥିଲେ । ଜିଲାପ୍ରଶାସନର ବାରମ୍ବାର ନୋଟିସ, ଡାକବାଜି ଯନ୍ତ୍ରରେ ପ୍ରଚାର ପରେ ବି ବେଆଇନ ନିର୍ମାଣ ଭାଙ୍ଗିବାକୁ କେହି ପଦକ୍ଷେପ ଗ୍ରହଣ କରି ନ ଥିଲେ । ମଙ୍ଗଳବାର ରଣପୁର ତହସିଲଦାର, ପୋଲିସ ପ୍ରଶାସନ ଏବଂ ମାଜିଷ୍ଟ୍ରେଟଙ୍କ ଉପସ୍ଥିତରେ ଜବରଦଖଲ ହଟାଯାଇଥିଲା ।

## ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

ସେଲ୍‌ଫି କର୍ନର ଧରିତ୍ରୀ

metroselfie@gmail.com



@ ବାମଦେବ



@ ଦିବାକର



@ ସତ୍ୟବ୍ରତ



@ ତହେର ଅହମ୍ମଦ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଖଣ୍ଡପଡ଼ାରେ କାର୍ତ୍ତିକେଶ୍ୱର ପୂଜା



ଖଣ୍ଡପଡ଼ା,୧୨।୧୧ (ଅଜୟ କୁମାର ମହାରଣା) ଖଣ୍ଡପଡ଼ା ସହରର ରଥଗଡ଼ା ଛକରେ ପ୍ରଭୁ ଶ୍ରୀକାର୍ତ୍ତିକେଶ୍ୱରଙ୍କ ପୂଜା ସୋମବାର ଠାରୁ ଆରମ୍ଭ ହୋଇଛି। ଖଣ୍ଡପଡ଼ା ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟ ୨୦୦୮ ମାଟ୍ରିକ ବ୍ୟାଚ ସହପାଠୀମାନଙ୍କ ଦ୍ୱାରା ପ୍ରଭୁଙ୍କର ପୂଜା ଉତ୍ସବ ଅନୁଷ୍ଠିତ ହେଉଥିବା ବେଳେ ରଙ୍ଗ ବେରଙ୍ଗର ଆଲୋକମାଳାରେ ପୂଜାମଣ୍ଡପ ଗୁଡ଼ିକ ସଜ୍ଜିତ କରାଯାଇଛି। ବିଭିନ୍ନ ଦିନରେ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିବା ପୂଜା କମିଟିର ସଦସ୍ୟମାନଙ୍କ ଠାରୁ ପ୍ରକାଶ ।

## ଶରଣକୁଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବେଡ୍‌ଶିଟ୍ ଅଭାବ

- ଖାଲି ବେଡ୍‌ରେ ଶୋଇ ଚିକିତ୍ସିତ ହେଉଛନ୍ତି ରୋଗୀ
- ବିଭାଗୀୟ ଅଧିକାରୀ ଜାଣି ମଧ୍ୟ ଅଜଣା



ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ୱାର୍ଡରେ ଖାଲି ପଡିଥିବା ବେଡ୍।

ଶରଣକୁଳ,୧୨।୧୧(ଦୀପକ କର): ନୟାଗଡ଼ ଜିଲା ଶରଣକୁଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀଙ୍କୁ ବେଡ୍‌ଶିଟ୍ ମିଳୁନାହିଁ । ରୋଗୀମାନେ ବିନା ବେଡ୍‌ଶିଟ୍‌ରେ ଶୋଉଛନ୍ତି । ଅଧିକାଂଶ ରୋଗୀଙ୍କ ସମ୍ପର୍କୀୟମାନେ ଘରୁ ବେଡ୍‌ଶିଟ୍ ଆଣି ବେଡ୍‌ରେ ପକାଇବାକୁ ବାଧ୍ୟ ହେଉଛନ୍ତି । ଏହାକୁ ନେଇ ରୋଗୀ ଓ ସେମାନଙ୍କ ସମ୍ପର୍କୀୟଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି ।

ଅନ୍ୟପକ୍ଷେ ରୋଗୀମାନଙ୍କ ବ୍ୟବହୃତ ବେଡ୍‌ଶିଟ ୱାର୍ଡ ନିକଟରେ ଥିବା ଆବର୍ଜନା କୁଣ୍ଡ ନିକଟରେ ଗଦା ହୋଇ ପଡିରହିଛି। ସେଗୁଡ଼ିକୁ ସଫା କରାଯାଉନାହିଁ । ଏ ସଂକ୍ରାନ୍ତରେ ବିଭାଗୀୟ ଅଧିକାରୀମାନେ ଜାଣି ଥିଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରୁ ନ ଥିବା ଅଭିଯୋଗ ହୋଇଛି। ବ୍ୟବହୃତ ହେଉଥିବା ବେଡ୍‌ଶିଟ୍ ଯୋଗୁ ନିକଟସ୍ଥ ୱାର୍ଡ, ପରୀକ୍ଷାଗାର, ରଞ୍ଜନରଶ୍ମି କେନ୍ଦ୍ର, ଟୀକା ଗୋଦାମ ଗୃହ ପରିସର ପ୍ରଦୂଷିତ ହେବାରେ ଲାଗିଛି । ଏଥିଯୋଗୁ ସଂକ୍ରମଣ ଜନିତ ସମସ୍ୟା ବଢ଼ିବାରେ ଲାଗିଛି ବୋଲି ରୋଗୀମାନେ କହିଛନ୍ତି। ପରୀକ୍ଷାଗାରକୁ ଆସୁଥିବା ରୋଗୀ ଏବଂ ପରିଜନମାନେ ଏଥିପାଇଁ ସଂକ୍ରମିତ ହେବାର ଆଶଙ୍କା ରହିଛି । ଏଥିସହ ରକ୍ତ ପରୀକ୍ଷାଗାର ପାଇଁ ସମସ୍ୟା ସୃଷ୍ଟି ହୋଇଛି।

ସରକାର ରୋଗୀମାନଙ୍କ ଚିକିତ୍ସା ଓ ସ୍ୱାସ୍ଥ୍ୟସେବା ପାଇଁ ସମସ୍ତ ପ୍ରକାର ବ୍ୟବସ୍ଥା କରିଛନ୍ତି । ଅତ୍ୟାଧୁନିକ ଚିକିତ୍ସା ବ୍ୟବସ୍ଥା ସହିତ ଆବଶ୍ୟକ ସାମଗ୍ରୀ ଯୋଗାଣ ଉପରେ ଗୁରୁତ୍ୱାରୋପ କରିଛନ୍ତି । ହେଲେ ଶରଣକୁଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ୱାର୍ଡରେ ରହି ଚିକିତ୍ସିତ ହେଉଥିବା ରୋଗୀଙ୍କୁ ଖାଲି ବେଡ୍‌ରେ ଶୋଇ ଚିକିତ୍ସିତ ହେବାକୁ ଏକ ପ୍ରକାର ବାଧ୍ୟ କରାଯାଉଥିବା ବହୁ ରୋଗୀଙ୍କ ସମ୍ପର୍କୀୟ ଅଭିଯୋଗ କରିଛନ୍ତି। ଯୋଗାଣ ସଂସ୍ଥା ଆବଶ୍ୟକ ମୁତାବକ ବେଡ୍‌ଶିଟ୍ ଦେଇନାହିଁ ବୋଲି ଶୁଣିବାକୁ ମିଳୁଛି। ଶରଣକୁଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଏମ୍‌ଏସ୍ ସାଇନି ଲଣ୍ଡ୍ରି ସର୍ଭିସ ନାମକ ସଂସ୍ଥା ବେଡ଼ଶିଟ୍ ଯୋଗାଇ ଦେବା ପାଇଁ ଚୁକ୍ତିନାମା କରିଛି । ହେଲେ ରୋଗୀଙ୍କ ଆବଶ୍ୟକ ମୁତାବକ ବେଡ଼ଶିଟ ଯୋଗାଉ ନ ଥିବାରୁ ଏହି ସମସ୍ୟା ଦୀର୍ଘଦିନ ହେଲା ଲାଗି ରହିଛି ।

ଏ ସଂକ୍ରାନ୍ତରେ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଅବିନାଶ ନାୟକଙ୍କୁ ପଚାରିବାରୁ ଏ ନେଇ ମୁଁ ଜିଲା ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ଏହି ସମସ୍ୟା ସମ୍ପର୍କରେ ଜଣାଇଥିଲି । ହେଲେ ସମସ୍ୟାର କୌଣସି ସମାଧାନ ହୋଇନାହିଁ । ମଙ୍ଗଳବାର ମୁଁ ନୂତନ ଭାବେ ଯୋଗଦେଇଥିବା ଜିଲା ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ଏ ସଂକ୍ରାନ୍ତରେ ଅବଗତ କରିବାକୁ ଆସିଛି ବୋଲି କହିଛନ୍ତି।

## ସଂକ୍ଷେପରେ

## କାଳୀପୂଜାରେ ନୃତ୍ୟ ପ୍ରତିଯୋଗିତା

ସିଂହପୁର,୧୨।୧୧ ( ଅନଙ୍ଗ ଉଦୟ ବେଉରିଆ):

ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ସିଂହପୁର ବଜାରରେ କାଳୀପୂଜା ଉପଲକ୍ଷେ ବ୍ୟବସାୟୀ ସଂଘ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ, ନୃତ୍ୟ ପ୍ରତିଯୋଗିତା ଓ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଛି । ଏଥିରେ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ବ୍ୟବସାୟୀ ସଂଘର ସଭାପତି ରାମଚନ୍ଦ୍ର ମିଶ୍ର, ସମ୍ପାଦକ ନିରଞ୍ଜନ ବେଉରିଆ, ଗୋକୁଳାନନ୍ଦ ଜେନା, ମଳୟ ଥଟୋଇ, ଖବରଦାତା ଅନିରୁଦ୍ଧ ବେଉରିଆ, ବରିଷ୍ଠ ନାଗରିକ ମଞ୍ଚ ସଭାପତି ପଦ୍ମନାଭ ଦାଶ, ସମ୍ପାଦକ ସୁଶାନ୍ତ କୁମାର ନାୟକ, ନିରଞ୍ଜନ ଦାସ, ଘନଶ୍ୟାମ ଦାସ, ବିଦ୍ୟାଧର ଜେନା, ପୁରୁଷୋତ୍ତମ ବେହେରା, ନରୋତ୍ତମ ନାୟକ ପ୍ରମୁଖ ଯୋଗ ଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରିଥିଲେ । ଜ୍ଞାନେନ୍ଦ୍ର ବେଉରିଆ ଓ ରତ୍ନାକର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ପଲେଇ ଗ୍ରାମ୍ୟ ଉନ୍ନୟନ ରାସ୍ତା ନିର୍ମାଣରେ ଅନିୟମିତତା

ଚଣ୍ଡିଖୋଲ,୧୨।୧୧ (ପ୍ରଦୀପ୍ତ କୁମାର ପୃଷ୍ଟି):

ଯାଜପୁର ଜିଲା ଜାରକା ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ଥିବା ବଡ଼ଚଣା ବ୍ଲକ ଅନ୍ତର୍ଗତ ପଲେଇ ଗ୍ରାମ ଦେଇ ଯାଇଥିବା ବନ୍ଦରେଶ୍ୱର-ତିଗିରିଆ ରାସ୍ତା ନିର୍ମାଣରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ପଲେଇ ସୁନ୍ଦରା ସାହିଠାରେ ଠିକାଦାର କିଛିଅଂଶ ଛାଡିଦେଇ ଯାଇଥିବାରୁ ସେଠାରେ ସବୁଦିନେ ପାଣି ଜମି ରହୁଛି। ଯାହାକୁ ନେଇ ଗ୍ରାମବାସୀ ଗ୍ରାମ୍ୟ ଉନ୍ନୟନ ବିଭାଗ ଓ ବଡ଼ଚଣା ବିଡିଓଙ୍କ ନିକଟରେ ଅଭିଯୋଗ କରିଛନ୍ତି।

ସୂଚନା ଅନୁଯାୟୀ, ୨୦୧୭ ମସିହାରେ ଏହି ରାସ୍ତା ନିର୍ମାଣ ଆରମ୍ଭ ହୋଇଥିଲା। ବିଭାଗ ପକ୍ଷରୁ ରାସ୍ତାକୁ ତାଡି ପୁନର୍ବାର କାମ କରିବା କଥା । ହେଲେ ତାହା ନ କରି ସେହି ରାସ୍ତା ଉପରେ ପିଚୁ ପକାଇ ପଳାଇ ଯିବାରୁ ସେଗୁଡିକ ଉଠି ଗଲାଣି। ଏପରି କି ସରକାରୀ ସ୍ଥାନରେ ନ କରି କିଛି ବ୍ୟକ୍ତିଗତ ଜମିରେ ଠିକାଦାର ଜୋର ଜବରଦସ୍ତ ରାସ୍ତା ନିର୍ମାଣ କରିବାକୁ ଚାହିଁବାରୁ ସ୍ଥାନୀୟ ଗ୍ରାମବାସୀ ବିରୋଧ କରିଥିଲେ। ଏହାପରେ ଠିକାଦାର ୧୫୦ ମିଟର ରାସ୍ତା ନିର୍ମାଣ ନ କରି ଛାଡ଼ି ଚାଲିଗଲେ। ଫଳରେ ରାସ୍ତା ଉପରେ ପାଣି ଜମି ରହୁଛି। ସେହି ପାଣିରେ ପଶି ପିଲାମାନେ ବିଦ୍ୟାଳୟକୁ ଯାତାୟତ କରୁଛନ୍ତି। ଜଳ ନିଷ୍କାସନର ବ୍ୟବସ୍ଥା ନ କରି ଠିକାଦାର କାମ ବନ୍ଦ କରିବା ଯୋଗୁ ସ୍ଥାନୀୟ ଅଞ୍ଚଳରେ ବିଭିନ୍ନ ଚର୍ମ ରୋଗ ବ୍ୟାପୁଛି। ପାଣି ଓ କାଦୁଅ ଜମି ରହିବା ଦ୍ୱାରା ମୋଟର ସାଇକେଲ ଆରୋହୀମାନେ ରାସ୍ତାରେ ପଡି ଆହତ ହେଉଥିବା ନଜୀର ରହିଛି । ସେହି ରାସ୍ତାପାର୍ଶ୍ୱରେ ଘର କରି ରହୁଥିବା ଲୋକମାନେ ବିଭିନ୍ନ ରୋଗର ଶିକାର ହେଉଥିବା ଅଭିଯୋଗ କରିଛନ୍ତି। ତୁରନ୍ତ ଏହାର ପ୍ରତିକାର କରି ରାସ୍ତା ନିର୍ମାଣ ଶେଷ କରିବା ସହ ସେଠାରେ ବସବାସ କରୁଥିବା ପରିବାରଙ୍କ ପ୍ରତି ଧ୍ୟାନ ଦେବାକୁ ସେମାନେ ଅନୁରୋଧ କରିଛନ୍ତି। ଗ୍ରାମବାସୀଙ୍କ ପକ୍ଷରୁ ମିନାକ୍ଷୀ ସାମଲ, ସରିତା ଜେନା, ଗୀତାଞ୍ଜଳୀ ସାମଲ, ଶରତ କୁମାର ଜେନା, ଉମାକାନ୍ତ ଜେନା ପ୍ରମୁଖ ଏ ସଂକ୍ରାନ୍ତରେ ଗ୍ରାମ୍ୟ ଉନ୍ନୟନ ବିଭାଗ ଓ ବଡ଼ଚଣା ବିଡିଓଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଗ୍ରାମ୍ୟ ଉନ୍ନୟନ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ଅନୀଲ କୁମାର ସେଠୀଙ୍କୁ ପଚାରିବାରୁ ସେ କୁହନ୍ତି, ବିଭାଗ ପକ୍ଷରୁ ରାସ୍ତା କାମର ସ୍ଥିତି ଅନୁଧ୍ୟାନ କରାଯିବ । ଏହାପରେ ଖୁବ୍‌ଶୀଘ୍ର ରାସ୍ତା କାମ ଶେଷ କରିବାକୁ ପଦକ୍ଷେପ ଗ୍ରହଣ କରାଯିବ ।


ପାଣି କାଦୁଅରେ ବୁଡ଼ି ରହିଥିବା ରାସ୍ତା ।

# ମୁଖ୍ୟମନ୍ତ୍ରୀ, ବିଧାୟକଙ୍କ ଚରିତ୍ର ସଂହାର କରିଥିବା ଯୁବକ ଗିରଫ


ଅଭିଯୁକ୍ତ ଜୟଦେବ ଲେଙ୍କାଙ୍କୁ ପୋଲିସ ଜେଲ୍‌କୁ ନେଉଛି ।

କାଏମା,୧୨।୧୧(ଶିବପ୍ରସାଦ ମହାନ୍ତି):

ସୋସିଆଲ ମିଡିଆରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁଙ୍କ ଚରିତ୍ର ସଂହାର କରିଥିବା ଜଣେ ଯୁବକଙ୍କୁ ଧର୍ମଶାଳା ପୋଲିସ ଗିରଫ କରି ମଙ୍ଗଳବାର ଚଣ୍ଡିଖୋଲ କୋର୍ଟକୁ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ରଗଡ଼ି ଜେଲକୁ ପଠାଇ ଦିଆଯାଇଛି। ସେ ହେଲେ କେନ୍ଦ୍ରାପଡ଼ା ଅଞ୍ଚଳର ଜୟଦେବ ଲେଙ୍କା। ଜୟଦେବ ସୋସିଆଲ ମିଡିଆରେ ପ୍ରାୟ ୪ ମାସ ହେବ ମୁଖ୍ୟମନ୍ତ୍ରୀ ଓ ଧର୍ମଶାଳା ବିଧାୟକଙ୍କ ବିରୋଧରେ ବିଭିନ୍ନ କଟୁ କଥା କହୁଥିଲେ। ବାରମ୍ବାର ଆପତ୍ତିଜନକ ମନ୍ତବ୍ୟ ପୋଷ୍ଟ କରିବା ସହ ଚରିତ୍ର ସଂହାର କରୁଥିଲେ। ଏପରି କି କିଛି ଦିନତଳେ ଏକ ପୋଷ୍ଟ କରି ତାଙ୍କୁ ଗିରଫ କରିବାକୁ ଚ୍ୟାଲେଞ୍ଜ କରିଥିଲେ। ଏନେଇ ଧର୍ମଶାଳା ବିଧାୟକଙ୍କ ସମର୍ଥକ ଦେଉଳି ଗ୍ରାମର ରାଜକିଶୋର ସ୍ୱାଇଁ ଗତ ମାସ ୨୮ତାରିଖରେ ଧର୍ମଶାଳା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୭୮୨/୨୪ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ସେହିପରି ଏହି ଯୁବକ ଜଣକ ପୂର୍ବରୁ ବିଜେଡିର ଭୁବନେଶ୍ୱର ଏମ୍‌ପି ପ୍ରାର୍ଥୀ ମନ୍ମଥ ରାଉତରାୟଙ୍କ ବିରୋଧରେ ମଧ୍ୟ ଅନେକ ମିଥ୍ୟା ଭିଡିଓ କରି ନିଜ ସୋସିଆଲ ମିଡିଆ ଚ୍ୟାନେଲରେ ପ୍ରସାରଣ କରିଥିଲେ। ଏନେଇ ଭୁବନେଶ୍ୱର ଲିଙ୍ଗରାଜ ଥାନାରେ ୬।୧୧।୨୦୨୪ରେ ନଂ.୨୨୯/୨୪ ମାମଲା ରୁଜୁ ହୋଇଥିଲା। ଗୌତମଙ୍କ ଅଭିଯୋଗ ମାମଲାରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିବାକୁ ତିନି ଦିନ ଧରି ଉଦ୍ୟମ ଚଳାଇଥିଲା। ସୋମବାର ରାତିରେ ପୋଲିସ ଜୟଦେବଙ୍କୁ କାବୁ କରିବା ପରେ ଥାନାରେ ଅଟକ ରଖି ପଚରାଉଚରା କରିଥିଲା।

# ସୁଭାଷ ବୋଷ ଇଂଲିଶ ମିଡିୟମ ସ୍କୁଲରେ ବିଜ୍ଞାନମେଳା

ପାଣିକୋଇଲି,୧୨।୧୧(ବିକାଶ ମଲ୍ଲିକ):

ପାଣିକୋଇଲିସ୍ଥିତ ସୁଭାଷ ବୋଷ ଇଂଲିଶ ମିଡିୟମ ସ୍କୁଲରେ ବିଜ୍ଞାନମେଳା ଅନୁଷ୍ଠିତ ହୋଇଯାଇଛି। ପ୍ରଦୂଷଣ ନିୟନ୍ତ୍ରଣ, ଜଳଚକ୍ର, ହୃତ୍‌ପିଣ୍ଡ ମଡେଲ, ଆଶୁ ଚିକିତ୍ସା, ସୌର, ପବନ, ଚନ୍ଦ୍ରଗହଣ, ସୂର୍ଯ୍ୟପରାଗ, ଔଷଧିୟ ବୃକ୍ଷ, ପଞ୍ଚ ଇନ୍ଦ୍ରୀୟ, ଚକ୍ଷୁ, ହୃତ୍‌ପିଣ୍ଡ ସଞ୍ଚାଳନ, ବନ୍ୟା ସତର୍କ ଘଣ୍ଟି ଆଦି ବିଷୟରେ ମେଳା ଆୟୋଜନ କରାଯାଇଥିଲା। ମୋଟ୍ ୪୫ ଛାତ୍ରୀଛାତ୍ର ଏଥିରେ ଅଂଶଗ୍ରହଣ କରିଥିଲେ। ଜୁନିୟର ଓ ସିନିୟର ୨ ଭାଗରେ ମେଳା ପ୍ରସ୍ତୁତ କରାଯାଇଥିଲା। ଜୁନିୟର ବିଭାଗରେ ଓମେର ମୁସ୍ତାଫା ଖାନ, ନେନିସ ମହାପାତ୍ର ଓ ଆରଜେ ତପସ୍ୱିନୀ ସାହୁ ସିନିୟରରେ ଭାଗଶ୍ରୀ ଦଳାଇ, ସେହାଂଶୁ ରଣା ଆର୍‌ଜେ ସୋହମ ସାହୁ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ହାସଲ କରିଥିଲେ। ବିଦ୍ୟାଳୟ ପ୍ରଧାନଶିକ୍ଷକ ରବୀନ୍ଦ୍ର କୁମାର ସେନାପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାକୁ ବିଦ୍ୟାଳୟ ପରିଚାଳନା କମିଟି ସମ୍ପାଦକ ବିଜନ ଧଳ ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ପାଣିକୋଇଲି ମା' ତାରିଣୀ ମହାବିଦ୍ୟାଳୟର ପ୍ରାଣୀ ବିଜ୍ଞାନ ବିଭାଗ ଅଧ୍ୟାପକ ସୁଶାନ୍ତ କୁମାର ପଣ୍ଡା, ମୁଖ୍ୟବକ୍ତାଭାବେ ସେବା ନିବୃତ ପ୍ରଧାନଶିକ୍ଷକ ଅର୍ଜୁନ ଚନ୍ଦ୍ର ସାହୁ ଏବଂ ସମ୍ମାନିତ ଅତିଥିଭାବେ ଡାକ୍ତର ନିର୍ମଳ ରଥ ଯୋଗଦେଇଥିଲେ। ଅତିଥିଙ୍କ ଦ୍ୱାରା କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।


ସୁଭାଷ ବୋଷ ଇଂଲିଶ ମିଡିୟମ ସ୍କୁଲ ବିଜ୍ଞାନମେଳାରେ ପୁରସ୍କୃତ ହୋଇଥିବା ଛାତ୍ରୀଛାତ୍ର ।

# ଇମ୍ଫାର ସୁକିନ୍ଦା, ମହାଗିରି ଖଣିରେ ସୁରକ୍ଷା ସପ୍ତାହ



କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ଅତିଥି ଓ ଅଧିକାରୀମାନେ ।

କାଳିଆପାଣି,୧୨।୧୧(ଅସିତ ମହାନ୍ତ):

ଇମ୍ଫା କମ୍ପାନୀର ସୁକିନ୍ଦା ଓ ମହାଗିରି ଖଣିରେ ଖଣି ସୁରକ୍ଷା ସପ୍ତାହ ଦିବସ ପାଳିତ ହୋଇଯାଇଛି। ସୋମବାର ସକାଳୁ ମହାଗିରି ଖଣିରେ ଖଣି ମୁଖ୍ୟ ସନ୍ଦୀପ ବାପୁରାଓଜୀ ନାରାଡେ ଓ ସୁକିନ୍ଦା ଖଣିରେ ବରିଷ୍ଠ ପରିଚାଳକ ଲଲାଟେନ୍ଦୁ ମହାପାତ୍ର ସୁରକ୍ଷା ପତାକା ଉତ୍ତୋଳନ କରିଥିଲେ। ଏଥିସହିତ ଉପସ୍ଥିତ ସମସ୍ତ କର୍ମଚାରୀଙ୍କୁ ଶପଥ ପାଠ କରାଇଥିଲେ। ଆବାହକ ନିହାର ମିତ୍ରଙ୍କ ନେତୃତ୍ୱରେ ଏକ ଟିମ୍ ମହାଗିରି ଖଣି ପରିଦର୍ଶନ କରିଥିବାବେଳେ ଆବାହକ ଅରୁଣ ଦୀପ ଭଟ୍ଟାଚାର୍ଯ୍ୟଙ୍କ ନେତୃତ୍ୱରେ ଅନ୍ୟ ଏକ ଟିମ ସୁକିନ୍ଦା ଖଣି ପରିଦର୍ଶନ କରିଥିଲେ। ଖଣି ପରିସରରେ କମ୍ପାନୀ କର୍ମଚାରୀ, ସ୍ଥାନୀୟ ସ୍କୁଲ୍ ଛାତ୍ରୀଛାତ୍ରଙ୍କ ଦ୍ୱାରା ଖଣି ସୁରକ୍ଷା ସମ୍ବନ୍ଧୀୟ ବିଭିନ୍ନ ପ୍ରକଳ୍ପ, ଶ୍ଳୋଗାନ ପ୍ରଦର୍ଶିତ ହୋଇଥିଲା।

ସନ୍ଧ୍ୟାରେ ଆୟୋଜିତ ଏକ ସଭାରେ ଭୁବନେଶ୍ୱର ରିଜିୟନ ଖଣି ସୁରକ୍ଷା ନିର୍ଦ୍ଦେଶକ କ୍ରିଷ୍ଟେନ୍ଦୁ ମଣ୍ଡଳ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଉପଖଣି ସୁରକ୍ଷା ନିର୍ଦ୍ଦେଶକ ହରି ପ୍ରସାଦ ସମ୍ମାନିତ ଅତିଥିଭାବେ ଯୋଗଦେଇ କର୍ମଚାରୀମାନଙ୍କୁ ସୁରକ୍ଷା ସମ୍ପର୍କିତ ବିଭିନ୍ନ ଉପଦେଶ ଦେଇଥିଲେ। ସୁରକ୍ଷା ସମ୍ବନ୍ଧୀୟ ବିଭିନ୍ନ ପ୍ରକଳ୍ପ ଓ ଚିତ୍ରକଳାରେ ଭାଗ ନେଇଥିବା ଛାତ୍ରୀଛାତ୍ର ଏବଂ କର୍ମଚାରୀମାନଙ୍କୁ ପୁରସ୍କୃତ କରାଯାଇଥିଲା। କମ୍ପାନୀର ଲୋକସମ୍ପର୍କ ପରିଚାଳକ ମିଳନ ରଞ୍ଜନ କର ଓ ଲେଲିନ ମହାପାତ୍ର ସଭା ପରିଚାଳନା କରିଥିଲେ। ସୁକିନ୍ଦା ଖଣି ପରିଚାଳକ ସରୋଜ ମହାନ୍ତ ସ୍ୱାଗତ ଭାଷଣ ଦେଇଥିବାବେଳେ ମହାଗିରୀ ଖଣି ପରିଚାଳକ ରାଜେଶ ରାମଧର ଶର୍ମା ଧନ୍ୟବାଦ ଦେଇଥିଲେ।

# ବୋଇତ ବନ୍ଦାଣ ପାଇଁ ମଠ, ମନ୍ଦିର, ପୁଷ୍କରିଣୀ ସଫେଇ


ସ୍ୱେଚ୍ଛାସେବୀମାନେ ମନ୍ଦିର ପରିସର ସଫେଇ କରୁଛନ୍ତି ।

ବ୍ରହ୍ମବରଦା,୧୨।୧୧(ଯଯାତି କେଶରୀ ବେହେରା):

ବୋଇତ ବନ୍ଦାଣ ପାଇଁ ରସୁଲପୁର ବ୍ଲକ୍ ଅନ୍ତର୍ଗତ ବ୍ରହ୍ମବରଦା ପଞ୍ଚାୟତରେ ମଠ, ମନ୍ଦିର ଓ ପୁଷ୍କରିଣୀ ସଫେଇ କରାଯାଇଛି। ସ୍ଥାନୀୟ ଯୁବଗୋଷ୍ଠୀ ବ୍ରହ୍ମବରଦା ସ୍ଥିତ ଚଣ୍ଡିମନ୍ଦିର ନିକଟରେ ଥିବା ବଦ୍ରିକା ଆଶ୍ରମରେ ସଫେଇ କାର୍ଯ୍ୟ କରିଛନ୍ତି। ରୟାଲ କମ୍ପ୍ୟୁଟର ଏକାଡେମୀର ମାଲିକ ନିଶିକାନ୍ତ ସାମଲ, ଶିକ୍ଷକ ଇତିଶ୍ରୀ ପାଣ୍ଡେ, ରଶ୍ମୀତା ସାହୁଙ୍କ ସମେତ ସମସ୍ତ ଛାତ୍ରୀଛାତ୍ର ଏକତ୍ରିତ ହୋଇ ଆଶ୍ରମ ପରିସରକୁ ପରିଷ୍କାର ଓ ପରିଚ୍ଛନ୍ନ କରିଥିଲେ। ଏହି କାର୍ଯ୍ୟକ୍ରମରେ ମଠାଧିଶ ରେବତୀ ପାଢ଼ୀ, ବିଷ୍ଣୁଚରଣ ଓଝା, ବିଶ୍ୱଜିତ ଓଝା, ଆରିୟାନ ଓଝା, ଶୁଶାନ୍ତ ଓଝା ପ୍ରମୁଖ ଛାତ୍ରୀଛାତ୍ର ସହଯୋଗ କରିଥିଲେ। ସେହିପରି ଡିଅସାହି ଗ୍ରାମରେ ମଧ୍ୟ ସଫେଇ କାର୍ଯ୍ୟକ୍ରମ କରାଯାଇଛି। ଗ୍ରାମର ସ୍ୱେଚ୍ଛାସେବୀ ସଂଗଠନ ଉତ୍କଳ ଗୌରବ ସେବା ସଂସଦର ସଭ୍ୟମାନେ ଗ୍ରାମର ପ୍ରମୁଖ ରାସ୍ତାରୁ ଅଳିଆ ଆର୍ବଜନା ସଫା କରିବା ସହିତ ଗ୍ରାମରେ ଥିବା ଦଳଭର୍ତ୍ତି ପୋଖରୀକୁ ସଫା କରିଥିଲେ। ସଂଗଠନର ଉପଦେଷ୍ଟା ପ୍ରଦୀପ ଦାସ, ରାକେଶ ଦେଓ, ସଭାପତି ଜିତେନ୍ଦ୍ର ସାହୁ, ସମ୍ପାଦକ ନିରାକାର ବେହେରା, ଉପସଭାପତି ନିତ୍ୟାନନ୍ଦ ରାଉତ, ସହସମ୍ପାଦକ ମହେଶ ବେହେରା, କୋଷାଧ୍ୟକ୍ଷ ପ୍ରଭାତ ଘଡ଼େଇ, ପପୁନି ବେହେରା, ଫିନୁ ବେହେରା, ଚୈତନ୍ୟ ଜେନା ଓ ପଙ୍କଜ ବେହେରାଙ୍କ ସହ ଅନ୍ୟ ସଦସ୍ୟମାନେ ଉପସ୍ଥିତ ରହି ସହଯୋଗ କରିଥିଲେ।

# ଅଖିଳଚକ୍ର ପକ୍ଷରୁ ମହାପୁରୁଷ ସ୍ମୃତିରକ୍ଷା ଅଭିଯାନ

ଯାଜପୁର,୧୨।୧୧(ହର୍ଷବର୍ଦ୍ଧନ ବେହେରା) :



ଦେଶର ବିକାଶ ସହିତ ଆଦର୍ଶଗୁଡିକୁ ଉଦ୍ଜ୍ୱୀବିତ କରା ନ ଗଲେ ଦେଶ ଓ ଜାତି ଉନ୍ନତ ହୋଇ ପାରିବ ନାହିଁ। ଏଥିପାଇଁ ଯାଜପୁର ଜିଲାରେ ବିଭିନ୍ନ ଶୈକ୍ଷିକ ଓ ସାଂସ୍କୃତିକ ପୀଠରେ ଚଳିତ ବର୍ଷ ଆରମ୍ଭରୁ ଅଖିଳଚକ୍ର ପକ୍ଷରୁ ମହାପୁରୁଷମାନଙ୍କ ପ୍ରତିମୂର୍ତ୍ତି ପ୍ରତିଷ୍ଠା କରାଯିବାରେ ଲାଗିଛି। ମଙ୍ଗଳବାର ମଇଁଦା ଲେଙ୍କାସାହିସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରଠାରେ ଅଖିଳଚକ୍ର ପକ୍ଷରୁ ରବୀନ୍ଦ୍ର ପରିଡ଼ାଙ୍କ ସଭାପତିତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରତିଷ୍ଠାତା ସମ୍ପାଦକ ହରେକୃଷ୍ଣ ପଣ୍ଡା ଯୋଗଦେଇ ଚଳିତ ବର୍ଷ ଯାଜପୁର, ବିଞ୍ଝାରପୁର ଓ ରାଜକନିକା ବ୍ଲକର ବିଭିନ୍ନ ସ୍ଥାନରେ ମହାତ୍ମା ଗାନ୍ଧୀ, ରାଧାନାଥ ରାୟ, କବିତିଳକ ଅଭିମନ୍ୟୁ ସାମନ୍ତସିଂହାର, ସ୍ୱଭାବ କବି ଗଙ୍ଗାଧର ମେହେର, ପଣ୍ଡିତ ଗୋପବନ୍ଧୁ ଦାସ, ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଓ ସ୍ୱାଧୀନତା ସଂଗ୍ରାମୀ ଶ୍ରୁତି ବିଶ୍ୱାଳଙ୍କ ପ୍ରତିମୂର୍ତ୍ତି ପ୍ରତିଷ୍ଠାର ବିବରଣୀ ପ୍ରକାଶ କରିଥିଲେ। ଚଳିତ ମାସରେ ମଇଁଦାଠାରେ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତି ପ୍ରତିଷ୍ଠା କରାଯିବ ବୋଲି କହିଥିଲେ। ସହସମ୍ପାଦକ ଗୌରାଙ୍ଗ ସ୍ୱାଇଁ ଚଳିତ ମାସରେ ବରୁଣେଶ୍ୱର କ୍ଷେତ୍ରରେ ପ୍ରତିବର୍ଷ ଭଳି ବୋଇତ ବନ୍ଦାଣ ଉତ୍ସବ ଆୟୋଜନ ନିମନ୍ତେ ଆଲୋଚନା କରିଥିଲେ। ସଂଗଠକ ପୀତାମ୍ବର ସ୍ୱାଇଁ ଅଖିଳଚକ୍ର ଅନୁଷ୍ଠାନ ଓଡ଼ିଆ ଅସ୍ମିତା ନିମନ୍ତେ କାର୍ଯ୍ୟ କରି ଚାଲିବ ବୋଲି କହିଥିଲେ। ଶିଶୁ ମନ୍ଦିରର ପ୍ରଧାନ ଆଚାର୍ଯ୍ୟ ନୀଳାଦ୍ରୀବିହାରୀ ଷଡ଼ଙ୍ଗୀ , ସଦସ୍ୟ ଶାନ୍ତାକାର ବେଉରିଆ ପ୍ରମୁଖ ବିଭିନ୍ନ ପ୍ରସ୍ତାବ ଆଗତ କରିଥିଲେ।

# ସର୍ବଭାରତୀୟ ଟିକସ ଓକିଲ ସଂଘର ପ୍ରତିଷ୍ଠା ଦିବସ

ଯାଜପୁରରୋଡ୍,୧୨।୧୧(ପବିତ୍ର ରଞ୍ଜନ ମହାନ୍ତି):

ସର୍ବଭାରତୀୟ ଟିକସ ଓକିଲ ସଂଘର ୪୮ତମ ପ୍ରତିଷ୍ଠା ଦିବସ ଯାଜପୁର ଜିଲା ତରଫରୁ ବ୍ୟାସନଗରସ୍ଥ ହରେକୃଷ୍ଣ ଭବନରେ ପାଳିତ ହୋଇଯାଇଛି। ଜିଲା ଟିକସ ଓକିଲ ସଂଘ ସଭାପତି ବିବେକାନନ୍ଦ ମହାନ୍ତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ଉପସଭାପତି ଧନେଶ୍ୱର ବାରିକ, ସମ୍ପାଦକ ଜ୍ଞାନେନ୍ଦ୍ର ନାୟକ, ପୂର୍ବତନ ସଭାପତି ମାନସ ରଞ୍ଜନ ସାମଲ, ହେମନ୍ତ କୁମାର ପଥାଳ, ଦିଲୀପ କୁମାର ମଲ୍ଲିକ, ଦେବେନ୍ଦ୍ର କୁମାର ପଣ୍ଡା, ଦିଲୀପ କୁମାର ନାୟକ, ରମାକାନ୍ତ ଚୌହାନ ଓ ପ୍ରବୀର କୁମାର ରାଉତ ପ୍ରମୁଖ ଯୋଗଦେଇ ଉତ୍ସବ ପାଳନ କରିଥିଲେ।

# ଶ୍ରୀଅରବିନ୍ଦ ପାଠଚକ୍ର ଆନ୍ଦୋଳନ

ଯାଜପୁର,୧୨।୧୧ (ହର୍ଷବର୍ଦ୍ଧନ ବେହେରା) :

ଓଡିଶାରେ ଶ୍ରୀଅରବିନ୍ଦ ପାଠଚକ୍ର ଆନ୍ଦୋଳନର ଏବଂ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ର ପ୍ରତିଷ୍ଠା କରିବାରେ ଅଧ୍ୟାପକ କାଳିନ୍ଦି ଚରଣ ପ୍ରପତିଙ୍କ ଭୂମିକା ଚିର ସ୍ମରଣୀୟ ହୋଇ ରହିବ । ବିଞ୍ଝାରପୁର ନିକଟସ୍ଥ ନାଉପାଳ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରଠାରେ ପଣ୍ଡିଚେରୀର ଶ୍ରୀଅରବିନ୍ଦ ଆଶ୍ରମର ସାଧକ ଅଧ୍ୟାପକ ପ୍ରପତିଙ୍କ ଜନ୍ମ ଶତବାର୍ଷିକ ପାଳନ ଅବସରରେ ଅନୁଷ୍ଠିତ ଆଲୋଚନାଚକ୍ରରେ ଏହି ମତପ୍ରକାଶ ପାଇଛି। ପ୍ରାଧ୍ୟାପକ ଚତୁର୍ଭୂଜ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅଧ୍ୟାପକ ପ୍ରପତି ଶିକ୍ଷା ଓ ଯୋଗ ସମ୍ପର୍କୀୟ ଅସଂଖ୍ୟ ପୁସ୍ତକ ରଚନା କରିବା ସହିତ ଓଡିଶାରେ ପାଠଚକ୍ର ଆନ୍ଦୋଳନର କର୍ଣ୍ଣଧାର ସାଜିଥିଲେ। ପଣ୍ଡିଚେରୀ ଶ୍ରୀଅରବିନ୍ଦ ଆନ୍ତର୍ଜାତିକ ଶିକ୍ଷା କେନ୍ଦ୍ରର ଶିକ୍ଷକ ମଧୁସୂଦନ ମହପାତ୍ର ମୁଖ୍ୟବକ୍ତା ଭାବେ ଯୋଗ ଦେଇ ପ୍ରପତିଙ୍କ ଜୀବନ, ଦର୍ଶନ, ଓ ତାଙ୍କର କାର୍ଯ୍ୟବଳୀ ସମ୍ପର୍କରେ ବର୍ଣ୍ଣନା କରିବା ସହିତ ଭବିଷ୍ୟତରେ ଶ୍ରୀଅରବିନ୍ଦଙ୍କ ପୂର୍ଣ୍ଣାଙ୍ଗ ଶିକ୍ଷା ହିଁ ଦେଶରେ ଗ୍ରହଣ କରାଯିବ ବୋଲି କହିଥିଲେ। ସ୍ୱାଧୀନତା ପୂର୍ବରୁ ଏହି ଶିକ୍ଷାକୁ ଶ୍ରୀଅରବିନ୍ଦ ଜାତୀୟ ଶିକ୍ଷା ଭାବେ ପ୍ରଚଳନ କରିବାକୁ କହିଥିଲେ। ଶିକ୍ଷାନୁଷ୍ଠାନର ପରିଚାଳନା କମିଟିର ସଭାପତି ରବି ପ୍ରସାଦ ସାମଲ ସ୍ୱାଗତ ଭାଷଣ ଦେଇଥିଲେ। ଶିକ୍ଷା କେନ୍ଦ୍ରର ପିଲାମାନେ ମାତୃସଙ୍ଗୀତ ଗାନ କରିଥିଲେ। ଜିଲାର ବହୁ ବିଶିଷ୍ଟ ବ୍ୟକ୍ତି, ଶିକ୍ଷାବିତ ଓ ଶିକ୍ଷକ ତଥା ଛାତ୍ରୀ ଛାତ୍ର ମାନେ ଯୋଗ ଦେଇଥିଲେ। ପ୍ରାକ୍ତନ ଅଧ୍ୟକ୍ଷ ଅଜୟ କୁମାର ସାମଲ ଧନ୍ୟବାଦ ଅର୍ପଣ କରିଥିଲେ।


କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି ଓ ଛାତ୍ରୀଛାତ୍ର ।

# ଘର ରାସ୍ତାରେ ବିଦ୍ୟାଳୟ ପାଚେରି ନିର୍ମାଣ

- ବନ୍ଦୀ ଜୀବନ ବିତାଉଛନ୍ତି ପରିବାର ଲୋକ
- ଜିଲାପାଳ, ଆରକ୍ଷୀ ଅଧୀକ୍ଷକଙ୍କ ନିକଟରେ ଅଭିଯୋଗ

ରସୁଲପୁର,୧୨।୧୧(ରଞ୍ଜିତ ରାଉତ):

ରସୁଲପୁର ବ୍ଲକ ଅନ୍ତର୍ଗତ ସାମନ୍ତରାପୁର ପଞ୍ଚାୟତ କୁଲୁଗାଁର ରବିନ୍ଦ୍ର ସେନାପତିଙ୍କ ଘରକୁ ସଂଯୋଗ କରୁଥିବା ରାସ୍ତା ଉପରେ ବିଦ୍ୟାଳୟ ପାଚେରୀ ନିର୍ମାଣ ହୋଇଛି । ପରିବାର ଲୋକଙ୍କ ଯାତାୟତରେ ବାଧା ସୃଷ୍ଟି ହୋଇଥିବାରୁ ସେମାନେ ବନ୍ଦୀ ଜୀବନ ବିତାଉଛନ୍ତି । ଉକ୍ତ ସମସ୍ୟାକୁ ନେଇ ପରିବାର ପକ୍ଷରୁ ଯାଜପୁର ଜିଲାପାଳ, ଆରକ୍ଷୀ ଅଧୀକ୍ଷକଙ୍କୁ ଅଭିଯୋଗ କରାଯାଇ ନ୍ୟାୟ ଭିକ୍ଷା କରିଛନ୍ତି। ସର୍ବସାଧାରଣ ରାସ୍ତା ଉପରେ ବିଦ୍ୟାଳୟ ପରିଚାଳନା ସମିତି ଓ ରାଜନୈତିକ ବ୍ୟକ୍ତିମାନେ ଜୋରଜବରଦସ୍ତ ପାଚେରୀ ନିର୍ମାଣ କରିଦେଇ ପରିବାର ଲୋକଙ୍କୁ ବନ୍ଦୀ ଜୀବନ ବିତାଇବାକୁ ବାଧ କରିଛନ୍ତି। ଏତାଦୃଶା କାର୍ଯ୍ୟକଳାପରେ ତାଙ୍କ ପରିବାରକୁ ସାମାଜିକ ବାସନ୍ଦ କରାଯାଇଛି ବୋଲି ରବିନ୍ଦ୍ର ଅଭିଯୋଗ କରୁଛନ୍ତି। ତାଙ୍କ ଅଭିଯୋଗକୁ ଜିଲା ପ୍ରଶାସନ ପକ୍ଷରୁ ଗୁରୁତ୍ୱ ଦିଆ ନ ଗଲେ ସେ ଆଇନର ଆଶ୍ରୟ ନେବା ସହ ଆବଶ୍ୟକ ପଡିଲେ ଆତ୍ମାହୁତି ଦେବେ ବୋଲି ଚେତାବନୀ ଦେଇଛନ୍ତି।

ଅଭିଯୋଗ ଅନୁଯାୟୀ,୨୦୧୨ ମସିହାରୁ ରବିନ୍ଦ୍ର ପରିବାର ପ୍ଲଟ ନଂ-୩୬୬(ଘରୋଇ ଜମି) ଉପରେ ଘର ନିର୍ମାଣ କରିଛନ୍ତି । ଏହି ରାସ୍ତା ଉପରେ ତାଙ୍କ ପରିବାର ସମେତ ଗାଁ ଲୋକେ ଯିବା ଆସିବା କରୁଥିଲେ । ଉକ୍ତ ରାସ୍ତାକୁ ଗାଁର କେତେଜଣ ଖଳପ୍ରକୃତିର ଲୋକ ଉଦ୍ଦେଶ୍ୟମୂଳକ ଭାବେ ଅବରୋଧ କରିଦେଇଛନ୍ତି । ବ୍ୟକ୍ତିଗତ ଆକ୍ରୋଶରୁ ବିଦ୍ୟାଳୟ ପାଚେରୀକୁ ଆଳ କରି ତାଙ୍କୁ ସାମାଜିକ ବାସନ୍ଦ କରିଦିଆଯାଇଛି । ଯାତାୟତ ହେଉଥିବା ରାସ୍ତାଟି ପ୍ଲଟ ନମ୍ବର ୩୬୨ ଓ ୩୬୩ର ପଶ୍ଚିମ ତରଫ ଏକମାତ୍ର ସରକାରୀ ରାସ୍ତା ରହିଥିଲା। ଉକ୍ତ ରାସ୍ତା ଦେଇ ତାଙ୍କ ପରିବାର ଲୋକେ ଯାତାୟତ କରିଆସୁଥିଲେ। ୧୨ବର୍ଷ ଧରି ଯାତାୟତ କରୁଥିବା ସରକାରୀ ରାସ୍ତାକୁ ମଡାଇ ବିଦ୍ୟାଳୟ ପାଚେରୀ ନିର୍ମାଣ କରିଦିଆଯାଇଥିବାରୁ ସେହି ଯାତାୟତ ରାସ୍ତା ଅବରୋଧ ହୋଇଯାଇଛି । ଉକ୍ତ ରାସ୍ତା ଅବରୋଧ ହୋଇଯାଇଥିବାରୁ ତାଙ୍କ ପରିବାର ଲୋକମାନେ ବାହାରକୁ ବାହାରି ପାରୁନାହାନ୍ତି । ଏଭଳି ସ୍ଥିତିରେ ତାଙ୍କ ପରିବାର ଲୋକେ ମାନସିକ ଚାପରେ ଦିନ କାଟୁଛନ୍ତି । ଏହି ଘଟଣାକୁ ନେଇ ତଦନ୍ତ କରାଯାଇ ତାଙ୍କୁ ନ୍ୟାୟ ପ୍ରଦାନ କରିବାକୁ ସେ ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଆସୁଛନ୍ତି । ଏହି ଘଟଣା ଘଟିବାକୁ ମାସେରୁ ଊର୍ଦ୍ଧ୍ୱ କାଳ ବିତିଗଲାଣି । ଏଯାଏଁ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନ ଥିବାରୁ ଅଭିଯୋଗକାରୀ ଆଇନର ଆଶ୍ରୟ ନେବାକୁ ସଜବାଜ ହେଉଥିବା ସୂଚନା ମିଳିଛି ।


ଘର ରାସ୍ତାରେ ନିର୍ମାଣ କରାଯାଇଥିବା ପ୍ରାଚୀର ।

# ଆଳୁ ଉତ୍ପାଦନ ବୃଦ୍ଧି ପାଇଁ ଚାଷୀଙ୍କୁ ପ୍ରୋତ୍ସାହିତ କରାଯାଉ

ଜଗତ୍‌ସିଂହପୁର, ୧୨।୧୧ (ପ୍ରମୋଦ କୁମାର ନାୟକ)



ଶିବିରରେ ଯୋଗଦେଇଥିବା ଅତିଥି ଓ ଅନ୍ୟମାନେ।

ଓଡ଼ିଶାରେ ଆଳୁ ସଙ୍କଟକୁ ନେଇ ବିଭିନ୍ନ ସମୟରେ ତୁମ୍ଭିତୋଫାନ ହେଉଛି। ବିଗତ ରାଜ୍ୟ ସରକାରଙ୍କ ଅମଳରେ ଆଳୁ ମିଶନ ଫେଲ୍ ଯୋଗୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା ଅନେକ ସମୟରେ ଅଭିଯୋଗ ହୋଇଛି। କିନ୍ତୁ କୌଣସି ପ୍ରତିକାର ହୋଇପାରିନାହିଁ। ଏ ପରିସ୍ଥିତିରେ ନୂଆ ଭାଜପା ସରକାର ଓଡ଼ିଶାରେ ଆଳୁ ଉତ୍ପାଦନ ବୃଦ୍ଧି ପାଇଁ ପଦକ୍ଷେପ ନେଉଛନ୍ତି। ରାଜ୍ୟରେ ୫୮ ସବ୍‌ଡିଭିଜନରେ ଶୀତଳ ଭଣ୍ଡାର କରିବାକୁ ନିଷ୍ପତ୍ତି ହୋଇଛି। ସେଥିମଧ୍ୟରୁ ଜଗତ୍‌ସିଂହପୁର ବ୍ଲକରେ ଗୋଟିଏ ଶୀତଳ ଭଣ୍ଡାର ହେବ ବୋଲି ସ୍ଥିର ହୋଇଛି। ଜିଲାପାଳ ଜମି ଚିହ୍ନଟ ସାରି ରିପୋର୍ଟ ଦେବା ପରେ ଶୀତଳ ଭଣ୍ଡାର କାମ ପାଇଁ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି କୁହାଯାଉଛି। ଏ ପରିସ୍ଥିତିରେ ଜଗତ୍‌ସିଂହପୁର ଜିଲାରେ ଚଳିତବର୍ଷ କିପରି ଅଧିକ ପରିମାଣରେ ଆଳୁ ଉତ୍ପାଦନ ହେବ ତା'ଉପରେ ଗୁରୁତ୍ୱ ଦିଆଯାଉଛି। ମଙ୍ଗଳବାର ସ୍ଥାନୀୟ ଆଦିକବି ଶାରଳା ଦାସ ସଂସ୍କୃତି ଭବନ ପରିସରରେ ରବି ଋତୁରେ ଆଳୁ ଚାଷ ସମ୍ବନ୍ଧୀୟ ଉଦ୍ୟାନ କୃଷି କର୍ମଶାଳା, ବ୍ଲକସ୍ତରୀୟ ଦକ୍ଷତା ବିକାଶ ଓ ପ୍ରଶିକ୍ଷଣ ଶିବିରରେ ଜଗତ୍‌ସିଂହପୁର ବିଧାୟକ ଅମରେନ୍ଦ୍ର ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହା କହିଛନ୍ତି। ସେ କହିଥିଲେ, ଅତୀତରେ କେତେଜଣ ଚାଷୀ କେତେ ଏକର ବିଲରେ ଆଳୁ ଚାଷ କରିଥିଲେ ଏବଂ ସେମାନଙ୍କୁ ବିହନରେ କେତେ ଟଙ୍କାର ରିହାତି ଦିଆଯାଇଥିଲା ସେ ସମ୍ପର୍କିତ ତଥ୍ୟ ବିଭାଗ ପାଖରେ ଅଛି। କିନ୍ତୁ କେତେ ଅମଳ ହୋଇଥିଲା ତାହା ନାହିଁ। ଏଣିକି କେତେ ଅମଳ ହେଲା ତାହା ଦର୍ଶାଯାଉ। ଏହା ହୋଇପାରିଲେ ଚାଷୀ ଲାଭବାନ ହେଲେ କି କ୍ଷତିରେ ପଡ଼ିଲେ ତାହା ଜାଣିହେବ। ଅତୀତରେ ବିଭିନ୍ନ କାରଣରୁ ଚାଷୀ ନିରାଶ ହୋଇଥିବାରୁ ଏବେ ସେମାନଙ୍କୁ ଲାଭ ଦିଆଯିବାର ପ୍ରତିଶ୍ରୁତି ଦେଲେ ସେମାନେ ଆଳୁ ଚାଷ ଆଡ଼କୁ ପ୍ରୋତ୍ସାହିତ ହେବେ ବୋଲି ବିଧାୟକ କହିଥିଲେ। ସହକାରୀ ଉଦ୍ୟାନ କୃଷି ନିର୍ଦ୍ଦେଶକ (ଏଡିଏଚ୍) ଅନିଲ କୁମାର ସେଠୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲା ପରିଷଦ ସଭାପତି ମନୋଜ କୁମାର ଭୋଇ ମୁଖ୍ୟବକ୍ତା ଭାବେ ଯୋଗଦେଇ ସମନ୍ୱିତ ଚାଷ ଉପରେ ଗୁରୁତ୍ୱାରୋପ କରିଥିଲେ। ଏଥିସହ ଆଳୁ ଉତ୍ପାଦନ ବୃଦ୍ଧି ପାଇଲେ ତାହା କିପରି ସହଜରେ ମାର୍କେଟିଂ କରିହେବ ତା'ଉପରେ ସରକାରୀସ୍ତରରେ ଉଦ୍ୟମ ହେବା ଉଚିତ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଦେବାଶିଷ ପଣ୍ଡା, ପ୍ରଦୀପ୍ତ କୁମାର ମାଝି, ରବୀନ୍ଦ୍ର ପ୍ରଧାନଙ୍କ ସମେତ ମିଶନ ଶକ୍ତି ଡିପିସି ମୋନାଲିସା ଭଞ୍ଜ ଓ ଜଗତ୍‌ସିଂହପୁର ବ୍ଲକ ଉପାଧ୍ୟକ୍ଷ ରତିକାନ୍ତ ବେହେରା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅଗ୍ରଣୀ ମହୁ ଚାଷୀ ଅଶୋକ କୁମାର ଷଡ଼ଙ୍ଗୀ ଓ ମସ୍ରୁମ୍ ଫେଡେରେଶନର ଉପସଭାପତି ସାରଦା ପ୍ରସନ୍ନ ରାୟ ଯୋଗଦେଇ ଉପସ୍ଥିତ ଚାଷୀଙ୍କୁ ନିଜର ଅନୁଭୂତିକୁ ନେଇ ଅନେକ ଉପାଦେୟ ପରାମର୍ଶ ଦେଇଥିଲେ। ଏ ସମ୍ପର୍କରେ ଏଡିଏଚ୍ ସେଠୀ କହିଛନ୍ତି, ଆଲୋଚନାରେ ବିଶେଷକରି ଆଳୁ ଚାଷର ଟାର୍ଗେଟ୍, ବିହନ ଯୋଗାଣ ଓ ଚାଷୀ ଚୟନ ଉପରେ ଗୁରୁତ୍ୱ ଦିଆଯାଇଥିଲା। ଚଳିତବର୍ଷ ଜିଲାରେ ୧୫୦ ହେକ୍ଟର ଆଳୁ ଚାଷ ପାଇଁ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି। ସେଥିମଧ୍ୟରୁ ବିରିଡ଼ି ବ୍ଲକରେ ୩୦ ହେକ୍ଟର, କୁଜଙ୍ଗ ୩୫, ବାଲିକୁଦା ୧୫, ଜଗତ୍‌ସିଂହପୁର ୧୫, ନାଉଗାଁ ୧୫, ତିର୍ତ୍ତୋଲ ୧୫, ରଘୁନାଥପୁର ୧୫ ଓ ଏରସମାରେ ୧୦ ହେକ୍ଟର ଜମିରେ ଏହି ଚାଷ କରିବାକୁ ସ୍ଥିର କରାଯାଇଛି। ବିଗତ ବର୍ଷଗୁଡ଼ିକରେ ଆଳୁ ବିହନ ଆସିବାରେ ବିଳମ୍ବ ହେଉଥିଲା। କିନ୍ତୁ ଚଳିତବର୍ଷ ୧୯୫୦ କୁଇଣ୍ଟାଲ କୁଫ୍ରି ଚନ୍ଦ୍ରମୁଖୀ ଭେରାଇଟିର ସାର୍ଟିଫାଏଡ୍ ବିହନ ଆଗୁଆ ପହଞ୍ଚିଛି। ସରକାରୀ ଭାବେ ବିହନ କିଲୋଗ୍ରାମ ପ୍ରତି ଦର ୪୨.୮୬ ଟଙ୍କା ଥିବାବେଳେ ସରକାର ୨୦ ଟଙ୍କା ଦରରେ ଏହାକୁ ଚାଷୀଙ୍କୁ ବିକ୍ରି କରୁଛନ୍ତି। ପରବର୍ତ୍ତୀ ସମୟରେ ଚାଷୀଙ୍କ ଆକାଉଣ୍ଟକୁ ମଧ୍ୟ କିଲୋଗ୍ରାମ ପ୍ରତି ୧୦ ଟଙ୍କା ହିସାବରେ ରିହାତି ପଠାଇ ଦିଆଯାଉଛି। ଜଣେ ଚାଷୀ ସର୍ବନିମ୍ନ ୨୫ ଡିସିମିଲ ଓ ସର୍ବାଧିକ ୫୦ ଡିସିମିଲ ଜମିରେ ଆଳୁ ଚାଷ କରିବାକୁ ସୁଯୋଗ ଅଛି। ତେବେ ଚଳିତବର୍ଷ ୩ ହଜାରରୁ ୪ ହଜାର ମେଟ୍ରିକ ଟନ୍ ଆଳୁ ଉତ୍ପାଦନ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଏଥର ଅମଳ ବୃଦ୍ଧି ପାଇଁ ଫାର୍ମର ପ୍ରଡ୍ୟୁସର ଅର୍ଗାନାଇଜେସନ୍ ଓ ଏସ୍‌ଏଚ୍‌ଜିଗୁଡ଼ିକୁ ନେଇ କ୍ଲଷ୍ଟର ମାଧ୍ୟମରେ ଆଳୁ ଚାଷ କରିବାକୁ ଚିନ୍ତା କରାଯାଇଛି। ଏହି କ୍ଲଷ୍ଟର ଚୟନ ପ୍ରକ୍ରିୟା ଉଦ୍ୟାନ ବିଭାଗ କରିବ। ପ୍ରତି କ୍ଲଷ୍ଟରରେ ୨.୫ରୁ ୫ ଏକର ଚାଷ ଲକ୍ଷ୍ୟ ରଖାଯାଇଥିବା ଏଡିଏଚ୍ ସେଠୀ କହିଛନ୍ତି। କାର୍ଯ୍ୟକ୍ରମରେ ବିଭିନ୍ନ ବ୍ଲକର ବ୍ଲକ କୃଷି ଅଧିକାରୀ, ସହକାରୀ ଉଦ୍ୟାନ ଅଧିକାରୀ ଓ ସହକାରୀ କୃଷି ଯନ୍ତ୍ରୀଙ୍କ ସମେତ ଜଗତ୍‌ସିଂହପୁର ବ୍ଲକର ଚାଷୀମାନେ ଉପସ୍ଥିତ ଥିଲେ। ଶେଷରେ ଜଗତ୍‌ସିଂହପୁର ସହକାରୀ ଉଦ୍ୟାନ କୃଷି ଅଧିକାରୀ ବିନୋଦିନୀ ମାହାଲି ଧନ୍ୟବାଦ ଦେଇଥିଲେ।

**ଆଳୁ ଚାଷ ସମ୍ବନ୍ଧୀୟ ଉଦ୍ୟାନ କୃଷି କର୍ମଶାଳା**

- ଜଗତ୍‌ସିଂହପୁର ବ୍ଲକରେ ହେବ ସରକାରୀ ଶୀତଳ ଭଣ୍ଡାର
- ୧୫୦ ହେକ୍ଟର ବିଲରୁ ୪ ହଜାର ମେଟ୍ରିକ ଟନ୍ ଆଳୁ ଉତ୍ପାଦନ ଲକ୍ଷ୍ୟ

# ଶିକ୍ଷା କ୍ଷେତ୍ରରେ କଠୋର ପରିଶ୍ରମ କରି ଲକ୍ଷ୍ୟସ୍ଥଳରେ ପହଞ୍ଚିବାକୁ ଆହ୍ୱାନ

**ଏସ୍‌ଭିଏମ୍ ସ୍ୱୟଂଶାସିତ ମହାବିଦ୍ୟାଳୟ ରାଜନୀତି ବିଜ୍ଞାନ ବିଭାଗ**



ସ୍ୱାଗତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଉପସ୍ଥିତ ଶିକ୍ଷକ ଓ ଅନ୍ୟମାନେ।

ଜଗତ୍‌ସିଂହପୁର, ୧୨।୧୧ (ପ୍ରମୋଦ ନାୟକ)

ଜଗତ୍‌ସିଂହପୁର ସ୍ୱାମୀ ବିବେକାନନ୍ଦ ସ୍ମାରକ (ଏସ୍‌ଭିଏମ୍) ସ୍ୱୟଂଶାସିତ ମହାବିଦ୍ୟାଳୟ ରାଜନୀତି ବିଜ୍ଞାନ ବିଭାଗ ଦ୍ୱାରା ନବାଗତ ସ୍ନାତକ ଓ ସ୍ନାତକୋତ୍ତର ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ଏନେଇ ଅନୁଷ୍ଠିତ ଉତ୍ସବରେ ମହାବିଦ୍ୟାଳୟ ଅଧ୍ୟକ୍ଷ ନରେନ୍ଦ୍ର କୁମାର ଦାସ ପୌରୋହିତ୍ୟ କରିଥିଲେ। ଏହି ଅବସରରେ ୟୁଜି (ଅଣ୍ଡର ଗ୍ରାଜୁଏଟ୍) ଓ ପିଜି (ପୋଷ୍ଟ ଗ୍ରାଜୁଏଟ୍) ଦ୍ୱିତୀୟ ବର୍ଷ ସହ ଶେଷ ବର୍ଷର ଛାତ୍ରୀଛାତ୍ରମାନେ ସେମାନଙ୍କ ଛାତ୍ର ଜୀବନର ଅଭିଜ୍ଞତା ବଖାଣିଥିଲେ। ଏଥିସହ ନୂତନ ଛାତ୍ରୀଛାତ୍ରଙ୍କୁ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। କାର୍ଯ୍ୟକ୍ରମରେ ବିଭାଗୀୟ ମୁଖ୍ୟ ପ୍ରାଧ୍ୟାପକ ଅନନ୍ତ ଚରଣ ଆଚାର୍ଯ୍ୟ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଭଲ ମଣିଷ ହେବା ଓ ଶିକ୍ଷା କ୍ଷେତ୍ରରେ କଠୋର ପରିଶ୍ରମ କରି ନିଜ ଲକ୍ଷ୍ୟସ୍ଥଳରେ ପହଞ୍ଚିବାକୁ ପରାମର୍ଶ ଦେଇଥିଲେ। ବିଭାଗର ଅନ୍ୟତମ ବରିଷ୍ଠ ଅଧ୍ୟାପକ ତଥା ପ୍ରଶାସନିକ ମୁଖ୍ୟ ପ୍ରଶାନ୍ତ କୁମାର ବେହେରା ଛାତ୍ରୀଛାତ୍ରଙ୍କ ମଙ୍ଗଳ କାମନା ସହ ମହାବିଦ୍ୟାଳୟର ସୁନାମ ଅର୍ଜନ ପାଇଁ ପରାମର୍ଶ ଦେଇଥିଲେ। ସେହିଭଳି ପୂର୍ବତନ ଅଧ୍ୟକ୍ଷା ବନ୍ଦିତା ଦାସ ଓ ସ୍ନାତକୋତ୍ତର ଶ୍ରେଣୀର ଅଧ୍ୟାପକ ଡ. ରତ୍ନାକର ରାୟ ମହାବିଦ୍ୟାଳୟରେ ଛାତ୍ର ଜୀବନର ଗୁରୁତ୍ୱ ଉପରେ ଆଲୋଚନା କରିଥିଲେ। ବିଭାଗର ଅନ୍ୟ ସମସ୍ତ ଅଧ୍ୟାପକ ଡ. ମନୋଜ ମିଶ୍ର, ଡ. ଶୁଭଶ୍ରୀ ପଟ୍ଟନାୟକ, ଅମିତାଭ ସ୍ୱାଇଁ, ଜିତୁ ପ୍ରସାଦ ମଲ୍ଲିକ, ଶୁଭଶ୍ରୀ ନାୟକ ଓ ସୁଶ୍ରୀ ସୁମନ ଦାଶ ପ୍ରମୁଖ ଉକ୍ତ ସଭାକୁ ପରିଚାଳନା କରିବା ସହ ନବାଗତ ଛାତ୍ରୀଛାତ୍ରଙ୍କୁ ସୁଚିନ୍ତିତ ପରାମର୍ଶ ଦେଇଥିଲେ। ଶେଷରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ନୃତ୍ୟ ଓ ଗୀତ ପରିବେଷିତ ହୋଇଥିଲା।

# ବର୍ଜ୍ୟରୁ ବାୟୋଗ୍ୟାସ୍ ଉତ୍ପାଦନ ପାଇଁ ଚୁକ୍ତି



ଚୁକ୍ତି ସ୍ୱାକ୍ଷର ଅବସରରେ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ, ପ୍ରଶାସନ ଓ କମ୍ପାନୀ ଅଧିକାରୀମାନେ।

ପାରାଦୀପ, ୧୨।୧୧ (ଶରତ ରାଉତ)

**ଏନ୍‌ଆଇଟିକେ-ପାରାଦୀପ ପୌରପରିଷଦର ବୁଝାମଣା**

ପାରାଦୀପ ପୌରାଞ୍ଚଳରୁ ବାହାରୁଥିବା ପଚାଶଢ଼ା ପରିବା, ବାସି ଖାଦ୍ୟ ଭଳି ବର୍ଜ୍ୟରୁ ବାୟୋଗ୍ୟାସ୍ ଉତ୍ପାଦନ କରାଯିବ। ଏପରି ନୂଆ ବୈଷୟିକ ପ୍ରକ୍ରିୟା ସମ୍ପର୍କରେ ମଙ୍ଗଳବାର ପୌରପରିଷଦ ଓ ଏନ୍‌ଆଇଟିକେ (ନ୍ୟାଶନାଲ ଇନଷ୍ଟିଚ୍ୟୁଟ ଅଫ୍ ଟେକ୍ନୋଲୋଜି) ମଧ୍ୟରେ ବୁଝାମଣା ହୋଇଛି। ପାରାଦୀପ ପୌରପରିଷଦ ସମ୍ମିଳନୀ କକ୍ଷରେ ଟେକ୍ନିମେଣ୍ଟ ପ୍ରାଇଭେଟ ଲିମିଟେଡ୍ କମ୍ପାନୀ (ମାୟର ଗ୍ରୁପ)ର ବରିଷ୍ଠ ଅଧିକାରୀ ଓ ପୌରପରିଷଦ ନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା, ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳଙ୍କ ମଧ୍ୟରେ ଏନେଇ ଚୁକ୍ତି ହୋଇଛି। ଏପରି ବାୟୋଗ୍ୟାସ ପ୍ରଥମେ କର୍ଣାଟକ ଏନ୍‌ଆଇଟିକେ ମଧ୍ୟରେ କରାଯାଇଥିଲା। ସେଠାରେ ସଫଳତାର ସହ ବାୟୋଗ୍ୟାସ ଉତ୍ପାଦନ ହେଉଛି। ପାରାଦୀପ ପୌରପରିଷଦ ପକ୍ଷରୁ କରାଯାଇଥିବା ଏମ୍‌ସିସି(ମ୍ୟୁନିସିପାଲିଟି କମ୍ପୋଜ ସେଣ୍ଟର) ମଧ୍ୟରେ ଏହି ବାୟୋଗ୍ୟାସ୍ ପ୍ଲାଣ୍ଟ ହେବ। ଏଥିରେ ଉତ୍ପାଦିତ ଗ୍ୟାସ୍ ସ୍ୱୟଂଶାସିତ ଗୋଷ୍ଠୀ ଦ୍ୱାରା ପରିଚାଳିତ ପାକଶାଳାରେ ବ୍ୟବହାର ହେବ ବୋଲି ପୌରପରିଷଦ ପକ୍ଷରୁ କୁହାଯାଇଛି।

# ଗୋଷ୍ଠୀ ବିବାଦରୁ ବୋଇତ ବନ୍ଦାଣ ମହୋତ୍ସବ ବନ୍ଦ

- ପ୍ରଶାସନ ପକ୍ଷରୁ ୧୬୩ ଧାରା ଜାରି
- ପୁରାତନ ଓ ନୂତନ ସରପଞ୍ଚ ଗୋଷ୍ଠୀ ବିବାଦ ମୁଖ୍ୟ କାରଣ

କୁଜଙ୍ଗ, ୧୨।୧୧ (ମନୋଜ ପ୍ରଧାନ)



୧୬୩ ଧାରା ସମ୍ପର୍କରେ ଥାନା ପକ୍ଷରୁ ଡାକବାଜି ଯୋଗେ ଜନସାଧାରଣଙ୍କୁ ଅବଗତ କରାଯାଉଛି।

ରାଜନୈତିକ ସମୀକରଣ ବଦଳିବା ପରେ ଦୁଇ ବର୍ଷ ଧରି ଏରସମା ତହସିଲ ଢିଙ୍କିଆ ପଞ୍ଚାୟତ ଅନ୍ତର୍ଗତ ବଙ୍ଗୋପସାଗର ବେଳାଭୂମିରେ ଆୟୋଜିତ ହୋଇଆସୁଥିବା ଜଟାଧାର ବୋଇତ ବନ୍ଦାଣ ବେଳାଭୂମି ମହୋତ୍ସବକୁ ନେଇ ବିବାଦ ସୃଷ୍ଟି ହୋଇଛି। ଏନେଇ ଚଳିତ ବର୍ଷ ପ୍ରଶାସନ ପକ୍ଷରୁ ଏହି ମହୋତ୍ସବ ବନ୍ଦ କରିଦିଆଯାଇଛି।

ପ୍ରକାଶ ଯେ, ୨୦୨୨ରୁ ଜଟାଧାର ବେଳାଭୂମି ବୋଇତ ବନ୍ଦାଣ ମହୋତ୍ସବ ତତ୍କାଳୀନ ସରପଞ୍ଚ ତଥା ମହୋତ୍ସବ କମିଟି ଅଧ୍ୟକ୍ଷ କିଶୋର ପରିଡ଼ାଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଆସୁଥିଲା। ନଭେମ୍ବରରେ ଢିଙ୍କିଆ ପଞ୍ଚାୟତ ସରପଞ୍ଚ ପଦବୀ ନିମନ୍ତେ ଅନୁଷ୍ଠିତ ନିର୍ବାଚନରେ ପିଙ୍କି ଦାସ ସରପଞ୍ଚ ଭାବେ ବିଜୟୀ ହୋଇଛନ୍ତି। ମାତ୍ର ପୁରାତନ କମିଟି ଉତ୍ସବ ଆୟୋଜନ ନିମନ୍ତେ ପ୍ରସ୍ତୁତି ଆରମ୍ଭ କରିବା ସହ ପ୍ରଶାସନଠାରୁ ଅକ୍ଟୋବର ୩୦ରେ ଏନେଇ ଅନୁମତି ଆଣିଥିଲେ। ଅପରପକ୍ଷେ ନବନିର୍ବାଚିତ ସରପଞ୍ଚ ଗୋଷ୍ଠୀ ପକ୍ଷରୁ ମହୋତ୍ସବ ଆୟୋଜନ ନିମନ୍ତେ ମଧ୍ୟ ପ୍ରସ୍ତୁତି ଆରମ୍ଭ ହୋଇଯାଇଥିଲା। ଏନେଇ ମହୋତ୍ସବ ସ୍ଥଳ ପାଇଁ ରାଜସ୍ୱ ପୈଠ କରି ରସିଦ ଆଣିବା ପରେ ପ୍ରଶାସନିକ ଅନୁମତି ଲୋଡ଼ାଯାଇଥିଲା। ଏହାକୁ କେନ୍ଦ୍ର କରି ଦୁଇ ଗୋଷ୍ଠୀ ମଧ୍ୟରେ ବିବାଦ ହେବାରୁ ପ୍ରଶାସନସ୍ତରରେ ଦୁଇ ଗୋଷ୍ଠୀଙ୍କୁ ନେଇ ବୈଠକ ଡକାଯାଇଥିଲା। ବୈଠକରେ ଉଭୟ ଗୋଷ୍ଠୀ ମହୋତ୍ସବ ଆୟୋଜନ କରିବାକୁ ଜିଦ୍ ଧରିଥିଲେ। ପୁରୁଣା କମିଟି ମହୋତ୍ସବ ନିମନ୍ତେ ମଞ୍ଚ ଓ ଟେଣ୍ଟ ବନ୍ଧା ଆରମ୍ଭ କରିଥିବା କହିଥିଲେ। ମାତ୍ର ସରପଞ୍ଚ ଗୋଷ୍ଠୀ ଏହାକୁ ବେଆଇନ୍ ବୋଲି କହିଥିଲେ। ଉଭୟ ଗୋଷ୍ଠୀ ମଧ୍ୟରେ ଏହି ସମସ୍ୟାର ସମାଧାନ ନ ହେବାରୁ ଶେଷରେ ପ୍ରଶାସନ ପକ୍ଷରୁ ମହୋତ୍ସବ ବନ୍ଦ କରିଦିଆଯାଇଛି। ଏଥିସହ ମହୋତ୍ସବସ୍ଥଳରେ ନଭେମ୍ବର ୧୪ ରୁ ୧୯ ତାରିଖ ପର୍ଯ୍ୟନ୍ତ ଭାରତୀୟ ନ୍ୟାୟ ସଂହିତା ଅନୁଯାୟୀ ୧୬୩ ଧାରା ଜାରି କରାଯାଇଛି। ଫଳରେ ଉକ୍ତ ସ୍ଥାନରେ ୫ ଜଣରୁ ଅଧିକ ଲୋକ ସମବେତ ହୋଇପାରିବେ ନାହିଁ। ଏନେଇ ମଙ୍ଗଳବାର ଅଭୟଚାନ୍ଦପୁର ଥାନା ପକ୍ଷରୁ ଡାକବାଜି ଯନ୍ତ୍ର ଯୋଗେ ଜନସାଧାରଣଙ୍କୁ ଅବଗତ କରାଯାଇଛି।

# ସଡ଼କ ଦୁର୍ଘଟଣାରେ ଗ୍ରାମ ରୋଜଗାର ସେବକ ଗୁରୁତର

କୁଜଙ୍ଗ, ୧୨।୧୧ (ମନୋଜ ପ୍ରଧାନ)

କଟକ-ପାରାଦୀପ ରାଜ୍ୟ ରାଜପଥ ପଙ୍କପାଳଗଡ଼ା ନିକଟରେ ମଙ୍ଗଳବାର ଅପରାହ୍ନରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। କାର୍ ଧକ୍କାରେ ସ୍କୁଟି ଚାଳକ ଗୁରୁତର ହୋଇଛନ୍ତି। ସେ ହେଲେ କୁଜଙ୍ଗ ବ୍ଲକ ଜିଲାନାସୀ ପଞ୍ଚାୟତରେ କାର୍ଯ୍ୟରତ ଗ୍ରାମ ରୋଜଗାର ସେବକ ଚୌଧୁରୀ ଶୁଭ୍ରକାନ୍ତ ସାମନ୍ତରାୟ(୩୮)। କାର୍‌ଟି ଦୁର୍ଘଟଣା ପରେ ରାସ୍ତା ତଳକୁ ଓଲଟି ପଡ଼ିଛି। ଏହାପରେ କାର୍ ଚାଳକ ଫେରାର ହୋଇଯାଇଛନ୍ତି। ଅପରପକ୍ଷେ କାର୍‌ରେ ବସିଥିବା ୩ ଜଣ ସାମାନ୍ୟ ଆହତ ହୋଇଛନ୍ତି। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ମଣିଜଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଛନ୍ତି। ସ୍କୁଟି ଚାଳକ ସାମନ୍ତରାୟଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। ଖବରପାଇ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଉଭୟ ଗାଡ଼ିକୁ ଜବତ କରି ତଦନ୍ତ ଆରମ୍ଭ କରିଛି। ସୂଚନା ମୁତାବକ, ସାମନ୍ତରାୟ ଏକ ସ୍କୁଟି ଯୋଗେ ପଙ୍କପାଳ ବଜାରକୁ ଯାଉଥିଲେ। ଏହି ସମୟରେ ବିପରୀତ ଦିଗରୁ ଆସୁଥିବା ଏକ ଧଳା ରଙ୍ଗର କାର୍ ଭାରସାମ୍ୟ ହରାଇ ସ୍କୁଟିକୁ ଧକ୍କା ଦେଇ ରାସ୍ତାର ତଳକୁ ଓଲଟି ପଡ଼ିଥିଲା। ଫଳରେ ସ୍କୁଟିଟି ସମ୍ପୂର୍ଣ୍ଣ ଭାବେ ଭାଙ୍ଗି ଚୂରମାର୍ ହୋଇଯାଇଥିଲା। ସ୍କୁଟ ଚାଳକ ରାସ୍ତାରେ ଛିଟିକିପଡ଼ିଥିଲେ। ଏଥିରେ ସାମନ୍ତରାୟଙ୍କ ମୁଣ୍ଡ, ହାତ ଓ ଗୋଡ଼ରେ କ୍ଷତ ଲାଗିଥିଲା। ସ୍ଥାନୀୟ ଲୋକେ ଉଭୟଙ୍କୁ ଉଦ୍ଧାର କରି ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପାଇଁ ଭର୍ତ୍ତି କରାଇଥିଲେ।

# ନୂତନ ବିଚାରପତିଙ୍କ କାର୍ଯ୍ୟରେ ଯୋଗଦାନ



ତିର୍ତ୍ତୋଲ, ୧୨।୧୧ (ଗୌରାଙ୍ଗ ଚରଣ ସ୍ୱାଇଁ)

ତିର୍ତ୍ତୋଲ ଦେୱାନୀ ତଥା ବିଚାର ବିଭାଗୀୟ ମାଜିଷ୍ଟ୍ରେଟଙ୍କ ଅଦାଲତରେ ନୂତନ ବିଚାରପତି ଭାବେ ପାରସ ପାଢ଼ୀ ମଙ୍ଗଳବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ଏଠାରେ କାର୍ଯ୍ୟ କରୁଥିବା ବିଚାରପତି ନାଜେଦା ଖାତୁନଙ୍କ ଅନ୍ୟତ୍ର ବଦଳି ହେବା ପରେ ତାଙ୍କ ସ୍ଥାନରେ ପାଢ଼ୀ ଅବସ୍ଥାପିତ ହୋଇଛନ୍ତି। ଏନେଇ ତିର୍ତ୍ତୋଲ ବାର୍ ଆସୋସିଏଶନ ତରଫରୁ ସଂଘର ସଭାପତି ଆହ୍ଲାଦ ପରିଜା, ଉପସଭାପତି ଟୁକନ ଚରଣ ସେଠୀ, ସମ୍ପାଦକ ସରୋଜ କୁମାର ପାଣିଗ୍ରାହୀ, ସହ ସମ୍ପାଦକ ପ୍ରମୋଦ କୁମାର ସାହୁ, କୋଷାଧ୍ୟକ୍ଷ ଦେବେନ୍ଦ୍ର ନାୟକ, ପୂର୍ବତନ ସଭାପତି ପ୍ରଶାନ୍ତ କୁମାର ରାୟ, ଆଡ୍‌ଭୋକେଟ ଡ. ସୁନାକର ବେହେରା, ସରକାରୀ ଓକିଲ ଗଜେନ୍ଦ୍ର ବିଶ୍ୱାଳ, ବରିଷ୍ଠ ଆଇନଜୀବୀ ନାରାୟଣ ମହାନ୍ତି, ସୁଧୀର କୁମାର ଖୁଣ୍ଟିଆ, ଗୋଲେଖ ଚନ୍ଦ୍ର ବେହେରା, ରଶ୍ମିତା ସ୍ୱାଇଁ, ତ୍ରିଲୋଚନ ବେହେରା,ଗୋବିନ୍ଦ ଚନ୍ଦ୍ର ସ୍ୱାଇଁ, ଅମରଜ୍ୟୋତି ସାହୁ, ଅଦାଲତର ମୁଖ୍ୟ କିରାଣି ପ୍ରଶାନ୍ତ କୁମାର ବେହେରା ପ୍ରମୁଖ ଉପସ୍ଥିତ ରହି ନୂତନ ବିଚାରପତିଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ।

# କୁନି ପ୍ରତିଭାଙ୍କୁ ବିକଶିତ କରିବା ଅଭିଯାନର ଲକ୍ଷ୍ୟ



ଜଣେ କୃତୀ ଛାତ୍ରୀଙ୍କୁ ଅତିଥି ପୁରସ୍କୃତ କରୁଛନ୍ତି।

ରଘୁନାଥପୁର, ୧୨।୧୧ (ରାଜେନ୍ଦ୍ର ନାରାୟଣ ସିଂହ)

ରଘୁନାଥପୁର ମଣ୍ଡଳସ୍ତରୀୟ ବାଲ୍ ବୈଜ୍ଞାନିକ ଓ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ କାର୍ଯ୍ୟକ୍ରମ ଗୁଆଳିପୁରସ୍ଥିତ ମହେଶ୍ୱର ଉଚ୍ଚ ବିଦ୍ୟାଳୟରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଛାତ୍ରୀଛାତ୍ରଙ୍କ ପକ୍ଷରୁ ୯୨ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ସେଥିରୁ ୭ ପ୍ରକଳ୍ପ ଜିଲାସ୍ତରକୁ ମନୋନୀତ ହୋଇଥିଲା। ଏହି ଉପଲକ୍ଷେ ଆୟୋଜିତ ଉଦ୍‌ଘାଟନୀ ସଭାରେ ମଣ୍ଡଳ ଶିକ୍ଷାଧିକାରୀ ବିଜୟ କୁମାର ସ୍ୱାଇଁ ଅଧ୍ୟକ୍ଷତା କରିଥିଲେ। ଜଗତ୍‌ସିଂହପୁର ଏମ୍‌ପି ବିଭୁପ୍ରସାଦ ତରାଇ ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଦିଗଦର୍ଶନ ଦେବାସହ ତୃଣମୂଳସ୍ତରରେ ଥିବା କୁନି ପ୍ରତିଭାଙ୍କୁ ବିକଶିତ କରିବାର ଏହା ଏକ ମାଧ୍ୟମ ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ ଜଗତ୍‌ସିଂହପୁର ଜିଲା ଶିକ୍ଷକ ପ୍ରଶିକ୍ଷଣ ସଂସ୍ଥାର ଅଧ୍ୟକ୍ଷ ରମେଶ ଚନ୍ଦ୍ର ମଲ୍ଲିକ ଓ ସମ୍ମାନିତ ଅତିଥିଭାବେ ଅତିରିକ୍ତ ମଣ୍ଡଳ ଶିକ୍ଷାଧିକାରୀ ରଜନୀକାନ୍ତ ରାୟ ଓ ଆଶୁତୋଷ ବାନାର୍ଜୀ, ସାମାଜିକ କର୍ମୀ ଜ୍ଞାନରଞ୍ଜନ ପଟ୍ଟନାୟକ, ଜିଲା ବିଜ୍ଞାନ ପରିଦର୍ଶକ ଜୀବନ କୁମାର ସାହୁ, ସିଆର୍‌ସିସି ସୋନା ମହାନ୍ତି, ପ୍ରଧାନଶିକ୍ଷକ ପ୍ରତାପ କୁମାର ଜେନା, ବିଜ୍ଞାନ ସମ୍ପାଦକ ଯଜ୍ଞବଲ୍ଲଭ ମିଶ୍ର, ଜିଲା ଶୈକ୍ଷିକ ସଂଯୋଜକ ତପନ କୁମାର ନନ୍ଦ ଓ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସୀମା ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ଦେବାଶିଷ ବେହେରା ଅତିଥି ପରିଚୟ ପ୍ରଦାନ କରିଥଲେ। ଅପରାହ୍ନରେ ଆୟୋଜିତ ଉଦ୍‌ଯାପନୀ ସଭାରେ ତିର୍ତ୍ତୋଲ ବିଧାୟକ ଡ. ରମାକାନ୍ତ ଭୋଇ ମୁଖ୍ୟ ଅତିଥିଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କ ଉଦ୍ଦେଶ୍ୟରେ ବକ୍ତବ୍ୟ ରଖିବା ସହ ଜ୍ଞାନ କୌଶଳକୁ ଆୟୁଧ କରି ଅଧିକ ଛାତ୍ରୀଛାତ୍ର ଏଥିରେ ଭାଗନେବା ପାଇଁ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତାଭାବେ ବ୍ଲକ ଉପାଧ୍ୟକ୍ଷ ଦେବାଶିଷ ତ୍ରିପାଠୀ, ବ୍ଲକ ଅଧ୍ୟକ୍ଷା ଲକ୍ଷ୍ମୀ ବେହେରା, ଜ୍ୟୋତ୍ସ୍ନାରାଣୀ ଦାସ, ସରପଞ୍ଚ ମନଜିନୀ ସାହୁ ଓ ସମିତି ସଭ୍ୟ କମଳାକାନ୍ତ ପରିଡା ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଦିଗ୍‌ଦର୍ଶନ ଦେଇଥିଲେ। ସିଆର୍‌ସିସି ବିରୁପାକ୍ଷ ସେଠୀ ଅତିଥି ପରିଚୟ ଓ ପ୍ରଧାନ ଶିକ୍ଷକ ପ୍ରଶାନ୍ତ କୁମାର ସାମଲ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ପ୍ରଧାନ ଶିକ୍ଷକ ରଞ୍ଜନ କୁମାର ମିଶ୍ର, ଅବସରପ୍ରାପ୍ତ ଏବିଇଓ ମେନକା ମହାପାତ୍ର ଓ ସିଆର୍‌ସିସି ହିମାଂଶୁ ଶେଖର ଦିବେଦୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସିଆର୍‌ସିସି ତରୁଣ କୁମାର ଜେନା, କୁଶ ମଲ୍ଲିକ, ଭାସ୍କର ମୁଦୁଲି, ଉମେଶ ନାୟକ ଚିନ୍ମୟ ରଥ, ଦିଲୀପ ସ୍ୱାଇଁ, ରବିନାରାୟଣ ତା, ସୁକାନ୍ତ କୁମାର ଦ୍ୱିବେଦୀ, ଏସ୍‌କେ ସାମସୁଦିନ, ଚତୁର୍ଭୁଜ ନାୟକ, ଅମିୟ କୁମାର ଭାୟା, ସୁବାସ ଦାସ , ପରେଶ ମହାପାତ୍ରଙ୍କ ସହ ସମସ୍ତ ଶିକ୍ଷୟିତ୍ରୀ ଓ ଶିକ୍ଷକମାନେ ସହଯୋଗ କରିଥିଲେ। ଏହି ଅବସରରେ ରଘୁନାଥପୁରଠାରେ ଏକ ଉପକୋଷାଗାର ସ୍ଥାପନ ପାଇଁ ଶିକ୍ଷକଙ୍କ ପକ୍ଷରୁ ବିଧାୟକଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା।

# କେନ୍ଦ୍ରୀୟ ବିଦ୍ୟାଳୟ ପରିସରରେ ଟିଏଲ୍‌ଏମ୍ ସେମିନାର

ପାରାଦୀପ, ୧୨।୧୧ (ଶରତ ରାଉତ)

ପାରାଦୀପ ମଧୁବନ କେନ୍ଦ୍ରୀୟ ବିଦ୍ୟାଳୟ ପ୍ରାଥମିକ ବିଭାଗର ମଙ୍ଗଳବାର ଟିଏଲ୍‌ଏମ(ଟିଚିଂ ଲର୍ନିଂ ମ୍ୟାଟେରିଆଲ) ସେମିନାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ପଢୁଥିବା ୨୮୦ ଛାତ୍ରୀଛାତ୍ର ଭାଗ ନେଇଥିଲେ। ଏହି କାର୍ଯ୍ୟକ୍ରମରେ ସେମାନେ ବିଭିନ୍ନ ପ୍ରକାର ପ୍ରକଳ୍ପଗୁଡ଼ିକ ତିଆରି କରି ପ୍ରଦର୍ଶନ କରିଥିଲେ। ଏହାକୁ ସମସ୍ତ ଅଭିଭାବକ ବୁଲି ଦେଖିଥିଲେ। କାର୍ଯ୍ୟକ୍ରମକୁ ବିଦ୍ୟାଳୟ ଅଧ୍ୟକ୍ଷ ପଙ୍କଜ ବାର୍ଷ୍ଣେୟ ଉଦ୍‌ଘାଟନ କରିଥିଲେ। ଶିକ୍ଷକ ସୁଭ୍ରଜିତ୍ ନାୟକ, ସୂର୍ଯ୍ୟକାନ୍ତ ତ୍ରିପାଠୀ ଓ ଅନ୍ୟମାନେ ଏହାକୁ ପରିଚାଳନା କରିଥିଲେ। ପିଲାଙ୍କ ଦକ୍ଷତା ବିକାଶ ବୃଦ୍ଧି କରିବା ପାଇଁ ଏହା ସହାୟକ ହେବ ବୋଲି ଅଧ୍ୟକ୍ଷ ବାର୍ଷ୍ଣେୟ କହିଥିଲେ।

# ୧୦ ୱାର୍ଡବାସୀ ବିଶୁଦ୍ଧ ଜଳ ପାଇବାରୁ ବଞ୍ଚିତ

ରଘୁନାଥପୁର, ୧୨।୧୧ (ରାଜେନ୍ଦ୍ର ନାରାୟଣ ସିଂହ)

**ବିଦ୍ୟାଧରପୁର ପଞ୍ଚାୟତ**

- କାର୍ଯ୍ୟରେ ଆସୁନି ବସୁଧା ଯୋଜନା
- ନିମ୍ନମାନର କାମ ଯୋଗୁ ବାରମ୍ବାର ପାଇପ ଲାଇନ୍ ଫାଟୁଛି

ଗ୍ରାମାଞ୍ଚଳରେ ବସବାସ କରୁଥିବା ଲୋକମାନଙ୍କ ପାଇଁ କିପରି ହାତପାହାନ୍ତାରେ ବିଶୁଦ୍ଧ ପାନୀୟଜଳ ପହଞ୍ଚିପାରିବ, ସେଥିପାଇଁ ସରକାର ପ୍ରୟାସ ଜାରି ରଖିଛନ୍ତି। ଏଥିପାଇଁ ସରକାରୀ ରାଜକୋଷରୁ ବହୁ କୋଟି ଟଙ୍କା ବ୍ୟୟ କରାଯାଉଛି। ହେଲେ କର୍ମଚାରୀଙ୍କ ଦାୟିତ୍ୱହୀନତା ଓ ଠିକାଦାରଙ୍କ ନିମ୍ନମାନର କାର୍ଯ୍ୟ ଯୋଗୁ ଏହି ଯୋଜନା ବାଟବଣା ହେଉଛି। ଏହାର ଜ୍ୱଳନ୍ତ ଉଦାହରଣ ରଘୁନାଥପୁର ବ୍ଲକ ବିଦ୍ୟାଧରପୁର ପଞ୍ଚାୟତରେ ଦେଖିବାକୁ ମିଳିଛି । ଏହି ପଞ୍ଚାୟତରେ ୩ ବର୍ଷ ପୂର୍ବେ ବସୁଧା ଯୋଜନାରେ ଦୁଇ ଲକ୍ଷ ଲିଟର କ୍ଷମତା ବିଶିଷ୍ଟ ଓଭର୍‌ହେଡ ପାଣି ଟାଙ୍କି ନିର୍ମାଣ କରାଯାଇ ଭୂତଳ ପାଇପ ମାଧ୍ୟମରେ ପଞ୍ଚାୟତର ୧୨ ୱାର୍ଡକୁ ପାନୀୟ ଜଳଯୋଗାଣ ପାଇଁ ବ୍ୟବସ୍ଥା କରାଯାଇଥିଲା। ମାତ୍ର ଏହି କାର୍ଯ୍ୟ ନିମ୍ନମାନର ହୋଇଥିବା ଅଭିଯୋଗ ହୋଇଛି। ମାତ୍ର ତିନିବର୍ଷ ଭିତରେ ବିଭିନ୍ନ ଜାଗାରେ ପାଇପ୍ ଫାଟି ବାରମ୍ବାର ଜଳଯୋଗାଣରେ ବ୍ୟାଘାତ ହୋଇଛି। ପ୍ରାୟ ୧୫ ଦିନରୁ ଅଧିକ ସମୟ ହେବ ୧୦ ୱାର୍ଡକୁ ପାଣି ନ ଯିବାରୁ ଲୋକେ ବିଶୁଦ୍ଧ ପାନୀୟଜଳ ପାଇବାରୁ ବଞ୍ଚିତ ହୋଇଥିବା ନେଇ ଅଭିଯୋଗ କରିଛନ୍ତି। ସେମାନଙ୍କ ଅଭିଯୋଗ ଅନୁଯାୟୀ,ମାଟିତଳେ ବିଛାହୋଇଥିବା ପାଇପ୍ ନିମ୍ନମାନର ଓ କାର୍ଯ୍ୟ ସମୟରେ ଯନ୍ତ୍ରୀଙ୍କ ଅନୁପସ୍ଥିତି ଯୋଗୁ ଏବେ ସେମାନେ ଦୁର୍ଦ୍ଦଶା ଭୋଗୁଛନ୍ତି। ଏ ସମ୍ପର୍କରେ ସରପଞ୍ଚ ସାହିଦା ତବ୍‌ସୁମ କୁହନ୍ତି, ବାରମ୍ବାର ପାଇପ୍ ଫାଟି ଯାଉଥିବାରୁ ଲୋକେ ପାଣି ପାଇଁ ହଇରାଣ ହେଉଛନ୍ତି। ପଞ୍ଚାୟତ କାର୍ଯ୍ୟାଳୟରେ ଥିବା ପମ୍ପହାଉସରୁ କେବଳ ଦୁଇ ୱାର୍ଡକୁ ପାଣି ଯୋଗାଇବା ସମ୍ଭବ ହୋଇପାରୁଛି। ଏ ସମ୍ପର୍କରେ ଅଭିଯୋଗ କରିଥିଲେ ବି ଠିକାଦାର ଏଥିପ୍ରତି କର୍ଣ୍ଣପାତ କରୁନାହାନ୍ତି। ଅନ୍ୟପକ୍ଷରେ ଏହି କାର୍ଯ୍ୟର ମେଣ୍ଟେନାନ୍ସ ଦାୟିତ୍ୱ ସମ୍ପୃକ୍ତ ଠିକାଦାରଙ୍କ ଉପରେ ନ୍ୟସ୍ତଥିବାରୁ ସେ ମେଣ୍ଟେନାନ୍ସ କାମ ନ କରି ବିଲ୍ ନେଇ ଚାଲିଯାଇଛନ୍ତି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହାର ଏକ ଉଚ୍ଚସ୍ତରୀୟ ତଦନ୍ତ କରିବା ପାଇଁ ଗ୍ରାମବାସୀ ସରକାରଙ୍କ ନିକଟରେ ଦାବି କରିଛନ୍ତି। ତୁରନ୍ତ ଏହି ସମସ୍ୟାର ସମାଧାନ କରିବା ପାଇଁ ସମ୍ପୃକ୍ତ ଠିକାଦାରଙ୍କୁ କୁହାଯାଇଛି ବୋଲି ଯନ୍ତ୍ରୀ ମନୋରଞ୍ଜନ ଦେହୁରୀ କହିଛନ୍ତି।



ବସୁଧା ଯୋଜନାରେ ନିର୍ମାଣ ହୋଇଥିବା ଓଭରହେଡ୍ ପାଣି ଟାଙ୍କି।

# ଲକ୍ଷ୍ମୀ ନାରାୟଣ, ନଟବର ବେଶରେ ଦର୍ଶନ ଦେଲେ ଶ୍ରୀଜୀଉ

ଖଣ୍ଡପଡ଼ା, ୧୨।୧୧
(ଅଜୟ କୁମାର ମହାରଣା)

ଜଗନ୍ନାଥ ସଂସ୍କୃତିରେ ଆଦିପୀଠ ଭାବେ ପରିଚିତ କଣ୍ଟିଲୋ ଶ୍ରୀ ନୀଳମାଧବ ଜୀଉଙ୍କ ମନ୍ଦିରରେ ମହାପ୍ରଭୁଙ୍କ କାର୍ତ୍ତିକ ନୀତି ଆଗେଇ ଚାଲିଛି । ମଙ୍ଗଳବାରଠାରୁ ମହାପଞ୍ଚକ ଯାତ୍ରା ଆରମ୍ଭ ହୋଇଛି । କାର୍ତ୍ତିକ ମାସର ଶୁକ୍ଳପକ୍ଷ ଏକାଦଶୀ ଦିନ ସକାଳୁ ପଞ୍ଚକ ବ୍ରତ ଆରମ୍ଭ ହୋଇ କାର୍ତ୍ତିକ ପୂର୍ଣ୍ଣମୀ ଦିନ ଏହି ବ୍ରତ ଉଦ୍‌ଯାପିତ ହେବ । ଚଳିତ ବର୍ଷ ପଞ୍ଚକ ୪ଦିନ ପଡୁଥିବାରୁ ମହାପ୍ରଭୂ ନୀଳମାଧବ ଜୀଉ ଓ ନିକଟସ୍ଥ ରାଧାମୋହନ ଜୀଉ ମଠରେ ୫ ବେଶରେ ଭକ୍ତମାନଙ୍କୁ ଦର୍ଶନ ଦେବେ । ପଞ୍ଚକର ପ୍ରଥମ ଦିନର ଦେବୋର୍ଥପନ ଏକାଦଶୀ ସକାଳେ ଶ୍ରୀଜୀଉ ଲକ୍ଷ୍ମୀ ନାରାୟଣ ବେଶରେ ଦର୍ଶନ ଦେଇଥିଲେ । ରାତିରେ ଶ୍ରୀଜୀଉଙ୍କ ନଟବର ବେଶ ହୋଇଥିଲା । ଠାକୁରଙ୍କ ବେଶ ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗିରହିଥିଲା ।

କାର୍ତ୍ତିକ ଶୁକ୍ଳପକ୍ଷ ଦ୍ୱାଦଶୀ(ଗରୁଡ ଦ୍ୱାଦଶୀ)ରେ ବାଙ୍କଚୁଡ଼ ବେଶ ହେବେ । ପରବର୍ତ୍ତୀ ଦିବସରେ ନୃସିଂହ ବେଶ, କାଞ୍ଚି କାବେରୀ ବେଶ ଏବଂ ଗଜ ଉଦ୍ଧାରଣ ବେଶ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ଥିବା ବେଳେ ଉଦ୍‌ଯାପନୀ ଉତ୍ସବ ତଥା କାର୍ତ୍ତିକ ପୂର୍ଣ୍ଣମୀରେ ଠାକୁର ରାଜରାଜେଶ୍ୱର ବେଶରେ ଶ୍ରଦ୍ଧାଳୁମାନଙ୍କୁ ଦର୍ଶନ ଦେବେ ବୋଲି ଜଣାପଡିଛି । ସେହିପରି ଖଣ୍ଡପଡ଼ା ଶ୍ରୀଜଗନ୍ନାଥ ଜୀଉ ଲକ୍ଷ୍ମୀନାରାୟଣ ବେଶରେ ଭକ୍ତମାନଙ୍କୁ ଦର୍ଶନ ଦେଇଛନ୍ତି । ବିଗ୍ରହଙ୍କ ନୀତିକାନ୍ତି ଶେଷ ପରେ ସେବାୟୀମାନେ ମହାପ୍ରଭୁଙ୍କୁ ଲକ୍ଷ୍ମୀନାରାୟଣ ବେଶ କରାଇଥିଲେ । ମହାପ୍ରଭୁଙ୍କ ଏହି ଦୁର୍ଲ୍ଲଭ ବେଶ ଦର୍ଶନ ନିମନ୍ତେ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା ।

## ନୀଳମାଧବ ପୀଠରେ ପଞ୍ଚକ ଯାତ୍ରା ଆରମ୍ଭ




ଲକ୍ଷ୍ମୀନାରାୟଣ ଓ ନଟବର ବେଶରେ ଶ୍ରୀଜୀଉ ।

# ଦତ୍ତପନ୍ତ ଠେଙ୍ଗିଡ଼ିଙ୍କର ଜୟନ୍ତୀ



ଜୟନ୍ତୀ ଉତ୍ସବରେ ଯୋଗ ଦେଇଥିବା ଅତିଥି ।

ନୟାଗଡ଼, ୧୨।୧୧ (ଲୋକନାଥ ମିଶ୍ର)

ନୟାଗଡ଼ ଜିଲା ସଦର ମହକୁମାରେ ରାଷ୍ଟ୍ରଋଷି ଦତ୍ତପନ୍ତ ଠେଙ୍ଗିଡ଼ିଙ୍କର ଜୟନ୍ତୀ ସୋମବାର ପାଳିତ ହୋଇଯାଇଛି । ଜିଲା ସମ୍ମିଳନୀ ହେବା ସହ ୟୁନିଟ କଲେକ୍ଟର ଅଫିସରୁ ଏକ ସ୍ୱଦେଶୀ ସନ୍ଦେଶ ଯାତ୍ରା ବାହାରି ହୋଟେଲ ଖଣ୍ଡପଡ଼ା ରୋଡ଼ର ଆରଏମ୍‌ସି ପର୍ଯ୍ୟନ୍ତ ସାଧାରଣ ଲୋକମାନଙ୍କୁ ସ୍ୱଦେଶୀ ସାମଗ୍ରୀ ବ୍ୟବହାର କରିବାକୁ ସଚେତନତା କରାଯାଇଛି । ସେହିପରି ସ୍ୱଦେଶୀ ପତ୍ର ମଧ୍ୟ ବଣ୍ଟନ ହୋଇଛି । ରାଷ୍ଟ୍ରୀୟ ସ୍ତରରେ ଭାରତର ପ୍ରତ୍ୟେକ ଜିଲାରେ ସମ୍ମିଳନୀକୁ ମୁଖ୍ୟ ଅତିଥି ଭାବେ ରବିଶଙ୍କର, ଅଖିଳ ଭାରତୀୟ ସମନ୍ୱୟକ ଭଗବତୀ ପ୍ରକାଶ ଶର୍ମା, ସ୍ୱଦେଶୀ ଜାଗରଣ ମଞ୍ଚର ଅଖିଳ ଭାରତୀୟ ସଂଯୋଜକ ଆର. ସୁନ୍ଦରମ ପ୍ରମୁଖ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମରେ ରବିଶଙ୍କର କହିଥିଲେ, ଦତ୍ତପନ୍ତ ସବୁବେଳେ କହୁଥିଲେ, ମଣିଷକୁ ପଙ୍ଗୁ ଏବଂ ଅର୍ଥବ କରୁଥିବା ଦାରିଦ୍ର୍ୟ ଲୋପ ପାଉ । କେବଳ ଜୀବିକା ପାଇଁ ଜୀବନ ଧାରଣ କରିବାକୁ ନ ପଡୁ । ଖାଦ୍ୟ ମଣିଷକୁ ନ ଖାଇ ଯାଉ । ସାରା ଜୀବନ ସଂଘର୍ଷ କରିଥିବା ଦତ୍ତପନ୍ତଙ୍କର ୧୪ ଅକ୍ଟୋବର ୨୦୦୪ରେ ପୁନାଠାରେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ । ଅନେକ ବର୍ଷରେ ଥରେ ଥରେ ଏପରି ପ୍ରତିଭାବାନ୍ ବ୍ୟକ୍ତିତ୍ୱ ବିଶ୍ୱ ବକ୍ଷକୁ ଆସିଥାଆନ୍ତି । ନୟାଗଡ଼ ଜିଲା ପକ୍ଷରୁ ହେଉଥିବା କାର୍ଯ୍ୟକ୍ରମରେ ୩୦୦ଜଣ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ । ଜିଲା କାର୍ଯ୍ୟକର୍ମ ମୁଖ୍ୟ ଅତିଥି ଭାବେ ଉମାକାନ୍ତ ତ୍ରିପାଠୀ, ମୁଖ୍ୟ ବକ୍ତା ଭାବେ ମଳୟ ରଞ୍ଜନ ପଣ୍ଡା ଓ ଜିଲା କାର୍ଯ୍ୟବାହ ଭଗବାନ ଦେହୁରୀ, ସାମାଜିକ କର୍ମୀ ସନ୍ତୋଷ ପ୍ରଧାନ, ସାମାଜିକ କର୍ମୀ ଗୋଦାବରୀଶ ସାହୁ, ଜିଲା ସଂଯୋଜକ ହୃଷୀକେଶ ବାରିକ, ଅଭୟ ପ୍ରସାଦ ଜେନା ଉପସ୍ଥିତ ଥିଲେ । ଶେଷରେ ଜିଲା ସଂଯୋଜକ ହୃଷୀକେଶ ବାରିକ ଧନ୍ୟବାଦ ଦେଇଥିଲେ ।

# ଦଶପଲ୍ଲା କଲେଜରେ ରେଡ୍‌କ୍ରସ ଶିବିର




ରେଡ୍‌କ୍ରସ ଶିବିରରେ ମଞ୍ଚାସୀନ ଅତିଥିବୃନ୍ଦ ।

ଦଶପଲ୍ଲା, ୧୨।୧୧ (ପ୍ରକାଶ କୁମାର ପାଣି)

ଦଶପଲ୍ଲା ବୃନ୍ଦାବନ ସୁବୁଦ୍ଧି ମହା ବିଦ୍ୟାଳୟରେ ଚାଲିଥିବା ଜିଲାସ୍ତରୀୟ ରେଡକ୍ରସ ଶିବିର ଉଦ୍‌ଯାପିତ ହୋଇଯାଇଛି । ଜିଲାର ୨୬ଟି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଏବଂ ସ୍ନାତକ ମହାବିଦ୍ୟାଳୟର ୧୩୭ ଛାତ୍ରୀଛାତ୍ରଙ୍କୁ ନେଇ ଆରମ୍ଭ କରାଯାଇଥିବା ଏହି ଶିବିରକୁ ପରିଚାଳନା କମିଟି ସଭାପତି ଅଲେଖ ଚନ୍ଦ୍ର ସ୍ୱାଇଁ, ଅଧ୍ୟକ୍ଷ ସୁବାସ ଚନ୍ଦ୍ର ନାୟକ ଆନୁଷ୍ଠାନିକ ଭାବେ ପତାକା ଉତ୍ତୋଳନ କରି ଉଦ୍‌ଘାଟନ କରିଥିଲେ । କାର୍ଯ୍ୟକ୍ରମରେ ରେଡକ୍ରସର ଇତିହାସ, ଆଭିମୁଖ୍ୟ, ପ୍ରାଥମିକ ଚିକିତ୍ସା, ରକ୍ତଦାନର ମହତ୍ତ୍ୱ, ବିପର୍ଯ୍ୟୟ ମୁକାବିଲା, ନାରୀ ସଶକ୍ତୀକରଣ, ଜଳବାୟୁ ପରିବର୍ତ୍ତନ ଆଦି ସମ୍ପର୍କରେ ପ୍ରଶିକ୍ଷଣ ଦିଆଯାଇଥିଲା । ପ୍ରତ୍ୟହ ସନ୍ଧ୍ୟାରେ ନୃତ୍ୟ, ଗୀତ, ବକ୍ତୃତା, ଚିତ୍ରାଙ୍କନ, କୁଇଜ୍ ଆଦି ପ୍ରତିଯୋଗିତା କରାଯାଉଥିଲା । ଏଥିରେ ଜିଲା ମୋଟର ଯାନ ନିରୀକ୍ଷକ ହେମନ୍ତ କୁମାର ପାଢ଼ୀ, ଜିଲା ରେଡ଼କ୍ରସ ଅଧ୍ୟକ୍ଷ ଡ. ବିପିନ ବିହାରୀ ପଟ୍ଟନାୟକ, ଆବାହକ ସହଦେବ ବେହେରା, ସଂଯୋଜକ ନିରୋଜ ପ୍ରଧାନ, ପୁରୀ ଜୋନ୍ ସଂଯୋଜକ ତ୍ରିନାଥ ପରିଡ଼ା, ଅଧ୍ୟାପକ କ୍ଷୀରୋଦ ଚନ୍ଦ୍ର ମହାନ୍ତି, ସରୋଜ ପଣ୍ଡା, ରମେଶ ଦାଶ, ବିନୋଦ ବେହେରା, ରାକେଶ ପ୍ରଧାନ, ଋତୁପର୍ଣ୍ଣା ମିଶ୍ର, ମୌସୁମୀ ବାରିକ ପ୍ରମୁଖ ସହଯୋଗ କରିଥିଲେ । କାର୍ଯ୍ୟକ୍ରମରେ କୃତିତ୍ୱ ଲାଭ କରିଥିବା ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ଶେଷରେ ଅଧ୍ୟାପକ ନିହାର ରଞ୍ଜନ ପଣ୍ଡା ଧନ୍ୟବାଦ ଦେଇଥିଲେ ।

# ବଡଟାସେରାକୁ ପାଇପରେ ଜଳ ଯୋଗାଣ ଆରମ୍ଭ

ଖଣ୍ଡପଡ଼ା, ୧୨।୧୧ (ଅଜୟ କୁମାର ମହାରଣା)

ଖଣ୍ଡପଡା ସହର ସନ୍ନିକଟ ସଂରକ୍ଷିତ ଜଙ୍ଗଲରେ ଅବସ୍ଥିତ ପରିବେଶ ପର୍ଯ୍ୟଟନସ୍ଥଳୀ ବଡ଼ ଟାସେରା ପୀଠରେ ବର୍ଷର ବିଭିନ୍ନ ସମୟରେ ପର୍ଯ୍ୟଟକମାନେ ବଣ ଭୋଜିର ମଜା ଉଠାଇଥାଆନ୍ତି । ହେଲେ ସେଠାରେ ପାନୀୟ ଜଳର ବ୍ୟବସ୍ଥା ନ ଥିବାରୁ ସମସ୍ୟା ଉପୁଜିଥାଏ । ଦୀର୍ଘ ବର୍ଷରୁ ସେଠାରେ ପାନୀୟ ଜଳ ଓ ଆଲୋକୀକରଣ ପାଇଁ ଦାବି ହୋଇ ଆସୁଥିଲା । ତେବେ ଏଠାକୁ ପାଇପ ଲାଇନ ଯୋଗେ ପାନୀୟ ଜଳ ଯୋଗାଣର ଶୁଭାରମ୍ଭ ହୋଇଛି । ଜନସ୍ୱାସ୍ଥ୍ୟ ବିଭାଗ ଅତିରିକ୍ତ ମୁଖ୍ୟଯନ୍ତ୍ରୀ ବିରଞ୍ଚି ନାରାୟଣ ପ୍ରଧାନଙ୍କ ସହଯୋଗ କ୍ରମେ ଖଣ୍ଡପଡା ସହରର ଜନବସତିଠାରୁ ୩୩୮୬ ମିଟର ଦୂରରେ ଅବସ୍ଥିତ ବଡ ଟାସେରା ପର୍ଯ୍ୟଟନସ୍ଥଳୀକୁ ପାଇପ୍ ସଂଯୋଗ କରାଯାଇ ପାନୀୟ ଜଳ ଯୋଗାଇ ଦିଆଯାଇଥିବା ଖଣ୍ଡପଡା ଜନସ୍ୱାସ୍ଥ୍ୟ ବିଭାଗ ସହକାରୀ ଯନ୍ତ୍ରୀ ଇଂ. ତ୍ରିଲୋଚନ ବେହେରାଙ୍କଠାରୁ ପ୍ରକାଶ । ଦୀର୍ଘ ବର୍ଷ ପରେ ବଡ ଟାସେରା ପର୍ଯ୍ୟଟନସ୍ଥଳୀ ପରିସରରେ ପାନୀୟ ଜଳ ଉପଲବ୍ଧ ହୋଇଥିବାରୁ ସାଧାରଣରେ ଆନନ୍ଦ ପ୍ରକାଶ ପାଇଛି ।



ବଡ଼ ଟାସେରା ପୀଠକୁ ଜଳଯୋଗାଣ ଶୁଭାରମ୍ଭ କରାଯାଇଛି ।

# ଗଜ ଉଦ୍ଧାରଣ ବେଶରେ ଦର୍ଶନ ଦେଲେ ମହାପ୍ରଭୁ

## ଲଡୁବାବାଙ୍କ ପୀଠରେ ପଞ୍ଚକ ଯାତ୍ରା



ଶ୍ରୀଜୀଉଙ୍କ ଗଜଉଦ୍ଧାରଣ ବେଶ ।

ନୟାଗଡ଼, ୧୨।୧୧ (ଲୋକନାଥ ମିଶ୍ର)

ଓଡ଼ିଶାର ପ୍ରସିଦ୍ଧ ଶୈବକ୍ଷେତ୍ର ଶରଣକୁଳ ଲଡୁବାବାଙ୍କ ପୀଠରେ କାର୍ତ୍ତିକମାସ ବଡ଼ ଏକାଦଶୀଠାରୁ ପଞ୍ଚକଯାତ୍ରା ଆରମ୍ଭ ଆରମ୍ଭ ହୋଇଛି । ଲଡୁବାବାଙ୍କ ପାର୍ଶଦେବତା ମହାପ୍ରଭୁ ଶ୍ରୀ ଜଗନ୍ନାଥ ମଙ୍ଗଳବାର ଗଜଉଦ୍ଧାରଣ ବେଶରେ ଭକ୍ତମାନଙ୍କୁ ଦର୍ଶନ ଦେଇଛନ୍ତି । ସକାଳର ଦେବନୀତି ସମାପନ ପରେ ଠାକୁରଙ୍କୁ ପାରମ୍ପରିକ ରୀତିରେ ଗଜଉଦ୍ଧାରଣ ବେଶରେ ସଜା ଯାଇଥିଲା । ସନ୍ଧ୍ୟା ଆଳତୀପରେ ଭକ୍ତମାନଙ୍କ ଦର୍ଶନ ପାଇଁ ଦୁଆର ଖୋଲା ଯାଇଥିଲା । ଶାନ୍ତି ଶୃଙ୍ଖଳା ପାଇଁ ମନ୍ଦିର ପ୍ରଶାସନ ଓ ସ୍ଥାନୀୟ ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି । ପୌରାଣିକ ମତବାଦ ଅନୁଯାୟୀ ଐରାବତ ଗଜ ତାର ପରିବାର ସହିତ ନଦୀରେ ଜଳକ୍ରୀଡ଼ା କରୁଥିବା ବେଳେ କୁମ୍ଭୀର ଗଜର ଗୋଡ଼କୁ ଆକ୍ରମଣ କରିଥିଲା । ଗଜ ବଳଶାଳୀ ଥିଲେ ମଧ୍ୟ କୁମ୍ଭୀର କବଳରୁ ନିଜକୁ ରକ୍ଷା କରି ପାରି ନ ଥିଲା । ନିରାଶ ହୋଇ ଭଗବାନ ବିଷ୍ଣୁଙ୍କୁ ନିଜର ଜୀବନ ସମର୍ପି ଦେଇଥିଲା । ଭଗବାନ ବିଷ୍ଣୁ ଗଜକୁ ଉଦ୍ଧାର କରିବା ପାଇଁ ଚକ୍ର ପଠାଇ କୁମ୍ଭୀରକୁ ନିହତ କରିଥିଲେ । କିମ୍ବଦନ୍ତୀ ଅନୁସାରେ ଜଗନ୍ନାଥ ପଞ୍ଚକର ପ୍ରଥମେ ଗଜଉଦ୍ଧାରଣ ବେଶରେ ଭକ୍ତଙ୍କୁ ଦର୍ଶନ ଦେଉଛନ୍ତି ।

# ମୁଣ୍ଡିଆ ହନୁମାନଙ୍କ ପୀଠରେ କାର୍ତ୍ତିକ ମହୋତ୍ସବ

ଖଣ୍ଡପଡ଼ା, ୧୨।୧୧
(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ୍ ଅଧୀନ ମର୍ଦ୍ଦରାଜପୁର ଗ୍ରାମର ମୁଣ୍ଡିଆ ହନୁମାନଙ୍କ ପୀଠରେ କାର୍ତ୍ତିକ ମହୋତ୍ସବ-୨୦୨୪ ଆରମ୍ଭ ହୋଇଛି । ୫ ଦିନ ବ୍ୟାପୀ ଆୟୋଜିତ ମହୋତ୍ସବର ବିଭିନ୍ନ ଦିନରେ ପାଲା, ପୌରାଣିକ ନାଟକକ ସହିତ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ମହୋତ୍ସବ କମିଟିର କର୍ମକର୍ତ୍ତା ଜଣାଇଛନ୍ତି । ମନ୍ଦିର ମାଳିନୀ ମୁଣ୍ଡିଆ ହନୁମାନଙ୍କ ପୀଠ ଏ ନେଇ ଚଳଚଞ୍ଚଳ ହୋଇଛି । ଦୈନିକ ଶ୍ରଦ୍ଧାଳୁ ଓ ପର୍ଯ୍ୟଟକମାନେ ମୁଣ୍ଡିଆ ହନୁମାନଙ୍କ ପୀଠରେ ଭିଡ଼ ଜମାଉଛନ୍ତି । ଦେବ ପୀଠରେ ହୋମଯଜ୍ଞ, ପୁରାଣ, ହନୁମାନଚାଳିଶା ପଠନ, ଭଜନ କୀର୍ତ୍ତନ ଆଦି ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହେଉଛି । ମର୍ଦ୍ଦରାଜପୁର ଗ୍ରାମବାସୀ ଓ ମର୍ଦ୍ଦରାଜପୁର ଯୁବ ବିକାଶ ପରିଷଦ ସହଯୋଗରେ ଆୟୋଜିତ ଏହି ମହୋତ୍ସବ ଆସନ୍ତା ୧୫ ତାରିଖରେ ଉଦ୍‌ଯାପିତ ହେବ ।

# ମହିଳା ମହାବିଦ୍ୟାଳୟ ଜାତୀୟ ଶିକ୍ଷା ଦିବସ

ଖଣ୍ଡପଡ଼ା, ୧୨।୧୧ (ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ମହିଳା ମହାବିଦ୍ୟାଳୟ ପରିସରରେ ସୋମବାର ଜାତୀୟ ଶିକ୍ଷା ଦିବସ ପାଳିତ ହୋଇଯାଇଛି । ଜାତୀୟ ଶିକ୍ଷାନୀତିର ଗୁରୁତ୍ୱ ଓ ଦେଶର ପ୍ରଥମ ଶିକ୍ଷାମନ୍ତ୍ରୀ ମୌଲାନା ଅବଦୁଲ ଆଜାଦ୍‌ଙ୍କ ଭୂମିକା ସମ୍ପର୍କରେ ଛାତ୍ରୀମାନଙ୍କୁ ଅବଗତ କରାଇବା ଲକ୍ଷ୍ୟରେ ଏହା ଆୟୋଜିତ ହୋଇଥିଲା । ୨୦୦୮ରୁ ସରକାରୀ ଭାବେ ଘୋଷିତ ଜାତୀୟ ଶିକ୍ଷା ଦିବସର ଗୁରୁତ୍ୱ ସମ୍ପର୍କରେ ଛାତ୍ରୀମାନଙ୍କୁ ସଚେଚିତ କରିବା ଲକ୍ଷ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଯୁକ୍ତ ୨ ଅଧ୍ୟକ୍ଷା ସ୍ମିତା ଶେଫାଳୀ ମହାପାତ୍ର ଅଧ୍ୟକ୍ଷତା କରିଥିବା ବେଳେ ଅଧ୍ୟାପିକା ବିଶ୍ୱ ଭାରତୀ ମହାରଣା ପ୍ରାରମ୍ଭିକ ସୂଚନା ଦେଇଥିଲେ । ଅଧ୍ୟାପିକା ନିବେଦିତା ପଟ୍ଟନାୟକ ଜାତୀୟ ଶିକ୍ଷାନୀତି, ଶିକ୍ଷା ଦିବସ ପାଳନର ତାପର୍ଯ୍ୟ ଉପରେ ଆଲୋକପାତ କରିଥିଲେ । ବରିଷ୍ଠ ଅଧ୍ୟାପିକା କୃଷ୍ଣପ୍ରିୟା ମହାନ୍ତ ଧନ୍ୟବାଦ ଦେଇଥିଲେ । କାର୍ଯ୍ୟକ୍ରମରେ ସମସ୍ତ ଅଧ୍ୟାପିକାଅଧ୍ୟାପକ, କର୍ମଚାରୀ ଓ ଶତାଧିକ ଛାତ୍ରୀ ଅଂଶଗ୍ରହଣ କରିଥିଲେ ।




ଜାତୀୟ ଶିକ୍ଷା ଦିବସ ପାଳନ ଉତ୍ସବରେ ମଞ୍ଚାସୀନ ଅତିଥି ।

# ଜିଲା ମୁଖ୍ୟ ଚିକିତ୍ସାଳୟର ଅବ୍ୟବସ୍ଥା ନେଇ ପ୍ରତିବାଦ

ନୟାଗଡ଼, ୧୨।୧୧ (ଲୋକନାଥ ମିଶ୍ର):

ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଅବ୍ୟବସ୍ଥାର ଚିତ୍ର ବଢୁଥିବାବେଳେ ରୋଗୀ ସ୍ୱାସ୍ଥ୍ୟସେବା ପାଉନାହାନ୍ତି । ଏଭଳିସ୍ଥଳେ ଅଖିଳ ଭାରତ ଯୁବ ଛାତ୍ର ସଂସଦ ପକ୍ଷରୁ ଏକ ପ୍ରତିନିଧି ମଣ୍ଡଳୀ ଜିଲାପାଳଙ୍କୁ ଭେଟି ଜିଲା ମୁଖ୍ୟ ଚିକିତ୍ସାଳୟର ଅବ୍ୟବସ୍ଥା ସମ୍ପର୍କରେ ଅବଗତ କରାଇଛନ୍ତି । ଜିଲା ମୁଖ୍ୟ ଚିକିତ୍ସାଳୟରୁ ଚୋରି ହୋଇଥିବା ଏସିରୁ କିଛି ଜବତ ହୋଇଥିଲେ ମଧ୍ୟ ଚୋରକୁ ଗିରଫ କରାଯାଇନି । ସେହିପରି ଆଇସିୟୁ କାର୍ଯ୍ୟକ୍ଷମ ନ ହେବାରୁ ଯନ୍ତ୍ରାଂଶ ଖତ ଖାଉଛି । ଡାକ୍ତର ରିସ୍କ ନ ନେବାରୁ ଜ୍ୱର, ଥଣ୍ଡା ପରି ରୋଗୀଙ୍କୁ କଟକ, ଭୁବନେଶ୍ୱର ରେଫର କରାଯାଉଛି । ଡାକ୍ତର ଅଭାବ ଲାଗି ରହିଥିବାବେଳେ ମେଡିସିନ, ଶିଶୁରୋଗ ପରି ବହୁ ଭଲ ଡାକ୍ତର ନିଜକୁ ନିଜେ ଲାଗି ବଦଳି ହୋଇ ଚାଲି ଯାଉଛନ୍ତି । ଜିଲା ମୁଖ୍ୟ ଚିକିତ୍ସାଳୟରେ ସ୍ୱାସ୍ଥ୍ୟସେବା ଭୁଶୁଡି ପଡିଥିଲେହେଁ ଏହାର ପ୍ରତିକାର ପାଇଁ ପଦକ୍ଷେପ ନ ଥିବା ଅଭିଯୋଗ ହୋଇଛି ।



ଜିଲା ମୁଖ୍ୟ ଚିକିତ୍ସାଳୟରେ ୬୦ରୁ ଉର୍ଦ୍ଧ୍ୱ ଏସି ଚଞ୍ଚକତା କରାଯାଇ ଚୋରି କରାଯାଇଥିଲା । ଏନେଇ ତତ୍କାଳିନ ସିଡିଏମ୍‌ଓ ରମାକାନ୍ତ ପଣ୍ଡା ଓ ଜିଲାପାଳ ସ୍ୱଧାଦେବ ସିଂଙ୍କୁ ଅଭିଯୋଗ କରାଯାଇଥିଲା । ଅଭିଯୋଗ ପରେ ଜିଲା ମୁଖ୍ୟ ଚିକିତ୍ସାଳୟର ସୁପରିଟେଣ୍ଡେଣ୍ଟ ନୟାଗଡ ଟାଉନ ଥାନାରେ ଏସି ଚୋରି ନେଇ ଅଭିଯୋଗ କରିଥିଲେ । ତେବେ ଚୋରି ଏସି ନେଇ ଠିକ ତଥ୍ୟ ସ୍ୱାସ୍ଥ୍ୟ ବିଭାଗ ଦେଇ ନ ଥିଲା । ଅଧାପନ୍ତରିଆ ଅଭିଯୋଗ ତଦନ୍ତରେ ବାଧା ସୃଷ୍ଟି କରିଥିଲେ ମଧ୍ୟ ପୋଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ କରିଥିଲା । ଏପରି କି ଏତଲାରେ ଏସି ଚୋରି କମ୍ ଦର୍ଶା ଯାଇଥିବାବେଳେ ପୋଲିସ ଅଧିକ ସଂଖ୍ୟକ ଏସି ଜବତ କର ଜିଲା ମୁଖ୍ୟ ଚିକିତ୍ସାଳୟକୁ ହସ୍ତାନ୍ତର କରିଛି । ତେବେ କେତେ ଏସି ଚୋରି ହୋଇଥିଲା, କେତେ ଜବତ ହେଲା, ଅବଶିଷ୍ଟ ଏସି ସମ୍ପର୍କରେ ସାର୍ବଜନୀନ କରାଯାଉ ନାହିଁ ।

- ଜିଲାପାଳଙ୍କୁ ଫେରାଦ୍ ହେଲା ଅଖିଳ ଭାରତ ଯୁବ ଛାତ୍ର ସଂସଦ
- ଚୋରି ଏସି ଜବତ ହେଲା, ଅଭିଯୁକ୍ତ ବିରୋଧରେ ହେଲାନି କାର୍ଯ୍ୟାନୁଷ୍ଠାନ
- ଆଇସିୟୁ କାର୍ଯ୍ୟକ୍ଷମ ନ ହେବାରୁ ଖତ ଖାଉଛି ଯନ୍ତ୍ରାଂଶ
- ଡାକ୍ତର ଅଭାବ ଥିବାବେଳେ ଭଲ ଡାକ୍ତରଙ୍କ ବଦଳି

ଆଇସିୟୁ ପାଇଁ ଆସିଥିବା ବେଡ୍ ଓ ମେଶିନ ଖତ ଖାଉଛି । ଚିକିତ୍ସାଳୟର ଅସ୍ଥିଶଲ୍ୟ ବିଭାଗରେ ଅସ୍ତ୍ରୋପଚାର, ଡ୍ରେସିଂ ଅଥବା ପ୍ଲାଷ୍ଟର ମଧ୍ୟ କରାଯାଉ ନାହିଁ । ତେବେ ପୁରୁଣା କୋଠାକୁ ଭାଙ୍ଗି ନୂଆ କୋଠାବାଡି ନିର୍ମାଣକୁ ଗୁରୁତ୍ୱ ଦିଆଯାଉଛି । ରୋଗୀ ସ୍ୱାସ୍ଥ୍ୟସେବା ପାଉ ନ ଥିବାବେଳେ ଭଲ କୋଠାବାଡ଼ି ନିର୍ମାଣ କରି ବିକାଶ ଭେଳିକି ଦେଖା ଯାଉଛି । ସେହିପରି ଆଉଟ ସୋର୍ସିଂରେ ନିଯୁକ୍ତି କରିବାକୁ ଟେଣ୍ଡର ପାଉଥିବା ସଂସ୍ଥା କର୍ମଚାରୀଙ୍କ ଦରମା ନେଇ ଯାଉଥିଲେ ମଧ୍ୟ କର୍ମଚାରୀଙ୍କୁ ଦରମା ଦେଉ ନ ଥିବାରୁ ବିଭିନ୍ନ ସମୟରେ ଆନ୍ଦୋଳନ ହେଉଛି । ଏଣୁ ସ୍ୱାସ୍ଥ୍ୟସେବା ଭୁଶୁଡି ଚାଲିଛି । ପୁଣି ଆଉଟ ସୋର୍ସିଂରେ ନିର୍ବାଚନ ଆଚରଣ ବିଧି ସମୟରେ ନିଯୁକ୍ତି ଦିଆଯାଇଛି । ପୁଣି ନିର୍ବାଚନ ଆଚରଣ ବିଧି ସମୟରେ ଟେଣ୍ଡର ଅବଧି ମନଇଛା ବଢ଼ାଇ ଅନିୟମିତତା କରାଯାଇଛି । ଜିଲା ମୁଖ୍ୟ ଚିକିତ୍ସାଳୟରେ ଲାଗିଥିବା ଅବ୍ୟବସ୍ଥା ଦୂର ପାଇଁ ଅଖିଳ ଭାରତ ଯୁବ ଛାତ୍ର ସଂସଦ ପକ୍ଷରୁ ପଦକ୍ଷେପକୁ ସାଧାରଣରେ ସ୍ୱାଗତ କରାଯାଇଛି । ଏନେଇ ଅଖିଳ ଭାରତ ଯୁବ ଛାତ୍ର ସଂସଦ ନୟାଗଡ଼ର ପ୍ରତିଷ୍ଠାତା ଶେଖ ଅବଦୁଲ ଆହାଦ କୁହନ୍ତି, ମୋ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ମଙ୍ଗଳବାର ଜିଲାପାଳ ଅକ୍ଷୟ ସୁନିଲ ଅଗ୍ରୱାଲଙ୍କୁ ଭେଟିଥିଲୁ । ମୋ ସହ ପୂର୍ଣ୍ଣଚନ୍ଦ୍ର ସାହୁ, ସଞ୍ଜୟ ଘଡେଇ, ଅନିଲ ଦଳେଇ, କିରଣ ନାୟକ ପ୍ରମୁଖ ସାମିଲ ହୋଇଥିଲେ ।

# ଉପମୁଖ୍ୟମନ୍ତ୍ରୀଙ୍କ ପିଏ, ଓଏସ୍‌ଡି କହି ଠକେଇ

■ ଚାକିରି କରାଇ ଦେବାକୁ ନେଇଥିଲେ ଟଙ୍କା
■ ୨ ଅଭିଯୁକ୍ତ କୋର୍ଟ ଚାଲାଣ

ପାଟଣାଗଡ଼ ୧୨।୧୧ (ସଚ୍ଚିଦାନନ୍ଦ ମହାକୁର)

ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓଙ୍କ ପିଏ (ବ୍ୟକ୍ତିଗତ ସହାୟକ) ଏବଂ ଓଏସ୍‌ଡି (ଅଫିସିଆଲ ଅନ ସ୍ୱେଶାଲ ଡ୍ୟୁଟି) ଥିବା କହି ୨ଜଣ ବ୍ୟକ୍ତି ଚାକିରି କରାଇ ଦେବା ନାଁରେ ୨ ଲକ୍ଷ ୧୦ ହଜାର ଟଙ୍କା ଆଦାୟ କରିଥିଲେ। ଅଭିଯୋଗ ପରେ ପୋଲିସ ୨ ଅଭିଯୁକ୍ତଙ୍କୁ ମଙ୍ଗଳବାର ସନ୍ଧ୍ୟାରେ ଗିରଫ କରି କୋର୍ଟ ଚାଲାଣ କରିଛି। କୋର୍ଟରେ ଜାମିନ ନାମଞ୍ଜୁର ହେବାରୁ ଉଭୟଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅଭିଯୁକ୍ତ ଦ୍ୱୟ ହେଲେ ପାଟଣାଗଡ଼ ଥାନା ବିଲେଇସାଥୀ ଗାଁର ବୁଦ୍ଧଦେବ ସାହୁ ଓ ସାଲେପାଲି ଗାଁର ସୁଶୀଲ କୁମାର ରାଓ ବୋଲି ସନ୍ଧ୍ୟାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ପାଟଣାଗଡ଼ ଏସ୍‌ଡିପିଓ ସଦାନନ୍ଦ ପୂଝାରୀ ସୂଚନା ଦେଇଛନ୍ତି।

ବୁଦ୍ଧଦେବ ଓ ସୁଶୀଲ ଉପମୁଖ୍ୟମନ୍ତ୍ରୀଙ୍କ ପାଖଲୋକ। ଜଣେ ତାଙ୍କର ବ୍ୟକ୍ତିଗତ ସହାୟକ ଏବଂ ଅନ୍ୟ ଜଣେ ଓଏସ୍‌ଡି ଥିବା କହୁଥିଲେ। ସେମାନେ ପାଟଣାଗଡ, ଖପ୍ରାଖୋଲ, ବେଲପଡ଼ା, ପଦ୍ମପୁର ଅଞ୍ଚଳର ପରିଚିତ ଲୋକଙ୍କୁ ମଲ୍ଟିସ୍କିଲ୍ ଆଟେଣ୍ଡାଣ୍ଟ ଓ ସାନିଟାଇଜେଶନ ୱାର୍କର ଚାକିରି କରେଇଦେବା ନାଁରେ ଜଣପିଛା ୭୦ ହଜାର ଟଙ୍କା ଆଦାୟ କରୁଥିଲେ। ଏ ସମ୍ପର୍କରେ ପାଟଣାଗଡ଼ ଏସ୍‌ଡିପିଓ ଏବଂ ଥାନା ଅଧିକାରୀ ହରିବନ୍ଧୁ ଗଡତ୍ୟା ବିଶେଷ ସୂତ୍ରରୁ ଖବରପାଇ ସୋମବାର ବିଳମ୍ବିତ ରାତିରେ ଅଭିଯୁକ୍ତ ଦ୍ୱୟଙ୍କୁ ଘରୁ ଉଠାଇ ଆଣି ଥାନାରେ ଅଟକ ରଖିଥିଲେ। ମଙ୍ଗଳବାର ଦିନତମାମ ପଚରାଉଚରା ପରେ ଅଭିଯୁକ୍ତ ଦ୍ୱୟ ଏହାକୁ ସ୍ୱୀକାର କରିବା ସହ ପୂର୍ବରୁ ସେମାନେ କେତେଜଣ ଲୋକଙ୍କୁ ଜାଲିଆତି କରି ଚାକିରି ଦେଇଥିବା ମଧ୍ୟ କହିଥିଲେ।


କୋର୍ଟ ଚାଲାଣ ପୂର୍ବରୁ ପୋଲିସ ସହ ଗିରଫ ଅଭିଯୁକ୍ତ ଦ୍ୱୟ।

**ବେଆଇନ ବାଣ କାରଖାନାରେ ବିସ୍ଫୋରଣ ଘଟଣା**

# ଫେରାର ମାଲିକଙ୍କ ନାଁରେ ମାମଲା

ଭୁବନେଶ୍ୱର, ୧୨।୧୧ (ସତ୍ୟଜିତ୍ ରାଉତ)

ଭୁବନେଶ୍ୱର ଇନ୍‌ଫୋସିଟି ଥାନା ଅନ୍ତର୍ଗତ ଚୂନକୋଳି ବସ୍ତି ଅଞ୍ଚଳରେ ଏକ ୨ମହଲା କୋଠାଘରେ ଚାଲିଥିବା ବେଆଇନ ବାଣ କାରଖାନାରେ ବିସ୍ଫୋରଣ ଘଟଣାରେ ପୋଲିସ ତଦନ୍ତ ଜାରି ରଖିଛି। ଏହି ଘଟଣାରେ ମଙ୍ଗଳବାର ପୋଲିସ ଉକ୍ତ ଘର ତଥା ବାଣ କାରଖାନା ମାଲିକ ବିଘ୍ନେଶ ପଟ୍ଟନାୟକଙ୍କ ନାଁରେ ଭାରତୀୟ ନ୍ୟାୟ ସଂହିତା (ବିଏନ୍‌ଏସ୍) ଦଫା ୨୮୭, ୨୮୮ ଏବଂ ଦି ଏକ୍ସପ୍ଲୋସିଭ୍ ସବ୍‌ଷ୍ଟାନ୍ସ ଆକ୍ଟରେ ଏକ ମାମଲା (ନଂ.୫୪୭/୨୦୨୪) ରୁଜୁ କରିଛି। ତେବେ ବିଘ୍ନେଶ କେଉଁଆଡେ ଫେରାର ହୋଇଯାଇଛନ୍ତି। ଅନ୍ୟପକ୍ଷରେ ଉକ୍ତ କୋଠାଘରର ତଳ ମହଲାରେ ୧୨ରୁ ଊର୍ଦ୍ଧ୍ୱ କର୍ମଜୀବୀ ଯୁବତୀ ରହୁଥିବାବେଳେ ସେମାନେ ପୂର୍ବାହ୍ନରେ ଘର ଛାଡ଼ି ପଳାଇଯାଇଛନ୍ତି। ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଛାନ୍‌ଭିନ୍ କରିବା ସହ ବିଭିନ୍ନ ନମୁନା ସଂଗ୍ରହ କରିଛି। ଉକ୍ତ ଘର ସିଲ୍ ହୋଇଥିବାବେଳେ ଅଭିଯୁକ୍ତ ବିଘ୍ନେଶଙ୍କୁ ଗିରଫ କରିବାକୁ ଖୋଜାଖୋଜି ଚାଲିଛି ବୋଲି ଇନ୍‌ଫୋସିଟି ଥାନାଧିକାରୀ ମହେନ୍ଦ୍ର କୁମାର ସାହୁ କହିଛନ୍ତି।

ବିଘ୍ନେଶ ଉକ୍ତ ଘରେ ପରିବାର ସହ ରହିବା ସହ ବିନା ଲାଇସେନ୍ସରେ ଅସୁରକ୍ଷିତ ଭାବେ ବିସ୍ଫୋରକ ସାମଗ୍ରୀଗୁଡ଼ିକୁ ଗଚ୍ଛିତ କରି ରଖିବା ସହ ବିଭିନ୍ନ ପ୍ରକାର ବାଣ ମଧ୍ୟ ତିଆରି କରୁଥିଲେ। ଏଥିସହ ସ୍ଥାନୀୟ ଅଞ୍ଚଳରେ ବାଣ ମଧ୍ୟ ବିକ୍ରି କରୁଥିଲେ। ବିଘ୍ନେଶ ବାଣ ପ୍ରସ୍ତୁତି ଓ ବିକ୍ରି ନେଇ କୌଣସି ଉପଯୁକ୍ତ ଲାଇସେନ୍ସ ନ ନେଇ ଏଭଳି ବେଆଇନ୍ କାମ କରୁଥିଲେ। ସୋମବାର ଅପରାହ୍ନରେ କୌଣସି କାରଣବଶତଃ ବାଣ କାରଖାନାରେ ନିଆଁ ଲାଗି ବିସ୍ଫୋରଣ ହୋଇଥିଲା। ଏଥିରେ ଲକ୍ଷାଧିକ ଟଙ୍କାର ବାଣ ପୋଡ଼ି ପାଉଁଶ ହୋଇଯିବା ସହ ଘରର ଛାତ ଉଡ଼ିଯିବା ସହ ବିମ୍ ମଧ୍ୟ ଭାଙ୍ଗିଯାଇଥିଲା। ଅଗ୍ନିଶମ କର୍ମଚାରୀମାନେ ପହଞ୍ଚି ଦୀର୍ଘସମୟ ପରେ ନିଆଁକୁ ଆୟତ୍ତ କରିଥିଲେ। ତେବେ ଥାନାଠାରୁ କିଛି ଦୂରରେ ଏଭଳି ବେଆଇନ କାରବାର ଚାଲୁଥିବାବେଳେ ଏନେଇ ପୋଲିସ କେମିତି ଚୁପ୍ ବସିଥିଲା ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।



# ୧୪୦ ଗ୍ରାମ୍ ବ୍ରାଉନ୍‌ସୁଗାର ଜବତ, ଜଣେ ଗିରଫ

ସମ୍ବଲପୁର, ୧୨।୧୧ (ପ୍ରମୋଦ ବହିଦାର)

ସମ୍ବଲପୁର ଜିଲା ଧନୁପାଲି ଥାନା ଅଞ୍ଚଳରୁ ମଙ୍ଗଳବାର ଅବକାରୀ ବିଭାଗ ୧୪୦ ଗ୍ରାମ୍ ବ୍ରାଉନସୁଗାର(ହେରୋଇନ୍) ଜବତ କରିଛି। ଏହାର ଆନୁମାନିକ ମୂଲ୍ୟ ୧୪ ଲକ୍ଷ ଟଙ୍କା ହେବ। କାରବାରରେ ସମ୍ପୃକ୍ତ ସୁନାପାଲିର ଶେଖ୍ ସବିର(୩୬)ଙ୍କୁ ଗିରଫ କରାଯାଇଛି। ଜିଲା ଅବକାରୀ କାର୍ଯ୍ୟାଳୟରେ ମଙ୍ଗଳବାର ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ଏ ନେଇ ସୂଚନା ଦେଇଛନ୍ତି ସମ୍ବଲପୁର ଅତିରିକ୍ତ ଅବକାରୀ ଅଧୀକ୍ଷକ ଅସୀତ ମଲ୍ଲିକ।

ସେ କହିଛନ୍ତି ଯେ, ଗତ ସୋମବାର ସନ୍ଧ୍ୟାରେ ହାଓଡ଼ା-ଟିଟିଲାଗଡ଼ ଇସ୍ପାତ ଏକ୍ସପ୍ରେସରେ ହାଓଡ଼ାରୁ ସମ୍ବଲପୁରକୁ ବ୍ରାଉନସୁଗାର ଚୋରା ଚାଲାଣ ହେଉଥିବା ସମ୍ପର୍କରେ ବିଭାଗକୁ ସୂଚନା ମିଳିଥିଲା। ସୂଚନା ଆଧାରରେ ଚାଲାଣକାରୀଙ୍କୁ ଠାବ କରିବା ପାଇଁ ଅବକାରୀ ବିଭାଗର ଏକ ସ୍ୱତନ୍ତ୍ର ଦଳ ଆଗତୁରା ଝାରସୁଗୁଡ଼ା ଯାଇ ସେଠାରୁ ଇସ୍ପାତ ଏକ୍ସପ୍ରେସ୍‌ରେ ସମ୍ବଲପୁର ଆସିଥିଲେ। ଚିହ୍ନଟ କରି ସାରିଥିଲେ ହେଁ, ସମ୍ବଲପୁର ଆସିବା ପରେ ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ସ୍ୱତନ୍ତ୍ର ଦଳ ଯୋଜନା କରିଥିଲା। ହେଲେ ଟ୍ରେନ ସମ୍ବଲପୁର ଷ୍ଟେଶନ ପହଞ୍ଚିବା ପୂର୍ବରୁ ଫାଟକ ଷ୍ଟେଶନରେ ଟ୍ରେନ୍‌ର ଗତି ଧୀର ହେବା ସୁଯୋଗରେ ବ୍ରାଉନସୁଗାର ଚାଲାଣକାରୀ ଟ୍ରେନ୍‌ରୁ ଡେଇଁ ଫେରାର ହୋଇଯାଇଥିଲେ।


ଶେଖ୍ ସବିର

ତେବେ ଅବକାରୀ ବିଭାଗ ସ୍ୱତନ୍ତ୍ର ଦଳ ଚାଲାଣକାରୀମାନେ ସୁନାପାଲିର ବୋଲି ଚିହ୍ନଟ କରିସାରିଥିଲେ। ତେଣୁ ସୋମବାର ରାତିତମାମ ସ୍ୱତନ୍ତ୍ର ଦଳ ସୁନାପାଲିରେ ଛଦ୍ମବେଶରେ ଜଗି ରହିଥିଲେ। ମଙ୍ଗଳବାର ସକାଳ ପ୍ରାୟ ୭ଟାରେ ଅଭିଯୁକ୍ତଦ୍ୱୟ ଘରୁ ବାହାରିବା ପରେ ପୂର୍ବରୁ ସେଠାରେ ଛକି ରହିଥିବା ଅବକାରୀ ବିଭାଗ କର୍ମଚାରୀ ଶେଖ୍ ସବିରଙ୍କୁ କାବୁ କରି ନେଇଥିବା ବେଳେ ଅନ୍ୟ ଅଭିଯୁକ୍ତ ଫେରାର ହୋଇଯାଇଥିଲେ। ସବିରଙ୍କଠାରୁ ୧୪୦ ଗ୍ରାମ୍ ବ୍ରାଉନସୁଗାର ଜବତ କରାଯାଇଥିଲା। ଏ ନେଇ ଅବକାରୀ ବିଭାଗ ପକ୍ଷରୁ ଏକ ମାମଲା ରୁଜୁ କରାଯାଇ ସବିରଙ୍କୁ କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ଅପରପକ୍ଷରେ ଫେରାର ଅଭିଯୁକ୍ତଙ୍କୁ ଧରିବା ପାଇଁ ପ୍ରୟାସ ଜାରି ରହିଛି ବୋଲି କହିଛନ୍ତି ଅତିରିକ୍ତ ଅବକାରୀ ଅଧୀକ୍ଷକ ମଲ୍ଲିକ।

# ୨ ଜଣଙ୍କ ଗଳା କାଟିବା ପରେ ନିଜ ବେକ କାଟିଲେ ଯୁବକ

**ମାନସିକ ବିକୃତଙ୍କ ଉନ୍ମତ୍ତକାଣ୍ଡ**

କୋରାପୁଟ/ଲମତାପୁଟ/ନନ୍ଦପୁର, ୧୨।୧୧ (ଅମିତାଭ ବେହେରା/ଭକ୍ତରାମ ବାଙ୍କିଆ/ସୁନୀଲ କୁମାର ପଣ୍ଡା)

ଜଣେ ମାନସିକ ବିକୃତ ଯୁବକ ୨ ଜଣଙ୍କ ଗଳା କାଟିବା ପରେ ନିଜ ବେକ କାଟିଛନ୍ତି। ସେମାନଙ୍କ ମଧ୍ୟରୁ ଜଣଙ୍କର ମୃତ୍ୟୁ ହୋଇଛି। କୋରାପୁଟ ଜିଲା ଲମତାପୁଟ ଟିକରପଡ଼ା ଗାଁରେ ଏଭଳି ଅଭାବନୀୟ ଘଟଣା ଘଟିଛି।

ସୂଚନାନୁଯାୟୀ, ଟିକରପଡ଼ା ଗାଁର ସାଦୁ ବଡ଼ନାୟକ ୩ ଦିନ ତଳେ ମାନସିକ ବିକୃତ ବ୍ୟବହାର କରୁଥିଲେ। କାଡ୍ରି ଗ୍ରାମର ରାମ କ୍ରିସାନୀ ସୋମବାର ସାଦୁଙ୍କ ଘରକୁ ବୁଲିବାକୁ ଆସିଥିଲେ। ମଙ୍ଗଳବାର ସାଦୁ କୌଣସି କାରଣରୁ ଏକ ଛୁରିରେ ରାମ ଓ ନିଜ ନାବାଳକ ପୁତୁରା ସୁକୁଙ୍କ ଗଳା କାଟି ଦେଇଥିଲେ। ଏଥିସହ ସାଦୁ ନିଜ ବେକ ମଧ୍ୟ କାଟି ଦେଇଥିଲେ। ଘଟଣାସ୍ଥଳରେ ରାମଙ୍କର ମୃତ୍ୟୁ ହୋଇଯାଇଛି। ସୁକୁଙ୍କୁ ପରିବାର ଲୋକେ ନନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ଗ୍ରାମବାସୀ ସାଦୁଙ୍କୁ ବାନ୍ଧି ରଖି ପୋଲିସକୁ ଘଟଣା ସମ୍ପର୍କରେ ଖବର ଦେଇଥିଲେ। ପୋଲିସ ସେଠାରେ ପହଞ୍ଚି ସାଦୁଙ୍କୁ ନନ୍ଦପୁର ଡାକ୍ତରଖାନାକୁ ନେଇଥିଲେ। ସେଠାରେ ସାଦୁ ଓ ସୁକୁଙ୍କ ପ୍ରାଥମିକ ଚିକିତ୍ସା କରାଯାଇଥିଲା। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ସେମାନଙ୍କୁ କୋରାପୁଟସ୍ଥିତ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଛି। ସାଦୁଙ୍କ ଅବସ୍ଥା ସଙ୍କଟାପନ୍ନ ଥିବା ଜଣାପଡ଼ିଛି। ଏ ନେଇ ନନ୍ଦପୁର ଥାନାରେ ନଂ.୧୨୩/୨୪ରେ ମାମଲା ରୁଜୁହୋଇ ତଦନ୍ତ ଚାଲିଥିବା ଥାନା ଅଧିକାରୀ ମମତା ପଣ୍ଡା ସୂଚନା ଦେଇଛନ୍ତି।

**ସିନେ ନିର୍ଦ୍ଦେଶକଙ୍କୁ ସୋସିଆଲ ମିଡିଆରେ ଆକ୍ଷେପ**

# ଅଭିନେତା ମନୋଜ ମିଶ୍ରଙ୍କ ନାଁରେ ଏତଲା

କଟକ, ୧୨।୧୧ (କାର୍ତ୍ତିକ ସାହୁ)

ଓଡ଼ିଆ ସିନେ ନିର୍ଦ୍ଦେଶକମାନଙ୍କୁ ଆକ୍ଷେପ କରି ସୋସିଆଲ ମିଡିଆରେ କିଛି ଆପତ୍ତିଜନକ ମନ୍ତବ୍ୟ ଦେଇଛନ୍ତି ଅଭିନେତା ମନୋଜ ମିଶ୍ର। ତାଙ୍କ ମନ୍ତବ୍ୟକୁ ନେଇ ଓଡ଼ିଶା ଫିଲ୍ମ ଆଣ୍ଡ୍ ଟିଭି ନିର୍ଦ୍ଦେଶକ ସଂଘ ପ୍ରତିକ୍ରିୟା ପ୍ରକାଶ କରିଛି। ତାଙ୍କର ଏଭଳି ମନ୍ତବ୍ୟ ଓଡ଼ିଆ ସିନେ ନିର୍ଦ୍ଦେଶକମାନଙ୍କ ପ୍ରତି ଅପମାନସୂଚକ ହୋଇଛି। ଏଥିସହ ସିନେମାକୁ ଭଲ ପାଉଥିବା ଦର୍ଶକଙ୍କ ନିକଟକୁ ଏକ ଖରାପ ବାର୍ତ୍ତା ପ୍ରସାରିତ ହେଉଛି। ମନୋଜଙ୍କୁ ଏଭଳି କାର୍ଯ୍ୟରୁ ନିବୃତ୍ତ କରିବା ପାଇଁ ପଦକ୍ଷେପ ନେବାକୁ ସଂଘ ପକ୍ଷରୁ କଟକସ୍ଥିତ ସାଇବର ଥାନାରେ ମଙ୍ଗଳବାର ଏତଲା ଦିଆଯାଇଛି। ସଂଘ ପକ୍ଷରୁ ସବ୍ୟସାଚୀ ମହାପାତ୍ର, ବସନ୍ତ ସାହୁ, ଅବ୍‌ତାର ସିଂ, ହରିଶ ମହାନ୍ତି, ତାପସ ସରଘରିଆ, ଜ୍ୟୋତି ଦାସ, ଦେବୁ ପଟ୍ଟନାୟକ, ଗିରିଶ ମହାନ୍ତି, ବବି ଇସ୍‌ଲାମ, ସଂଗ୍ରାମ ମହାନ୍ତି ପ୍ରମୁଖ ଏତଲା ପ୍ରଦାନ ବେଳେ ଉପସ୍ଥିତ ଥିଲେ। ସାଇବର ଥାନା ଆଇଆଇସି ରଶ୍ମିତା ଜେନା କହିଛନ୍ତି, ନିର୍ଦ୍ଦେଶକ ସଂଘ ପକ୍ଷରୁ ଏକ ଲିଖିତ ଏତଲା ସହ ପେନ୍ ଡ୍ରାଇଭ୍‌ରେ କିଛି ଭିଡିଓ ସମ୍ବଳିତ ତଥ୍ୟ ପ୍ରଦାନ କରାଯାଇଛି। ଉକ୍ତ ପେନ୍ ଡ୍ରାଇଭ ତଥ୍ୟକୁ ଦେଖିବା ପରେ ପଦକ୍ଷେପ ନିଆଯିବ।

# ରିମାଣ୍ଡରେ ଆସି ଜେରା ହେଲେ ସମୀର

**ବିବାହ ପାଇଁ ଧର୍ମ ପରିବର୍ତ୍ତନର ଚାପ ଘଟଣା**

ଭୁବନେଶ୍ୱର, ୧୨।୧୧ (ସତ୍ୟଜିତ୍ ରାଉତ)

ବିବାହ ପାଇଁ ଯୁବତୀଙ୍କୁ ଧର୍ମ ପରିବର୍ତ୍ତନ କରିବାକୁ ଚାପ ପକାଇବା ଘଟଣାରେ ଭୁବନେଶ୍ୱର ମହିଳା ଥାନା ପୋଲିସ ଅଧିକ ତଦନ୍ତ ଜାରି ରଖିଛି। ଏହି ମାମଲାରେ ଝାରପଡ଼ା ଜେଲରେ ଥିବା ଅଭିଯୁକ୍ତ ଏମ୍‌ଡି ସମୀର ମନ୍‌ସୁରୀଙ୍କୁ ପୋଲିସ ମଙ୍ଗଳବାର ଦିନିକିଆ ରିମାଣ୍ଡରେ ଆଣି ମାରାଥନ୍ ଜେରା କରିଛି।

ଅପରାହ୍ନ ପ୍ରାୟ ୧ଟାରେ ପୋଲିସ ସମୀରଙ୍କୁ ଜେଲରୁ ଆଣି ଏହି ମାମଲାର ଏକାଧିକ ଦିଗକୁ ନେଇ ତାଙ୍କୁ ବିଭିନ୍ନ ପ୍ରଶ୍ନ ପଚାରିବା ସହ ବହୁ ତଥ୍ୟ ହାସଲ କରିଥିବା ସୂଚନା ମିଳିଛି। ସନ୍ଧ୍ୟାରେ ସମୀରଙ୍କୁ କୋର୍ଟରେ ହାଜର କରାଯିବା ପରେ ପୁଣି ତାଙ୍କୁ ଝାରପଡ଼ା ଜେଲକୁ ଫେରାଇ ନିଆଯାଇଛି। ସମୀରଙ୍କୁ ୪ଦିନିଆ ରିମାଣ୍ଡରେ ଆଣିବାକୁ ପୋଲିସ ପକ୍ଷରୁ ଭୁବନେଶ୍ୱର ଏସ୍‌ଡିଜେଏମ୍ କୋର୍ଟରେ ଶନିବାର ଆବେଦନ କରାଯାଇଥିଲା। ତେବେ କୋର୍ଟ ଦିନିକିଆ ଅନୁମତି ଦେଇଥିଲେ। ଅପରପକ୍ଷରେ ଏ ସଂକ୍ରାନ୍ତରେ ବିହାର ଓ ଜମ୍ମୁ-କଶ୍ମୀର ପୋଲିସ ସହ କମିଶନରେଟ୍ ପୋଲିସ ଯୋଗାଯୋଗରେ ରହି ଏକାଧିକ ତଥ୍ୟ ହାସଲ କରିଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ, ନିଜ ଧର୍ମ ଓ ପରିଚୟ ଗୋପନ ରଖି ଜଗତ୍‌ସିଂହପୁର ଜିଲା ରାହାମା ଅଞ୍ଚଳର ଜଣେ ହିନ୍ଦୁ ଯୁବତୀଙ୍କୁ ଲଭ୍ ଜିହାଦ ଜାଲରେ ଫସାଇ ସମୀର ବଳପୂର୍ବକ ତାଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ। ପରବର୍ତ୍ତୀ ସମୟରେ ସେ ତାଙ୍କର ଅନ୍ତରଙ୍ଗ ଫଟୋକୁ ସୋସିଆଲ ମିଡିଆରେ ଅପ୍‌ଲୋଡ୍ କରି ବ୍ଲାକ୍‌ମେଲ କରିଥିଲେ। ଅଭିଯୋଗ ପରେ ସମୀରଙ୍କୁ ଗତ ରବିବାର ମହିଳା ଥାନା ପୋଲିସ ଗିରଫ କରି କୋର୍ଟଚାଲାଣ କରିଥିଲା।


ଏମ୍‌ଡି ସମୀର ମନ୍‌ସୁରୀଙ୍କୁ ଜେରା ପରେ ଜେଲ୍‌କୁ ଫେରାଇ ନେଉଛି ପୋଲିସ।

# ୧୩ ଜଣଙ୍କ ନାମରେ ମାମଲା

**ସଂରକ୍ଷିତ ଜଙ୍ଗଲରୁ ଗଛକଟା ଘଟଣା**

କେନ୍ଦୁଝର, ୧୨।୧୧ (ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ଚମ୍ପୁଆ ରେଞ୍ଜ କାଳିକାପ୍ରସାଦ ବିଟ୍ ଅଧୀନସ୍ଥ କୃଷ୍ଣପୁର ସଂରକ୍ଷିତ ଜଙ୍ଗଲରେ ଅନୁମତିଠାରୁ ଅଧିକ ଗଛ କଟାଯିବା ଘଟଣାରେ ବନବିଭାଗ ୧୩ଜଣଙ୍କ ନାମରେ ମାମଲା ରୁଜୁ କରିଛି। ଏହି ଘଟଣାକୁ ନେଇ ଉକ୍ତ ଗ୍ରାମ ପୁରୁଷଶୂନ୍ୟ ହୋଇପଡ଼ିଛି। ବନ ବିଭାଗ ଅଦ୍ୟାବଧି କାହାରିକୁ ଗିରଫ କରି ନ ଥିବା ଜଣାପଡ଼ିଛି।

ପ୍ରକାଶ ଯେ, କେନ୍ଦୁଝର ଡିଏଫ୍‌ଓ ଧନ୍‌ରାଜ ଏଚ୍‌ଡି ଉକ୍ତ ସଂରକ୍ଷିତ ଜଙ୍ଗଲରେ ୨୫୦୫ଟି ୟୁକାଲିପଟାସ ଗଛ କାଟିବାକୁ କୃଷ୍ଣପୁର ବନ ସୁରକ୍ଷା ସମିତିକୁ ଅନୁମତି ଦେଇଥିଲେ। ଧାର୍ଯ୍ୟଠାରୁ ଅଧିକ ବିଭିନ୍ନ କିସମର ଗଛ କଟାଯାଇଥିଲା। ଏନେଇ କୃଷ୍ଣପୁର ଗ୍ରାମବାସୀ କେନ୍ଦୁଝର ଜିଲାପାଳ, ଡିଏଫ୍‌ଓ, ଚମ୍ପୁଆ ଉପଜିଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ଚମ୍ପୁଆ ରେଞ୍ଜ ଦାୟିତ୍ୱରେ ଥିବା ସହକାରୀ ବନ ସଂରକ୍ଷକ ଅକ୍ଷୟ ଛତ୍ରିଆଙ୍କୁ କଟା ଗଛର ମୂଳ ଗଣତି ପାଇଁ ଡିଏଫ୍‌ଓ ଆଦେଶ କରିଥିଲେ। ଗଣତି ବେଳେ ଅଧିକ ଗଛ କଟାଯାଇଥିବା ଜଣାପଡ଼ିଥିଲା। ମାତ୍ର ଅଧାରୁ ଗଣତି ବନ୍ଦ କରାଯାଇଥିବା ଗ୍ରାମବାସୀ ଅଭିଯୋଗ କରିଥିଲେ। ଘଟଣାରେ ଅଧିକ ଗଛ କଟାଯାଇଥିବା ପ୍ରମାଣ ମିଳିବା ପରେ ବନ ବିଭାଗ ପକ୍ଷରୁ ବନ ସୁରକ୍ଷା ସମିତିର ସଭାପତି ରଞ୍ଜନ କୁମାର ମହାନ୍ତଙ୍କ ସମେତ ୧୨ଜଣଙ୍କ ବିରୋଧରେ କେସ୍ ରୁଜୁ କରିଛନ୍ତି। ଫରେଷ୍ଟର ସୁନୀତା ବାଘେଲ କହିଛନ୍ତି, ପାଖାପାଖି ୧୧୨୩ଟି ଅଧିକ ଗଛ କଟାଯାଇଛି। ଏନେଇ ମାମଲା ରୁଜୁ ହୋଇଛି। ଅଭିଯୁକ୍ତଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ। ଅଭିଯୁକ୍ତମାନେ ଫେରାର ହୋଇଯାଇଛନ୍ତି। ତଦାରଖ କରୁଥିବା ବନ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଗଛ ମହାମେରୁ, ପତର ସରୁ,**
**ତା' ଫଳଟା ଗଣ୍ଠିଆ ଗୁରୁ।**

ତେନ୍ତୁଳିଗଛ ଦେଖିବାକୁ ମୋଟା ହୋଇଥିବାବେଳେ ତା'ର ପତ୍ର କିନ୍ତୁ ଅପେକ୍ଷାକୃତ ସରୁ ହୋଇଥାଏ। ସେହିପରି ତେନ୍ତୁଳି ଆକାର ବଙ୍କା ତଥା ଗଣ୍ଠିଆ ହୋଇଥିବା ନେଇ ଏଭଳି ପ୍ରହେଳିକା ପ୍ରକାଶ କରାଯାଇଛି।

**ଗୁଆ ମୂଳେ ଗୋବର,**
**ପଣସ ମୂଳେ ମାଟି,**
**ନଡ଼ିଆ ଯଦି ନ ଫଳିବ,**
**ଚେର ଦେବ କାଟି।**

ସାଧାରଣତଃ ଗୁଆ ଗଛ ମୂଳରେ ଗୋବର ଓ ପଣସ ଗଛ ମୂଳରେ ମାଟି ଦେଲେ ଭଲ ଫଳ ଫଳେ ବୋଲି ଜଣାଯାଇଥାଏ। ସେହିପରି ନଡ଼ିଆ ଗଛର ଉପର ଚେରକୁ କାଟି ଦେଲେ ନଡ଼ିଆ ଭଲ ଫଳେ ବୋଲି ଏଠାରେ ବର୍ଣ୍ଣନା କରାଯାଇଛି।

ନିର୍ବାଚିତ ଢଗଢ଼ମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ୨ ହାତୀଦାନ୍ତ ଜବତ, ଜଣେ ଗିରଫ

ଘସିପୁରା/ରାମଚନ୍ଦ୍ରପୁର, ୧୨।୧୧ (ଗଣେଶ୍ୱର ସା/ ନିରଞ୍ଜନ ସାହୁ)

କେନ୍ଦୁଝର ଜିଲା ଆନନ୍ଦପୁର ବନ ବିଭାଗ ୨୦ ନଂ. ଜାତୀୟ ରାଜପଥ ବୀରଗୋବିନ୍ଦପୁର ତ୍ରିରଙ୍ଗା ଢ଼ାବା ନିକଟରୁ ୨ ହାତୀଦାନ୍ତ ଜବତ କରିଛି। ବନ୍ୟପ୍ରାଣୀଙ୍କ ଅଙ୍ଗ ପ୍ରତ୍ୟଙ୍ଗ ଚାଲାଣ ଅଭିଯୋଗରେ ଜଣଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତ ଜଣଙ୍କ ଘଟଗାଁ ବ୍ଲକ୍ ମେଲାଣ ଗ୍ରାମର ସୁଦାମ ମାର୍କିଡ଼ିଆ ବୋଲି ଜଣାପଡ଼ିଛି। ସୂଚନା ଅନୁଯାୟୀ, ବନ ବିଭାଗ ପକ୍ଷରୁ ଜଣେ କର୍ମଚାରୀ ଗ୍ରାହକ ଭାବେ ଅଭିଯୁକ୍ତଙ୍କୁ ଯୋଗାଯୋଗ କରିଥିଲେ। ଅଭିଯୁକ୍ତଙ୍କୁ ବୀରଗୋବିନ୍ଦପୁର ତ୍ରିରଙ୍ଗା ଢ଼ାବା ନିକଟକୁ ଡକାଇଥିଲେ। ଅଭିଯୁକ୍ତ ସେଠାରେ ପହଞ୍ଚିବା ପରେ ବନ କର୍ମଚାରୀ ତାଙ୍କୁ କାବୁ କରିନେଇଥିଲେ।

# ଅବକାରୀ ଚଢ଼ାଉ ବେଳେ ଧରାପଡ଼ିଲା ଗୋମାଂସ

**ଚାଲାଣକାରୀ ଗିରଫ**

ଖଲ୍ଲିକୋଟ, ୧୨।୧୧ (ପ୍ରଶାନ୍ତ କୁମାର ମିଶ୍ର)

ଗଞ୍ଜାମ ଜିଲା ଖଲ୍ଲିକୋଟ ଥାନା ଅନ୍ତର୍ଗତ ନିର୍ମଳଝର ନିକଟରେ ମଙ୍ଗଳବାର ଅବକାରୀ ବିଭାଗ ପକ୍ଷରୁ ଯାଞ୍ଚ ଚାଲିଥିବା ବେଳେ ଜଣେ ବ୍ୟକ୍ତିଙ୍କଠାରୁ ଗୋମାଂସ ମିଳିଥିଲା। ପୋଲିସ ସମ୍ପୃକ୍ତ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ଜଟଣୀର ଆକ୍ରମ ଖାନ୍। ତାଙ୍କୁ ଅପରାହ୍ନରେ କୋର୍ଟ ଚାଲାଣ କରାଯାଇଛି।

ଅବକାରୀ ବିଭାଗ ପକ୍ଷରୁ ମଦ ଚାଲାଣ ରୋକିବାକୁ ନିର୍ମଳଝରଠାରେ ଗାଡ଼ିମୋଟର ଯାଞ୍ଚ ଚାଲିଥିଲା। ଏହି ସମୟରେ ଆକ୍ରାମ ସ୍କୁଟିରେ ଦୁଇଟି ବ୍ୟାଗ ଧରି ବ୍ରହ୍ମପୁର ଅଭିମୁଖେ ଯାଉଥିବା ବେଳେ ତାଙ୍କୁ ସନ୍ଦେହରେ ଅଟକାଇ ପଚାରିବାରୁ ସେ ଗୋମାଂସ ନେଉଥିବା କହିଥିଲେ। ଏହି ଖବର ପ୍ରଘଟ ହେବା ପରେ ନିକଟସ୍ଥ ଭରସା ଗ୍ରାମବାସୀ ଓ ଖଲ୍ଲିକୋଟ ବଜରଙ୍ଗ ଦଳର କର୍ମୀମାନେ ପହଞ୍ଚି ସ୍କୁଟି ସହ ଗୋମାଂସ ଚାଲାଣକାରୀଙ୍କୁ ଖଲ୍ଲିକୋଟ ଥାନା ଜିମା ଦେଇଥିଲେ। ପୋଲିସ ଆକ୍ରାମଙ୍କୁ ପଚରାଉଚରା କରିବା ପରେ ଗିରଫ କରିଥିଲା।



ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗ ଚିତ୍ର।

# ନାବାଳିକା ଝିଅଙ୍କୁ ବଳାତ୍କାର, ବାପା ଅଟକ

ବିଞ୍ଝାରପୁର, ୧୨।୧୧ (ରାମକୃଷ୍ଣ ଦାସ)

ଯାଜପୁର ଜିଲା ବିଞ୍ଝାରପୁର ଥାନା ଅଞ୍ଚଳରେ ଜଣେ ନାବାଳିକାଙ୍କୁ ତାଙ୍କ ବାପା ବଳାତ୍କାର କରିଥିବା ଅଭିଯୋଗ ହୋଇଛି। ଏନେଇ ନାବାଳିକାଙ୍କ ମା' ମଙ୍ଗଳବାର ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏହି ଘଟଣାରେ ନାବାଳିକାଙ୍କ ବାପାଙ୍କୁ ଅଟକ ରଖି ତଦନ୍ତ ଚଳାଇଛି। ଅଭିଯୋଗ ମୁତାବକ, ଅଭିଯୁକ୍ତ ଓ ତାଙ୍କ ସ୍ତ୍ରୀଙ୍କ ମଧ୍ୟରେ ୮ ବର୍ଷ ମନୋମାଳିନ୍ୟ ରହିଛି। ଅଭିଯୁକ୍ତ ବିଭିନ୍ନ ସମୟରେ ତାଙ୍କ ସ୍ତ୍ରୀଙ୍କୁ ମାରଧର କରନ୍ତି। ଗତ ସୋମବାର ରାତିରେ ସ୍ୱାମୀ ଓ ସ୍ତ୍ରୀଙ୍କ ମଧ୍ୟରେ ମନୋମାଳିନ୍ୟ ଉଗ୍ରରୂପ ଧାରଣ କରିଥିଲା। ଏଥିରେ ରାଗିଯାଇ ଅଭିଯୁକ୍ତ ତାଙ୍କ ସ୍ତ୍ରୀଙ୍କୁ ମାଡ଼ ମାରି ଘରୁ ବାହାରକରି ଦେଇଥିଲେ। ଏହାପରେ ନିଜ ଝିଅଙ୍କୁ ବଳାତ୍କାର କରିଥିଲେ। ମହିଳା ଜଣକ କୌଶଳକ୍ରମେ ଅଭିଯୁକ୍ତଙ୍କୁ କାବୁ କରି ଘରେ ତାଲା ପକାଇ ଘଟଣା ସମ୍ପର୍କରେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ପହଞ୍ଚି ଅଭିଯୁକ୍ତଙ୍କୁ ଥାନାକୁ ନେଇଥିଲା।

# ନବଜାତ ଶିଶୁକନ୍ୟା ବିକ୍ରି ଚର୍ଚ୍ଚା

**ଘଟଣା ପ୍ରଘଟ ପରେ ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ ଏବଂ କର୍ମଚାରୀ ଛକାପଞ୍ଝା**

ଲାଠୋର, ୧୨।୧୧ (ଭୁବନେଶ୍ୱର ବାରିକ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଅଧୀନ ଲାଠୋର ଅଞ୍ଚଳରେ ନବଜାତ ଶିଶୁ କନ୍ୟା ବିକ୍ରି ହୋଇଥିବା ନେଇ ଚର୍ଚ୍ଚା ଜୋର ଧରିଛି। ଶିଶୁକନ୍ୟାର ମାଆ ଜଣେ ସମ୍ପର୍କୀୟଙ୍କୁ ଶିଶୁକୁ ଦେଇଦେଇଛୁ ବୋଲି କହୁଛନ୍ତି। କିନ୍ତୁ ସମ୍ପର୍କୀୟଙ୍କ ନାମ, ଠିକଣା କହୁ ନ ଥିବାରୁ ସନ୍ଦେହ ସୃଷ୍ଟି ହୋଇଛି। ୧୦ ଦିନ ପରେ ମଙ୍ଗଳବାର ଘଟଣା ପ୍ରଘଟ ହେବାରୁ ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ ଏବଂ କର୍ମଚାରୀଙ୍କ ମଧ୍ୟରେ ଛକାପଞ୍ଝା ସୃଷ୍ଟି ହୋଇଛି।

ଚଳିତ ମାସ ୨ତାରିଖ ଶନିବାର ସୁନାମୁଦି ସ୍ୱାସ୍ଥ୍ୟ ଉପକେନ୍ଦ୍ରକୁ ଲାଠୋର ଅଞ୍ଚଳର ଜଣେ ଗର୍ଭବତୀଙ୍କୁ ପ୍ରସବ ପାଇଁ ଆଶାକର୍ମୀ ନେଇଥିଲେ। ମହିଳା ସ୍ୱାସ୍ଥ୍ୟକର୍ମୀ ତାଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରି ନର୍ମାଲ ପ୍ରସବ କରାଇଥିଲେ। ଏକ ସୁସ୍ଥ ଶିଶୁ କନ୍ୟା ଜନ୍ମ ହୋଇଥିଲା। ପ୍ରସୂତି ମହିଳା ଏବଂ ନବଜାତ ଶିଶୁ କନ୍ୟା ସୁସ୍ଥ ଥିବାରୁ ଉଭୟଙ୍କୁ ଆଶାକର୍ମୀ ତାଙ୍କ ଘରକୁ ଆଣି ଅପରାହ୍ନରେ ଛାଡ଼ିଥିଲେ। ତହିଁ ପରଦିନ ରବିବାର ଆଶାକର୍ମୀ ମା' ଏବଂ ଶିଶୁଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଦେଖିବାକୁ ତାଙ୍କ ଘରକୁ ଯାଇଥିଲେ। ହେଲେ ଘରେ ମହିଳା ଏକାକୀ ଥିବାବେଳେ ଶିଶୁ ଘରେ ନ ଥିଲା। ଶିଶୁକୁ ନ ଦେଖି ଆଶାକର୍ମୀ ଶିଶୁ କୁଆଡ଼େ ଗଲା ବୋଲି ପଚାରିଥିଲେ। ମହିଳା ଜଣକ ଶିଶୁକୁ ସମ୍ପର୍କୀୟଙ୍କୁ ଦେଇ ଦେଇଛୁ ବୋଲି କହିଥିଲେ। ସନ୍ଦେହ ହେବାରୁ ଆଶାକର୍ମୀ ଘଟଣା ବିଷୟରେ ତୁରନ୍ତ ଦାୟିତ୍ୱରେ ଥିବା ସାନଗୁର୍ଜିଭଟା ସ୍ୱାସ୍ଥ୍ୟ ଉପକେନ୍ଦ୍ର ମହିଳା ସ୍ୱାସ୍ଥ୍ୟକର୍ମୀ ଲତା ଭୁଏଙ୍କୁ ଅବଗତ କରିଥିଲେ। ହେଲେ ସମ୍ପୃକ୍ତ ମହିଳା ସ୍ୱାସ୍ଥ୍ୟକର୍ମୀ ଖପ୍ରାଖୋଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଅଧିକାରୀ ଡ. ସୂରଜ କୁମାର ଦୀପଙ୍କୁ ଘଟଣା ବିଷୟରେ ନ ଜଣାଇ ସ୍ୱାସ୍ଥ୍ୟ ବିଭାଗ ସୁପରଭାଇଜର ଜ୍ୟୋତ୍ସ୍ନାବାଳା ରାମଙ୍କୁ ଜଣାଇ ଚୁପଚାପ ରହିଥିଲେ। ଏବେ ଘଟଣାଟି ପ୍ରଘଟ ହେବାରୁ ମହିଳା ସ୍ୱାସ୍ଥ୍ୟକର୍ମୀ ଏବଂ ସୁପରଭାଇଜର ବାଧ୍ୟ ହୋଇ ଖପ୍ରାଖୋଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଅଧିକାରୀଙ୍କୁ ଜଣାଇଥିଲେ। ସେମାନେ କାହିଁକି ଘଟଣା ବିଷୟରେ କାହାକୁ କିଛି ନ କହି ଚୁପଚାପ ରହିଥିଲେ ତାହା ତଦନ୍ତ ସାପେକ୍ଷ। ଘଟଣାକୁ ନେଇ ଗଣମାଧ୍ୟମ ପ୍ରତିନିଧିମାନେ ସମ୍ପୃକ୍ତ ଶିଶୁ କନ୍ୟାର ମା'ଙ୍କୁ ପଚାରିଥିଲେ। ସେ କହିଥିଲେ, ଶିଶୁକୁ ବରଗଡ଼ ଅଞ୍ଚଳର ଜଣେ ସମ୍ପର୍କୀୟଙ୍କୁ ଦେଇଛନ୍ତି। ଶିଶୁ ଆଦିବାସୀ ସମ୍ପ୍ରଦାୟରୁ ଆସୁଥିବାରୁ ତାଙ୍କ ସମାଜର ସମ୍ପାଦକଙ୍କୁ ଘଟଣା ବିଷୟରେ ପଚରା ଯାଇଥିଲା। ସେ ତାଙ୍କ ପ୍ରତିକ୍ରିୟାରେ ଜଣେ ଥିଲାବାଲା ଲୋକଙ୍କୁ ଶିଶୁକୁ ଦିଆଯାଇଥିବା ଶୁଣିବାକୁ ପାଉଛନ୍ତି ବୋଲି କହିଥିଲେ। ତେବେ ଶିଶୁକୁ ବିକ୍ରି କରାଯାଇଛି ନା ପ୍ରକୃତରେ ସମ୍ପର୍କୀୟଙ୍କୁ ଦିଆଯାଇଛି। ଯଦି ସମ୍ପର୍କୀୟଙ୍କୁ ଦିଆଯାଇଛି ତା'ହେଲେ ସରକାରୀ ନିୟମକୁ ପାଳନ କରାଯାଇଛି ନା ନାହିଁ ଏମିତି ଅନେକ ପ୍ରଶ୍ନ ଲୋକେ ଆଲୋଚନା କରୁଛନ୍ତି। ବର୍ତ୍ତମାନ ଶିଶୁଟି କେଉଁ ସ୍ଥିତିରେ କାହା ପାଖରେ ରହିଛି ତାହା କହିବା ମୁସ୍କିଲ ହୋଇପଡ଼ିଛି। ଏନେଇ ଖପ୍ରାଖୋଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅଧିକାରୀ ଦୀପଙ୍କୁ ପଚାରିବାରେ ଘଟଣାକୁ ସ୍ୱୀକାର କରିଥିଲେ। ଶିଶୁର ପରିବାରବର୍ଗ ତଦନ୍ତରେ ବାଧା ସୃଷ୍ଟି କରିବା ସମ୍ଭାବନା ଥିବାରୁ ପୋଲିସକୁ ଘଟଣା ବିଷୟରେ ଜଣାଇ ତଦନ୍ତ କରିବାକୁ ଯିବୁ ବୋଲି ସେ କହିଥିଲେ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୮ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ବୁଧବାର, ନଭେମ୍ବର ୧୩/୨୦୨୪ Bhubaneswar, Wednesday, November 13/ 2024

# ଭାରତର କ୍ରମାଗତ ଦ୍ୱିତୀୟ ବିଜୟ

**ରାଜଗିର, ୧୨।୧୧**

ବିହାରର ରାଜଗିରଠାରେ ଚାଲିଥିବା ମହିଳା ଏସିଆନ ଚାମ୍ପିୟନ୍ସ ଟ୍ରଫି ହକି ଟୁର୍ନାମେଣ୍ଟରେ ଭାରତ କ୍ରମାଗତ ଦ୍ୱିତୀୟ ବିଜୟ ହାସଲ କରିଛି। ସୋମବାର ମାଲେସିଆକୁ ୪-୦ ଗୋଲରେ ହରାଇଥିବା ଭାରତ ମଙ୍ଗଳବାର ଏକ ସଂଘର୍ଷପୂର୍ଣ୍ଣ ମ୍ୟାଚରେ ଦକ୍ଷିଣ କୋରିଆକୁ ୩-୨ ଗୋଲରେ ପରାସ୍ତ କରିଛି। ଦୀପିକା ସେରାୱତଙ୍କ ଡବଲ ଗୋଲ ଭାରତ ବିଜୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା। ସେ ମ୍ୟାଚର ୨୦ ଓ ୫୭ତମ ମିନିଟରେ ଏହି ଗୋଲ୍ ୨ଟି ଦେଇଥିଲେ। ଆକ୍ରମଣାତ୍ମକ ଆରମ୍ଭ କରିଥିବା ଭାରତ ପକ୍ଷରୁ କିନ୍ତୁ ମ୍ୟାଚର ୩ୟ ମିନିଟରେ ସଙ୍ଗୀତା କୁମାର ଏକ ଗୋଲ ଦେଇ ଦଳକୁ ଅଗ୍ରଣୀ କରିଥିଲେ। କୋରିଆ ପକ୍ଷରୁ ଲୀ ୟୁ-ରିମ୍ ୩୪ ଓ ଚ୍ୟୋନ ୟୁନ-ବି ୩୮ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ପରିଶୋଧ କରିଥିଲେ। ଅର୍ଥାତ୍ ମ୍ୟାଚର ଶେଷଭାଗରେ ଦୀପିକା ଦେଇଥିବା ଗୋଲଟି ଶେଷରେ ନିର୍ଣ୍ଣାୟକ ହୋଇଥିଲା। କୋରିଆ ଖେଳାଳିଙ୍କ ବିପଜ୍ଜନକ ପ୍ରଦର୍ଶନ ଯୋଗୁ ଭାରତକୁ ମିଳିଥିବା ପେନାଲ୍ଟି ଷ୍ଟ୍ରୋକ୍‌ରୁ ଏହି ଗୋଲଟି ଆସିଥିଲା। ଭାରତ ଏହାର

**ମହିଳା ଏସିଆନ ଚାମ୍ପିୟନ୍ସ ଟ୍ରଫି ହକି**

**ଦୀପିକାଙ୍କ ଡବଲ ଗୋଲ**

ପରବର୍ତ୍ତୀ ମ୍ୟାଚ ୧୪ ତାରିଖରେ ଥାଇଲାଣ୍ଡ ବିପକ୍ଷରେ ଖେଳିବ।

ଅନ୍ୟଏକ ମ୍ୟାଚରେ ଚାଇନା ୫-୦ରେ ମାଲେସିଆକୁ ହରାଇଥିବାବେଳେ ଜାପାନ ଓ ଥାଇଲାଣ୍ଡ ମଧ୍ୟରେ ଅନୁଷ୍ଠିତ ମ୍ୟାଚ ୧-୧ ଗୋଲରେ ଡ୍ର ରହିଛି। ଫଳରେ ୨ଟି ଲେଖାଏ ମ୍ୟାଚରୁ ଉଭୟ ଭାରତ ଓ ଚାଇନା ୬ ପଏଣ୍ଟ ଲେଖାଏ ପାଇଛନ୍ତି। ତେବେ ଗୋଲ ବ୍ୟବଧାନରେ ଚାଇନା ଶୀର୍ଷରେ ରହିଛି। ୨ ପଏଣ୍ଟ ସହ ଜାପାନ ତୃତୀୟ ସ୍ଥାନ ଅଧିକାର କରିଛି।



ଗୋଲ ଦେବାପରେ ଉଲ୍ଲସିତ ଦୀପିକା ସେରାୱତ (ବାମ)।

## ସିନର ବର୍ଷ ଶେଷର ନଂ.୧



**ତୁରିନ୍, ୧୨।୧୧ (ଏପି):** ଜାନିକ ସିନର ବର୍ଷ ଶେଷର ନମ୍ବର ୱାନ ଖେଳାଳି ବିବେଚିତ ହୋଇଛନ୍ତି। ଏଥିସହିତ ଏଟିପି ଫାଇନାଲ୍ସ ଚାଲିଥିବା ବେଳେ ତାଙ୍କ ଘରୋଇ ସମର୍ଥକଙ୍କ ସମ୍ମୁଖରେ ସମ୍ମାନଜନକ ଟ୍ରଫି ହାସଲ କରିଛନ୍ତି। ସିନର ଚଳିତବର୍ଷ ଅଷ୍ଟ୍ରେଲିଆନ ଓପନ ଓ ୟୁଏସ ଓପନ ଜିତିଛନ୍ତି। ଏହା ହେଉଛି ତାଙ୍କ କ୍ୟାରିୟରର ପ୍ରଥମ ଦୁଇ ଗ୍ରାଣ୍ଡସ୍ଲାମ ଟାଇଟଲ। ଗାଣିତିକ ହିସାବରେ ସେ ଏକ ମାସ ପୂର୍ବରୁ ନମ୍ବର-୧ ସ୍ଥାନ ଅଧିକାର କରିସାରିଛନ୍ତି। ବର୍ଷ ଶେଷର ଏହି ସମ୍ମାନ ଲାଭ କରିବାରେ ୨୩ବର୍ଷୀୟ ସିନର ୧୯ତମ ଏବଂ ଓଭରଅଲ ନମ୍ବର ୱାନ ସ୍ଥାନ ହାସଲ କରିବାରେ ସେ ହେଉଛନ୍ତି ୨୯ତମ ପୁରୁଷ ଖେଳାଳି। ବର୍ଷର ଶ୍ରେଷ୍ଠ ୮ଖେଳାଳିଙ୍କୁ ନେଇ ଚାଲିଥିବା ଏଟିପି ଫାଇନାଲ୍ସରେ ସିନର ରବିବାର ଆଲେକ୍ସ ମିନାଉରଙ୍କୁ ପରାସ୍ତ କରିଛନ୍ତି।

## ଲେହରେ ହେବ ପାରା ସ୍ପୋର୍ଟ୍ସ ସେଣ୍ଟର

**ଲେହ, ୧୨।୧୧ (ପି.ଟି.):** ଲଦାଖର ଲେହଠାରେ ପାରା ସ୍ପୋର୍ଟ୍ସ ସେଣ୍ଟର ସ୍ଥାପିତ ହେବ। ଉଚ୍ଚ ଉପତ୍ୟକାରେ ପାରା ସ୍ପୋର୍ଟ୍ସ ସେଣ୍ଟର ସ୍ଥାପନ ହେବା ବିଶ୍ୱରରେ ଏହା ସର୍ବପ୍ରଥମ। ଏଠାରେ ତାଲିମ ନେବା ଦ୍ୱାରା ୨୦୨୮ ପାରାଲିମ୍ପିକ୍ସ ପୂର୍ବରୁ ଆଥଲେଟ୍‌ମାନଙ୍କ କ୍ରୀଡ଼ା ଦକ୍ଷତା ସହ ଆତ୍ମବିଶ୍ୱାସ ମଧ୍ୟ ବୃଦ୍ଧି ପାଇବ। ଏହିପରିପ୍ରେକ୍ଷୀରେ ଲେହସ୍ଥିତ ଲଦାଖ ଅଟୋନମୋସ ହିଲ୍ ଡେଭଲପମେଣ୍ଟ କାଉନ୍ସିଲ (ଏଲଏଏଚ୍‌ଡିସି) ଓ ଆଦିତ୍ୟ ମେହେଟା ଫାଉଣ୍ଡେଶନ (ଏଏମ୍ଏଫ୍) ମଧ୍ୟରେ ଏକ ଚୁକ୍ତି ସ୍ୱାକ୍ଷରିତ ହୋଇଛି। ଭାରତୀୟ ପାରା ଆଥଲେଟମାନେ ୨୦୨୪ ପ୍ୟାରିସ ପାରାଲିମ୍ପିକ୍ସରେ ଅଭୁତପୂର୍ବ ସଫଳତା ହାସଲ କରି ୭ ସ୍ୱର୍ଣ୍ଣ ସହ ୨୯ ପଦକ ହାସଲ କରିବାରେ ସମର୍ଥ ହୋଇପାରିଛି।

# ଭାରତୀୟ ଦଳରେ ୩ ଓଡ଼ିଆ ଖେଳାଳି

**ଦୃଷ୍ଟିବାଧିତ କ୍ରିକେଟ ବିଶ୍ୱକପ**



ଦେବରାଜ ବେହେରା, ପଙ୍କଜ ଭୁଏ ଓ ସୁଖରାମ ମାଝୀ।

**ନୂଆଦିଲ୍ଲୀ, ୧୨।୧୧**

ପାକିସ୍ତାନରେ ଖେଳା ଯିବାକୁ ଥିବା ଦୃଷ୍ଟିହୀନ ବିଶ୍ୱକପ ପାଇଁ ଭାରତୀୟ ଦଳ ମଙ୍ଗଳବାର ଘୋଷଣା କରାଯାଇଛି। ପାକିସ୍ତାନ ଯିବା ପାଇଁ ଭାରତୀୟ ଖେଳାଳିଙ୍କୁ ଅନୁମତି ମିଳିଥିବା ବେଳେ ଦଳ ଘୋଷଣା କରାଯାଇଛି। ୪ର୍ଥ ସଂସ୍କରଣର ଦୃଷ୍ଟିବାଧିତ ବିଶ୍ୱକପ ପାକିସ୍ତାନରେ ୨୨ ନଭେମ୍ବରରୁ ୩ ଡିସେମ୍ବର ଯାଏ ଅନୁଷ୍ଠିତ ହେବ। ଏ ନେଇ ଗୃହ ମନ୍ତ୍ରଣାଳୟ ପକ୍ଷରୁ ଭାରତୀୟ ଦଳକୁ ଯିବା ପାଇଁ ମଙ୍ଗଳବାର ଅନୁମତି ମିଳିଛି। ଟୁର୍ନାମେଣ୍ଟ ପାଇଁ ୧୭ ଜଣିଆ ଭାରତୀୟ ଦଳ ଘୋଷଣା କରାଯାଇଥିବା ବେଳେ ଏହି ଦଳରେ ୩ ଜଣ ଓଡ଼ିଆ ଖେଳାଳି ସ୍ଥାନ ପାଇଛନ୍ତି। ଦେବରାଜ ବେହେରା, ପଙ୍କଜ ଭୁଏ ଓ ସୁଖରାମ ମାଝୀ ଏହି ଦଳରେ ସାମିଲ ଅଛନ୍ତି।

**ଭାରତୀୟ ଦଳ:** ଅଜୟ କୁମାର ରେଡ୍ଡୀ ଇଲୁରି, ଦେବରାଜ ବେହେରା, ନରେଶଭାଇ ବାଲୁଭାଇ ତୁମଡା, ନୀଲେଶ ଯାଦବ, ସଞ୍ଜୟ କୁମାର ଶାହ, ପ୍ରବୀଣ କୁମାର ଶର୍ମା, ଭେଙ୍କଟେଶ୍ୱର ରାଓ ଡୁନ୍ନା, ପଙ୍କଜ ଭୁଏ, ଲୋକେଶ, ରାମବୀର ସିଂ, ଇର୍ଫାନ୍ ଦିୱାନ, ଦୁର୍ଗା ରାଓ ଟୋମ୍ପାକି, ସୁନୀଲ ରମେଶ, ସୁଖରାମ ମାଝୀ, ରବି ଆମିଟି, ଦୀନେଶ ଭାଇ ରାଠୱା, ଧୀନାଗର ଗୋପୁ।

## ଆଇଏକେଓ କିକ୍‌ବକ୍ସିଂରେ ଭାଗନେବ ଓଡ଼ିଶା

**ଭୁବନେଶ୍ୱର, ୧୨।୧୧ (ତପନ ସ୍ୱାଇଁ)**

ଇଣ୍ଡିଆନ ଆସୋସିଏଶନ ଅଫ୍ କିକ୍‌ବକ୍ସିଂ ଅର୍ଗାନାଇଜେଶନ୍ସ (ଆଇଏକେଓ) ଜାତୀୟ କିକ୍‌ବକ୍ସିଂ ଚାମ୍ପିୟନଶିପ୍ ଚଳିତ ମାସ ୧୪ରୁ ୧୭ ପର୍ଯ୍ୟନ୍ତ କେରଳର କୋଝିକୋଡ଼ରେ ଅନୁଷ୍ଠିତ ହେବ। ଏଥିରେ ସିନିୟର, ଜୁନିୟର ଓ ସବ୍‌ଜୁନିୟର ବର୍ଗରେ ପ୍ରତିଯୋଗିତା ହେବ। ଏହି ସମ୍ମାନଜନକ ପ୍ରତିଯୋଗିତାରେ ଓଡ଼ିଶା ଦଳ ଅଂଶଗ୍ରହଣ କରିବାକୁ ଯାଉଥିବାବେଳେ ଜାତୀୟ ଜଜ୍ ଉଦୟ ନାଥ ରାଉତ ଟିମ୍ ମ୍ୟାନେଜର ଦାୟିତ୍ୱ ତୁଲାଉଛନ୍ତି।

## କ୍ରିକେଟକୁ ଫେରିବେ ଶାମି

**କୋଲକାତା, ୧୨।୧୧ (ପି.ଟି.):** ଭାରତର ଆଗଧାଡ଼ି ପେସ୍ ବୋଲର ମହମ୍ମଦ ଶାମି ପାଖାପାଖି ଏକ ବର୍ଷ ପରେ ପ୍ରତିଯୋଗିତାମୂଳକ କ୍ରିକେଟକୁ ଫେରିବାକୁ ଯାଉଛନ୍ତି। ବୁଧବାରଠାରୁ ଇନ୍ଦୋରରେ ଆରମ୍ଭ ହେବାକୁଥିବା ମଧ୍ୟପ୍ରଦେଶ ବିପକ୍ଷ ମ୍ୟାଚରେ ସେ ବେଙ୍ଗଲ ତରଫରୁ ଖେଳିବେ। ସିଏବି ତରଫରୁ ମଙ୍ଗଳବାର ଏହା ଘୋଷଣା କରାଯାଇଛି। ଗୋଇଠିରେ ଇଞ୍ଜୁରୀ ଓ ପରେ ଅସ୍ତ୍ରୋପଚାର ଯୋଗୁ ଶାମି ୨୦୨୩ ବିଶ୍ୱକପ୍ ଫାଇନାଲ ପରଠାରୁ କ୍ରିକେଟ ଖେଳୁ ନ ଥିଲେ।

# ବ୍ୟାଟିଂ ସୁଧାରିବା ଲକ୍ଷ୍ୟରେ ଭାରତ

**ସେଞ୍ଚୁରିଅନ, ୧୨।୧୧ (ପି.ଟି.)**

**ତୃତୀୟ ଟି୨୦**

**ମ୍ୟାଚ୍ ସ୍ଥାନ: ସେଞ୍ଚୁରିଅନ**
**ସମୟ:ରାତି ୮.୩୦**
**ପ୍ରସାରଣ: ସ୍ପୋର୍ଟ୍ସ ୧୮**

ଦକ୍ଷିଣ ଆଫ୍ରିକା ବିପକ୍ଷ ୪ ମ୍ୟାଚ୍ ବିଶିଷ୍ଟ ଟି୨୦ ସିରିଜର ତୃତୀୟ ମ୍ୟାଚ୍ ବୁଧବାର ସେଞ୍ଚୁରିଆନରେ ଖେଳାଯିବ। ଦ୍ୱିତୀୟ ମ୍ୟାଚ୍ ହାରିଥିବା ଭାରତୀୟ ଦଳ ଏହି ମ୍ୟାଚ୍‌ରେ ବ୍ୟାଟିଂ ଦୁର୍ବଳତା ସୁଧାରିବା ଲକ୍ଷ୍ୟରେ ରହିବ। ପ୍ରଥମ ମ୍ୟାଚ୍‌ରେ ସଞ୍ଜୁ ସାମସନଙ୍କ ଶତକକୁ ବାଦ ଦେଲେ ଅନ୍ୟ କୌଣସି ବ୍ୟାଟର ଆଖିଦୃଶିଆ ପ୍ରଦର୍ଶନରେ ବିଫଳ ହୋଇଥିଲେ। ସେହିପରି ଦ୍ୱିତୀୟ ଟି୨୦ରେ ଭାରତୀୟ ବ୍ୟାଟିଂ ଲାଇନଅପ୍ ସମ୍ପୂର୍ଣ୍ଣ ଭାବରେ ବିଫଳ ହୋଇଥିଲା। ଟପ୍ ଅର୍ଡରରେ ସାମସନ୍, ଅଭିଷେକ ଶର୍ମା ଓ ସୂର୍ଯ୍ୟକୁମାର ଯାଦବଙ୍କ ବ୍ୟାଟ ଚାଲି ନ ଥିବା ବେଳେ ମଧ୍ୟକ୍ରମରେ ତିଳକ ବର୍ମା,ହାର୍ଦ୍ଦିକ ପାଣ୍ଡ୍ୟା ବିଫଳ ହୋଇଥିଲେ। ବୋଲରଙ୍କ ମଧ୍ୟରେ ଭାରତୀୟ ପେସର ମାନଙ୍କ ପ୍ରଦର୍ଶନ ଅତ୍ୟନ୍ତ ସାଧାରଣ ରହିଛି। ଅନ୍ୟ ପକ୍ଷରେ ସ୍ପିନରଙ୍କ ମଧ୍ୟରେ ବରୁନ ଚକ୍ରବର୍ତ୍ତୀ ଓ ରବି ବିଷ୍ଣୋଇ ଚମତ୍କାର ପ୍ରଦର୍ଶନ କରିଛନ୍ତି। ସେଞ୍ଚୁରିଅନରେ ଭାରତ ୨୦୧୮ରେ ଗୋଟିଏ ମ୍ୟାଚ୍ ଖେଳିଥିବା ବେଳେ ଦଳ ଏଥିରେ ପରାଜିତ ହୋଇଥିଲା। ଏହି ଦଳର ଏକମାତ୍ର ଖେଳାଳି ଭାବରେ ହାର୍ଦ୍ଦିକ ପାଣ୍ଡ୍ୟା ଭାରତୀୟ ଦଳରେ ରହିଛନ୍ତି।

## କ୍ୱାର୍ଟର ଲାଇନ୍‌ଅପ୍ ଚୂଡ଼ାନ୍ତ

**ଭୁବନେଶ୍ୱର, ୧୨।୧୧ (ତପନ ସ୍ୱାଇଁ)**

ପଟିଆସ୍ଥିତ ୬ ପକେଟ୍ସ କ୍ଲବ ପରିସରରେ ଚାଲିଥିବା ୩୦ତମ ଅଲ୍ ଓଡ଼ିଶା ବିଲିୟାର୍ଡ୍ସ ଓ ସ୍ନୁକର ରାଜ୍ୟ ର୍‍ୟାଙ୍କିଂ ଚାମ୍ପିୟନଶିପ୍‌ର କ୍ୱାର୍ଟର ଫାଇନାଲ ଲାଇନ୍‌ଅପ୍ ଚୂଡ଼ାନ୍ତ ହୋଇଛି। ବୁଧବାର ସିନିୟର ସ୍ନୁକରର କ୍ୱାର୍ଟର ଫାଇନାଲରେ ଅବିନାଶ ମହାପାତ୍ରଙ୍କୁ ଆଶୁତୋଷ ପାଢ଼ୀ, ଅଲତାଫ ଅଲୀଙ୍କୁ ଚିରାଗ ଆରୋରା, ଚେତନ ଆନନ୍ଦଙ୍କୁ ରାକେଶ ରୋଶନ ପ୍ରଧାନ ଓ ଆକାଶ ମହାପାତ୍ରଙ୍କୁ ସୁବ୍ରତ ଦାସ ଭେଟିବେ। ମଙ୍ଗଳବାର ଅନୁଷ୍ଠିତ ମ୍ୟାଚରେ ତାରିଣୀ ସାମଲଙ୍କୁ ଆକାଶ ମହାପାତ୍ର ୩-୨, ଗୋବିନ୍ଦ ଶର୍ମାଙ୍କୁ ଦେବୀ ପ୍ରସାଦ ସାହୁ ୩-୦, ସବ୍ୟସାଚୀ ପଟ୍ଟନାୟକଙ୍କୁ ଆଶୁତୋଷ ପାଢ଼ୀ ୩-୦ରେ ପରାସ୍ତ କରିଛନ୍ତି। କ୍ୟୁ-ସ୍ପୋର୍ଟ୍ସ ତାରକା ଆଶୁତୋଷ ନିଜର ପ୍ରଥମ ମ୍ୟାଚରେ ୯୫ ପଏଣ୍ଟ ବ୍ରେକ୍ କରିଛନ୍ତି, ଯାହାକି ବର୍ତ୍ତମାନ ପର୍ଯ୍ୟନ୍ତ ଟୁର୍ନାମେଣ୍ଟରେ ସର୍ବାଧିକ ବ୍ରେକ୍। ପ୍ରି-କ୍ୱାର୍ଟର ଫାଇନାଲ ମ୍ୟାଚଗୁଡ଼ିକରେ ଜିତେଶ ଷଡ଼ଙ୍ଗୀଙ୍କୁ ସୁବ୍ରତ ଦାସ ୩-୦, ରୁମିତ ଗୁପ୍ତାଙ୍କୁ ଚେତନ ଆନନ୍ଦ ୩-୦, ଜ୍ଞାନ ଦାସଙ୍କୁ ଅବିନାଶ ମହାପାତ୍ର ୩-୧, ମିଶାଲ ସ୍ୱାଇଁଙ୍କୁ ରାକେଶ ରୋଶନ ପ୍ରଧାନ ୩-୧, କ୍ଲିଫୋର୍ଡ ଭିନସେଣ୍ଟଙ୍କୁ ଚିରାଗ ଆରୋରା ୩-୦ ଓ ଶୁଭାଶିଷ ଶେଟ୍ଟିଙ୍କୁ ଆଶୁତୋଷ ପାଢ଼ୀ ୩-୦, ଦେବୀ ପ୍ରସାଦ ସାହୁଙ୍କୁ ଆକାଶ ମହାପାତ୍ର ୩-୦ ଫ୍ରେମ୍‌ରେ ପରାସ୍ତ କରିଛନ୍ତି।

**ରାଜ୍ୟ ର୍‍ୟାଙ୍କିଙ୍ଗ୍ ବିଲିୟାର୍ଡ୍ସ, ସ୍ନୁକର**



ଚେତନ ଆନନ୍ଦ

## ଭାରତକୁ ଚେତାଇଲେ କ୍ୟୁରେଟର

**ପର୍ଥ,୧୨।୧୧(ପି.ଟି.):** ଅଷ୍ଟ୍ରେଲିଆ ବିପକ୍ଷ ପ୍ରଥମ ଟେଷ୍ଟ ପୂର୍ବରୁ ଭାରତୀୟ ବ୍ୟାଟରଙ୍କୁ ଚେତାଇ ଦେଇଛନ୍ତି କ୍ୟୁରେଟର୍। ପର୍ଥର ଅପ୍ଟସ୍ ଷ୍ଟାଡିୟମରେ ପିଚ୍‌ରେ ପ୍ରଚୁର ପେସ୍ ଓ ବାଉନ୍ସ ଦେଖିବାକୁ ମିଳିବ। ଭାରତୀୟ ଦଳ ସାଧାରଣତଃ ପେସ୍ ଓ ବାଉନ୍ସ ବିପକ୍ଷରେ ଷ୍ଟ୍ରଗଲ କରିଥାଏ। ପାରମ୍ପରିକ ଭାବରେ ପର୍ଥରେ ଯେଉଁ ଭଳି ଉଇକେଟ ରହିଥାଏ ସେଭଳି ଉଇକେଟ ପ୍ରସ୍ତୁତ କରାଯାଇଛି ବୋଲି କ୍ୟୁରେଟର ଆଇଜାକ ମ୍ୟାକଡୋନାଲ୍ଡ କହିଛନ୍ତି। ୱାକାରେ ବର୍ତ୍ତମାନ ଭାରତୀୟ ଦଳ ଅଭ୍ୟାସ ଜାରି ରଖିଛି। ନଭେମ୍ବର ୧୫-୧୭ ମଧ୍ୟରେ ଖେଳା ଯିବାକୁ ଥିବା ଇଣ୍ଟ୍ରା ସ୍କ୍ୱାଡ ମ୍ୟାଚକୁ ଭାରତୀୟ ଦଳ ବାତିଲ କରିଥିବା ବେଳେ ବର୍ତ୍ତମାନ ସିଧା ୨୨ ତାରିଖରେ ପ୍ରଥମ ଟେଷ୍ଟ ମ୍ୟାଚ୍ ଖେଳିବ। ଗତବର୍ଷ ଡିସେମ୍ବରରେ ପାକିସ୍ତାନ ବିପକ୍ଷରେ ପ୍ରସ୍ତୁତ କରାଯାଇଥିବା ପିଚ୍ ଭଳି ଏଥିରେ ମଧ୍ୟ ପେସରଙ୍କୁ ପ୍ରଚୁର ସହାୟତା ମିଳିବ। ପିଚ୍‌ରେ ସାମାନ୍ୟ ଘାସ ଛଡାଯିବ ବୋଲି କହିଛନ୍ତି ମ୍ୟାକଡୋନାଲ୍ଡ।

# ବାରବାଟୀରେ ଆଜିଠୁ ଓଡ଼ିଶା-ମହାରାଷ୍ଟ୍ର

**ଭୁବନେଶ୍ୱର, ୧୨।୧୧ (ତପନ ସ୍ୱାଇଁ)**

ଚଳିତ ରଣଜୀ ଟ୍ରଫି ସିଜନରେ ଓଡ଼ିଶା ଏହାର ପଞ୍ଚମ ମ୍ୟାଚ ବୁଧବାରଠାରୁ କଟକର ବାରବାଟୀ ଷ୍ଟାଡିୟମରେ ଖେଳିବ। ଏଥର ଓଡ଼ିଶାର ପ୍ରତିଦ୍ୱନ୍ଦ୍ୱୀ ମହାରାଷ୍ଟ୍ର। ଓଡ଼ିଶା ଏପର୍ଯ୍ୟନ୍ତ ୪ଟି ମ୍ୟାଚ ଖେଳି ସାରିଥିଲେ ହେଁ ଆଶାନୁରୂପ ପ୍ରଦର୍ଶନ କରିପାରି ନାହିଁ। ଉଭୟ ବ୍ୟାଟିଂ ଓ ବୋଲିଂରେ ବିଫଳ ରହିଛି ଗୋବିନ୍ଦ ପୋଦ୍ଦାରଙ୍କ ନେତୃତ୍ୱାଧୀନ ଦଳ। ଅଗରତାଲାରେ ହେବାକୁଥିବା

**ରଣଜୀ ଟ୍ରଫି**

ପ୍ରଥମ ମ୍ୟାଚଟି ବର୍ଷାରେ ଧୋଇ ଯାଇଥିବାବେଳେ ବାରବାଟୀରେ ଅନୁଷ୍ଠିତ ଜମ୍ମୁ-କଶ୍ମୀର ବିପକ୍ଷ ଡ୍ର' ମ୍ୟାଚରୁ ଓଡ଼ିଶା ୩ ପଏଣ୍ଟ ପାଇଥିଲା। ମାତ୍ର ଏହାପରେ ଭଦୋଦରାରେ ଅନୁଷ୍ଠିତ ବରୋଦା ବିପକ୍ଷ ଏବଂ ମୁମ୍ବାଇରେ ଅନୁଷ୍ଠିତ ମୁମ୍ବାଇ ବିପକ୍ଷ ମ୍ୟାଚରେ ଇନିଂସ ପରାଜୟ ଲଭି ଲଜ୍ଜାଜନକ ସ୍ଥିତିରେ ରହିଛି ଓଡ଼ିଶା ଦଳ। ଚଳିତ ସିଜନରେ ଦ୍ୱିତୀୟ ଥର ପାଇଁ ଘରୋଇ ପରିବେଶରେ ବାରବାଟୀରେ ମ୍ୟାଚ ଖେଳିବାକୁ ଯାଉଛି ଓଡ଼ିଶା। ତେଣୁ ପ୍ରଦର୍ଶନରେ ଉନ୍ନତି ହେବା ଆଶା ରଖିଛନ୍ତି ରାଜ୍ୟ କ୍ରିକେଟପ୍ରେମୀ। ଏହାକୁ ଦୃଷ୍ଟିରେ ରଖି ମଙ୍ଗଳବାର ମୁଖ୍ୟ କୋଚ୍ ସୁରେନ୍ଦ୍ର ଭାବେ ଓ ସହକାରୀ କୋଚ୍ ଅବକାଶ ଖଟୁଆଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ନେଟ୍ ସେସନରେ ଝାଳ ବୁହାଇଛନ୍ତି ଓଡ଼ିଶା ଖେଳାଳି। ୪ ମ୍ୟାଚ ଖେଳିବା ପରେ ଓଡ଼ିଶା ଦଳରେ ସାମାନ୍ୟ ପରିବର୍ତ୍ତନ କରାଯାଇଛି। ଆହତ ସମସ୍ୟା ଯୋଗୁ ବିପ୍ଲବ ସାମନ୍ତରାୟଙ୍କୁ ବିଶ୍ରାମ ଦିଆଯାଇଛି। ତାଙ୍କ ସ୍ଥାନରେ ତାପସ ଦାସଙ୍କୁ ସାମିଲ କରାଯାଇଛି। ସେହିପରି ଅନୁରାଗ ଷଡ଼ଙ୍ଗୀଙ୍କୁ ବାଦ୍ ଦିଆଯାଇ ଅନିଲ ପରିଡ଼ାଙ୍କୁ ନିଆଯାଇଛି।

ଅନ୍ୟପକ୍ଷରେ ମହାରାଷ୍ଟ୍ର ସ୍ଥିର ପ୍ରଦର୍ଶନ ଦେବାରେ ଅସଫଳ ରହିଛି। ଏପର୍ଯ୍ୟନ୍ତ ୪ଟି ମ୍ୟାଚ ଖେଳି ୧ ବିଜୟ, ୨ ପରାଜୟ ଓ ୧ ଡ୍ର ସହ ୮ ପଏଣ୍ଟ ପାଇଛି। ଜମ୍ମୁ-କଶ୍ମୀର ବିପକ୍ଷରେ ଡ୍ର'ରୁ ଅଭିଯାନ ଆରମ୍ଭ କରିଥିବା ଏହି ଦଳ ପରେ ମୁମ୍ବାଇ ନିକଟରୁ ୯ ଉଇକେଟରେ ହାରିଥିଲା। ତୃତୀୟ ମ୍ୟାଚରେ ମେଘାଳୟକୁ ୧୦ ଉଇକେଟରେ ହରାଇଥିଲେ ହେଁ ଚତୁର୍ଥ ମ୍ୟାଚରେ ସର୍ଭିସେସ ନିକଟରୁ ୩୫ ରନରେ ହାରିଯାଇଛି। ତେଣୁ ଏପରି ସ୍ଥିତିରେ ଘରୋଇ ପିଚ୍ ଓ ପରିବେଶରୁ ଓଡ଼ିଶାକୁ ଫାଇଦା ନେବାକୁ ପଡ଼ିବ। ଓଡ଼ିଶା ଓ ମହାରାଷ୍ଟ୍ର ମଧ୍ୟରେ ଏପର୍ଯ୍ୟନ୍ତ ମୋଟ ୯ଟି ମ୍ୟାଚ ଅନୁଷ୍ଠିତ ହୋଇଛି। ଏହା ମଧ୍ୟରୁ ପ୍ରଥମ ୭ଟି ମ୍ୟାଚ ଡ୍ର ରହିଥିବାବେଳେ ୱାୟନାଡ଼ରେ ଅନୁଷ୍ଠିତ ୮ମ ମୁକାବିଲାରେ ଓଡ଼ିଶା ଏକ ଇନିଂସ ଓ ୧୧୮ ରନରେ ବିଜୟୀ ହୋଇଥିଲା। ୨୦୧୯-୨୦ରେ ଗହୁଞ୍ଜେରେ ଅନୁଷ୍ଠିତ ଶେଷ ମୁକାବିଲା କିନ୍ତୁ ମହାରାଷ୍ଟ୍ର ସପକ୍ଷରେ ରହିଛି। ଏହି ମ୍ୟାଚରେ ଓଡ଼ିଶାକୁ ୧୦ ଉଇକେଟରେ ହରାଇ ପୂର୍ବ ପରାଜୟର ମଧୁର ପ୍ରତିଶୋଧ ନେଇଥିଲା ମହାରାଷ୍ଟ୍ର। ତେବେ ଚଳିତ ସିଜନରେ ଏହି ଦଳ ଭଲ ପ୍ରଦର୍ଶନ ପାଇଁ ସଂଘର୍ଷ କରି ଆସୁଥିବାରୁ ମ୍ୟାଚ ରୋମାଞ୍ଚକ ହେବା ଆଶା କରାଯାଏ।

**ଓଡ଼ିଶା ଦଳ:** ଗୋବିନ୍ଦ ପୋଦ୍ଦାର (ଅଧିନାୟକ), ଶାନ୍ତନୁ ମିଶ୍ର, ସନ୍ଦୀପ ପଟ୍ଟନାୟକ, କାର୍ତ୍ତିକ ବିଶ୍ୱାଳ, ସ୍ୱସ୍ତିକ ସାମଲ, ରାଜେଶ ଧୂପର, ଆଶୀର୍ବାଦ ସ୍ୱାଇଁ, ଅନିଲ ପରିଡ଼ା, ସୂର୍ଯ୍ୟକାନ୍ତ ପ୍ରଧାନ, ସୁନୀଲ କୁମାର ରାଉଳ, ରାଜେଶ ମହାନ୍ତି, ଦେବବ୍ରତ ପ୍ରଧାନ, ତରନୀ ସା, ହର୍ଷିତ ରାଠୋଡ, ସୁମିତ ଶର୍ମା, ତାପସ ଦାସ।

**ମହାରାଷ୍ଟ୍ର ଦଳ:** ଅଙ୍କିତ ବାୱନେ (ଅଧିନାୟକ), ସିଦ୍ଧେଶ ବୀର, ସଚିନ ଧସ, ଆଜିମ କାଜି, ମୁର୍ତ୍ତାଜା ଟ୍ରଙ୍କୱାଲା, ହର୍ଶଲ କାଟେ, ସୌରଭ ନୱାଲେ, ସତ୍ୟଜିତ ବଚଭ, ହିତେଶ ୱାଲୁଞ୍ଜ, ତରଣଜିତ ସିଂ ଧୀଲୋନ, ମୁକେଶ ଚୌଧାରୀ, ମନ୍ଦର ଭଣ୍ଡାରୀ, ରଜନୀଶ ଗୁରବାନି, ଋତୁରାଜ ଗାଏକ୍ୱାଡ୍, ପ୍ରଦୀପ ଦଧି, ନିଖିଲ ନାଏକ, ପ୍ରଶାନ୍ତ ସୋଲାଙ୍କି, ଆର.ଏସ. ହେଙ୍ଗରଗେକର, ରାମକ୍ରିଷ୍ଣା ଘୋଷ, ଅର୍ଶିନ କୁଲକର୍ଣ୍ଣୀ।



ବାରବାଟୀ ଷ୍ଟାଡିୟମରେ ଓଡ଼ିଶା ଦଳର ଅଭ୍ୟାସ।




4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ